ପୃଷ୍ଠା-୮+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ ୨୧/୨୦୨୨ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, May 21/2022 Page 16 ₹ 7.00 | ★★★★★★

୪୮ଶ ଭାଗ ୧୭୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-

ମିଛ ଏନ୍‌କାଉଣ୍ଟର ଧରାପଡ଼ିଲା

ପୋଲିସ ଏନ୍‌କାଉଣ୍ଟରରେ ନିହତ ୪ ଅଭିଯୁକ୍ତ । ଘଟଣାସ୍ଥଳରେ ଦେଖଣାହାରୀଙ୍କ ଭିଡ଼ । (ଫାଇଲ ଫଟୋ)

ପୋଲିସ କହିଥିଲା ମନଗଢ଼ା କାହାଣୀ

ନୂଆଦିଲ୍ଲୀ/ହାଇଦ୍ରାବାଦ,୨୦।୫

୨୦୧୯ ଡିସେମ୍ବର ୬ ସକାଳେ ଲୋକଙ୍କ ନିଦ ଭାଙ୍ଗି ନ ଥିବାବେଳେ ହାଇଦ୍ରାବାଦ ପୋଲିସ ଗୁଳିରେ ମରିସାରିଥିଲେ ୪ ଅଭିଯୁକ୍ତ । ଜଣେ ମହିଳା ପ୍ରାଣୀ ଚିକିତ୍ସକଙ୍କୁ କିପରି ଅପହରଣ, ଗଣବଳାତ୍କାର ପରେ ହତ୍ୟା କରି ଜାଳି ଦେଇଥିଲେ ତାହାର ରହସ୍ୟାଳ ପାଇଁ ପୋଲିସ ଅଭିଯୁକ୍ତମାନଙ୍କୁ ଅପରାଧସ୍ଥଳକୁ ନେଇ ଏନ୍‌କାଉଣ୍ଟର କରିଥିଲା । ପୋଲିସ ଅଧିକାରୀଙ୍କ ଗୁଳିମାଡ଼ରେ ୪ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିଲା । ଏହି ବହୁଚର୍ଚ୍ଚିତ ତଥା ବିବାଦୀୟ ଏନ୍‌କାଉଣ୍ଟର ଫେକ୍ ଥିଲା । ପୋଲିସ ନିଜେ ମନଗଢ଼ା ତଥା ଅବିଶ୍ୱସନୀୟ କାହାଣୀ ଲେଖି ଆତ୍ମରକ୍ଷା ପାଇଁ କାର୍ଯ୍ୟାନୁଷ୍ଠାନ ନେଇଥିବା ଦର୍ଶାଇଥିଲା ବୋଲି ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ତଦନ୍ତ କମିଶନ ରିପୋର୍ଟ ଦାଖଲ କରିଛନ୍ତି । ଏଥିସହ ଫେକ୍ ଏନ୍‌କାଉଣ୍ଟରରେ ସାମିଲ ଥିବା ସମସ୍ତ ୧୦ ପୋଲିସ ଅଧିକାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ପାଇଁ ସୁପାରିସ

■ ୧୦ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

କରିଛନ୍ତି । ଉକ୍ତ ରିପୋର୍ଟକୁ ଶୁକ୍ରବାର ସାର୍ବଜନୀନ କରାଯାଇଛି ।

ହାଇଦ୍ରାବାଦ ଫେକ୍ ଏନ୍‌କାଉଣ୍ଟରକୁ ନେଇ ପୋଲିସ ଅଧିକାରୀମାନଙ୍କ ବିରୋଧରେ ନିରପେକ୍ଷ ତଦନ୍ତ ପାଇଁ ସୁପ୍ରିମକୋର୍ଟରେ ଦୁଇଟି ପିଟିଶନ ଦାଖଲ କରାଯାଇଥିଲା । ଗୋଟିଏ ପିଟିଶନ ଆଇନଜୀବୀ ଜି.ଏସ୍. ମଣି ଓ ପ୍ରଦୀପ କୁମାର ଯାଦବ ଏବଂ ଅନ୍ୟଟି ଓକିଲ ଏମ୍.ଏଲ୍. ଶର୍ମା ଦାଖଲ କରିଥିଲେ । ମଣି ଓ ଯାଦବ ଏହାକୁ ଫେକ୍ ଏନ୍‌କାଉଣ୍ଟର ଦର୍ଶାଇ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଏଫ୍‌ଆଇଆର୍ କରିବାକୁ ଅନୁରୋଧ କରିଥିଲେ । ହାଇଦ୍ରାବାଦ ପୋଲିସ କେଉଁ ପରିସ୍ଥିତିରେ ଏନ୍‌କାଉଣ୍ଟର କରିଥିଲା ତାହାର ତଦନ୍ତ ପାଇଁ ୨୦୧୯ ଡିସେମ୍ବର ୧୨ରେ ସିରପୁରକର କମିଶନ ଗଠନ ☞ପୃଷ୍ଠା-୪

୨୦୧୯ ନଭେମ୍ବର ୨୭ ସନ୍ଧ୍ୟା ୬ଟା ୧୫ରେ ହାଇଦ୍ରାବାଦର ଜଣେ ୨୭ ବର୍ଷୀୟା ମହିଳା ଭେଟେରିନାରି ଡାକ୍ତର ତାଙ୍କ ସ୍କୁଟିକୁ ଶମ୍‌ଶାବାଦ ଟୋଲ୍ ପ୍ଲାଜାରେ ରଖିବା ପରେ କ୍ୟାବ୍‌ଭଡ଼ା କରି ଗାଚିବୋଲି କ୍ଲିନିକ୍‌କୁ ଯାଇଥିଲେ । ସେ ରାତି ୯ଟାରେ ଟୋଲ୍ ଗେଟ୍‌କୁ ଫେରି ସ୍କୁଟିର ଟାୟାର ପଙ୍କଚର ହୋଇଯାଇଥିବା ଦେଖିଥିଲେ । ସେଠାରେ ତାଙ୍କୁ ସାହାଯ୍ୟ କରିବା ପାଇଁ ୪ ଯୁବକ ଆଗେଇ ଆସିଥିଲେ । ଭୟରେ ପୀଡ଼ିତା ନିଜ ସାନଭଉଣୀଙ୍କୁ ଫୋନ୍ କରି ତାଙ୍କ ସହ କଥା ଜାରି ରଖିବାକୁ କହିଥିଲେ । କିନ୍ତୁ କିଛି ସମୟ ପରେ ହଠାତ୍ ପୀଡ଼ିତାଙ୍କ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା । ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ନ ପାଇବାରୁ ଥାନାରେ ନିଖୋଜ ଏତଲା ଦେଇଥିଲେ । ପରଦିନ ଟୋଲ୍ ପ୍ଲାଜା ନିକଟ ଏକ ନିର୍ମାଣାଧୀନ ବ୍ରିଜ୍ ତଳେ ପୀଡ଼ିତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଠାବ ହୋଇଥିଲା । ୨୯ ତାରିଖରେ ପୋଲିସ ୪ ଅଭିଯୁକ୍ତ ମହମ୍ମଦ ଆରିଫ (ଟ୍ରକ୍ ଡ୍ରାଇଭର), ଜୋଲୁ ଶିବା, ଜୋଲୁ ନବୀନ ଓ ଚିନ୍ତାକୁଣ୍ଟା ଚେନ୍ନାକେଶବୁଲୁଙ୍କୁ ଗିରଫ କରିଥିଲା । ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ

ବଡ଼ ବିତର୍କ ଲୋଡ଼ା

କିଏ ବା କହିବ

ତେଲଙ୍ଗାନାର ମହିଳା ପ୍ରାଣୀ ଚିକିତ୍ସକ ଗଣବଳାତ୍କାର ଓ ହତ୍ୟା ଘଟଣାର ୪ ଅଭିଯୁକ୍ତଙ୍କୁ ପୋଲିସ ଏନ୍‌କାଉଣ୍ଟର କରି ୬ ଡିସେମ୍ବରରେ ମାରିଦେବା ବିଷୟ ପ୍ରଘଟ ହେବା ପରେ ଦେଶବ୍ୟାପୀ ଏକ ଉତ୍ସବ ପାଳଟିଯାଇଥିଲା । ଏ ବିଷୟ ପ୍ରାୟ ସବୁ ଗଣମାଧ୍ୟମରେ ବିସ୍ତୃତ ଆଲୋଚନା ହୋଇସାରିଛି । ଅନେକ ମତ ପ୍ରକାଶ ମଧ୍ୟ ପାଇଛି । ବ୍ୟବସ୍ଥା ବିରୋଧରେ କ୍ରୋଧ, ଲୋକଙ୍କୁ ନିଜ ହାତରେ ଆଇନକୁ ନେବାକୁ ଆକର୍ଷିତ କରୁଛି । ଏହାର ମୂଳ କାରଣ ଅନେକ ଥାଇପାରେ । କିନ୍ତୁ ମୁଖ୍ୟତଃ ଏହା ଲୋକଙ୍କୁ ହିଂସା ଘଟାଇବା ପାଇଁ ଏକ ଲାଇସେନ୍ସ ଯୋଗାଇ ଦେଇଛି । ଭାରତୀୟ ନ୍ୟାୟ ବ୍ୟବସ୍ଥା ଉପରେ ତଥାକଥିତ କ୍ରୋଧ ପ୍ରକାଶ କରୁଥିବା ବ୍ୟକ୍ତି ଏବେ ହାଇଦ୍ରାବାଦର ପୋଲିସ ଗୁଳିରେ ଅଭିଯୁକ୍ତ ୪ ବଳାତ୍କାରୀଙ୍କୁ ହତ୍ୟା କରିବା ବିଷୟକୁ ସ୍ୱାଗତ କରୁଛନ୍ତି । ଏପରିକି ଅନେକ ଶିକ୍ଷିତ ବ୍ୟକ୍ତି ଏହି ଘଟଣାକୁ ଉଚିତ ଜବାବ କହି ଉତ୍‌ଫୁଲ୍ଲିତ ହେଉଛନ୍ତି । ଚିନ୍ତାର ବିଷୟ ହେଉଛି ଯେ, ଗୋଟିଏ ପଟେ ପ୍ରତିଶୋଧର ନିଆଁରେ ଉଡ଼ିଯାଉଥିବା ସମାଜ ତାହାର ଖୁସି ବ୍ୟକ୍ତ କରୁଥିବା ବେଳେ ଅନ୍ୟପଟେ ବାସ୍ତବ ସ୍ଥିତିକୁ ପ୍ରଶ୍ନ କରିବାକୁ ଭୁଲିଯାଉଛି ।

ଏହା ସ୍ୱୀକାର କରିବାକୁ ହେବ ଯେ, ପୃଥିବୀର ଅଧିକାଂଶ ଗରିବ ଦେଶ ଭଳି ଭାରତର ଅସଂଖ୍ୟ ଦରିଦ୍ରଙ୍କ ପାଇଁ ସାମାଜିକ ବ୍ୟବସ୍ଥା ଓ ନ୍ୟାୟ ଏକ ଭିନ୍ନ ରୂପ ଧାରଣ କରିଥାଏ । କେବଳ ସହରାଞ୍ଚଳର ବସ୍ତି ନୁହେଁ, ଅନେକ ଗ୍ରାମାଞ୍ଚଳରେ ମଧ୍ୟ ମହିଳା ଏବଂ ଅପ୍ରାପ୍ତ ବୟସ୍କ ପିଲାଙ୍କୁ ଯୌନ ନିର୍ଯାତନା ଓ ଆକ୍ରମଣ କରାଯାଉଛି । ଗୋଟିଏ ଝିଅ ତା'ର ନିଜ ପରିବାର ଭିତରେ ମଧ୍ୟ ଅସୁରକ୍ଷିତ ରହୁଛି । ସେଭଳି ପରିସ୍ଥିତିରେ ସମର୍ଥନ ଦେବା ପାଇଁ ଭଉଣୀ କିମ୍ବା ମା' ମଧ୍ୟ ଆଗେଇ ଆସନ୍ତି ନାହିଁ । ଏଭଳି ପରିସ୍ଥିତି ଅଧିକାଂଶ ପରିବାରରେ ଦେଖିବାକୁ ମିଳିଥାଏ । ଅପରପଟେ ଯୁବ ମରଦଙ୍କୁ ସାମାଜିକ ଶିକ୍ଷା ମିଳେ ନାହିଁ । ସେଥିପାଇଁ ପଡ଼ୋଶୀର ଝିଅ କିମ୍ବା ସ୍ତ୍ରୀକୁ ଆକ୍ରମଣ କଲା ପରେ କୌଣସି ପ୍ରତିକ୍ରିୟା ପରିବାର କିମ୍ବା ସାହି ପଡ଼ିଶାରୁ ଉଠେନାହିଁ । ଅର୍ଥାତ୍ ସେହିଭଳି ଯୌନ ଆକ୍ରମଣ କରୁଥିବା ଯୁବକ ଭାବିନିଏ ଯେ, ଏଭଳି କାର୍ଯ୍ୟ କରିବା ସତ୍ତ୍ୱେ କୌଣସି ଦଣ୍ଡ ମିଳେନାହିଁ । ଅନ୍ୟ ଭାଷାରେ କହିବାକୁ ଗଲେ ବଳାତ୍କାର କରିବା ପାଇଁ ସେଇ ଯୁବକର ମନରେ ସାହସ ବଢ଼ିଯାଏ । ଦାରିଦ୍ର୍ୟରେ ରହୁଥିବା ସମାଜର ଏଭଳି ପରିସ୍ଥିତି କେବଳ ଭାରତରେ ନୁହେଁ, ମେକ୍ସିକୋ, ଚିଲି, ବ୍ରାଜିଲ୍ ଏବଂ ଆଫ୍ରିକା ମହାଦେଶର ଅନେକ ଦେଶରେ ଦେଖିବାକୁ ମିଳୁଛି । ଅନ୍ୟ ରାଷ୍ଟ୍ରଗୁଡ଼ିକର ଏଭଳି ମନସ୍ତାତ୍ତ୍ୱିକ ଆକ୍ରମଣ ସମ୍ପର୍କରେ ଅନେକ ଗବେଷଣା କରାଯାଉଥିବା ବେଳେ ଭାରତୀୟ ସମାଜର ବିଭିନ୍ନ ସ୍ତରରେ ଏଥିପ୍ରତି ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଉଛି । ସେହି ଗରିବ ଯୁବକ ତା' ନିଜ ସମାଜରେ ବଳାତ୍କାର କରି ଚଳାବୁଲା କରୁଥିବା ବେଳେ ଯଦି ଗୋଟିଏ ମଧ୍ୟବିତ୍ତ ବର୍ଗର ନାରୀ ଉପରେ ଅତ୍ୟାଚାର କରିଦେଉଛି, ତେବେ ଗଣମାଧ୍ୟମର ଦୃଷ୍ଟି ଯୋଗୁ ଦେଶବ୍ୟାପୀ ଅଗ୍ନିକାଣ୍ଡ ଘଟିଯାଉଛି । ଭାରତର ଗ୍ରାମାଞ୍ଚଳରେ ଓ ସହରର ବସ୍ତି ଅଞ୍ଚଳରେ ବଳାତ୍କାର ଏକ ଦୈନନ୍ଦିନ ବ୍ୟାପାର ପାଲଟି ଗଲାଣି । ହାଇଦ୍ରାବାଦ ଭଳି ବଡ଼ ସହରଠାରୁ ଆରମ୍ଭ କରି ଉନ୍ନାଓ ପର୍ଯ୍ୟନ୍ତ ଭାରତୀୟ ସମାଜର ଯେଉଁ ଇନ୍ଦ୍ରଧନୁ ଦୃଶ୍ୟମାନ

୯ ଡିସେମ୍ବର ୨୦୧୯ରେ ଧରିତ୍ରୀ ସମ୍ପାଦକୀୟ ପୃଷ୍ଠାରେ ଏହି ସମ୍ପାଦକୀୟ ପ୍ରକାଶ ପାଇଥିଲା । ଯେତେବେଳେ ହାଇଦ୍ରାବାଦ ଏନ୍‌କାଉଣ୍ଟରକୁ ନେଇ ସମଗ୍ର ଦେଶରେ ଉତ୍‌ଫୁଲ୍ଲତା ପ୍ରକାଶ ପାଉଥିଲା, ସେତେବେଳେ ଏହି ସମ୍ପାଦକୀୟରେ ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ କଠୋର ଭାଷାରେ ସମାଲୋଚନା କରିଥିଲୁ । ଆଜି ସେହି ସମ୍ପାଦକୀୟକୁ ପୁନଃ ପ୍ରକାଶ କରୁଛୁ ।

ହେଉଛି, ସେଥିରେ ସବୁ ଶ୍ରେଣୀର ମିଶ୍ରଣ ହୋଇ ଯାଉଥିବା ଭଳି ମନେହେଉଛି । ପରିସ୍ଥିତି ଏମିତି ହୋଇଗଲାଣି ଯେ, କ୍ୱଚିତ୍ ବନ୍ଧୁ ବା ପରିବାର ନିକଟରେ ନିଜ ପରିବାରର ମହିଳାଙ୍କୁ ଛାଡ଼ିବା ପ୍ରାୟ ସମସ୍ତଙ୍କ ପାଇଁ କଷ୍ଟକର ହୋଇପଡ଼ିଲାଣି, ଯାହାକି ପୂର୍ବରୁ ଭାରତୀୟ ପରିବାରରେ ଅତି ସାଧାରଣ ଘଟଣା ଥିଲା । ଏଠାରେ ସଂସ୍କାର, ଧର୍ମ କିମ୍ବା ନୈତିକତାର ପ୍ରଶ୍ନ ଉଠାଯାଇପାରିବ ନାହିଁ । ମଧ୍ୟବିତ୍ତ ପରିବାର ଯେଉଁ କେତୋଟି ବିଶ୍ୱାସକୁ ଧରିବସିଛି, ତାହା ଅରାଜକତାର ସମୁଦ୍ରରେ ଛୋଟିଆ ଦ୍ୱୀପ ଭଳି ମନେହେଉଛି । କେବଳ ସ୍କୁଲ, କଲେଜ ଶିକ୍ଷା ଲାଭ କରି ଶିକ୍ଷିତ ହୋଇଥିବା ବ୍ୟକ୍ତିଙ୍କୁ ପ୍ରକୃତ ଶିକ୍ଷିତ କହିବା ଅସମ୍ଭବ । ପାଠପଢ଼ାରୁ ନୁହେଁ, ପରିବାର ଏବଂ ଚତୁଃପାର୍ଶ୍ୱରେ ଘଟୁଥିବା ଅବିଚାର ଅଧିକାଂଶ ଲୋକଙ୍କ ଉପରେ ପ୍ରଭାବ ପକାଇଥାଏ । ☞ପୃଷ୍ଠା-୪

ଉଡ଼ାଣ ବେଳେ ଏୟାର ଇଣ୍ଡିଆ ବିମାନ ଇଞ୍ଜିନ ଅଚଳ

ଏୟାର ଇଣ୍ଡିଆର ଏକ ବିମାନ ଗୁରୁବାର ବେଙ୍ଗାଲୁରୁ ଅଭିମୁଖେ ଉଡ଼ାଣ ଆରମ୍ଭ କରିବାର ୨୭ ମିନିଟ ପରେ ଏହାର ଗୋଟିଏ ଇଞ୍ଜିନ ଅକାମୀ ହୋଇଯିବାରୁ ମୁମ୍ବାଇ ବିମାନବନ୍ଦରକୁ ଫେରିଆସିବାକୁ ପଡ଼ିଛି। ଘଟଣାର ତଦନ୍ତ ଲାଗି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଦୁଇ ଇଞ୍ଜିନ ବିଶିଷ୍ଟ ଏୟାରବସ୍ ଏ୩୨୦ର ଗୋଟିଏ ଇଞ୍ଜିନ ଖରାପ ହୋଇଯିବାରୁ ଜରୁରୀ ଅବତରଣ ଲାଗି ପାଇଲଟ୍ ନିଷ୍ପତ୍ତି ନେଇଥିଲେ।

ସଂକ୍ଷେପରେ

ଲାଲୁଙ୍କ ଘରେ ସିବିଆଇ ଚଢ଼ାଉ

ନିଯୁକ୍ତି ବଦଳରେ ଜମି ଦୁର୍ନୀତି

ନୂଆଦିଲ୍ଲୀ,୨୦।୫ : ନିଯୁକ୍ତି ପାଇଁ ଜମି ଦୁର୍ନୀତି ମାମଲାରେ ସମ୍ପୃକ୍ତି ନେଇ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ ଓ ତାଙ୍କ ଝିଅ ମିସା ଭାରତୀଙ୍କର ୧୭ଟି ସ୍ଥାନରେ ଥିବା ଘର ଉପରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶୁକ୍ରବାର ଚଢ଼ାଉ କରିଛି। ଲାଲୁ ରେଳମନ୍ତ୍ରୀ ଥିବାବେଳେ ପ୍ରାର୍ଥୀମାନଙ୍କୁ ଜମି ବଦଳରେ ନିଯୁକ୍ତି ଦିଆଯାଇଥିଲା। ଯାଦବ ପରିବାର ସମ୍ପୃକ୍ତ ଥିବା ବିଭିନ୍ନ କମ୍ପାନୀ ବିହାରର ବିଭିନ୍ନ ଅଞ୍ଚଳରୁ ମୂଲ୍ୟବାନ ସମ୍ପତ୍ତି ସଂଗ୍ରହ କରିଥିଲେ। ସିବିଆଇ କେତେଜଣ ପ୍ରାର୍ଥୀଙ୍କ ବୟାନ ରେକର୍ଡ କରିଛି। ସିବିଆଇର ପ୍ରାଥମିକ ତଦନ୍ତ ଆଧାରରେ ଲାଲୁ ଓ ମିସା ଭାରତୀଙ୍କ ନାଁରେ ଏତଲା ଦାଏର ହୋଇଛି। ଗୋଖାଦ୍ୟ ଦୁର୍ନୀତି ମାମଲାରେ ଲାଲୁ ଜାମିନ ପାଇବାର କିଛି ସପ୍ତାହ ପରେ ସେ ପୁଣି ଏକ ଦୁର୍ନୀତିରେ ଛନ୍ଦିହୋଇ ପଡ଼ିଛନ୍ତି। ସେ ୫ଟି ଗୋଖାଦ୍ୟ ଦୁର୍ନୀତି ମାମଲାରୁ ୪ଟିରେ ଦୋଷୀସାବ୍ୟସ୍ତ ହୋଇସାରିଛନ୍ତି।

ଜେଲ ଗଲେ ସିଦ୍ଧୁ

ପଟିଆଲା,୨୦।୫ : ଦୀର୍ଘ ୩୪ ବର୍ଷ ତଳର ଏକ ସଡ଼କ ହିଂସା ମାମଲାରେ ସୁପ୍ରିମକୋର୍ଟ କଂଗ୍ରେସ ନେତା ନବଜ୍ୟୋତ ସିଂ ସିଦ୍ଧୁଙ୍କୁ ବର୍ଷେ ଜେଲ ଦଣ୍ଡାଦେଶ ଦେବାର ଦିନକ ପରେ ସେ ଶୁକ୍ରବାର ପଟିଆଲା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ସିଜେଏମ୍) ଅମିତ ମଲ୍ହୋତ୍ରଙ୍କ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ବିଚାରପତି ତାଙ୍କ ଦୋଷୀସାବ୍ୟସ୍ତ ୱାରେଣ୍ଟରେ ସ୍ୱାକ୍ଷର କରିବା ସହ ପଟିଆଲା କେନ୍ଦ୍ରୀୟ ଜେଲକୁ ପଠାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମେଡିକାଲ ଚେକ୍‌ଅପ୍ ପରେ ସିଦ୍ଧୁଙ୍କୁ ଜେଲ ପଠାଇଦିଆଯାଇଛି। ନିକଟରେ ଅସ୍ତ୍ରୋପଚାର କରାଇ ଚିକିତ୍ସାଧୀନ ଥିବା ୫୮ ବର୍ଷୀୟ ସିଦ୍ଧୁଙ୍କୁ ସ୍ୱତନ୍ତ୍ର ଖାଦ୍ୟ ଓ ଔଷଧର ଆବଶ୍ୟକତା ରହିଛି ବୋଲି ତାଙ୍କ ଓକିଲ ଏଚ୍.ପି.ଏସ୍. ବର୍ମା କୋର୍ଟଙ୍କୁ କହିଥିଲେ। ଅଦାଲତ ତାଙ୍କ ଅନୁରୋଧ ରକ୍ଷା କରିବେ ବୋଲି ଆଇନଜୀବୀ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ୧୯୮୮ରେ ରାସ୍ତାରେ ଗାଡ଼ି ପାର୍କିଂକୁ ନେଇ ବଚସାରୁ ସିଦ୍ଧୁ ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରିଥିଲେ। ପରେ ଉକ୍ତ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା।

ମୁକୁଳିଲେ ଇନ୍ଦ୍ରାଣୀ ମୁଖାର୍ଜୀ

ମୁମ୍ବାଇ,୨୦।୫

ଝିଅ ଶିନା ବୋରା ହତ୍ୟା ମାମଲାରେ ଅଭିଯୁକ୍ତ ପୂର୍ବତନ ଗଣମାଧ୍ୟମ କାର୍ଯ୍ୟନିର୍ବାହୀ ଇନ୍ଦ୍ରାଣୀ ମୁଖାର୍ଜୀ ଶୁକ୍ରବାର ମୁମ୍ବାଇର ବାଇକୁଲା ମହିଳା ଜେଲରୁ ମୁକ୍ତ ହୋଇଛନ୍ତି। ସୁପ୍ରିମକୋର୍ଟ ବୁଧବାର ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ୨୦୧୨ ଏପ୍ରିଲରେ ଶିନା ବୋରା (୨୪)ଙ୍କୁ ହତ୍ୟା କରାଯାଇଥିଲା। ଏହାର ୩ ବର୍ଷ ପରେ ଇନ୍ଦ୍ରାଣୀଙ୍କ ପୂର୍ବତନ ଡ୍ରାଇଭର ଶ୍ୟାମବର ରାୟ ଗିରଫ ହେବା ପରେ ଏହି ଘଟଣା ଲୋକଲୋଚନକୁ ଆସିଥିଲା। ଇନ୍ଦ୍ରାଣୀ ତାଙ୍କ ପୂର୍ବତନ ସ୍ୱାମୀ ସଞ୍ଜୀବ ଖାନ୍ନାଙ୍କ ସହାୟତାରେ ଏକ କାର ମଧ୍ୟରେ ଶିନାଙ୍କ ଡଣ୍ଟିପି ହତ୍ୟା କରିଥିଲେ ବୋଲି ଡ୍ରାଇଭର ଜେରା ବେଳେ ପୋଲିସକୁ କହିଥିଲା। ଏହାର ୪ ଦିନ ପରେ ପୋଲିସ ଇନ୍ଦ୍ରାଣୀଙ୍କୁ ଗିରଫ କରିଥିଲା।

ଚିନ୍ତା ବଢ଼ାଉଛି ମଙ୍କିପକ୍ସ

ଅନ୍ତର୍ଜାତୀୟ ପ୍ରବେଶପଥରେ ସର୍ଭିଲାନ୍ସ ନିର୍ଦ୍ଦେଶ

ନୂଆଦିଲ୍ଲୀ/ ଲଣ୍ଡନ,୨୦।୫

ବିଦେଶରେ ମଙ୍କିପକ୍ସ ସଂକ୍ରମଣ ବଢ଼ିଚାଲିଥିବାରୁ ଏହା ସରକାରଙ୍କ ଚିନ୍ତା ବଢ଼ାଇଦେଇଛି। ବିମାନବନ୍ଦର, ବନ୍ଦର ସମେତ ସମସ୍ତ ଅନ୍ତର୍ଜାତୀୟ ପ୍ରବେଶ ପଥରେ ସର୍ଭିଲାନ୍ସ ବଢ଼ାଇବା ଲାଗି ଶୁକ୍ରବାର କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ଆଫ୍ରିକାରୁ ଆସୁଥିବା ଯାତ୍ରୀଙ୍କଠାରେ ଲକ୍ଷଣ ଦେଖାଦେଲେ ସେମାନଙ୍କଠାରୁ ନମୁନା ସଂଗ୍ରହ କରି ଅଧିକ ଅନୁଧ୍ୟାନ ଲାଗି ପୁଣେସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଏନ୍‌ଆଇଭି)କୁ ପଠାଯିବ। ୟୁରୋପ ଓ ଅନ୍ୟ ଦେଶଗୁଡ଼ିକରେ ମଙ୍କିପକ୍ସ ସଂକ୍ରମଣ ବଢୁଥିବାରୁ ଏହା ଉପରେ ତୀକ୍ଷ୍ଣ ନଜର ରଖିବାକୁ ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର (ଏନ୍‌ସିଡିସି) ଏବଂ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍)କୁ ନିର୍ଦ୍ଦେଶ ଦିଆଯାଇଛି। ୟୁରୋପରେ ଶତାଧିକ ମାମଲା ଚିହ୍ନଟ ହେବା ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଜରୁରୀ ବୈଠରେ ଏହା ଉପରେ ଆଲୋଚନା କରାଯାଇଛି।

ୟୁରୋପରେ ସର୍ବାଧିକ ଆକ୍ରାନ୍ତ

ୟୁରୋପରେ ମଙ୍କିପକ୍ସର ସର୍ବାଧିକ ୧୦୦ ମାମଲା ସାମ୍ନାକୁ ଆସିଛି। ପଶ୍ଚିମ ଓ କେନ୍ଦ୍ରୀୟ ଆଫ୍ରିକାରେ ମଙ୍କିପକ୍ସ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ୟୁରୋପ, ସ୍ପେନ୍, ଫ୍ରାନ୍ସ, ବେଲଜିୟମ୍, ପର୍ତ୍ତୁଗାଲ୍, ୟୁକେ ଏବଂ ଆମେରିକାରେ ଏହି ଭୂତାଣୁ ଦ୍ୱାରା ଲୋକେ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ପଶୁଙ୍କଠାରୁ ମଣିଷଙ୍କୁ ଏହା ସଂକ୍ରମିତ କରୁଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି। ସଂକ୍ରମିତ ପଶୁ ତଥା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିବା ଦ୍ୱାରା ଏହା ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ବ୍ୟାପିଥାଏ। ମୂଷା, ଗୁଣ୍ଡୁଚି ମୂଷାଙ୍କ ଜରିଆରେ ମଧ୍ୟ ମଙ୍କିପକ୍ସ ହେବାର ଆଶଙ୍କା ରହିଥିବା ଡବ୍ଲ୍ୟୁଏଚ୍‌ଓ କହିଛି। ବର୍ତ୍ତମାନ ସୁଦ୍ଧା ଏହାଦ୍ୱାରା ଆକ୍ରାନ୍ତ କୌଣସି ବ୍ୟକ୍ତିଙ୍କ ପ୍ରାଣହାନି ହୋଇ ନ ଥିବାବେଳେ ଶରୀର ପ୍ରତି ଏହା କମ୍ ବିପଦଜନକ ବୋଲି କୁହାଯାଉଛି। ମଙ୍କିପକ୍ସ ପାଇଁ ସ୍ୱତନ୍ତ୍ର ପ୍ରକାର ଟିକା ଥିବାବେଳେ ବସନ୍ତ ରୋଗ ପାଇଁ ଯେଉଁ ଚିକିତ୍ସା ପ୍ରଣାଳୀ ବ୍ୟବହାର କରାଯାଇଥିଏ ତା' ଦ୍ୱାରା ମଧ୍ୟ ଏହାର ଚିକିତ୍ସା ସମ୍ଭବ। ୧୯୫୮ରେ ମାଙ୍କଡ଼ଙ୍କୁ ନେଇ କରାଯାଇଥିବା ଏକ ଗବେଷଣା ଜରିଆରେ ମଙ୍କିପକ୍ସ ରୋଗ ଜଣାପଡ଼ିଥିଲା। ୧୯୭୦ରେ ପ୍ରଥମଥର ମଙ୍କିପକ୍ସରେ ଆକ୍ରାନ୍ତ ବ୍ୟକ୍ତି ଚିହ୍ନଟ ହୋଇଥିଲେ। ଏହି ରୋଗ ବିଶେଷ ଭାବେ ଆର୍ଦ୍ର ପାଣିପାଗ ଅନୁଭୂତ ଅଞ୍ଚଳରେ ହୋଇଥାଏ। ମଙ୍କିପକ୍ସ ଦ୍ୱାରା ଆକ୍ରାନ୍ତ ଲୋକଙ୍କ ଶରୀରରେ ସାମାନ୍ୟ ଜ୍ୱର, ଦେହ କୁଣ୍ଡାଇ ହେବା, ଗଳାରେ ଥିବା ଗ୍ରନ୍ଥି ଫୁଲିବା ଭଳି ଲକ୍ଷଣ ଦେଖାଯାଏ। ଆକ୍ରାନ୍ତଙ୍କ ଶରୀରରେ ୨ରୁ ୪ ସପ୍ତାହ ପର୍ଯ୍ୟନ୍ତ ଏହି ଲକ୍ଷଣ ରହୁଥିବା ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଛି। ବିଭିନ୍ନ ଦେଶରେ ଦେଖାଯାଉଥିବା ଆକ୍ରାନ୍ତଙ୍କ ସଂଖ୍ୟାକୁ ଦେଖିଲେ ଆଗାମୀ ଦିନରେ ମଙ୍କିପକ୍ସ ସଂକ୍ରମଣ ହାର ୧୦ ପ୍ରତିଶତକୁ ବୃଦ୍ଧି ପାଇବା ଆଶଙ୍କା କରାଯାଉଛି।

ପଙ୍ଗୋଙ୍ଗ ହ୍ରଦରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣ କରୁଛି ଚାଇନା

ନୂଆଦିଲ୍ଲୀ,୨୦।୫ : ପୂର୍ବ ଲଦାଖ ଅନ୍ତର୍ଗତ ପଙ୍ଗୋଙ୍ଗ ସୋ'ରେ ଚାଇନା ଦ୍ୱିତୀୟ ବ୍ରିଜ୍ ନିର୍ମାଣ କରୁଛି। ଚଳିତ ବର୍ଷ ଆରମ୍ଭରେ ସେଠାରୁ କିଛି ଦୂରରେ ବେଜିଂ ପ୍ରଥମ ବ୍ରିଜ୍ ନିର୍ମାଣ କରିଥିଲା। ନିର୍ମାଣ ହେଉଥିବା ଅଞ୍ଚଳକୁ ଚାଇନା ବେଆଇନ ଭାବେ ଦଖଲ କରିଛି। ଏହାର ଅଯଥା ଦାବି ଓ ନିର୍ମାଣକୁ ଭାରତ ଗ୍ରହଣ କରିବ ନାହିଁ ବୋଲି ଶୁକ୍ରବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସୀମା ଉପରେ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି। ଭାରତର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ସଂହତିର ସୁରକ୍ଷା ଲାଗି ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚି କହିଛନ୍ତି।

ଆୟକର ଛାଡ଼ ସୁବିଧା ନେବେନି ସିଇସି

ରାଜୀବ କୁମାର

ନୂଆଦିଲ୍ଲୀ,୨୦।୫(ପି.ଟି.)

ତ୍ୟାଗର ନିଦର୍ଶନ ସ୍ୱରୂପ ମୁଖ୍ୟ ନିର୍ବାଚନ କମିଶନର(ସିଇସି) ରାଜୀବ କୁମାର ଏବଂ ନିର୍ବାଚନ କମିଶନର (ଇସି) ଅନୁପ ଚନ୍ଦ୍ର ପାଣ୍ଡେ ସେମାନଙ୍କୁ ମିଳୁଥିବା ଆୟକର ଛାଡ଼ ଓ ଅନ୍ୟାନ୍ୟ ସୁବିଧା ନ ନେବାକୁ ଶୁକ୍ରବାର ନିଷ୍ପତ୍ତି ନେଇଛନ୍ତି। ସିଇସି ଏବଂ ଇସିଙ୍କୁ ନିର୍ବାଚନ କମିଶନ ଆଇନ, ୧୯୯୧ ଧାରା ୩ ଅନୁଯାୟୀ ମୋଟା ଅଙ୍କର ବେତନ ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ମିଳିଥାଏ। ଏତଦ୍ ବ୍ୟତୀତ ସେମାନଙ୍କୁ ମାସିକ ୩୪,୦୦୦ ଟଙ୍କା ବ୍ୟୟ ସମ୍ପର୍କିତ ଭତ୍ତା ମିଳୁଥିବାବେଳେ ଏହା ଉପରେ ଆୟକର ଦେବାକୁ ପଡ଼ି ନ ଥାଏ। ଏତଦ୍‌ବ୍ୟତୀତ ସେମାନଙ୍କୁ ବର୍ଷକୁ ୩ଟି ଏଲ୍‌ଟିସି (ଛୁଟି ଭ୍ରମଣ ରିହାତି) ମିଳିଥାଏ, ଯେଉଁଥିରୁ ସେମାନେ ଦୁଇଟିକୁ ସରେଣ୍ଡର କରିପାରିବେ। ଉକ୍ତ ସୁବିଧା ନ ନେବାକୁ ରାଜୀବ କୁମାର ଓ ପାଣ୍ଡେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ରାଜୀବଙ୍କର ଏହା ଥିଲା ପ୍ରଥମ ବୈଠକ।

ପେଗାସସ୍ ତଦନ୍ତ ରିପୋର୍ଟ ଦାଖଲ ସୀମା ୪ ସପ୍ତାହ ବଢ଼ିଲା

ଜୁଲାଇରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ,୨୦।୫(ପି.ଟି.)

ସୁପ୍ରିମକୋର୍ଟ ଶୁକ୍ରବାର ଇସ୍ରାଏଲୀ ସ୍ପାଏୱେର ପେଗାସସ୍‌ର ଅପବ୍ୟବହାର ମାମଲାର ତଦନ୍ତ ରିପୋର୍ଟ ଦାଖଲ ସମୟସୀମା ବଢ଼ାଇଛନ୍ତି। ରିପୋର୍ଟ ଦାଖଲ ପରେ ଜୁଲାଇରେ ପରବର୍ତ୍ତୀ ଶୁଣାଣି ହେବ। ପେଗାସସ୍ ପ୍ରଭାବିତ ୨୯ ମୋବାଇଲ୍ ଫୋନ୍‌ର ଯାଞ୍ଚ କରାଯାଉଛି। ଏଥିପାଇଁ ଆଉ ୪ ସପ୍ତାହ ସମୟ ଲାଗିବ ବୋଲି ପେଗାସସ୍ ବିବାଦର ତଦନ୍ତ କରୁଥିବା ସୁପ୍ରିମକୋର୍ଟ ନିଯୁକ୍ତ ଟେକ୍‌ନିକାଲ ଓ ସୁପରଭାଇଜରି କମିଟି କହିଥିଲା। ପ୍ରଧାନ ବିଚାରପତି (ସିଜେଆଇ) ଏନ.ଭି. ରମନାଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ, କମିଟି ସ୍ପାଏୱେର ଯାଞ୍ଚ କରିବା ଲାଗି ୨୯ଟି ମୋବାଇଲ ଫୋନ ଗ୍ରହଣ କରିଛି। ଏଥିପାଇଁ ଏକ ସଫ୍ଟୱେରର ବିକାଶ କରାଯିବା ସହ କେତେକ ସରକାରୀ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କୁ ନୋଟିସ କରାଯାଇଛି। ଭାରତର କେତେଜଣ ରାଜନେତା ଓ ବିଶିଷ୍ଟ ବ୍ୟକ୍ତିଙ୍କ ସମ୍ପର୍କରେ ଗୋପନ ତଥ୍ୟ ସଂଗ୍ରହ କରିବା ଲାଗି ପେଗାସସ୍ ସ୍ପାଏୱେର ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଥିଲା। କଂଗ୍ରେସ ନେତା ରାହୁଲ ଗାନ୍ଧୀ, ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର, ଅଶୋକ ଲାଭାସା, କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ପଟେଲ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୋବାଇଲ ଫୋନ୍ ନମ୍ବର ରହିଥିବା ଏକ ଅନ୍ତର୍ଜାତୀୟ ଗଣମାଧ୍ୟମ କନ୍‌ସୋର୍ଟିୟମ ରିପୋର୍ଟ ପ୍ରକାଶ କରିବା ପରେ ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଥିଲା। ମାମଲା ସୁପ୍ରିମକୋର୍ଟରେ ପହଞ୍ଚିବା ପରେ ୨୦୨୧ ଅକ୍ଟୋବର ୨୭ରେ ସର୍ବୋଚ୍ଚ ଅଦାଲତ ଏହାର ତଦନ୍ତ ଲାଗି ଏକ କମିଟି ଗଠନ କରିଥିଲେ।

ବାରାଣସୀ କୋର୍ଟକୁ ଗଲା ଜ୍ଞାନବାପି ମାମଲା

ନୂଆଦିଲ୍ଲୀ,୨୦।୫(ପି.ଟି.)

ଜ୍ଞାନବାପି ମସ୍‌ଜିଦକୁ ନେଇ ହିନ୍ଦୁ ଭକ୍ତଙ୍କ ପକ୍ଷରୁ ଦାଏର ସିଭିଲ୍ ଶୁଟ୍‌କୁ ସୁପ୍ରିମକୋର୍ଟ ଶୁକ୍ରବାର ସିଭିଲ୍ ଜଜ୍ (ସିନିୟର ଡିଭିଜନ)ରୁ ବାରାଣସୀ ଜିଲା ଜଜ୍ କୋର୍ଟକୁ ସ୍ଥାନାନ୍ତର କରିଛନ୍ତି। ମାମଲାର ଜଟିଳତା ଓ ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଅଧିକ ଅଭିଜ୍ଞତା ଥିବା ବିଚାରପତି ଏହାର ଶୁଣାଣି କରିବେ ବୋଲି ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼, ସୂର୍ଯ୍ୟକାନ୍ତ ଏବଂ ପି.ଏସ୍. ନରସିଂହଙ୍କ ଖଣ୍ଡପୀଠ କହିଛନ୍ତି। ମେ' ୨୩ରୁ ଜିଲା ଜଜ୍ କୋର୍ଟରେ ମାମଲାର ଶୁଣାଣି ଆରମ୍ଭ ହେବ। ପ୍ରଥମେ ମସ୍‌ଜିଦ କମିଟି ଦାଖଲ କରିଥିବା ଆବେଦନକୁ ସିପିସିର ଅର୍ଡର ୭ ରୁଲ୍ ୧୧ରେ ବିଚାର କରିବା ଲାଗି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ପରିଚାଳନା ସମ୍ପର୍କିତ ମାମଲାର ବିଚାର ଶେଷ ନ ହେବା ପର୍ଯ୍ୟନ୍ତ ଶିବଲିଙ୍ଗ ମିଳିଥିବା ସ୍ଥାନର ସୁରକ୍ଷା ଏବଂ ମସ୍‌ଜିଦ ପରିସରରେ ନମାଜ ପାଠ ଲାଗି ସୁପ୍ରିମକୋର୍ଟ ଗତ ୧୭ ତାରିଖରେ ଦେଇଥିବା ଅନ୍ତରୀଣ ନିର୍ଦ୍ଦେଶନାମା ବଳବତ୍ତର ରହିବ।

ଜ୍ଞାନବାପି ମସ୍‌ଜିଦ ପରିସର ସର୍ଭେ ସମ୍ପର୍କିତ ରିପୋର୍ଟର କିଛି ଅଂଶ ଗଣମାଧ୍ୟମକୁ ଲିକ୍ ହେବା ଘଟଣାରେ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ, ବାରାଣସୀ କୋର୍ଟରେ ଗୁରୁବାର ସର୍ଭେ ରିପୋର୍ଟ ଜଉମୁଦ ଲଫାପାରେ ଦାଖଲ ହୋଇଥିଲା।

ଜ୍ଞାନବାପି ମସ୍‌ଜିଦ୍‌ରେ ଶୁକ୍ରବାର ନମାଜ ପାଠ ପାଇଁ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି।

ମସ୍କଙ୍କ ନାଁରେ ଯୌନ ଉତ୍ପୀଡ଼ନ ଅଭିଯୋଗ

ଓକ୍‌ଲାଣ୍ଡ,୨୦।୫

ଟେସ୍‌ଲା ସିଇଓ ଏଲନ୍ ମସ୍କ ୨୦୧୬ରେ ନିଜ କମ୍ପାନୀ ସ୍ପେସେକ୍ସର ଏକ ପ୍ରାଇଭେଟ୍ ଜେଟ୍‌ରେ ଯାତ୍ରାବେଳେ ଜଣେ ମହିଳା କର୍ମଚାରୀଙ୍କୁ ଯୌନ ଉତ୍ପୀଡ଼ନ କରିଥିବା ଅଭିଯୋଗ ହୋଇଛି। ଏହି ମାମଲାକୁ ରଫାଦଫା କରିବା ପାଇଁ ସ୍ପେସେକ୍ସ ୨୦୧୮ରେ ତାଙ୍କୁ ୨୫୦,୦୦୦ ଡଲାର ଦେଇଥିବା ସମ୍ପୃକ୍ତ ଆଟେଣ୍ଡାଣ୍ଟଙ୍କ ଜଣେ ବାନ୍ଧବୀ ପ୍ରଘଟ କରିଛନ୍ତି। ଏନେଇ ମସ୍କ ନିଜ ପ୍ରତିକ୍ରିୟାରେ ଅଭିଯୋଗ ଆଣିଥିବା ବାନ୍ଧବୀଙ୍କୁ ମିଛୁଆ ଅଭିହିତ କରି ଏପରି କୌଣସି ଘଟଣା ଘଟି ନ ଥିବା କହିଛନ୍ତି।

'ବିଜ୍‌ନେସ୍ ଇନ୍‌ସାଇଡର'ରେ ପ୍ରକାଶିତ ରିପୋର୍ଟ ଅନୁସାରେ ମସ୍କ କୁଆଡେ ଲଣ୍ଡନ ଯାତ୍ରା ବେଳେ ଫ୍ଲାଇଟ୍‌ର ମହିଳା ଆଟେଣ୍ଡାଣ୍ଟଙ୍କ ପଛପଟେ ଘଷି ହୋଇଥିଲେ। ଏଥିସହ ଫ୍ଲାଇଟ୍‌ରେ ମସାଜ୍ ବେଳେ ତାଙ୍କୁ ଅଧିକ ଯୌନ ଅନୁଗ୍ରହ ଦେଖାଇଲେ ଆଟେଣ୍ଡାଣ୍ଟଙ୍କ ପାଇଁ ଏକ ଘୋଡ଼ା କିଣିଦେବେ ବୋଲି କହିଥିଲେ। ମହିଳା ଜଣକ ପ୍ରଥମେ ମସ୍କଙ୍କ ପ୍ରସ୍ତାବକୁ ଗ୍ରହଣ କରିନ ଥିଲେ। ତେବେ ସେ ଚାକିରିରୁ ବିଦା ହୋଇପାରନ୍ତି ବୋଲି ଆଶଙ୍କା କରି ରାଜି ହୋଇଥିଲେ। ୨୦୧୮ରେ ମହିଳାଙ୍କୁ ମୁହଁ ନ ଖୋଲିବା ପାଇଁ ମସ୍କଙ୍କ କମ୍ପାନୀ ସ୍ପେସେକ୍ସ ୨୫୦,୦୦୦ ଡଲାର ଦେଇଥିଲେ। ବାନ୍ଧବୀ ଆହୁରି କହିଛନ୍ତି, ମସ୍କ ହେଉଛନ୍ତି ବିଶ୍ୱର ସବୁଠୁ ଧନୀ। ସେ ଏତେ ଶକ୍ତିଶାଳୀ ଯେ, କାହାରି ବି କ୍ଷତି କରିପାରିବେ ଏବଂ ଅର୍ଥ ଦେଇ ମାମଲା ରଫାଦଫା କରିପାରିବେ, ଯାହାକି ଦାୟିତ୍ୱହୀନ। ଏପରି ମାମଲାରେ ଆପଣ ନୀରବ ରହିଲେ ସେହି ବ୍ୟବସ୍ଥାର ଅଂଶ ପାଲଟିଯାଆନ୍ତି, ଯାହା ମସ୍କଙ୍କ ଭଳି ଲୋକଙ୍କୁ ଭୁଲ୍ କାର୍ଯ୍ୟ ଭିଆଇବାକୁ ପ୍ରେରିତ କରିଥାଏ। ମସ୍କ ଟୁଇଟ୍ କରିଛନ୍ତି, ଷ୍ଟୋରିରେ ଆହୁରି ବହୁତ କଥା ଅଛି। ଯଦି ସେ ଯୌନ ଶୋଷଣରେ ଲିପ୍ତ ଥାଆନ୍ତେ ତେବେ ତାଙ୍କର ୩୦ ବର୍ଷର କ୍ୟାରିୟରରେ ପୂର୍ବରୁ ଏଭଳି ଅଭିଯୋଗ କାହିଁକି ଆସିନାହିଁ। ତାଙ୍କ ବିରୋଧରେ ହୋଇଥିବା ଏହି ଆକ୍ରମଣକୁ ରାଜନୈତିକ ଦୃଷ୍ଟିରୁ ଦେଖାଯିବା ଉଚିତ।

- **କର୍ପୋରେଟ୍ ଜେଟ୍‌ରେ ମହିଳା ଆଟେଣ୍ଡାଣ୍ଟଙ୍କୁ ମାଗିଥିଲେ ଅନୁଗ୍ରହ**
- **ରଫାଦଫା ପାଇଁ ସ୍ପେସେକ୍ସ ଦେଇଥିଲା ୨୫୦,୦୦୦ ଡଲାର**

କାନାଡା ପାର୍ଲାମେଣ୍ଟରେ କନ୍ନଡ଼ରେ ଉଦ୍‌ବୋଧନ

ନୂଆଦିଲ୍ଲୀ,୨୦।୫

କାନାଡ଼ାର ଜଣେ ଏମ୍‌ପି ସେଠାର ପାର୍ଲାମେଣ୍ଟରେ ନିଜ ମାତୃଭାଷା କନ୍ନଡ଼ରେ ଉଦ୍‌ବୋଧନ ଦେଇଛନ୍ତି। ଏହି ଭିଡିଓ ସ

କରୋନା ସଂକ୍ରମଣ ସ୍ଥିତି

	ଆକ୍ରାନ୍ତ	ମୃତ୍ୟୁ	ଆରୋଗ୍ୟ
ବିଶ୍ୱ	୫୨,୬୧,୧୦,୬୩୩	୬୨,୯୭,୬୩୫	୪୯,୫୮,୭୩,୦୨୦
ଭାରତ	୪,୩୧,୩୧,୮୨୨	୫,୨୪,୩୨୩	୪,୨୫,୯୨,୪୫୫
ଓଡ଼ିଶା	୧୨,୮୮,୩୪୯	୯୧୨୬(+୫୩)	୧୨,୭୯,୦୫୨

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

ରାମ୍‌କୋ ସିମେଣ୍ଟକୁ କାରଣ ଦର୍ଶାଅ ନୋଟିସ

- ତତ୍ପରତା ଦେଖାଇଲା ଏସ୍‌ପିସିବି
- ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଯାଜପୁର ଅଫିସ,୨୦।୫

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ହରିଦାସପୁର ଅଞ୍ଚଳରେ ବାୟୁ ଓ ଜଳ ପ୍ରଦୂଷଣ ସୃଷ୍ଟି କରିଥିବା ରାମ୍‌କୋ ସିମେଣ୍ଟ କାରଖାନାକୁ ଗୁରୁବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) କାରଣ ଦର୍ଶାଅ ନୋଟିସ ଦେଇଛି। ବୋର୍ଡର ସଦସ୍ୟ ସଚିବ କାରଖାନା କର୍ତ୍ତୃପକ୍ଷଙ୍କୁ ଜାରି କରିଥିବା ଉକ୍ତ ନୋଟିସ(ପତ୍ରସଂଖ୍ୟା ୮୬୯୦/୧୯।୫।୨୦୨୨)ରେ ୧୫ ଦିନ ମଧ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ବିଭିନ୍ନ ଅନିୟମିତତା ସଂକ୍ରାନ୍ତରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। କାରଖାନା କର୍ତ୍ତୃପକ୍ଷଙ୍କ ଉତ୍ତର ଯଦି ସନ୍ତୋଷଜନକ ନ ହୁଏ ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। କାରଖାନା ମାଲିକଙ୍କ ରାଜ୍ୟ କ୍ଷମତା କେନ୍ଦ୍ରରେ ପ୍ରଭୂତ ପ୍ରଭାବ ରହିଥିବା ପ୍ରଚାରିତ ହେଉଥିବାରୁ ଓ ଅତୀତରେ କାରଖାନାକୁ ରାଜନୈତିକ ଓ ପ୍ରଶାସନିକ ସୁରକ୍ଷା ମିଳିଥିବାରୁ ବୋର୍ଡ କର୍ତ୍ତୃପକ୍ଷଙ୍କ ଏହି ପଦକ୍ଷେପକୁ ଲୋକେ ଦୁଃସାହସିକ ବୋଲି ଅଭିହିତ କରୁଛନ୍ତି। ସୂଚନାଥାଉ କି ରାମ୍‌କୋ ସିମେଣ୍ଟର ପ୍ରଦୂଷଣ ସଂକ୍ରାନ୍ତରେ ଗତ ୧୦ ତାରିଖରେ ଧରିତ୍ରୀରେ 'ଚାପରେ ଚେପା ତଦନ୍ତ ରିପୋର୍ଟ' ଶୀର୍ଷକ ଖବର ପ୍ରକାଶ ପାଇଥିଲା।

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର, ଗୁଆରଙ୍ଗ, ଖୁଣ୍ଟା, ବାଟିଜଙ୍ଗା, ଟେଲର, ଥାମୁଆଳ, ଜୋଗଡା, ମୁରାରୀପୁର, ନାନପୁର, ହରିଦାସପୁର, ଉଡଙ୍ଗା, ବାଜବାଟି, ଭାଡୁରୁପୋଷି ଓ ରଥିଆ ଆଦି ଗ୍ରାମର ବାସିନ୍ଦା ରାମ୍‌କୋ କାରଖାନାର ପ୍ରଦୂଷଣରେ ଅତିଷ୍ଠ ହୋଇପଡ଼ିଛନ୍ତି। ଗ୍ରାମବାସୀ ଜିଲାପାଳ, ଉପଜିଲାପାଳ, ଏସ୍‌ପିସିବି ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ହେଁ କିଛି ସୁଫଳ ମିଳିପାରି ନ ଥିଲା। ଧରିତ୍ରୀରେ ଏନେଇ ନିୟମିତ ଭାବେ ଖବର ପ୍ରକାଶ ପାଇବା ପରେ ଗତ ମାର୍ଚ୍ଚରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟରୁ ଏକ ସ୍ୱତନ୍ତ୍ର ବୈଜ୍ଞାନିକ ଦଳ ରାମ୍‌କୋ ସିମେଣ୍ଟ କାରଖାନାର ପାରିପାର୍ଶ୍ୱିକ ସ୍ଥିତି ଉପରେ ଅନୁଧ୍ୟାନ କରିଥିଲେ। ଅନୁଧ୍ୟାନରେ ପ୍ରାୟ ୧୨୦ ପାର୍ଟିକୁଲେଟ ମେଟର (ପିଏମ୍) ୧୦ ଠାରୁ ଅଧିକ ବାୟୁ ପ୍ରଦୂଷଣ, କାରଖାନାର ବେଗ ଫିଲ୍‌ଟର କାମ ନ କରିବା ଆଦି ଅନିୟମିତତା ହେଉଥିବା ଏହି ଦଳ ଜାଣିବାକୁ ପାଇବା ସହ ଏସ୍‌ପିସିବି ସଦସ୍ୟ ସଚିବଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ସେହି ରିପୋର୍ଟ ଆଧାରରେ ଏସ୍‌ପିସିବିର ସଦସ୍ୟ ସଚିବ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ଜଣାପଡିଛି। ଉକ୍ତ ନୋଟିସରେ ବାୟୁ ପ୍ରଦୂଷଣ ପରମିସେବୁଲ ଲିମିଟ୍ ବାହାରେ ରହିଥିବା, ଷ୍ଟେମ୍ ଏମିଶନ କାର୍ଯ୍ୟକାରୀ କରୁ ନ ଥିବା, ଅନ୍‌ଲାଇନ୍ ଡାଟା ମନିଟରିଂ ସିଷ୍ଟମ୍ କାର୍ଯ୍ୟକାରୀ ନ ହେବା, ଧୂମନଳୀରେ ବିଷାକ୍ତ ଧୂଆଁ ବାହାରୁଥିବା, ଧୂଳିଧୂଆଁରେ ଅଞ୍ଚଳ ପ୍ରଦୂଷିତ ହେବା, କାରଖାନା ପରିସରର ବର୍ଷା ଜଳକୁ ଉପଚାର ନ କରି ବାହାରକୁ ଛାଡ଼ିବା ଆଦି ଅନିୟମିତତା ଉପରେ ଦର୍ଶାଯାଇଛି। ଏହିସବୁ ଅନିୟମିତତାର ୧୫ ଦିନ ମଧ୍ୟରେ ସମାଧାନ କରିବାକୁ ବୋର୍ଡ ନିର୍ଦ୍ଦେଶ ଦେଇଛି। ନଚେତ୍ ଆଇନ ଅନୁଯାୟୀ କାରଖାନାକୁ ବନ୍ଦ କରାଯାଇପାରେ ବୋଲି ମଧ୍ୟ ଚେତାବନୀ ମିଳିଛି।

ସୂଚନାଯୋଗ୍ୟ, ଏସ୍‌ବିସିବିର ସର୍ତ୍ତ ଅନୁଯାୟୀ କାରଖାନା ପରିସରର ବୁନ୍ଦାଏ ବି ପାଣି ବାହାରକୁ ଛଡ଼ାଯାଇପାରିବ ନାହିଁ। କିନ୍ତୁ ସିମେଣ୍ଟ ଗୁଣ୍ଡ ତିଆରି ପାଇଁ ବିଭିନ୍ନ କଞ୍ଚାମାଲ, ରାସାୟନିକ ଦ୍ରବ୍ୟ ଆଦି ମିଶା କାରଖାନାର ପାଣି ନିକଟସ୍ଥ ଏକ ନାଳରେ ବୋହୁଛି। ଏଥିଯୋଗୁ ସେହି ନାଳ ପ୍ରଦୂଷିତ ହୋଇ ପଗୁଣିଆ ନିକଟରେ ଗେଣ୍ଡୁଟି ନଦୀରେ ମିଶୁଛି। ଏହାଦ୍ୱାରା ଆଖପାଖ ଅଞ୍ଚଳବାସୀ ଜଳ ପ୍ରଦୂଷଣର ଶିକାର ହେଉଥିବା ସହ ବିଭିନ୍ନ ଜଳବାହିତ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି। ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ପରିବେଶ ସୁରକ୍ଷା ଆଇନ ଅନୁସାରେ କାରଖାନାର କୌଣସି ନିଜସ୍ୱ ବ୍ୟବସ୍ଥା ନାହିଁ। କାରଖାନା ପ୍ରତିଷ୍ଠା ପାଇଁ ବେଆଇନ ଭାବରେ ଗୋଚର ଜମି ଦଖଲ ହୋଇଥିବା ପୂର୍ବରୁ ଅଭିଯୋଗ ହୋଇ ସାରିଛି। ଏହିଭଳି ଭାବରେ ରାମ୍‌କୋ ସିମେଣ୍ଟ କାରଖାନାର ସରକାରୀ ଆଇନ ଓ ନିୟମ ଉଲ୍ଲଂଘନର ତାଲିକା ବେଶ୍ ଲମ୍ବା। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ରାମ୍‌କୋ କାରଖାନାର ବିଭିନ୍ନ ବାୟୁ ଓ ଜଳ ପ୍ରଦୂଷଣ ହେଉଥିବା ତଦନ୍ତରେ ସ୍ପଷ୍ଟ ହୋଇଥିଲା। ଏନେଇ ଗତ ମାର୍ଚ୍ଚରେ ଏସ୍‌ପିସିବିକୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ତଦନୁସାରେ ଏହି କାରଖାନା କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ହୋଇଛି। ୧୫ ଦିନ ପରେ ପୁଣି କାରଖାନାକୁ ପରିଦର୍ଶନରେ ଯାଇ ପ୍ରଦୂଷଣ ଉପରେ ସମୀକ୍ଷା କରାଯିବ ଏବଂ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଲାଇଭ ଭିଡିଓ କରି ଜୀବନ ହାରିଲେ ଯୁବକ

- ପ୍ରେମରେ ବିଫଳ ହେବା ପରେ ଆତ୍ମହତ୍ୟା
- ହ୍ୱାଟ୍ସଆପ୍‌ରେ ଷ୍ଟାଟସ ଦେଇଥିଲେ
- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

ଖୋର୍ଦ୍ଧା ଅଫିସ,୨୦।୫

ପୁଣି ପ୍ରେମ ନେଲା ଏକ ଜୀବନ। ପ୍ରେମରେ ବିଫଳ ହେବା ପରେ ଜଣେ ଯୁବକ ଟ୍ରେନ ଲାଇନକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତ୍ୟୁ ପୂର୍ବରୁ ଲାଇଭ ଭିଡିଓ କରି ଧାରୁଆ ଅସ୍ତ୍ରରେ ନିଜ ହାତକୁ କାଟିଛନ୍ତି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏପରିକି ଏହି ଲାଇଭ ଶୁଟ୍ କରିଥିବା ଭିଡିଓ ନିଜ ହ୍ୱାଟ୍ସଆପ୍ ଷ୍ଟାଟସରେ ଅପ୍‌ଲୋଡ୍ କରିଛନ୍ତି। ଶୁକ୍ରବାର ଧଉଳିମୁହଁ ଷ୍ଟେଶନ ଓ ଅଣ୍ଡା ଗ୍ରାମ ମଧ୍ୟବର୍ତ୍ତୀ ରେଳଧାରଣାରୁ ତାଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ଖୋର୍ଦ୍ଧାରୋଡ୍ ଜିଆରପି ପୋଲିସ ଜବତ କରି ବ୍ୟବଚ୍ଛେଦ ଲାଗି ଖୋର୍ଦ୍ଧା ମେଡିକାଲ ପଠାଇଛି। ମୃତକ ହେଲେ ଧଉଳିମୁହଁ ଅଞ୍ଚଳର ସୌମ୍ୟରଞ୍ଜନ ପରିଡା(୨୮)। ଏନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

ସୂଚନା ମୁତାବକ, ସୌମ୍ୟରଞ୍ଜନ ବାହାର ରାଜ୍ୟରେ ରହୁଥିବା ବେଳେ କିଛିଦିନ ହେବ ଗାଁକୁ ଆସିଥିଲେ। ଗୁରୁବାର ସେ ଘରୁ କେଉଁଆଡେ ପଳାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଏନେଇ ପରିବାର ଲୋକେ ବ୍ୟସ୍ତ ହୋଇ ପଡିଥିଲେ। ଏହି ସମୟରେ ଅନ୍ୟ ସମ୍ପର୍କୀୟମାନଙ୍କ ଠାରୁ ଜାଣିବାକୁ ପାଇଥିଲେ ଯେ, ସୌମ୍ୟ ନିଜ ହାତକୁ କାଟି ଲାଇଭ ଭିଡିଓ କରି ହ୍ୱାଟସଆପ୍ ଷ୍ଟାଟସରେ ରଖିଛନ୍ତି। ଏନେଇ ପରିବାର ଲୋକେ ସୌମ୍ୟଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ପର୍କ ହୋଇପାରି ନ ଥିଲା। ସୌମ୍ୟ ଗୁରୁବାର ମୋବାଇଲ ଷ୍ଟାଟସରେ ଇମୋଶନାଲ ଭିଡିଓ, ସାୟରୀ ସବୁମଧ୍ୟ ପୋଷ୍ଟ କରିଥିଲେ। ରାତି ପ୍ରାୟ ସାଢେ ୧୦ଟାରେ ସେ ନିଜ ହାତ କାଟି ଦେଇଥିବା ଏବଂ ରକ୍ତ ବାହାରି ତଳେ ପଡୁଥିବା ପ୍ରଥମ ଭିଡିଓ ଷ୍ଟାଟସ ଦେଇଥିଲେ। ପରେ ପରେ ସେ ୭ଟି ଭିଡିଓ ପୋଷ୍ଟ କରିଛନ୍ତି। ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଭିଡିଓରେ ସେ କହିଛନ୍ତି, ମୁଁ ମା'ବାପାକୁ ବହୁତ ଭଲପାଏ। କିନ୍ତୁ ମୁଁ ଆଜି ଜାଣିପାରୁନି, କ'ଣ କରୁଛି, କ'ଣ ନ କରୁଛି, ଆଉ କିଛି ସମୟ ବଞ୍ଚିବି... ମୋ ମା'ବାପା କେବେ କଷ୍ଟ ନ ପାଆନ୍ତୁ, ମୁଁ ଯାହାକୁ ଭଲ ପାଇଥିଲି, ସେ ମୋତେ ଧୋକା ଦେଲା। ଭାଇ ତୁ ସାନ ଭାଇଟେ ହେବୁ, ମା' ବାପାଙ୍କୁ ଖୁସିରେ ରଖିବୁ, ମୁଁ ତୋ ପାଇଁ କିଛି କରିପାରିଲି ନାହିଁ ବୋଲି କହୁଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ରେଳଧାରଣା କଡରେ ଜଣେ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ପଡିଥିବା ଖବରପାଇ ଖୋର୍ଦ୍ଧା ସଦର ଥାନା ପୋଲିସ ପହଞ୍ଚିଥିଲା। ସଦର ପୋଲିସ ଠାରୁ ସୂଚନାପାଇ ଖୋର୍ଦ୍ଧା ରୋଡ୍ ଜିଆରପି ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତଦେହଟି ସୌମ୍ୟରଞ୍ଜନଙ୍କର ଏବଂ ସେ ପ୍ରେମରେ ବିଫଳ ହେବାରୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ଏନେଇ ଜିଆରପି ଥାନା ଓଆଇସି ଧରଣୀଧର ପ୍ରଧାନ କହିଛନ୍ତି, ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ମହଙ୍ଗା ପଡ଼ିଲା ଦ୍ୱିତୀୟ ବିବାହ

ବରକନ୍ୟାଙ୍କୁ ବେଦିରୁ ଉଠାଇନେଲା ପୋଲିସ

ରାଉରକେଲା ଅଫିସ,୨୦।୫

ପ୍ରଥମ ସ୍ତ୍ରୀ ଓ ତାଙ୍କର ଏକ ଝିଅ ଥିବା ସତ୍ତ୍ୱେ ଅନ୍ୟ ଜଣେ ଯୁବତୀଙ୍କୁ ଦ୍ୱିତୀୟ ବିବାହ କରିବା ବେଳେ ପୋଲିସ ବାହାଘର ବେଦିରୁ ବର ଓ କନ୍ୟାଙ୍କୁ ଉଠାଇ ନେଇଛି। ଏଭଳି ଏକ ଘଟଣା ଘଟିଛି ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ଅଞ୍ଚଳରେ। ପୋଲିସ ସୂଚନା ଅନୁସାରେ, ଗତ ୨୦୧୩ ମସିହାରେ ରାଉରକେଲା ମାଲଗୋଦାମ ଅଞ୍ଚଳର ସରସ୍ୱତୀ ସରକାର(୩୨) ଜଲଦା ସି ବ୍ଲକ ଅଞ୍ଚଳର ଆନନ୍ଦ ଶର୍ମା(୩୮)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ସରସ୍ୱତୀଙ୍କର ଏକ ଝିଅ ଜନ୍ମ ହୋଇଥିଲା। ଏହାପରେ ଶ୍ୱଶୁର ଘର ଲୋକେ ସରସ୍ୱତୀଙ୍କୁ ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେ। ସରସ୍ୱତୀ ଏସବୁ କଥା ତାଙ୍କ ସ୍ୱାମୀ ଆନନ୍ଦଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବରଂ ଆନନ୍ଦ ତାଙ୍କୁ ଅଧିକ ମାରଧର କରିଥିଲେ। ନିର୍ଯାତନା ଅସହ୍ୟ ହେବାରୁ ସରସ୍ୱତୀ ଶ୍ୱଶୁର ଘର ଛାଡ଼ି ନିଜ ୫ ବର୍ଷର ଝିଅକୁ ଧରି ବାପ ଘରେ ରହୁଥିଲେ। ଅନ୍ୟପଟେ ଆନନ୍ଦ ପ୍ରଥମ ସ୍ତ୍ରୀ ସରସ୍ୱତୀଙ୍କୁ ଛାଡପତ୍ର ନ ଦେଇ ଅନ୍ୟ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ଶୁକ୍ରବାର ରାଉରକେଲା ହନୁମାନ ବାଟିକା ସ୍ଥିତ ମଣ୍ଡପରେ ଆନନ୍ଦ ଓ ତାଙ୍କ ପ୍ରେମିକା ଦ୍ୱିତୀୟ ବିବାହ କରୁଥିଲେ। ଖବର ପାଇ ଆନନ୍ଦଙ୍କ ପ୍ରଥମ ସ୍ତ୍ରୀ ସରସ୍ୱତୀ ଉଦିତନଗର ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ବେଦୀରୁ ଉଭୟ ବର ଓ କନ୍ୟାଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏ ନେଇ ଏକ ମାମଲା (ନଂ.୧୧୫।୨୨) ରୁଜୁ ହୋଇଛି।

MARUTI SUZUKI ARENA

ଆସନ୍ତୁ ମଇକୁ କରିବା ସ୍ମରଣୀୟ

ଆକର୍ଷଣୀୟ ଅଫର୍ସ ଗୁଡ଼ିକ ସହିତ ଘରକୁ ନେଇ ଆସନ୍ତୁ ଆପଣଙ୍କ ମନ ପସନ୍ଦର ମାରୁତି ସୁଜୁକୀ ଏରିନା କାର

BIG SAVINGS
SWIFT ₹26 100* VITARA BREZZA ₹27 500* DZIRE ₹21 100*

FINANCE OFFERS
BUY NOW, PAY LATER
100%^ ON-ROAD FUNDING AVAILABLE
EMI STARTING FROM ₹799^ —PER LAKH—
Low Rate of INTEREST Starting 7%^ from
GOLD VOUCHER ₹3 000 ପର୍ଯ୍ୟନ୍ତ ଗୋଲ୍ଡ ଭାଉଚର#

SWIFT VITARA BREZZA DZIRE

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in.

ODYSSEY MOTORS
ANGUL: 7752076136, 9776901481.
PALLAHARA: 7873565435, 9437831123.

TUSHI MOTORS
CUTTACK: 9078076450.
PANIKOILI: 9078076450.

JYOTE MOTORS
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. KENDRAPARA: 9798190190.
BALASORE: 9798190190. BHADRAK: 9798190190. BARIPADA: 9798190190.
UDALA: 7064499950. RAIRANGPUR: 9853446906.
JALESWAR: 7064499950. BASUDEVPUR: 9798190190.

NARAYANI MOTORS
BHUBANESHWAR: 9583022019, 7440019592, 9583022013.
JAGATSINGHPUR: 9583022090. PURI: 9583022035.
NIMPARA: 7381094851. PARADEEP: 9583022034/ 48.

SKY AUTOMOBILES
BHUBANESWAR: 7381045356.
CUTTACK: 9776677771, 7381873818,
DHENKANAL: 8093027882. NARSINGHPUR: 8093027882.
KAMAKHYANAGAR: 8093027882. JAJPUR: 9776900777.
SALEPUR: 9583544555. CHANDIKHOL : 9583544555.
TANGI: 7381045356.

*Offer includes consumer offer, exchange bonus and institutional offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. Up To 100% on-road funding is provided by select financiers only. Interest rate of 7% is provided by select financiers only. #Gold voucher is applicable on select models/variants only. Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st May, 2022.

ଜନ୍ମଦିନର ଶୁଭେଚ୍ଛା

ଛୋଟୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଆଜିର ମନ୍ତବ୍ୟ

ଭାଷାଗତ ବିବିଧତା ଦେଶର ଗର୍ବ ହୋଇଥିବାବେଳେ କେତେକ ବିରୋଧୀ ଦଳ ଏହାକୁ ନେଇ ବିବାଦ ଉଠାଉଛନ୍ତି।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

classifieds Everyday
0674-2580101, 2549302

real estate

SALE

Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666. D-73211

ଭୁବନେଶ୍ୱରର ଛତାବରରେ Rs.-299/- sqft.ରେ installmentରେ plot ବିକ୍ରି ହେଉଛି। 8249017091, 9937044414. D-512

ଭୁବନେଶ୍ୱର କଳ୍ପନାଠାରୁ 10 କି.ମି. ଦୂରରେ ଗୁଡ଼ିଆ ପୋଖରୀ ଛକ (near KEC College) ଠାରୁ 4 କି.ମି. ବିନାୟକପୁର ଦେଉଳି ମୌଜାରେ ଘରବାଡ଼ି ପ୍ଲଟ୍ 30X50= 1500sqft. ପ୍ଲଟ୍ ଓ 40ft. ମେନ୍ ରୋଡ୍ ସହିତ ବ୍ରାଞ୍ଚ ରୋଡ୍ 30ft., ସବ୍‌ବ୍ରାଞ୍ଚ ରୋଡ୍ 25ft. ତା' ସହିତ ଇଲେକ୍ଟ୍ରି ଆଣ୍ଡ ରୋଡ୍ ଡେଭେଲପମେଣ୍ଟ ସହ ପ୍ରତି sqft. Rs. 599ରେ ମିଳୁଛି। ଯୋଗାଯୋଗ ମୋବାଇଲ ନମ୍ବର- 9938999317, 9938015353. SUVAM CONSTRUCTION. D-475

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-435

Plot for sale, 2000sqft. (10Nos.) per sqft.- 2000/-, Yellowzone Gharabari Plot near Tata-Ariana, Vipul Garden backside Ghatikia Mouza- Sankarpur, BBSR. Water & Electricity available, 30'Road NH-16 to 1km. Contact: - 7381564227, 8114744495. D-446

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891. D-224

Luxurious 2/3BHK Apartment sale in Hanspal, Palasuni and duplex in Kalarahanga. 8763887357, 7992736330. D-73246

ଭୁବନେଶ୍ୱରରେ ସ୍ଥିତିବାନ୍ ପ୍ଲଟ୍ ବିକ୍ରି ହେଉଅଛି। ଅନ୍ଧାରୁଆରେ 1700/- per sqft., 1200/- per sqft. ଓ ଦାଶପୁରରେ 800/- per sqft. Contact: 9348549059, 06747964979. D-71997

Duplex sale at Bhubaneswar @45lakhs and apartment @42 lakhs. 9439206202. D-73248

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891. D-225

BDA, RERA & SBI Approved 2/3BHK flats, duplex and triplex for sale at Bhubaneswar with all amenities. Contact: 8599097575, 9853089975. D-73245

Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118. D-73216

construction

Construct your home 850/-, 1330/- includes Architecture structure with 3year FMC provide BDA plan approval boring/ interior work. SNV construction. 9439295469. D-73237

GENERAL SALE

2, Passenger LIFT sales and service. Contact: 9692527969. D-468

to-let

3BHK semi-furnished apartment with open parking in Banaja Apartment, Ganganagar with two balconies for rent from 1st June. Contact 7770010789. D-511

2BHK new flat in Hi- Tek heaven apartment at Matiapada, near Gudiapokhari, BBSR-Puri road suitable for Family. 9337052719, 8984757845. D-70800

2BHK & 3BHK for rent 118- Ratnakarbag-1. Mob: 9902406161. D-507

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

healthcare

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73801

Mesmerizing, energetic body, mind qualitative relaxing massage experienced therapists. 9668374480. D-73606

Relax, Refresh your body, mind at Saikrupa Spa with best therapies. 8984068077. D-488

Full body massage in homely atmosphere all therapy. Mob.- 8114881641. D-73402

One hour any therapy by expert therapist @999 only. 9078484455. D-73607

Newly open full body massage ladies and gents. 7750077371. D-71900

Newly open SPA positively health benefits expert therapist, Kalpana. 7846814019. D-73608

Refreshing your mind and body with the best therapy, 7873794731. D-317

Newly open full body massage ladies and gents. 8327740003, 8093860513. D-73902

LOST

This is to bring to your kind notice that, Antaryami Pradhan, S/o- Jogeswar Pradhan, Address: Nakanaka, NTPC, Kaniha, Angul (Odisha), our Sale Deed is Missing from Dt. 29/04/2022. If found kindly return to the above address. D-510

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LEGAL NOTICE

ମାନ୍ୟବର ସଭ୍ୟ ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ ମହୋଦୟଙ୍କ ଇଜିଲାସ (କ୍ୟାମ୍ପ ଅଫିସ ଭୁବନେଶ୍ୱର) ଓ ଏସ୍. ଏସ୍. କେସ୍ ନଂ୩୬୨/୨୦୧୬

ଜ୍ୟୋତ୍ସ୍ନାରାଣୀ ଶତପଥୀ, ସ୍ୱାମୀ- ଗୌରାଙ୍ଗ ଚରଣ ଶତପଥୀ, ଠିକଣା- ସା- ଉତ୍ତର ଶାସନ, ପୋଷ୍ଟ- ମଧ୍ୟ ଶାସନ, ଥାନା/ ଜିଲ୍ଲା- ଜଗତ୍‌ସିଂହପୁର, ଓଡ଼ିଶା

....ବାଦୀ

ବନାମ

୧. ଲକ୍ଷ୍ମୀ ନୃସିଂହ ପାଢ଼ୀ, ପିତା- ୺ଦାମୋଦର ପାଢ଼ୀ, ୨. ସୂର୍ଯ୍ୟ ନାରାୟଣ ପାଢ଼ୀ, ପିତା- ୺ଦାମୋଦର ପାଢ଼ୀ, ୩. ଜନାର୍ଦ୍ଦନ ପାଢ଼ୀ, ପିତା- ୺ଦାମୋଦର ପାଢ଼ୀ, ୪. ସୁନିତା ପାଢ଼ି, ପିତା- ୺ଦାମୋଦର ପାଢ଼ୀ, ୫. ସୁଷମା ପାଣିଗ୍ରାହୀ, ସ୍ୱାମୀ- ୺ଦାମୋଦର ପାଢ଼ୀ, ୬. ସସ୍ମିତା ଦାଶ, ସ୍ୱାମୀ- ରଞ୍ଜନ କୁମାର ପାଢ଼ି ଏବଂ ପିତା- ଦାମୋଦର ପାଢ଼ୀ କ୍ରମିକ ନଂ ୧ ଠାରୁ ୬ ପର୍ଯ୍ୟନ୍ତ ଠିକଣା- ସା- ପାଣ୍ଡିଆ, ପୋଷ୍ଟ/ଥାନା- ପୁରୁଷୋତ୍ତମପୁର, ଜିଲ୍ଲା- ଗଞ୍ଜାମ, ବର୍ତ୍ତମାନର ଠିକଣା କ୍ୱାର୍ଟର ନଂ-୩୭/୩୯/୫, ଅଶୋକ ନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। ୭. ଆସିଷ୍ଟାଣ୍ଟ ସେଟେଲମେଣ୍ଟ ଅଫିସର, ରେଣ୍ଟାଲ କଲୋନୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। ୮. ଓଡ଼ିଶା ଷ୍ଟେଟ୍ ତରଫ ତହସିଲଦାର, ଭୁବନେଶ୍ୱର, ସା/ପୋ/ଥାନା- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା।

.....ପ୍ରତିବାଦୀ

ନୋଟିସ୍

ଏତଦ୍‌ଦ୍ୱାରା ପ୍ରତିବାଦୀ ସଂଖ୍ୟା ୧ ଠାରୁ ୬ ପର୍ଯ୍ୟନ୍ତ ବ୍ୟକ୍ତିଙ୍କର ଅବଗତି ନିମନ୍ତେ ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନରେ ଦର୍ଶାଯାଇଥିବା ତଫସିଲ ଜମି ଉପରେ ବାଦୀ ରେ.ଦ. ନଂ୩୭୨୫ର, ତା୦୨।୦୨।୧୯୯୯ରିଖ ମାଧ୍ୟମରେ କ୍ରୟ ଦୃଷ୍ଟେ ମାନ୍ୟବର ରାଜସ୍ୱ ପର୍ଷଦ ସଭ୍ୟଙ୍କ ଇଜିଲାସରେ ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ଆଇନ ୧୯୫୮ର ଧାରା ୧୫ (ଖ) ଅନୁଯାୟୀ ଉପରୋକ୍ତ ରିଭିଜନ କେସ୍ ଦାଏର କରିଅଛନ୍ତି। ଏହି ରିଭିଜନ କେସ୍ ସମ୍ବନ୍ଧୀୟ ନୋଟିସ୍ ଆପଣମାନଙ୍କର ଦର୍ଶାଯାଇଥିବା ଠିକଣାରେ ଯାଇ ଫେରସ୍ତ ଆସିବାରୁ ଆପଣମାନଙ୍କ ଅବଗତି ନିମନ୍ତେ ଉକ୍ତ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ରାଜସ୍ୱ ପର୍ଷଦ ସଭ୍ୟଙ୍କର ଭୁବନେଶ୍ୱରସ୍ଥିତ କ୍ୟାମ୍ପ କୋର୍ଟ (ୟୁନିଟ୍-୫ କେଶରୀ ନଗର, ରାଜୀବ ଭବନ ପଛପାର୍ଶ୍ୱ ଅବସ୍ଥିତ) କାର୍ଯ୍ୟାଳୟଠାରେ ଆସନ୍ତା ତା୦୨।୦୬।୨୨ରିଖ ଦିବା ୧୧.୩୦ ଘଟିକା ସମୟରେ କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଉକ୍ତ କେସ୍‌ର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ଜମିର ତଫସିଲ

ହାଲ ମୌଜା- ପଥରଗାଡ଼ିଆ, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ହାଲ ଖାତା ନଂ-୩୨୭, ହାଲ ପ୍ଲଟ୍ ନଂ-୫୨୫, ରକବା- ଏ୦.୧୦୦ଡି, ସାବକ ମୌଜା ପଥରଗାଡ଼ିଆ, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା। ସାବକ ଖାତା ନଂ-୩୨୫/୨୩୬, ସାବକ ପ୍ଲଟ୍ ନଂ-୩୧୦/୧୮୫୩, ରକବା- ଏ୦.୧୦୦ଡି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ବା ସେମାନଙ୍କର ଉତ୍ତରାଧିକାରୀମାନେ ଏବଂ ଏହି ତଫସିଲ ବର୍ଣ୍ଣିତ ସମ୍ପତ୍ତିର ସ୍ୱତ୍ୱ ଦାବି କରୁଥିବା ବ୍ୟକ୍ତି କିମ୍ବା ସେମାନଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧି ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମା ତଦବୀର କରିବେ। ଅନ୍ୟଥା ଆଇନାନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ରାଜସ୍ୱ ପର୍ଷଦ ସଭ୍ୟଙ୍କ ଆଦେଶ କ୍ରମେ
ସ୍ୱା./- ଅତିରିକ୍ତ ସଚିବ (ବିଚାର)
ରାଜସ୍ୱ, ପର୍ଷଦ, ଓଡ଼ିଶା,କଟକ।
ଧ-୫୦୬

କିଏ ବା କହିବ...

ପ୍ରଥମ ପୃଷ୍ଠାରୁ...

ସେହି ବାତାବରଣରେ ଅନ୍ୟାୟ ଓ ଅତ୍ୟାଚାର ଯଦି ସାମାନ୍ୟ ବିଷୟ ଭାବେ ପରିଲକ୍ଷିତ ହେଉଥିବ, ତେବେ ସେଠାରେ ବଢୁଥିବା ଯୁବପିଢ଼ି ପାଇଁ ଅନେକ କାର୍ଯ୍ୟ ସାଧାରଣ ପ୍ରତିକ୍ରିୟା ଭାବେ ବୁଝାପଡ଼ିବା ସ୍ୱାଭାବିକ।

ହାଇଦ୍ରାବାଦ ଘଟଣାରେ ପୋଲିସ ନିଜ ହାତକୁ ନ୍ୟାୟକୁ ନେଇ ଯେଉଁ ପରମ୍ପରା ସୃଷ୍ଟି କରିଛି, ତାହାକୁ ଆଇନ ବ୍ୟବସ୍ଥା ସହଜରେ ଗ୍ରହଣ କରିପାରି ନାହିଁ। ନ୍ୟାୟପାଳିକାର ସର୍ବୋଚ୍ଚ ବ୍ୟକ୍ତି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଶରଦ ଅରବିନ୍ଦ ବୋବ୍‌ଡେ ଏହି ମର୍ମରେ ଦେଇଥିବା ମନ୍ତବ୍ୟ ଏଠାରେ ଗୁରୁତ୍ୱ ଧାରଣ କରୁଛି। ସେ କହିଛନ୍ତି ଯେ ପ୍ରତିଶୋଧ ନ୍ୟାୟ ନୁହେଁ। ନ୍ୟାୟ ଯେତେବେଳେ ପ୍ରତିଶୋଧରେ ରୂପାନ୍ତରିତ ହୋଇଯାଏ, ସେତେବେଳେ ତାହା ନିଜର ଅସ୍ତିତ୍ୱ ହରାଏ। ଦେଶବ୍ୟାପୀ ବଳାତ୍କାର ଓ ହତ୍ୟା ଘଟଣା ବୃଦ୍ଧି ପାଉଥିବାରୁ ଜନସାଧାରଣ ବିବ୍ରତ ହୋଇ ତତ୍‌କ୍ଷଣାତ୍ ନ୍ୟାୟ ମିଳୁ ବୋଲି ଆଶା କରୁଛନ୍ତି। ଯେହେତୁ ନ୍ୟାୟ ବ୍ୟବସ୍ଥା ଡେରିରେ ମାମଲାଗୁଡ଼ିକର ରାୟ ପ୍ରକାଶ କରୁଛନ୍ତି, ସେହେତୁ ଲୋକେ ଅସ୍ଥିର ହୋଇଯାଉଛନ୍ତି। ଏହା କହିଲା ବେଳେ ଆମେ ସଚେତନ ହେବା ଦରକାର ଯେ ଜଣେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ନ ହେବା ପର୍ଯ୍ୟନ୍ତ ତାଙ୍କୁ ଦଣ୍ଡିତ କରାଯିବା ଉଚିତ ନୁହେଁ। ହାଇଦ୍ରାବାଦରେ ପୋଲିସ ଏନ୍‌କାଉଣ୍ଟରରେ ଯେଉଁମାନଙ୍କ ଜୀବନ ଯାଇଛି, ସେମାନେ ପ୍ରକୃତରେ ଘଟଣା ସହ ଜଡ଼ିତ ଥିଲେ କି ନାହିଁ ତାହା ଜଣାପଡ଼ିବା ଆଗରୁ ସେମାନଙ୍କୁ ମାରିଦିଆଗଲା। ଏଭଳି ଫଟାଫଟ୍ ନିଷ୍ପତ୍ତି ନିଆଯିବା ଓ ତାହାକୁ ଜନସାଧାରଣ ସମର୍ଥନ କରିଚାଲିଲେ ପୋଲିସ ଅଧିକ ବଳୀୟାନ୍ ହୋଇଯିବ। ଏମିତି ଦେଖିଲେ ଭାରତରେ ଅଧିକାଂଶ ପୋଲିସଙ୍କ କାର୍ଯ୍ୟକଳାପ ସନ୍ଦେହ ମଧ୍ୟରେ ଥାଏ। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟରେ ହାଜର କଲା ପରେ ତାହାର ବିଚାର କରିବାର ଦାୟିତ୍ୱ ବିଚାରପତିଙ୍କ ଉପରେ ନ୍ୟସ୍ତ ହୋଇଥାଏ। ହେଲେ ଅନେକ ସମୟରେ ଦେଖାଯାଇଥାଏ ଯେ, କୌଣସି ଏକ ଅପରାଧକୁ ନେଇ ଚାରିଆଡ଼େ ତୁମ୍ବିତୋଫାନ ହେଲେ ପୋଲିସ ସନ୍ଦେହରେ ଥିବା କିଛି ଲୋକଙ୍କୁ ଟେକିଆଣି ଗିରଫ କରିଦେଇଥାଏ। ଏହାଦ୍ୱାରା ପୋଲିସ ତା'ର ଅପାରଗତାକୁ ଲୁଚାଇବାରେ ସକ୍ଷମ ହେବା ସହ ଜନତାଙ୍କ କ୍ରୋଧକୁ ପ୍ରଶମିତ କରିଦିଏ। ହାଇଦ୍ରାବାଦ ମହିଳା ପ୍ରାଣୀ ଡାକ୍ତରାଣୀଙ୍କ ଘଟଣା ସମଗ୍ର ଭାରତରେ ତହଲ ପକାଇବାରୁ ତତ୍‌କ୍ଷଣାତ୍ ଧରାପଡ଼ିଥିବା ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟରେ ମାରିଦିଆଯିବା ଆଇନସଙ୍ଗତ ନୁହେଁ ବୋଲି ଯେଉଁ କେତେ ଜଣ ୬ ଡିସେମ୍ବରରେ ସ୍ୱର ଉଠାଇଥିଲେ, ସେମାନଙ୍କୁ ପ୍ରଥମେ ବିଭିନ୍ନ ଆଡୁ ସମାଲୋଚନା କରାଯାଇଥିଲା। କିନ୍ତୁ ଦିନ ଗଡ଼ିବା ସହ ସେମାନଙ୍କ ଯୁକ୍ତିକୁ ତର୍ଜମା କରାଯିବା ପରେ ଲୋକେ ହୃଦୟଙ୍ଗମ କରି ତାହାକୁ ଗ୍ରହଣ କଲେଣି।

ଏହା ନିଃସନ୍ଦେହ ଯେ, ବଳାତ୍କାର ହେଉଛି ଏକ ଜଘନ୍ୟ ଅପରାଧ। ଏଥିରେ ଅପରାଧୀକୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ଦରକାର। କିନ୍ତୁ ପୋଲିସ ବ୍ୟବସ୍ଥା ଓ ନ୍ୟାୟପାଳିକାର ଗତି ମନ୍ଥର ହୋଇଯାଉଥିବାରୁ ଅପରାଧୀଙ୍କୁ ଠିକ୍ ସମୟରେ ଦଣ୍ଡ ମିଳିପାରୁନାହିଁ। ଉଚିତ ଢଙ୍ଗରେ ମାମଲାର ତଦନ୍ତ କରାଯାଇ ଫାଷ୍ଟ ଟ୍ରାକ୍ କୋର୍ଟରେ ଏହାର ତ୍ୱରିତ୍ ସମାଧାନ କରାଯାଇପାରିଲେ ନ୍ୟାୟ ବ୍ୟବସ୍ଥା ପ୍ରତି ଆସ୍ଥା ବଢ଼ନ୍ତା। ନଚେତ୍ ଏହା ମଧ୍ୟ କୁହାଯାଇପାରିବ ଯେ, ହାଇଦ୍ରାବାଦ ବଳାତ୍କାର ଓ ହତ୍ୟା ଘଟଣା ଘଟାଇଥିବା ଆସାମୀ ଏବେ ସ୍ୱାଧୀନ ଭାବେ ବୁଲୁଥାଇପାରନ୍ତି। କାରଣ ପୋଲିସ ସେମାନଙ୍କୁ ଖୋଜିବା ପରିବର୍ତ୍ତେ ନିଜ ଉପରୁ ଦୋଷ ଛଡ଼ାଇବାକୁ ଯାଇ ୪ ଅସମ୍ପୃକ୍ତ ବ୍ୟକ୍ତିଙ୍କୁ ହୁଏତ ଗୁଳି କରି ମାରିଦେଇଥାଇପାରେ। କିଏ ବା କହିବ ସତ୍ୟ କ'ଣ?

ମିଛ ଏନ୍‌କାଉଣ୍ଟର ..

କରାଯାଇଥିଲା। ୬ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଭି.ଏସ୍. ସିରପୁରକର ଅଧ୍ୟକ୍ଷତା କରିଥିବାବେଳେ ବମ୍ବେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ରେଖା ସୋନ୍ଦୁର ବାଲ୍‌ଡୋଟା ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ପୂର୍ବତନ ନିର୍ଦ୍ଦେଶକ ଡି.ଆର୍. କାର୍ତ୍ତିକେୟନ୍ ସଦସ୍ୟ ରହିଥିଲେ। ୨୦୨୦ ଜୁଲାଇରୁ ୨୦୨୧ ଅଗଷ୍ଟ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ ପାଇଁ କମିଶନଙ୍କ ଅବଧି ୬ ମାସ ଲେଖାଏ ୩ ଥର ବଢ଼ାଯାଇଥିଲା। ସିରପୁରକର କମିଶନ ଶୁକ୍ରବାର ବନ୍ଦ ଲଫାପାରେ ବିସ୍ତୃତ ରିପୋର୍ଟ ସୁପ୍ରିମକୋର୍ଟରେ ଦାଖଲ କରିଛନ୍ତି। ରିପୋର୍ଟକୁ ଜଉମୁଦ ଲଫାପା ଭିତରେ ବନ୍ଦ ରଖିବାକୁ ବରିଷ୍ଠ ଆଇନଜୀବୀ ଶ୍ୟାମ ଦିୱାନ ପରାମର୍ଶ ଦେଇଥିଲେ, ଯାହାକୁ ଅଦାଲତ ଗ୍ରହଣ କରିନାହାନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ହିମା କୋହିଲଙ୍କୁ ନେଇ ଗଠିତ ଖଣ୍ଡପୀଠ ରିପୋର୍ଟକୁ ତେଲଙ୍ଗାନା ହାଇକୋର୍ଟକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଇଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଏହା ଏକ ଏନ୍‌କାଉଣ୍ଟର ମାମଲା, ଯାହାକୁ ଏଠାରେ ରଖାଯିବା ଦରକାର ନାହିଁ। କମିଶନ ଏଥିରେ ପୋଲିସକୁ ଦୋଷୀ ଦର୍ଶାଇଛନ୍ତି। ଏଥିସହ କେତେକ ସୁପାରିସ ମଧ୍ୟ କରିଛନ୍ତି। ତେଣୁ ଉଭୟ ପକ୍ଷଙ୍କୁ ରିପୋର୍ଟର କପି ଦେବା ପାଇଁ ରେଜେଷ୍ଟ୍ରି ବ୍ୟବସ୍ଥା କରନ୍ତୁ। ଏନ୍‌କାଉଣ୍ଟରରେ ସାମିଲ ଥିବା ୧୦ ପୋଲିସ ଅଧିକାରୀ ହେଲେ ଭି. ସୁରେନ୍ଦର, କେ. ନରସିଂହ ରେଡ୍ଡୀ, ଶାଇକ୍ ଲାଲ ମଧାର, ମହମ୍ମଦ ସିରାଜୁଦ୍ଦିନ, କୋଚେରଲା ରବି, କେ. ଭେଙ୍କଟେଶ୍ୱରଲୁ, ଏସ୍. ଅରବିନ୍ଦ ଗୌଡ଼, ଡି. ଜାନକୀରାମ, ଆର. ବାଲୁ ରାଠୋଡ୍ ଏବଂ ଡି. ଶ୍ରୀକାନ୍ତ। ଏହି ଅଧିକାରୀମାନେ ଉଦ୍ଦେଶ୍ୟମୂଳକ ଭାବେ ହତ୍ୟା କରିଥିବାରୁ ଏମାନଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ଦଫା ୩୦୨, ୩୪ ଓ ୨୦୧ ବଳରେ ମାମଲା ରୁଜୁ କରିବାକୁ ତଦନ୍ତ କମିଶନ ସୁପାରିସ କରିଛନ୍ତି।

AFFIDAVIT

I Pitabasha Ghadai alias Manoranjan Ghadai, aged about 47 years, S/o- late Shashadhar Ghadai of Vill-Jantuali, PO- Hatapur, P.S- Bansada, Dist- Bhadrak do hereby solemnly affirm and declare that I have an LIC policy bearing policy No- 585404634 where in my name is mentioned as Manoranjan Ghadai. That after I have changed my name from Manoranjan Ghadai to Pitabasha Ghadai in all documents. That in my Bank passbook of Uco Bank, Bansada my name is Pitabasha Ghadai as per my VoterID/Aadhaar card/Pan card. That I the deponent further declare that Pitabasha Ghadai & Manoranjan Ghadai, S/o- late Shashadhar Ghadai is same and one person. Purpose of this Affidavit to produce before the concerned authority of LIC office to avoid future litigation & dispute regarding my name. D-514

ପୋଲିସ କହିଥିଲା ...

ମୁଖ୍ୟ ଅଭିଯୁକ୍ତ ଆରିଫ୍‌ଙ୍କ ବୟସ ୨୫ ହୋଇଥିବାବେଳେ ଅନ୍ୟ ୩ ଜଣଙ୍କ ବୟସ ୨୦ରୁ ୨୪ ମଧ୍ୟରେ ଥିଲା। କୋର୍ଟରେ ହାଜର ପରେ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତ (ଚେରାପଲ୍ଲୀ ସେଣ୍ଟ୍ରାଲ ଜେଲ୍)କୁ ପଠାଇଦିଆଗଲା। ଅଭିଯୁକ୍ତମାନଙ୍କୁ ଫାଶୀଖୁଣ୍ଟରେ ଝୁଲାଇବା ପାଇଁ ବିଭିନ୍ନ ମହଲରେ ଦାବି ଉଠିଥିଲା। ପୋଲିସ ଅଭିଯୁକ୍ତମାନଙ୍କୁ ଜେରା ପାଇଁ ୭ ଦିନିଆ ରିମାଣ୍ଡରେ ନେଇଥିଲା। ଡିସେମ୍ବର ୬ ଭୋର ସମୟ ୩ଟା ୩୦ରେ ପୋଲିସ ୪ ଅଭିଯୁକ୍ତଙ୍କୁ ଏକ ଅଜ୍ଞାତ ସ୍ଥାନରୁ ଜାତୀୟ ରାଜପଥ ନଂ ୪ ନିକଟ ଏକ ନିର୍ମାଣାଧୀନ ବ୍ରିଜ୍ ତଳକୁ ନେଇ ଅପରାଧ ସମ୍ପର୍କରେ ଛାନ୍‌ଭିନ୍ କରୁଥିଲା। ଅଭିଯୁକ୍ତମାନଙ୍କ ହାତରେ ହ୍ୟାଣ୍ଡ୍‌କଫ୍ ନ ଥିବାରୁ ୫ଟା ୪୫ରୁ ୬ଟା ୧୫ ମିନିଟ ଭିତରେ ସେମାନେ ପୋଲିସ କବ୍‌ଜାରୁ ଫେରାର ହେବାକୁ ଉଦ୍ୟମ କରିଥିଲେ। ଏପରି କି ସେମାନେ ପୋଲିସଠାରୁ ବନ୍ଧୁକ ଛଡ଼ାଇ ଗୁଳି କରିବା ପାଇଁ ଉଦ୍ୟମ କରିଥିଲେ। ଫଳରେ ପୋଲିସ ଆତ୍ମରକ୍ଷା ପାଇଁ କାର୍ଯ୍ୟାନୁଷ୍ଠାନ ନେଇଥିଲା। ପୋଲିସ ଗୁଳିରେ ଘଟଣାସ୍ଥଳରେ ୪ ଅଭିଯୁକ୍ତ ଢଳିପଡ଼ିଥିବା ହାଇଦ୍ରାବାଦର ସାଇବରାବାଦ ପୋଲିସ କମିଶନର ସି.ଭି. ସଜ୍ଜନାର ଗଣମାଧ୍ୟମକୁ ସୂଚନା ଦେଇଥିଲେ। ତେବେ ଏହା ଏକ ମିଛ ଓ ମନଗଢ଼ା କାହାଣୀ ଥିଲା ବୋଲି ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ତଦନ୍ତ କମିଶନ ସ୍ପଷ୍ଟ କରିଛନ୍ତି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ
ଆଜି କର୍ମଭାବରେ ଚନ୍ଦ୍ର ରହିଥିବାରୁ ଉନ୍ନତ ଚିନ୍ତା ଓ ନୂତନ ଯୋଜନାର ଶୁଭାରମ୍ଭ କରାଇବେ। ଉଚ୍ଚାଧିକାରୀଙ୍କ ସହଯୋଗ ମନକୁ ପ୍ରଫୁଲ୍ଲିତ କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହୋଇପାରେ। ପରିବାରରେ ଅଶାନ୍ତି ଦୂର ହେବା ପାଇଁ ବନ୍ଧୁଙ୍କ ସାହାଯ୍ୟ ନେଇପାରନ୍ତି।

ବୃଷ
ବୁଧାଦିତ୍ୟ ଯୋଗ ପ୍ରଭାବରେ କର୍ମକ୍ଷେତ୍ରର

ଆଜିଠୁ ମାଟ୍ରିକ ମୂଲ୍ୟାୟନ

କଟକ ଅଫିସ,୨୦।୫: ଶନିବାରଠାରୁ ମାଟ୍ରିକ, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେଉଛି। ରାଜ୍ୟର ମୋଟ୍ ୫୮ଟି ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖାହେବ। ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ୪୮୧ ଜଣ ମୁଖ୍ୟ ପରୀକ୍ଷକ, ୯୦୦ ଜଣ ଡେପୁଟି ପରୀକ୍ଷକ, ୮୯୧୯ ଜଣ ସହକାରୀ ପରୀକ୍ଷକ ଓ ୯୩୦ ଜଣ ସ୍କ୍ରୁଟିନାଇଜରଙ୍କୁ ନିୟୋଜିତ କରାଯାଇଛି। ତ୍ରୁଟିଶୂନ୍ୟ ମୂଲ୍ୟାୟନ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିବାବେଳେ ଖାତାଦେଖାରେ ବରିଷ୍ଠ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ଚଳିତବର୍ଷ ମୂଲ୍ୟାୟନ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇଛି। ଜଣେ ପରୀକ୍ଷକ ଗୋଟିଏ ପ୍ରଶ୍ନର ଉତ୍ତରଖାତା ଦେଖିବେ ଏବଂ ମାର୍କ ଏଣ୍ଟ୍ରି ପ୍ରକ୍ରିୟା ଦୁଇଟି ରୁମ୍‌ରେ ଦୁଇଥର କରାଯିବ। ଜଣଙ୍କର ମାର୍କ ଦୁଇଜଣ ଏଣ୍ଟ୍ରି କରିବେ। ଯାହାର ତ୍ରୁଟି ନ ଥିବ ତାହାକୁ ଗ୍ରହଣ କରାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

କୃଷି ବିଭାଗର ନୂଆ ବଦଳି ନୀତି

ଭୁବନେଶ୍ୱର,୨୦।୫(ବ୍ୟୁରୋ)

- **ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ହେବ ବଦଳି**
- **ଗୋଟିଏ ଜିଲାରେ ୬ ବର୍ଷରୁ ଅଧିକ ରହିପାରିବେନି ଅଧିକାରୀ**
- **ପାଖ ବ୍ଲକକୁ ବଦଳି ହୋଇପାରିବେ ସ୍ୱାମୀ,ସ୍ତ୍ରୀ**
- **ଅବସରର ୨ ବର୍ଷ ପୂର୍ବରୁ ନିଜ ଜିଲାକୁ ବଦଳି**

ବର୍ତ୍ତମାନ ବଦଳି ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟକୁ ଆବେଦନ ଆସୁଛି। ଏ ନେଇ ଶହ ଶହ ଆବେଦନ ପଡ଼ିରହୁଛି। ଏହାକୁ ଦୃଷ୍ଟିରେ ରଖି କୃଷି ବିଭାଗ ପକ୍ଷରୁ ଗ୍ରୁପ୍-ଏ ଓ ଗ୍ରୁପ୍-ବି ଅଧିକାରୀଙ୍କ ପାଇଁ ଏକ ବଦଳି ନୀତି କରାଯାଇଛି। ଏ ନେଇ ଶୁକ୍ରବାର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ନୂତନ ବଦଳି ନୀତି ଅନୁଯାୟୀ ଅଧିକାରୀମାନଙ୍କର ବଦଳି କେବଳ ୧୫ ଏପ୍ରିଲରୁ ୧୫ ଜୁନ୍ ମଧ୍ୟରେ କରାଯିବ। ଏହି ସମୟ ପରେ ଯଦି ବଦଳି ଆବଶ୍ୟକ ପଡ଼େ ତେବେ ନିଜର ଉପର ଅଧିକାରୀଙ୍କଠାରୁ ଅନୁମୋଦନ କରିବାକୁ ପଡ଼ିବ। ସିଡିଏଓ, ଡିଡିଏସ୍, ଡିଡିଏସ୍‌ସି, ଏଇଇ ଅଧିକାରୀମାନେ ନିଜ ଜିଲାରେ ନିଯୁକ୍ତି ହେବେ। ତେବେ ସେମାନେ ଏକ ନିର୍ଦ୍ଦିଷ୍ଟ ଜିଲାରେ ୬ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ। ନିଜ ଜିଲାରେ ନିଯୁକ୍ତି ଦେବାକୁ ଯଥାସମ୍ଭବ ଏଡ଼େଇବା ଦରକାର। ଯଦି କେହି ନିଜ ଜିଲାରେ ନିଯୁକ୍ତି ପାଇଥିବେ ତେବେ ସେମାନଙ୍କୁ ନିଜ ବ୍ଲକ କିମ୍ବା ସବ୍‌ଡିଭିଜନକୁ ବଦଳି କରାଯାଇ ପାରିବ ନାହିଁ। ତେବେ ଅଧିକାରୀମାନେ ଗୋଟିଏ ବ୍ଲକରେ ୩ ବର୍ଷ ଓ ଏକ ନିର୍ଦ୍ଦିଷ୍ଟ ଜିଲାରେ ୬ ବର୍ଷ ରହିପାରିବେ ନାହିଁ। ଅଧିକାରୀ ଅବସର ନେବାର ୨ ବର୍ଷ ପୂର୍ବରୁ ନିଜ ଜିଲାକୁ ବଦଳି ହେବା ପାଇଁ ଆବେଦନ କରିପାରିବେ। କୌଣସି ଅଧିକାରୀ ନିଜ ଚାକିରି କାଳରେ ଗୋଟିଏ ଜିଲାରେ ୧୦ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ। କେବିକେ ଜିଲାରେ ୫ ବର୍ଷ କାର୍ଯ୍ୟ କରିଥିବା ଅଧିକାରୀମାନଙ୍କୁ ଅନ୍ୟ ଜିଲାକୁ ବଦଳି କରାଯିବ। ଅନ୍ୟ ଜିଲାରେ ୧୦ ବର୍ଷ ରହିଥିବା ଅଧିକାରୀମାନଙ୍କୁ ଅବିଭକ୍ତ କେବିକେ, ଗଜପତି ଓ କନ୍ଧମାଳ ଜିଲାକୁ ବଦଳି କରାଯିବ। ସରକାରୀ ଚାକିରିରେ ଥିବା ସ୍ୱାମୀ ଓ ସ୍ତ୍ରୀ ନିଜ ଜିଲା ବ୍ୟତୀତ ଗୋଟିଏ ଜିଲାର ନିକଟବର୍ତ୍ତୀ ବ୍ଲକ କିମ୍ବା ଡିଭିଜନକୁ ବଦଳି ହୋଇପାରିବେ। ତେବେ ଜନସାଧାରଣଙ୍କ ସ୍ୱାର୍ଥ ତଥା ପ୍ରଶାସନିକ ଆବଶ୍ୟକତା ଦେଖି ବଦଳି ନୀତିରେ ପରିବର୍ତ୍ତନ କରାଯାଇ ପାରିବ। ପ୍ରଶାସନିକ ବିଭାଗ ବଦଳି ପ୍ରସ୍ତାବଗୁଡ଼ିକୁ ମୁଖ୍ୟ ଶାସନ ସଚିବ, କୃଷି ଉତ୍ପାଦନ କମିଶନର ଏବଂ ବିଭାଗୀୟ ସଚିବଙ୍କୁ ନେଇ ଗଠିତ ହାଇପାୱାର କମିଟିକୁ ପଠାଇବେ। ରାଜ୍ୟ ମେଡିକାଲ ବୋର୍ଡ ସାର୍ଟିଫିକେଟ ଆଧାରରେ ଭିନ୍ନକ୍ଷମଙ୍କ ବଦଳି କଥାକୁ ବିଚାରକୁ ନିଆଯାଇପାରିବ।

କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ପରିବାର ଲୋକେ

ହଷ୍ଟେଲ୍‌ରେ ପୋଲିସର ତଦନ୍ତ।

ବାଲେଶ୍ୱର ଅଫିସ, ୨୦।୫

ହଷ୍ଟେଲ ଛାତରୁ ଖସି ଛାତ୍ରୀଙ୍କ ମୃତ୍ୟୁ ଘଟଣା

ବାଲେଶ୍ୱର ସେଣ୍ଟ୍ରାଲ ସ୍କୁଲ ଛକ ନିକଟରେ ଥିବା ଏକ ଘରୋଇ କଲେଜ ହଷ୍ଟେଲ ଛାତରୁ ଖସି ଛାତ୍ରୀଙ୍କ ମୃତ୍ୟୁ ଘଟଣା ରହସ୍ୟମୟ ହୋଇପଡ଼ିଛି। ଛାତ୍ରୀ ଆତ୍ମହତ୍ୟା କରିଥିବା ନେଇ କଲେଜ କର୍ତ୍ତୃପକ୍ଷ କହୁଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଛାତ୍ରୀଙ୍କ ବାପା ସଦର ଥାନାରେ କଲେଜ କର୍ତ୍ତୃପକ୍ଷଙ୍କ ନାମରେ ଲିଖିତ ଅଭିଯୋଗ କରିବା ପରେ ମାମଲା (ନଂ.୧୫୦/୨୨) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ସଦର ଥାନା ଆଇଆଇସି ଅଶୋକ ନାୟକଙ୍କ ସମେତ ଏକ ସ୍ୱତନ୍ତ୍ର ଟିମ୍ ଶୁକ୍ରବାର ହଷ୍ଟେଲ୍ ପରିସରରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରିଛନ୍ତି। ମୃତ ଛାତ୍ରୀଙ୍କ ରୁମ୍‌ମେଟ, ହଷ୍ଟେଲ୍ ୱାର୍ଡେନ୍, ପ୍ରିନ୍ସିପାଲ ଏବଂ ହଷ୍ଟେଲ୍ ଆଖପାଖ ଲୋକଙ୍କ ସହ ପୋଲିସ ଟିମ୍ ଆଲୋଚନା କରିଛି। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବା ବେଳେ ଛାତ୍ରୀଜଣଙ୍କ ଛାତରୁ ଖସି ପଡିଥିବା ପୋଲିସ ସ୍ପଷ୍ଟ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି। ଉକ୍ତ ଛାତ୍ରୀଙ୍କ ଘର ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଞ୍ଚଳରେ।

ପୋଲିସ ସୂଚନା ଅନୁଯାୟୀ, ଗତ ୧୮ତାରିଖରେ ହଷ୍ଟେଲରେ ରହୁଥିବା ୩ଜଣ ରୁମ୍‌ମେଟଙ୍କ ୯୦୦ଟଙ୍କା ଚୋରି ହୋଇଥିଲା। ଏହି ଘଟଣାକୁ ନେଇ ସାଙ୍ଗମାନେ ଉକ୍ତ ଛାତ୍ରୀଙ୍କୁ ସନ୍ଦେହରେ ପଚରାଉଚରା କରିବା ସହ ହଷ୍ଟେଲ୍ ୱାର୍ଡେନ୍‌ଙ୍କୁ ଜଣାଇଥିଲେ। ୱାର୍ଡେନ ମଧ୍ୟ ତାଙ୍କୁ ତାଗିଦ୍ କରିଥିଲେ। ଛାତ୍ରୀ ଜଣକ ଏ ସମ୍ପର୍କରେ ତାଙ୍କ ବାପାଙ୍କୁ ରାତି ପ୍ରାୟ ୧୦ଟା ୪୦ମିନିଟ୍‌ରେ ଫୋନ୍ କରି କାନ୍ଦି କାନ୍ଦି ଜଣାଇବା ସହ ୨ଶହ ଟଙ୍କା ଦେଲେ ସେମାନଙ୍କୁ ଫେରାଇ ଦେବେ ବୋଲି କହିଥିଲେ। ମଧ୍ୟରାତି ପର୍ଯ୍ୟନ୍ତ ସିଡି ପାହାଚରେ ବସି ଛାତ୍ରୀ ଜଣକ ପାଠ ପଢୁଥିବା ଅନ୍ୟମାନେ ଦେଖିଥିଲେ। ହଠାତ୍ କିଛି ସମୟ ପରେ ସେ ହଷ୍ଟେଲ ତଳେ ଚେତାଶୂନ୍ୟ ହୋଇପଡ଼ିଥିଲେ। ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇବା ସହ ପରିବାର ଲୋକଙ୍କୁ ଜଣାଇଥିଲେ। ସେଠାରେ ଛାତ୍ରୀଜଣଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

ଆତଙ୍କବାଦ ବିରୋଧରେ ପ୍ରଥମ ପାହାଚ

ଆତଙ୍କବାଦ ନିରୋଧୀ ଦିବସ

ଦେଶରେ ଆତଙ୍କବାଦକୁ ରୋକିବା ଏବଂ ଏନେଇ ସଚେତନତା ସୃଷ୍ଟି ପାଇଁ ମେ' ୨୧ରେ ପାଳିତ ଆତଙ୍କବାଦ ନିରୋଧୀ ଦିବସ ପାଳନ କରାଯାଉଛି। ୨୦୨୨ ମେ' ୨୧ରେ ଏହି ଦିବସ ପ୍ରଥମ ଥର ପାଇଁ ପାଳିତ ହେଉଛି। ଭାରତୀୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିଷ୍ପତ୍ତିକ୍ରମେ ଏହି ଦିବସ ଦେଶବ୍ୟାପୀ ପାଳନ କରାଯାଉଛି। ଏଣିକି ପ୍ରତିବର୍ଷ ଏହା ପାଳିତ ହେବ। ଏହି ଦିନ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ଯୁବକମାନଙ୍କୁ ଆତଙ୍କବାଦ ଏବଂ ହିଂସା ଠାରୁ ଦୂରେଇ ରଖିବା। ଆତଙ୍କବାଦକୁ ଦୂର କରିବା ପାଇଁ କେନ୍ଦ୍ର ସରକାର କେଉଁ ଯୋଜନା ଚଳାଇଛନ୍ତି ତାହା ସମ୍ପର୍କରେ ସେମାନଙ୍କୁ କୁହାଯିବ। ଏହା ବ୍ୟତୀତ, ସେମାନଙ୍କୁ କୁହାଯିବ ଯେ ସେମାନଙ୍କର ଗୋଟିଏ ଭୁଲ୍ କିପରି ଜାତୀୟ ସମସ୍ୟା ହୋଇପାରେ। କେନ୍ଦ୍ର ସରକାରଙ୍କ ଅନୁସାରେ ଯଦି ଯୁବକମାନେ ଠିକ୍ ପଥ ଅନୁସରଣ କରିବେ ତେବେ ଆତଙ୍କବାଦ ଆପେ ଆପେ ଶେଷ ହୋଇଯିବ। ଏହି ଦିବସ ପାଳନ ଅବସରରେ ସମସ୍ତ କାର୍ଯ୍ୟାଳୟ, ସର୍ବସାଧାରଣ ସ୍ଥାନରେ ଆତଙ୍କବାଦ ବିରୋଧୀ ଶପଥ ଗ୍ରହଣ କରାଯିବାର କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଉଛି। ଏହା ବ୍ୟତୀତ ଡିଜିଟାଲ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ଆତଙ୍କବାଦ ବିରୋଧୀ ବାର୍ତ୍ତା ପ୍ରସାର କରାଯିବାର ଯୋଜନା ପ୍ରସ୍ତୁତ ହୋଇଛି।

ଟ୍ରେନ୍ ଦୁର୍ଘଟଣାରେ ଆହତ ୩ ହାତୀଙ୍କ ମୃତ୍ୟୁ

ଯୋଡ଼ା/କେନ୍ଦୁଝର,୨୦।୫ (ଡି.ଏନ.ଏ./ସ୍ୱ.ପ୍ର.)

କାରଣ ଖୋଜୁଛି ବନ ବିଭାଗ

କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳର ବାଂଶପାଣି ବେହେରା ହଟିଂ ନିକଟସ୍ଥ ରେଳଧାରଣାରେ ଗୁରୁବାର ଟ୍ରେନ୍ ଧକ୍କାରେ ଆହତ ହୋଇଥିବା ୩ ହାତୀଙ୍କ ମୃତ୍ୟୁ ହୋଇଛି। ଅନ୍ୟ ହାତୀମାନେ ସେମାନଙ୍କୁ ଘେରିରହିଥିବା ଓ ଅନ୍ଧାର କାରଣରୁ ବନବିଭାଗ କର୍ମଚାରୀମାନେ ଆହତ ହାତୀଙ୍କୁ ଉଦ୍ଧାର କରିବାରେ ବିଳମ୍ବ ହୋଇଥିଲା। ଫଳରେ ହାତୀଗୁଡିକର ମୃତ୍ୟୁ ହୋଇଯାଇଥିଲା। ୩ହାତୀଙ୍କ ମୃତ୍ୟୁ ପରେ ବନ ବିଭାଗକୁ ସେମାନଙ୍କ ସୁରକ୍ଷା ଚିନ୍ତା ଘାରିଛି।

ରାତି ପ୍ରାୟ ସାଢେ ୭ଟାରେ ୨୨ଟି ହାତୀ ପାଣି ପିଇବା ପାଇଁ ଜଙ୍ଗଲ ଆଡୁ ରେଳଧାରଣା ପାର ହୋଇ ଜଳଉତ୍ସକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ଯୋଡ଼ା ବନପାଳ ଅନିରୁଦ୍ଧ ପଣ୍ଡା କହିଛନ୍ତି। ତେବେ ବିଭାଗୀୟ ବାରଣ ସତ୍ତ୍ୱେ ଦ୍ରୁତ ଗତିରେ ଆସୁଥିବା ଏକ ମାଲବାହୀ ଟ୍ରେନ୍ ହାତୀପଲଙ୍କୁ ଧକ୍କା ଦେଇଥିଲା। ରେଳଧାରଣା ନିକଟରେ ୨ ଛୁଆ ହାତୀ ସମେତ ଏକ ମାଈ ହାତୀ ଗୁରୁତର ହୋଇପଡ଼ିଥିଲେ। ଘଟଣାସ୍ଥଳରେ ଗୋଟିଏ ଛୁଆ ହାତୀର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଟି ଯନ୍ତ୍ରଣାରେ ଚିତ୍କାର କରିଥିଲେ। ଶେଷରେ ୩ ହାତୀଙ୍କ ମୃତ୍ୟୁ ହେବା ପରେ କାରଣ ଖୋଜିବା ପାଇଁ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) ଶଶୀ ପଲ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରଛନ୍ତି। କେନ୍ଦୁଝରଠାରେ ବନ ବିଭାଗ ଅଧିକାରୀଙ୍କ ସହିତ ହାତୀଙ୍କ ସୁରକ୍ଷା ବିଷୟରେ ମଧ୍ୟ ଆଲୋଚନା କରିଛନ୍ତି। ଦୁର୍ଘଟଣା ସମୟରେ ଟ୍ରେନର ବେଗ କେତେ ଥିଲା, ଠିକ୍ ସୂଚନା ଆଦାନ ପ୍ରଦାନ ହୋଇଥିଲା କି ନାହିଁ ଏବଂ ହାତୀ ଚଳପ୍ରଚଳ ଅଞ୍ଚଳରେ ରେଳ ଚଳାଚଳ ନେଇ ଥିବା ନିୟମାବଳୀ ପାଳନ ଉପରେ ସେ ତର୍ଜମା କରିଥିଲେ। ହାତୀ ଚଳପ୍ରଚଳ ଅଞ୍ଚଳରେ ସୋଲାର ବାଡ଼ ଲଗାଇବା ସହ ଅଣ୍ଡରପାସ୍ ନିର୍ମାଣ ତଥା ଅନ୍ୟାନ୍ୟ ବ୍ୟବସ୍ଥା ନେଇ ଯୋଜନା ପ୍ରସ୍ତୁତ କରାଯିବ ବୋଲି ଡିଏଫ୍‌ଓ ଧନରାଜ ଏଚ.ଡି କହିଛନ୍ତି। ଉକ୍ତ ଅଞ୍ଚଳରେ ହାତୀମାନଙ୍କ ଅବସ୍ଥିତି ନେଇ ରେଳ ବିଭାଗକୁ ଅବଗତ କରାଯାଇଥିବା ନେଇ ଡିଏଫ୍‌ଓ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, କିଛି ବର୍ଷ ପୂର୍ବେ ଗୁରୁବେଡ଼ାଠାରେ ଟ୍ରେନ୍ ଧକ୍କାରେ ୩ହାତୀଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୧୨ ଅଗଷ୍ଟ ୧୫ରେ ଜଜାଙ୍ଗ ସ୍ଥିତ ରେଳ ଧାରଣା ନିକଟରେ ରେଳ ଧକ୍କାରେ ଗୋଟିଏ ହାତୀ ଶାବକ ସମେତ ୨ଟି ହାତୀଙ୍କ ମୃତ୍ୟୁ ହୋଇଥିଲା। ୨୦୨୦ ଜୁନ ୧୪ରେ ଗୁରୁବେଡ଼ା ଛକ ନିକଟସ୍ଥ ଜଙ୍ଗଲରେ ୨ଟି ହାତୀଙ୍କୁ ମାରି ଦୁର୍ବୃତ୍ତମାନେ ସେମାନଙ୍କ ଶୁଣ୍ଢ ଓ ଦାନ୍ତ କାଟି ନେଇଥିଲେ। ମନ୍ଥର ଗତିରେ ଟ୍ରେନ ଚଳାଇବା ପରିବର୍ତ୍ତେ ଚାଳକମାନେ ଦ୍ରୁତ ଗତିରେ ଟ୍ରେନ୍ ଚଳାଉଥିବାରୁ ବିଭିନ୍ନ ସ୍ଥାନରେ ହାତୀଙ୍କ ମୃତ୍ୟୁ ହେଉଥିବା ପରିବେଶବିତ ବିଶ୍ୱଜିତ ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହଛନ୍ତି। ସମୁଦାୟ ୨୩ଟି ହାତୀ କରିଡର ପାଇଁ ପ୍ରସ୍ତାବ ଦିଆଯାଇଥିଲେ ହେଁ ୧୪ଟି କରିଡରକୁ ସରକାର ଏଯାବତ ଅନୁମୋଦନ ଦେଇ ନାହାନ୍ତି। ୨୦୧୦ରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଅଦ୍ୟାବଧି କୌଣସି ବିଜ୍ଞପ୍ତି ପ୍ରକାଶ କରି ନାହାନ୍ତି। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ସରକାରଙ୍କୁ ୧୨ଟି ହାତୀ କରିଡର ଘୋଷଣା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକି ୧୦ ବର୍ଷ ବିତିଯାଇଥିଲେ ମଧ୍ୟ କରାଯାଇନାହିଁ। ହାତୀ କରିଡର ଲାଗି ବିଜ୍ଞପ୍ତି ପ୍ରକାଶ ପାଇଲେ ଉକ୍ତ କରିଡର ଅଞ୍ଚଳରେ କୌଣସି ଖଣି ଖନନ, ଶିଳ୍ପ ପ୍ରତିଷ୍ଠାନ ଓ କେନାଲ ଖୋଳାଯାଇ ପାରିବ ନାହିଁ ବୋଲି ପରିବେଶବିତ ମହାନ୍ତି କହିଛନ୍ତି। ଗୁରୁବାର ଟ୍ରେନ୍ ଦୁର୍ଘଟଣାରେ ଅନ୍ୟ ହାତୀ ମଧ୍ୟ ଆହତ ହୋଇ ପାରିଥାନ୍ତି। ବନ ବିଭାଗ ଏହା ଉପରେ ନଜର ରଖି ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରିବାକୁ ପରିବେଶବିତ ରସାନନ୍ଦ ବେହେରା କହିଛନ୍ତି। ୩ ହାତୀଙ୍କ ମୃତଦେହକୁ ବନ ବିଭାଗ ଅଧିକାରୀଙ୍କ ଉପସ୍ଥିତରେ ଗାତ ଖୋଳି ପୋତି ଦିଆଯାଇଛି।

ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଜାମିନ ଖାରଜ

ଖୋର୍ଦ୍ଧା ଅଫିସ,୨୦।୫

ଲୋକଙ୍କ ଉପରେ ଗାଡ଼ି ମଡ଼ାଇଦେବା ମାମଲା

- **୨୩ରେ ବାଣପୁର କୋର୍ଟରେ ଆତ୍ମସମର୍ପଣ କରିବେ**
- **ସ୍ୱାସ୍ଥ୍ୟଗତ ସମସ୍ୟା ହେଲେ, ଜେଲ କର୍ତ୍ତୃପକ୍ଷ ବ୍ୟବସ୍ଥା କରିବେ**

ବାଣପୁର ବ୍ଲକ କାର୍ଯ୍ୟାଳୟ ଆଗରେ ଲୋକଙ୍କୁ ଗାଡ଼ି ମଡ଼ାଇଦେବା ଘଟଣାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଜେଲ ଯାଇ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଅନ୍ତରୀଣ ଜାମିନରେ ଆସିଥିଲେ। ଗତ ୯ତାରିଖରେ ହାଇକୋର୍ଟ ତାଙ୍କ ଜାମିନ ଆବେଦନ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଶୁକ୍ରବାର ଏହାର ରାୟ ପ୍ରକାଶ ପାଇଛି। ହାଇକୋର୍ଟ ତାଙ୍କ ନିୟମିତ ଜାମିନ ଆବେଦନକୁ ଖାରଜ କରିବା ସହ ଆସନ୍ତା ୨୩ତାରିଖରେ ବାଣପୁର ତଳ କୋର୍ଟ(ଜେଏମ୍‌ଏଫ୍‌ସି)ରେ ଆତ୍ମସମର୍ପଣ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ପକ୍ଷ ଓକିଲଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି। ବିଧାୟକଙ୍କ ଯଦି ସ୍ୱାସ୍ଥ୍ୟଗତ ସମସ୍ୟା ଜେଲରେ ଦେଖାଯାଏ, ଜେଲ କର୍ତ୍ତୃପକ୍ଷ ତାଙ୍କ ଚିକିତ୍ସା କରିପାରିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ଏସ୍.ଏସ୍.ପ୍ରଧାନ ଏବଂ ପୀଡ଼ିତଙ୍କ ପକ୍ଷରୁ ଆଇନଜୀବୀ ସାସ୍ୱତୀ ମହାପାତ୍ର, ଜୟନ୍ତ କୁମାର ଖଣ୍ଡାୟତରାୟ ମାମଲା ପରିଚାଳନା କରିଥିଲେ। ତେବେ ବିଧାୟକଙ୍କ ପାଇଁ ହାଇକୋର୍ଟର ଦ୍ୱାର ବନ୍ଦ ହୋଇଯିବା ପରେ ସେ ଏବେ ନିୟମିତ ଜାମିନ ପାଇଁ ସୁପ୍ରିମକୋର୍ଟରେ ଅପିଲ କରିପାରିବେ ବୋଲି ବରିଷ୍ଠ ଆଇନଜୀବୀମାନେ ମତ ଦେଇଛନ୍ତି।

ପ୍ରକାଶ ଯେ, ଗତ ମାର୍ଚ୍ଚ ୧୨ରେ ବାଣପୁର ବ୍ଲକ କାର୍ଯ୍ୟାଳୟ ଆଗରେ ଲୋକ ଏବଂ ପୋଲିସକୁ ଗାଡ଼ି ମଡ଼ାଇଦେବା ଘଟଣାରେ ବାଣପୁର ଏସ୍‌ଆଇ ଦେବସ୍ମିତା ବେହେରାଙ୍କ ଅଭିଯୋଗକ୍ରମେ ବିଧାୟକ ଜଗଦ୍ଦେବଙ୍କୁ ପୋଲିସ ଗିରଫ କରିଥିଲା। ଜାମିନ ଖାରଜ ହେବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହୋଇ ଫେରିବା ପରେ ପୁଣି ଜେଲ ଫେରିଥିଲେ। ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ହାଇକୋର୍ଟ ପ୍ରଥମେ ୭ଦିନ ପରେ ପରେ ଆଉ ସପ୍ତାହ ତାଙ୍କୁ ଅନ୍ତରୀଣ ଜାମିନ ଦେଇଥିଲେ। ମେ' ୪ ରେ ସେ ବାଣପୁର କୋର୍ଟରେ ଆତ୍ମସମର୍ପଣ କରିବାର ଥିଲା। ତେବେ ପରେ ହାଇକୋର୍ଟ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରି ଏକ ରିପୋର୍ଟ ଦାଖଲ କରିବାକୁ ବାଣପୁର ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ୮ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରି ରିପୋର୍ଟ ବାଣପୁର ପୋଲିସକୁ ହସ୍ତାନ୍ତର କରିଥିଲା। ୯ ତାରିଖରେ ହାଇକୋର୍ଟ ବିଧାୟକ ଜଗଦ୍ଦେବଙ୍କ ଜାମିନ ଆବେଦନ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଶୁକ୍ରବାର ଏହି ରାୟ ପ୍ରକାଶ ପାଇଛି।

ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ

"ଜାତସ୍ୟ ହି ଧ୍ରୁବଂ ମୃତ୍ୟୁଃ ଧ୍ରୁବଂ ଜନ୍ମ ମୃତସ୍ୟଚ ତସ୍ମାତ୍ ପରିହାର୍ଯ୍ୟୋଥେ ନତ୍ୱଂ ସୁଚିତୁ ମର୍ହସି ।"

ପରମାତ୍ମନେ ନମଃ ପରମାତ୍ମନେ ନମଃ

✓ ଶ୍ରୀମତୀ ତିଳୋତ୍ତମା ପଣ୍ଡା
୧୯୫୧ - ୨୦୨୧

ଚାହୁଁ ଚାହୁଁ ଏକବର୍ଷ ବିତିଗଲା, ଏମିତି ଆକସ୍ମିକ ଭାବରେ ସମସ୍ତଙ୍କୁ ଛାଡ଼ି ଚାଲିଯିବ କିଏ କଣ ଭାବିଥିଲା । ତୁମର ବିୟୋଗରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଅଛି, ଯାହା ଆମ୍ଭମାନଙ୍କ ଜୀବନରେ କେବେ ପୂରଣ ହୋଇପାରିବ ନାହିଁ କିନ୍ତୁ ଏମିତି ଗୋଟିଏ ବି ଦିନ ନାହିଁ ଯେଉଁଦିନ କି

ଏହି ଘନୀଭୂତ ଓ ଜଡୀଭୂତ ଜଡ–ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ– ଏକମାତ୍ର ଉଦ୍ଦେଶ୍ୟ । –ଶ୍ରୀଅରବିନ୍ଦ

ବଡ଼ ବିତର୍କ ଲୋଡ଼ା

ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ର ସରକାରଙ୍କ ଲାଟେରାଲ ଏଣ୍ଟ୍ରି ନୀତିରେ ଘରୋଇ ଏବଂ ସାର୍ବଜନୀନ କ୍ଷେତ୍ରରୁ ବିଶେଷଜ୍ଞଙ୍କୁ ଆଣି ସରକାରରେ ନିଯୁକ୍ତି ଦିଆଯାଉଛି। କିନ୍ତୁ ଧୀରେଧୀରେ ବରିଷ୍ଠ ବାବୁମାନେ ସର୍ଭିସ ଛାଡି କର୍ପୋରେଟ ଜଗତରେ ପ୍ରବେଶ କରିବା ଦ୍ୱାରା ଏହି ନୀତି ପ୍ରଭାବହୀନ ହେବାରେ ଲାଗିଛି। ଅନେକ ଘଟଣାରେ,ଏହି ବାବୁମାନେ ସିଭିଲ୍ ସର୍ଭିସ ଛାଡିବା କିମ୍ୱା ଅବସର ନେବାର ଠିକ୍ ପରେ ଲାଭଦାୟକ ଦାୟିତ୍ୱରେ ରହିଛନ୍ତି। ଯଦିଓ ଏକ ବର୍ଷ 'କୁଲିଂ ଅଫ୍' ପିରିୟଡ (ଅବସର ପରେ ଓ ଘରୋଇ ଫାର୍ମରେ ଯୋଗ ଦେବା ପୂର୍ବର ଅମଲାତନ୍ତ୍ରୀଙ୍କ ପାଇଁ ନିଶ୍ଚିତ କରାଯାଇଥିବା ସମୟ)ରେ ରହିବାର ନିୟମ ଥିଲେ ମଧ୍ୟ ତାହା ନ କରି ସେମାନେ ଏଭଳି କରିଛନ୍ତି। ନୀତି ଆୟୋଗ ଏବଂ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ (ସିସିଆଇ)ର ପୂର୍ବତନ ସଦସ୍ୟ ଅର୍ଚ୍ଚନା ଗୋୟଲ ଗୁଲାଟି ନିକଟରେ ଗୁଗଲ୍‌ରେ ପବ୍ଲିକ୍ ପଲିସି ମୁଖ୍ୟ ଭାବେ ନିଯୁକ୍ତି ପାଇଛନ୍ତି ଓ ଏହାକୁ ନେଇ ପୁନର୍ବାର କୁଲିଂ ଅଫ୍ ପିରିୟଡ ଉପରେ ବିତର୍କ ଉଙ୍କି ମାରିଛି। ସୂତ୍ରରୁ ଜଣାପଡ଼ିଛି, ଗୁଗଲ୍‌ର ମୂଳ କମ୍ପାନୀ ଆଲ୍‌ଫାବେଟ ଇଙ୍କ୍ ସମ୍ପର୍କରେ ତଦନ୍ତ କରିବା ଲାଗି ସିସିଆଇ ନିର୍ଦ୍ଦେଶ ଦେଇଥିଲାବେଳେ ଗୁଲାଟି ସିସିଆଇରେ ନିଯୁକ୍ତି ପାଇଥିଲେ। ତେବେ ଗୁଲାଟି ସୂଚାଇ ଦେଇଛନ୍ତି ଯେ, ବାଧ୍ୟତାମୂଳକ କୁଲିଂ ଅଫ୍ ପିରିୟଡ ଶେଷ ହେବା ପରେ ହିଁ ସେ ଗୁଗଲ୍‌ରେ ଯୋଗ ଦେଇଛନ୍ତି। ଯାହାହେଉ ପୂର୍ବରୁ ଏଭଳି ନିଷ୍ପତ୍ତି ନେଇଥିବା ଅନ୍ୟ ବାବୁମାନଙ୍କ ପଦାଙ୍କ ଅନୁସରଣ କରୁଛନ୍ତି ଗୁଲାଟି। ଅମଲାତନ୍ତ୍ରରେ ଦୁଇ ଦଶନ୍ଧି ଧରି କାର୍ଯ୍ୟ କରିବା ପରେ ୨୦୧୯ରେ ଆନନ୍ଦବିଜୟ ଖା ତାହା ଛାଡି ଏକ ବହୁ ରାଷ୍ଟ୍ରୀୟ ଓ ପୁନଶ୍ଚ ଏକ ଇଣ୍ଟରନ୍ୟାଶନାଲ ଇନ୍‌ଭେଷ୍ଟମେଣ୍ଟ ପାୱାର୍‌ହାଉସକୁ ଯାଇଥିଲେ। ଗତବର୍ଷ ଉତ୍ତରପ୍ରଦେଶ କ୍ୟାଡର୍ ଆଇଏଏସ୍ ଅଧିକାରୀ ରାଜୀବ ଅଗ୍ରୱାଲ ଏକ ଗ୍ଲୋବାଲ ସୋସିଆଲ ମିଡିଆର ନୀତି ମୁଖ୍ୟ ଭାବେ ଯୋଗ ଦେଇଥିଲେ। ତେବେ ଅବସର ପରେ ରାଜନୀତି କିମ୍ୱା କର୍ପୋରେଟରେ ପ୍ରବେଶ କରିବାର ଲକ୍ଷ୍ୟ ରଖିଥିବା ବାବୁମାନଙ୍କ କ୍ଷେତ୍ରରେ ଥିବା ବାଧ୍ୟତାମୂଳକ କୁଲିଂ ଅଫ୍ ପିରିୟଡକୁ ନେଇ ପୂର୍ବରୁ ବିତର୍କ ଲାଗି ରହିଥିଲେ ବି ଏଥିପାଇଁ ଏବେ ଏକ ବଡ଼ ବିତର୍କ ଲୋଡ଼ା।

ଆଇନ ମନ୍ତ୍ରଣାଳୟରେ ଆଇଏଏସ୍ କ୍ୟାଡର

କେନ୍ଦ୍ର ଆଇନ ମନ୍ତ୍ରଣାଳୟ ସଚିବ ଭାବେ ଇଣ୍ଡିଆନ୍ ଲିଗାଲ ସର୍ଭିସ(ଆଇଏଲ୍‌ଏସ୍)ର ଅଧିକାରୀ କିମ୍ୱା ଆଇନ ବଶାରଦମାନଙ୍କୁ ନିଯୁକ୍ତି ନ ଦେବା ଲାଗି କେନ୍ଦ୍ର ନିଷ୍ପତ୍ତି ନେଇଛି। କେନ୍ଦ୍ର ଭରସାଯୋଗ୍ୟ ତଥା କଠିନ ପରିଶ୍ରମୀ ଆଇଏଏସ୍ କ୍ୟାଡର ଉପରେ ନିର୍ଭର କରିବାକୁ ପସନ୍ଦ କରିଛି। ଆଇନ ସଚିବ ଭାବେ ୧୯୯୦ ବ୍ୟାଚ୍ ଆଇଏଏସ୍ ଅଧିକାରୀ ନୀତିନ ଚନ୍ଦ୍ରାଙ୍କୁ ନିଯୁକ୍ତି ଦେଇ ଏହା ପ୍ରମାଣ ବି କରିଛି। ଯଦିଓ ସର୍ବଭାରତୀୟ ସେବା ଭାବେ ଆଇଏଲ୍‌ଏସ୍ ୧୯୫୬ରୁ ରହିଛି। ଆଇଏଲ୍‌ଏସ୍ ଅଧିକାରୀମାନଙ୍କୁ ମନ୍ତ୍ରଣାଳୟର ଆଇନ ବ୍ୟାପାର ବିଭାଗ, ବ୍ୟବସ୍ଥାପିକା ବିଭାଗ ଏବଂ ନ୍ୟାୟ ବିଭାଗର ଅଣ୍ଡର୍‌ସେକ୍ରେଟାରିଠାରୁ ଆରମ୍ଭ କରି ବିଭିନ୍ନ ସ୍ତରରେ ନିଯୁକ୍ତି ଦିଆଯାଇଥାଏ। ଏହି ଅଧିକାରୀମାନଙ୍କୁ ଡେପୁଟେଶନରେ ମଧ୍ୟ ନିଆଯାଇଥାଏ। ଚନ୍ଦ୍ରାଙ୍କୁ ଜୁଡ଼ିସିଆଲ ସର୍ଭିସ ଅଧିକାରୀ ଏ.କେ.ମେନ୍ଦିରତ୍ତାଙ୍କ ସ୍ଥାନରେ ନିଯୁକ୍ତି ଦିଆଯାଇଛି। କୌତୂହଳର କଥା, ମେନ୍ଦିରତ୍ତା କୃଷି ଆଇନଗୁଡ଼ିକର ଡ୍ରାଫ୍ଟ ପ୍ରସ୍ତୁତ କରିଥିଲେ ଯାହାକୁ ନେଇ ଦୀର୍ଘ ଏକ ବର୍ଷ ବ୍ୟାପୀ କୃଷକମାନେ ପ୍ରତିବାଦ ଜାରି ରଖିଥିଲେ। ସ୍ମରଣଯୋଗ୍ୟ,ପ୍ରଧାନ ବିଚାରପତି (ସିଜେଆଇ) ଆଇନର ଗୁଣବତ୍ତା ଏବଂ ଆଇନ ଡ୍ରାଫ୍ଟିଂର ସ୍ପଷ୍ଟତାକୁ ନେଇ ଦୁଃଖ ପ୍ରକାଶ କରିଥିଲେ। ସମ୍ଭବତଃ, ଏହା ଚନ୍ଦ୍ରାଙ୍କ ନିଯୁକ୍ତି ପାଇଁ ପଥ ସୁଗମ କରିଥିଲା ଓ କେନ୍ଦ୍ର ଅନୁଭବ କରିଥିଲା ଯେ, ଜଣେ ଆଇଏଏସ୍ ଅଧିକାରୀ ହିଁ ଏହି ପଦବୀ ପାଇଁ ଯୋଗ୍ୟ। ବିଶେଷ ସୂତ୍ରରୁ ପ୍ରକାଶ ଯେ, ପୂର୍ବତନ ଆଇନ ସଚିବ ଆଲୋକ ଶ୍ରୀବାସ୍ତବଙ୍କ ଅତି ଉତ୍ତମ ସଫଳତା ସେହି ପଦବୀକୁ ଆଇଏଏସ୍ କ୍ୟାଡରକୁ ଫେରାଇ ଦେବା ଲାଗି ବିଶ୍ୱାସ ଜନ୍ମାଇଛି।

କିଏ ଜିତିବ

ନିଯୁକ୍ତିକୁ ନେଇ ହରିୟାଣାର ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀମାନଙ୍କ ମଧ୍ୟରେ ଲାଗି ରହିଥିବା ଲଢ଼େଇ କେନ୍ଦ୍ରର ହସ୍ତକ୍ଷେପ ପରେ ତୀବ୍ର ହୋଇଛି। ପୂର୍ବରୁ ମନୋହରଲାଲ ଖଟ୍ଟର ସରକାର କ୍ୟାଡର ପଦବୀରେ ଅଣକ୍ୟାଡର ଆଇପିଏସ୍, ଆଇଏଫ୍‌ଏସ୍ ଏବଂ ଆଇଆର୍‌ଏସ୍ ଅଧିକାରୀମାନଙ୍କୁ ନିଯୁକ୍ତି କରିଚାଲିଛନ୍ତି। ଏହା ବ୍ୟତୀତ ରାଜ୍ୟ ସରକାର ମଧ୍ୟ କ୍ୟାଡର ପଦବୀ ପାଇଁ ୧୧ ଜଣ ଅଣ କ୍ୟାଡର ଅଧିକାରୀଙ୍କ ନିଯୁକ୍ତି ଲାଗି କେନ୍ଦ୍ର ଅନୁମୋଦନ ମାଗିଥିଲେ। ଏବେ କେନ୍ଦ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଓ କହିଛି ଯେ, ପୂର୍ବରୁ କେନ୍ଦ୍ରର ଅନୁମୋଦନ ନ ନେଇ ରାଜ୍ୟ ସରକାର ୩ ମାସରୁ ଅଧିକ ଯାଏ କ୍ୟାଡର ପଦବୀରେ ଅଣ କ୍ୟାଡର୍ ଅଧିକାରୀମାନଙ୍କୁ ନିଯୁକ୍ତ କରିପାରିବେ ନାହିଁ। କ୍ୟାଡର ପଦବୀରେ ରହିଥିବା ସମସ୍ତ ଅଣକ୍ୟାଡର ଅଧିକାରୀଙ୍କ ସବିଶେଷ ବିବରଣୀ କେନ୍ଦ୍ର ରାଜ୍ୟ ସରକାରଙ୍କୁ ମାଗିଛି। ସୂତ୍ରରୁ ପ୍ରକାଶ, କେନ୍ଦ୍ରର ଏହିନିର୍ଦ୍ଦେଶର ଉତ୍ତରଦେବାକୁ ବାକି ରହିଛି। କିନ୍ତୁ ଆଇପିଏସ୍ ଅଧିକାରୀ ସଂଘ ରାଜ୍ୟ ମୁଖ୍ୟ ଶାସନ ସଚିବ ସଞ୍ଜୀବ କୌଶଲଙ୍କୁ ଲେଖିଛି ଯେ, କ୍ୟାଡର ନିୟମର କୌଣସି ଉଲ୍ଲଂଘନ ହୋଇନାହିଁ। ଆଇପିଏସ୍ ଅଧିକାରୀମାନେ ଯୁକ୍ତି ବାଢିଛନ୍ତି ଯେ, ଅଣ ଆଇଏଏସ୍ କ୍ୟାଡର ଅଧିକାରୀମାନେ ଥିବା ତିନୋଟି ପ୍ରିନ୍ସିପାଲ ସେକ୍ରେଟାରି ପଦବୀ କ୍ୟାଡର ପଦବୀ ନୁହନ୍ତି। କିନ୍ତୁ ଏଭଳି ମତ ଦିଲ୍ଲୀରେ ବାବୁମାନଙ୍କୁ ପ୍ରଭାବିତ କରିବାର ସମ୍ଭାବନା ନାହିଁ। ଆଇଏଏସ୍ ଅଧିକାରୀମାନେ ଖଟ୍ଟର ସରକାରଙ୍କ ଉପରେ ପ୍ରତି ଆକ୍ରମଣ କରିବା ସ୍ପଷ୍ଟ ହୋଇଛି, କିନ୍ତୁ ଏଥିରେ କିଏ ବିଜୟୀ ହେବ ? କେନ୍ଦ୍ରର ନିର୍ଦ୍ଦେଶର କୌଶଳ କିଭଳି ଉତ୍ତର ଦେବେ ତାହା ମଧ୍ୟ ଏକ ସଂକେତ ଦେବ।

Email: dilipcherian@gmail.com

ଜଳଯୁଦ୍ଧ

ଡ. ଅଜୟ କୁମାର ପାତ୍ର

ବିନ୍ଦୁ ବିନ୍ଦୁ ପାଣିରେ ଅୟୁତ ଜୀବନ। ବିନ୍ଦୁ ବିନ୍ଦୁ ପାଣି ମିଶି ମହାସାଗର ହୋଇପାରିଛି। ପାଣିର ଏପରି ବିଶିଷ୍ଟ ଗୁଣ ଯୋଗୁ ଏହାକୁ 'ସାର୍ବଜନୀନ ଦ୍ରାବକ' କୁହାଯାଏ। ଅଧିକନ୍ତୁ ସୌର ପରିବାର ଏକମାତ୍ର ଜୀବଲୋକ ପୃଥିବୀକୁ 'ଜଳସିକ୍ତ ଗ୍ରହ' କୁହନ୍ତି । କାରଣ ପୃଥିବୀର ସମୁଦାୟ ଅଞ୍ଚଳରୁ ପ୍ରାୟ ୭୨ ପ୍ରତିଶତ ଅଞ୍ଚଳରେ ପାଣି ରହିଛି। ପ୍ରତ୍ୟେକ ଜୀବ ଶରୀରରେ ପ୍ରାୟ ୬୦ ରୁ ୮୦ ପ୍ରତିଶତ କେବଳ ପାଣି। ପୃଥିବୀର ସମୁଦାୟ ପାଣି ମଧ୍ୟରୁ କେବଳ ୯୭.୩ ପ୍ରତିଶତ ପାଣି ସାଗର ଓ ମହାସାଗରରେ ଗଚ୍ଛିତ। ଅବଶିଷ୍ଟ ୨.୭ ପ୍ରତିଶତ ପାଣି ମଧ୍ୟରୁ ୨.୪ ପ୍ରତିଶତ ବରଫ ଯାହାକି ଉତ୍ତରମେରୁ, ଦକ୍ଷିଣମେରୁ ଓ ପର୍ବତର ଶିଖରରେ ଜମିଛି। ୦.୧ ପ୍ରତିଶତ ପାଣି ଜଳୀୟ ବାଷ୍ପ ଆକାରରେ ବାୟୁମଣ୍ଡଳରେ ଥାଏ। ଅବଶିଷ୍ଟ ମାତ୍ର ୦.୨ ପ୍ରତିଶତ ପାଣି ଭୂତଳ ତଥା ନଦୀ, ଜଳାଶୟ, ପୋଖରୀ, ଝରଣାପାଣି ଯେଉଁ ପାଣି ଆମର ଦୈନନ୍ଦିନ ଜୀବନରେ ବ୍ୟବହୃତ ହୁଏ। ମାତ୍ର ୦.୨ ପ୍ରତିଶତ ଜଳ ସମ୍ପଦ ଆମ ପ୍ରତି ପ୍ରକୃତିର ଅବଦାନ। ପ୍ରକୃତିର ଅବଦାନକୁ ଆମେ ଯଦି ଯତ୍ନ ସହକାରେ ନ ରଖୁ ତା'ହେଲେ ଭବିଷ୍ୟତରେ ଘୋର ଜଳ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିବ। ସମୁଦାୟ ଜଳକୁ ମଧ୍ୟ ନୀଳ ଜଳ ଓ ସବୁଜ ଜଳ ଭାବେ ବିଭକ୍ତ କରାଯାଇଛି। ଏହି ଦୁଇ ପ୍ରକାର ଜଳର ବିଶ୍ୱସ୍ତରୀୟ ଅନୁପାତ ଯଥାକ୍ରମେ ୩୫ ଓ ୬୯। ବିଭିନ୍ନ ଦେଶର ଏହି ଅନୁପାତ ଭିନ୍ନ ପ୍ରକାର। ନୀଳ ଜଳ କହିଲେ ନଦୀ,ପୋଖରୀ, ଜଳାଶୟ , ସାଗର ଓ ମହାସାଗର ଜଳକୁ ବୁଝାଏ। ମାତ୍ର ସବୁଜ ଜଳ କହିଲେ ମୃତ୍ତିକା ଜଳକୁ ବୁଝାଏ। ଏତଦ୍‌ବ୍ୟତୀତ ଜଳର ଅନ୍ୟ ଏକ ନାମ ହେଉଛି ଧୂସର ଜଳ। ପୃଥିବୀ ପୃଷ୍ଠର ପ୍ରଦୂଷିତ ଜଳକୁ ଧୂସର ଜଳ କୁହାଯାଏ। ବିଭିନ୍ନ କଳାକାରଖାନାରୁ ତଥା କୃଷିରୁ ଉତ୍ପନ୍ନ ଏକକ ପଦାର୍ଥ ପାଇଁ ଆବଶ୍ୟକ ଜଳକୁ 'କାର୍ଯ୍ୟତଃ ଜଳ' କୁହାଯାଏ। ଏକ ହେକ୍ଟର ପରିମିତ କ୍ଷେତରେ ଧାନ, ଗହମ ଓ ଆଳୁ ଉତ୍ପାଦନ ପାଇଁ ଆବଶ୍ୟକ ଜଳ ପରିମାଣ ଭିନ୍ନ ଭିନ୍ନ ହୋଇଥାଏ। ଏହି ଜଳର ବ୍ୟବହାର ମଧ୍ୟ ଆଶାତୀତ ଭାବେ ବଢିବାରେ ଲାଗିଛି।

ବର୍ତ୍ତମାନ ଓଡ଼ିଶାର ଜଳବାୟୁର ସ୍ଥିତି ଉପରେ ଆଲୋଚନା କରାଯାଉ। ଉତ୍ତପ୍ତ ଧରା , ଜଳୁଛି ଜଙ୍ଗଲ, ଜଳୁଛି ଜୀବନ। ମହାବିଷୁବ ସଂକ୍ରାନ୍ତି ତଥା ହିନ୍ଦୁ ନବବର୍ଷରୁ ରାଜ୍ୟରେ ବଢ଼ିଛି ଗ୍ରୀଷ୍ମପ୍ରବାହ। ମୁଣ୍ଡ ଫଟା ତାତିକୁ ପିଇବା ଓ ଜଳସେଚନ ପାଣିର ଘୋର ଅଭାବ ପରିଲକ୍ଷିତ ହେଉଛି। ଶୁଖିଯାଉଛି ରାଜ୍ୟର ଜୀବନରେଖା ମହାନଦୀ। ଯେଉଁ ନଦୀ ଦିନେ ଥିଲା ଚିରସ୍ରୋତା ତାହା ଆଜି ଜରାଜୀର୍ଣ୍ଣ। ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଜଳବାୟୁର ନକାରାତ୍ମକ ପ୍ରଭାବ ସହିତ ଘୋର ଜଳ ସଙ୍କଟ କାହିଁକି ଆଜି ଓଡ଼ିଶାବାସୀଙ୍କ ଜୀବନ ଓ ଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପକାଉଛି? ଭାରତ ସରକାରଙ୍କ ହିସାବ ନିୟନ୍ତ୍ରଣକାରୀ ଅଧିକାରୀ ଏବଂ ସମୀକ୍ଷକ ମୁଖ୍ୟଙ୍କ ଦ୍ୱାରା ପ୍ରକାଶିତ ସଦ୍ୟ ତଥ୍ୟାନୁଯାୟୀ ଓଡ଼ିଶାର ପରିଚାଳନା ତ୍ରୁଟି ତଥା ନଦୀ ସହ ନଦୀର ସଂଯୋଗରେ ଅଭାବ ଯୋଗୁ ୮୦ ରୁ ୯୦ ପ୍ରତିଶତ ବର୍ଷାଜଳ ସିଧାସଳଖ ସମୁଦ୍ରରେ ମିଶୁଛି। ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ପଶ୍ଚିମପଙ୍ଗ ଓ ଛତିଶଗଡ଼ରୁ ଓଡ଼ିଶା ଦେଇ ପ୍ରବାହିତ ବିଭିନ୍ନ ନଦୀ ଜରିଆରେ ରାଜ୍ୟକୁ ୩୫.୫୬ ଶହ କୋଟି ଘନମିଟର ଜଳ ପ୍ରବେଶ କରୁଛି। ମାତ୍ର ୨୦୨୫ ବେଳକୁ ଏହି ପରିମାଣ ୨୫.୨୭ ଶହ କୋଟି ଘନମିଟରକୁ ହ୍ରାସ ପାଇପାରେ।



ଶିଳ୍ପସଂସ୍ଥାଗୁଡ଼ିକ ମଧ୍ୟ ଶିଳ୍ପର ରୂପାୟନ ପାଇଁ ପ୍ରଚୁର ପରିମାଣରେ ନଦୀଜଳ ଶୋଷଣ କରୁଛନ୍ତି । କେବଳ ଗ୍ରୀଷ୍ମଋତୁର ମାର୍ଚ୍ଚ, ଏପ୍ରିଲ ଓ ମେ ମାସରେ ଯଥାକ୍ରମେ ୭୨ ପ୍ରତିଶତ, ୮୭ ପ୍ରତିଶତ ଓ ୪୯ ପ୍ରତିଶତ ପାଣି ନଦୀରୁ ଶୋଷଣ କରିଥାନ୍ତି। ବୈଜ୍ଞାନିକ ତଥ୍ୟାନୁସାରେ କଳକାରଖାନାରୁ ନିର୍ଗତ ୧ ଲିଟର ଖଦଡ଼ା ପାଣି ପ୍ରାୟ ୪୦ ଲିଟର ସ୍ୱଚ୍ଛ ନଦୀ ପାଣିକୁ ପ୍ରଦୂଷିତ କରିଥାଏ। ପୁନଶ୍ଚ ୧ଲିଟର ପ୍ରଦୂଷିତ ପାଣିକୁ ନଦୀ ତା'ର ନିଜସ୍ୱ ଶକ୍ତି ମାଧ୍ୟମରେ ପରିଷ୍କରଣ କରିବା ପାଇଁ ୫୦ ଲିଟର ସ୍ୱଚ୍ଛ ପାଣି ଆବଶ୍ୟକ କରିଥାଏ। ଏହାଦ୍ୱାରା ଜଳ ଉତ୍ସର କେତେ କ୍ଷତି ହେଉଛି ତାହା ଅନୁମେୟ। ପ୍ରାୟ ୫୦ ବର୍ଷ ପୂର୍ବେ ନଦୀତଟ, ଜଳାଶୟ, ହ୍ରଦ, ପୋଖରୀ ଓ ଝରଣା କୂଳରେ ଶୋଭାପାଉଥିବା ଘନ ଜଙ୍ଗଲ, ବୃକ୍ଷରାଜି ସମୂହ ମଣିଷଙ୍କ ଲୋଭ ଯୋଗୁ ଆଜି ଶ୍ମଶାନ ପାଲଟିଛି। ଏହାଦ୍ୱାରା ବର୍ଷାଋତୁରେ ପ୍ରବଳ ବର୍ଷାରେ ମୃତ୍ତିକା ଧୋଇହୋଇ ଏ ସମସ୍ତ ଜଳରାଶି ପୋତିହୋଇ ଅଗଭୀର ହେବା ଓ ଜଳ ଧାରଣର ଶକ୍ତି କାଳକ୍ରମେ ହରାଇ ବସିବା ଫଳରେ କ୍ଷିପ୍ର ବାଷ୍ପୀକରଣ ପ୍ରକ୍ରିୟାରେ ନଦୀ, ନାଳ, ପୋଖରୀ, ଜଳାଶୟ ଶୀଘ୍ର ଶୁଷ୍କ ହୋଇଯାଉଛି। ଜଙ୍ଗଲ ଓ ବୃକ୍ଷରାଜି ଲୋପ ପାଇବା, କୃଷିଭୂମିରେ ଅପର୍ଯ୍ୟାପ୍ତ କୀଟନାଶକ ଓ ବହୁଳ ପଲିଥିନର ବ୍ୟବହାର ଯୋଗୁ ଭୂତଳ ଜଳ ସ୍ତର ଧୀରେ ଧୀରେ ନିମ୍ନଗାମୀ ହେବା ସହ ଦୂଷିତ ହେଉଛି। ସର୍ବୋପରି ଆଜି ନଦନଦୀ, ନାଳ, ପୋଖରୀ ଓ ଜଳାଶୟର ବାସ୍ତବ ଡାକ୍ତର ମାଛ, କମ୍ପାଉଣ୍ଡର ଜଳଜ ପ୍ରାଣୀ–କୀଟ ଓ ଧାଇ ଜଳଜ ଶୈବାଳର ଘୋର ଅଭାବ ସହିତ ଖାଦ୍ୟଶୃଙ୍ଖଳ ଛିନ୍ନଭିନ୍ନ ହୋଇଛି।

ତା'ହେଲେ ଆମେ କ'ଣ ହାତଯୋଡ଼ି ଆମର ଅନ୍ଧକାର ଭବିଷ୍ୟତକୁ ଆମନ୍ତ୍ରଣ କରିନେବା ? ଆମର ଆଗାମୀ ପିଢ଼ିମାନେ କ'ଣ ଆମ କୃତକର୍ମର କୁଫଳ ଭୋଗକରି ଏକ ରୁଗ୍‌ଣ ପୃଥିବୀରେ ବାସ କରିବେ ? ଏହାର ଠିକ୍ ଉତ୍ତର ଆମର ସଚେତନତା, ସତର୍କତା ଓ ସୁଚିନ୍ତିତ ପଦକ୍ଷେପ ଉପରେ ନିର୍ଭରଶୀଳ। ଆମକୁ କିଛି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। (୧) ସମସ୍ତ ପ୍ରକାର ଜଳଉତ୍ସ ତଟକୁ ସୁରକ୍ଷିତ ତଥା ମୃତ୍ତିକା ଧାରଣ ପାଇଁ ବୃକ୍ଷ ଓ ଗୁଳ୍ମ ରୋପଣ କରିବା ଉଚିତ। (୨) ସମସ୍ତ ପ୍ରକାର ଜଳଉତ୍ସରୁ ପଙ୍କ ଉତ୍ତୋଳନକରି ଗଭୀର କରିବା, ଯେପରି ଅଧିକରୁ ଅଧିକ ଜଳ ବହନ କରିପାରିବ। (୩) ସେଥିରେ ମାଛ ଯାଆଁଳ ଛାଡ଼ି ଜଳୀୟ ଶକ୍ତି ଓ ସ୍ୱାସ୍ଥ୍ୟ ବୃଦ୍ଧି କରିବା ସହ ବିଗିଡ଼ିଯାଇଥିବା ଖାଦ୍ୟଶୃଙ୍ଖଳକୁ ସଜାଡ଼ିବାକୁ ପଡ଼ିବ। (୪) ବର୍ଷାପାଣିର ବୃହତ୍ତର ସଂରକ୍ଷଣ ଓ ଭୂତଳ ଜଳସ୍ତରର ଉନ୍ନତି ନିମନ୍ତେ ଅଧିକରୁ ଅଧିକ ବୃକ୍ଷରୋପଣ, ନଦୀ ସହ ନଦୀର ସମ୍ମିଶ୍ରଣ ଓ ଏକାଧିକ ଜଳଭଣ୍ଡାର ଏବଂ ପୋଖରୀର ଆବଶ୍ୟକତା ରହିଛି। (୫) କୃଷିକ୍ଷେତ୍ରରେ କୀଟନାଶକ ଓ କୃତ୍ରିମ ସାରର ପ୍ରୟୋଗ ଯଥାସମ୍ଭବ ବନ୍ଦକରି ଜୈବିକ ସାରର ପ୍ରୟୋଗ ପ୍ରତି ଗୁରୁତ୍ୱ ଦେବା ଉଚିତ। (୭) ଅଧିକ ଜଳଭଣ୍ଡାର ନିର୍ମାଣର ଆବଶ୍ୟକତା ରହିଛି।

ସିଏଜିର ବିବରଣୀରେ ମଧ୍ୟ ଦର୍ଶାଯାଇଛି, ୨୦୨୫ ବେଳକୁ ବିଶ୍ୱର ଜଳ ସଙ୍କଟ ଗୁରୁତର ରୂପ ଧାରଣ କରିବ। ସେତେବେଳେ ବିଶ୍ୱରେ 'ଜଳଯୁଦ୍ଧ' ଆରମ୍ଭ ହୋଇଯିବ, ତାହା ତୃତୀୟ ବିଶ୍ୱଯୁଦ୍ଧର ରୂପ ନେଇପାରେ। ତେଣୁ ନେଡ଼ିଗୁଡ଼ କହୁଣିକୁ ବୋହିଯିବା ଆଗରୁ ଆମକୁ ସାବଧାନ ହେବାକୁ ପଡ଼ିବ। ଜଳଯୁଦ୍ଧକୁ ରୋକିବାକୁ ପଡ଼ିବ, ଆଉ ଜୀବନକୁ ସୁଗମ ଓ ସ୍ୱଚ୍ଛନ୍ଦ କରିବାକୁ ପଡ଼ିବ।

ପରିବେଶ ବିଜ୍ଞାନୀ
ମୋ: ୦୯୪୩୮୬୨୧୩୯୧

ମୋ ମାତୃଭାଷା ମୋତେ ଶ୍ରେଷ୍ଠ

ବୈକୁଣ୍ଠନାଥ ମିଶ୍ର

ଶୀର୍ଷକଟି ବ୍ୟାସକବି ଫକୀର ମୋହନଙ୍କ କବିତାର ଏକ ଉଦ୍ଧୃତାଂଶ। କବିଙ୍କ ଭାଷାରେ– ଭ୍ରମିଲି ବହୁ ଦେଶଦୂର– କାଞ୍ଚି କାମାକ୍ଷା କାନପୁର।/ ପଢ଼ିଲି ନାନା ଦେଶଭାଷା – କାହିଁ ତ ନ ପୂରିଲା ଆଶା।/ହେଉ ପଛକେ ସେ ନିକୃଷ୍ଟ – ମୋ ମାତୃଭାଷା ମୋତେ ଶ୍ରେଷ୍ଠ।

ମାତୃଭାଷା ଗୋଟିଏ ଜାତିର ଅସ୍ମିତାର ପ୍ରତୀକ। ଯେଉଁ ଜାତି ନିକଟରେ ମାତୃଭାଷା ଯେତେ ଆଦୃତି ଲାଭ କରିଛି ସେ ଜାତି ସେତେ ଉନ୍ନତ ଓ ପ୍ରଗତିଶୀଳ। ଭାରତର ୨୦୨୦ ଶିକ୍ଷାନୀତି ପ୍ରଣୟନ ସମୟରେ ଡ. କସ୍ତୁରୀ ରଙ୍ଗନ କମିଟିର ଅନେକ ଅଭିଜ୍ଞ ଶିକ୍ଷାବିତ୍ ମାତୃଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଗଣିତ, ବିଜ୍ଞାନ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ମାତୃଭାଷା ବଦଳରେ ଇଂଲିଶରେ ଶିକ୍ଷାଦାନ ଶ୍ରେୟସ୍କର ବୋଲି ଯେଉଁ ଅବଧାରଣା ଯୁଗ ଯୁଗ ଧରି ଆମ ମନରେ ଆସ୍ଥାନ ଜମାଇଥିଲା ସେଥିରେ ୨୦୨୦ ଶିକ୍ଷାନୀତିର ଚିଠା ପ୍ରସ୍ତାବ ଏକ ପରିବର୍ତ୍ତନର ପ୍ରୟାସ କରିଛି। ମାତୃଭାଷାରେ ବୈଷୟିକ ଶିକ୍ଷାଦାନ କ୍ଷେତ୍ରରେ ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ସ୍ପେନ୍, ରୁଷିଆ ଓ ଜାପାନ ପ୍ରଭୃତି ଦେଶ ବେଶ୍ ସଫଳତା ଲାଭ କରିଛନ୍ତି। କେବଳ ଇଂଲଣ୍ଡ , ଆମେରିକା ଓ ତାଙ୍କ ପଛକୁ ଭାରତ ଇଂଲିଶରେ ବୈଷୟିକ ଶିକ୍ଷାଦାନକୁ ଆଦରି ନେଇଛନ୍ତି। ଭାରତୀୟଙ୍କ ମନରେ ଏକ ଦୃଢ଼ ଆସ୍ଥା ସ୍ଥାପିତ ହୋଇଛି ଯେ, ଉଚ୍ଚଶିକ୍ଷା ବିଶେଷକରି ବିଜ୍ଞାନ, ଗଣିତ, ବୈଷୟିକ ଶିକ୍ଷା, ଆଇନ ଓ ଅର୍ଥନୀତି ପ୍ରଭୃତି ବିଷୟ ଇଂରାଜୀ ଭାଷାର ସାହାଯ୍ୟ ବିନା ତିଷ୍ଠିପାରିବେ ନାହିଁ। ଅବଶ୍ୟ ଇଂଲିଶ୍ ଭାଷା ଭାରତୀୟ ଛାତ୍ରଙ୍କୁ ବିଦେଶରେ ଶିକ୍ଷା ଗ୍ରହଣ ପାଇଁ ଅନେକାଂଶରେ ସହାୟ ହୋଇଥାଏ।

ଏହି ପରିପ୍ରେକ୍ଷୀରେ

ତାତିକୁ ଖାତିର ନ କରି ଚାଲିଛି ପ୍ରଚାର

ବିଜେଡି, ଭାଜପା, କଂଗ୍ରେସ ଓ ସିପିଆଇ ସମର୍ଥକଙ୍କ ସହ ପ୍ରାର୍ଥୀମାନେ ପ୍ରଚାର କରୁଛନ୍ତି।

ବ୍ରଜରାଜନଗର ଉପନିର୍ବାଚନ
ପ୍ରଚାର ମଇଦାନରେ ୪ ପ୍ରମୁଖ ଦଳ

ଝାରସୁଗୁଡ଼ା ଅଫିସ,୨୦।୫

ବ୍ରଜରାଜନଗର ଉପନିର୍ବାଚନକୁ ଆଉ ୧୦ଦିନ ବାକି ରହିଲା। ଏହାକୁ ଦୃଷ୍ଟିରେ ରଖି ପ୍ରାର୍ଥୀମାନେ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ଖରାକୁ ଖାତିର ନ କରି ଦଳୀୟ ସମର୍ଥକଙ୍କୁ ସାଙ୍ଗରେ ଧରି ଗାଁକୁ ଗାଁ ବୁଲୁଛନ୍ତି। ଏଥିରେ ପ୍ରମୁଖ ୪ ରାଜନୈତିକ ଦଳ ବିଜେଡି, ଭାଜପା, କଂଗ୍ରେସ ଓ ସିପିଆଇ ଆଗରେ ରହିଛନ୍ତି।

ବିଜେଡି ପ୍ରାର୍ଥିନୀ ଅଳକା ମହାନ୍ତି ଦଳର ହେଭିୱେଟ୍ ନେତା ଓ କର୍ମୀମାନଙ୍କ ସହ ସଭାସମିତି ମାଧ୍ୟମରେ ପ୍ରଚାର ଚଳାଇଛନ୍ତି। ସେ ତାଙ୍କ ସ୍ୱାମୀ ତଥା ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ଅଞ୍ଚଳବାସୀଙ୍କ ସହଯୋଗରେ ଚେଷ୍ଟା କରିବେ ବୋଲି ଲୋକଙ୍କୁ କଥା ଦେଇ ନିଜ ସପକ୍ଷରେ ଭୋଟ୍ ଭିକ୍ଷା କରୁଛନ୍ତି। ସେହିପରି ଭାଜପା ପ୍ରାର୍ଥିନୀ ତଥା ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ଦଳର ଏମ୍‌ପି, ବିଧାୟକଙ୍କୁ ସାଙ୍ଗରେ ଧରି କେନ୍ଦ୍ର ସରକାରଙ୍କ ବହୁମୁଖୀ ଯୋଜନା ନେଇ ପ୍ରଚାର କରୁଛନ୍ତି। ସେ ବିଧାୟିକା ଥିବା ସମୟରେ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ କରିଥିବାବେଳେ ଏବଂ ଏହି ଉପନିର୍ବାଚନରେ ବିଜୟୀ ହେଲେ ବାକି ଥିବା ବିକାଶ କାର୍ଯ୍ୟ କରିବେ ବୋଲି ଭୋଟରଙ୍କୁ ପ୍ରତିଶ୍ରୁତି ଦେଉଛନ୍ତି। କଂଗ୍ରେସ ପ୍ରାର୍ଥୀ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ଦଳର ବରିଷ୍ଠ ନେତୃବୃନ୍ଦ ଓ ଦଳୀୟ କର୍ମୀଙ୍କୁ ସାଙ୍ଗରେ ଧରି ସହରଠୁ ଗାଁ ପର୍ଯ୍ୟନ୍ତ ପ୍ରଚାର ଚଳାଇଛନ୍ତି। ସେ ଭୋଟରଙ୍କୁ ଭେଟି ଏହି ନିର୍ବାଚନମଣ୍ଡଳୀ କଂଗ୍ରେସର ଗଡ଼ ରହିଥିଲା, କଂଗ୍ରେସ ଶାସନ ସମୟରେ ଅଞ୍ଚଳର ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି। ଅଣକଂଗ୍ରେସ ପ୍ରାର୍ଥୀ ବିଜୟୀ ହେଲାପରେ ଯେଉଁ ହିସାବରେ ବିକାଶ ହେବା କଥା ତାହା ହୋଇପାରୁନାହିଁ। ଏଥିପାଇଁ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବାକୁ ପଛାଉନାହାନ୍ତି। ଚଳିତ ଉପନିର୍ବାଚନରେ ତାଙ୍କୁ ଭୋଟ୍ ଦେଇ ଜୟଯୁକ୍ତ କଲେ ଏ ଅଞ୍ଚଳରେ ଆଶାନୁରୂପକ ବିକାଶ ହେବ ବୋଲି ପ୍ରତିଶ୍ରୁତି ଦେଉଥିବା ଦେଖିବାକୁ ମିଳୁଛି। ସେହିପରି ସିପିଆଇ ପ୍ରାର୍ଥୀ ରମେଶ ତ୍ରିପାଠୀ ତାଙ୍କ ଦଳବଳ ଧରି ପ୍ରଚାର କରୁଥିବାବେଳେ ସିପିଆଇର ବରିଷ୍ଠ ନେତା ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ରସନ୍ନ ପଣ୍ଡା ଏଠାରୁ ୬ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏଠାରେ ବହୁ ପ୍ରସନ୍ନପ୍ରେମୀ ଭୋଟର ରହିଛନ୍ତି। ପୁଣି ଏଠାରେ ଲୋକେ ସିପିଆଇ ପ୍ରତି ଆଗ୍ରହ ପ୍ରକାଶ କରୁଥିବା କହିଛନ୍ତି। ଏମାନଙ୍କ ବ୍ୟତୀତ ସ୍ୱାଧୀନ ପ୍ରାର୍ଥୀମାନେ ଦଳୀୟ ପ୍ରାର୍ଥୀଙ୍କ ଅପାରଗତାକୁ ନେଇ ଭୋଟରଙ୍କ ନିକଟରେ ପହଞ୍ଚୁଛନ୍ତି। ଅଞ୍ଚଳର କେତେକ ମୌଳିକ ସମସ୍ୟାକୁ ପ୍ରସଙ୍ଗ କରି ଲୋକଙ୍କୁ ଭୋଟ୍ ଭିକ୍ଷା କରୁଛନ୍ତି।

ଗୁଜରାଟ, ହିମାଚଳରେ ସତ୍ତା ହରାଇବ କଂଗ୍ରେସ

ପ୍ରଶାନ୍ତ କିଶୋରଙ୍କ ପୂର୍ବାନୁମାନ

ନୂଆଦିଲ୍ଲୀ,୨୦।୫

କଂଗ୍ରେସ ସଂଗଠନକୁ ପୁନର୍ଜୀବିତ କରିବା ଲାଗି ଯୋଜନା ପ୍ରସ୍ତୁତ କରିବାକୁ ରାଜସ୍ଥାନର ଉଦୟପୁରରେ ନିକଟରେ ଶେଷ ହୋଇଥିବା ଚିନ୍ତନ ଶିବିର ତଥା ମାନସ ମନ୍ଥନ ଅଧିବେଶନ ବିଫଳ ହୋଇଛି। ତେଣୁ ଚଳିତ ବର୍ଷ ଶେଷ ଭାଗରେ ହେବାକୁ ଥିବା ଗୁଜରାଟ ଓ ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସ ସତ୍ତା ହରାଇବ ବୋଲି ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ପୂର୍ବାନୁମାନ କରିଛନ୍ତି। ଉଦୟପୁର ଚିନ୍ତନ ଶିବିରର ଫଳାଫଳ ସମ୍ପର୍କରେ ପ୍ରଶ୍ନ ହେବାରୁ ସେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ତାଙ୍କ ମତରେ ଚିନ୍ତନ ଶିବିରରୁ ଦଳ କିଛି ହାସଲ କରିନାହିଁ। କେବଳ ଦଳର ସ୍ଥିତାବସ୍ଥାକୁ ଅଧିକ ଦିନ ଜାରି ରଖିବା ଓ କଂଗ୍ରେସ ନେତୃତ୍ୱକୁ ଗୁଜରାଟ ଓ ହିମାଚଳରେ ସତ୍ତା ହରାଇବା ପର୍ଯ୍ୟନ୍ତ ସୁଯୋଗ ଦେବାକୁ ସମୟ ମିଳିଛି ବୋଲି କିଶୋର ଏକ ପୋଷ୍ଟରେ ଲେଖିଛନ୍ତି।

୨୦୧୪ରୁ କ୍ରମାଗତ ଭାବେ କଂଗ୍ରେସ ନିର୍ବାଚନ ହାରିବା ପରେ କଠୋର ନିଷ୍ପତ୍ତି ନେବାର ପ୍ରତିଶ୍ରୁତି ଦେଇ ଚିନ୍ତନ ବୈଠକରେ କେତେକ ସଂସ୍କାରକୁ ଅନୁମୋଦନ କରିଥିଲା। ତେବେ ନେତୃତ୍ୱ ପରିବର୍ତ୍ତନ ପ୍ରସଙ୍ଗରେ କୌଣସି ନିଷ୍ପତ୍ତି ହୋଇନାହିଁ। ସୂଚନାଯୋଗ୍ୟ, କିଶୋର କଂଗ୍ରେସରେ ଯୋଗଦେବା ନେଇ କିଛି ସପ୍ତାହ ପୂର୍ବରୁ ଚର୍ଚ୍ଚା ଜୋର ଧରିଥିଲା। ଚିନ୍ତନ ବୈଠକର କିଛିଦିନ ପୂର୍ବରୁ ସେ ୨୦୨୪ ସାଧାରଣ ନିର୍ବାଚନ ଓ ବିଭିନ୍ନ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ଦଳକୁ ପ୍ରସ୍ତୁତ କରିବାକୁ କେତେକ ପ୍ରସ୍ତାବ ଦେଇଥିଲେ। ତାଙ୍କୁ କ୍ଷମତାସମ୍ପନ୍ନ କାର୍ଯ୍ୟକାରୀ ଗ୍ରୁପ୍‌ରେ କାମ କରିବାକୁ କୁହାଯିବାରୁ ସେ ନିଜକୁ ଦଳଠାରୁ ଦୂରେଇ ରଖିଥିଲେ। ଦଳ ସମ୍ବିଧାନରେ ଏଭଳି ଗ୍ରୁପ୍‌ର କୌଣସି କର୍ତ୍ତୃତ୍ୱ ନ ଥିବା କିଶୋର କହିଥିଲେ।

ମନେ ପଡ଼ନ୍ତି

ବୋଉର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ (ଶନିବାର) ଭାବ ବିହ୍ୱଳ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ୱଶାନ୍ତିଲତା ପଟ୍ଟନାୟକ
ସ୍ୱାମୀ: ସ୍ୱର୍ଗତ କାଳୀ ଚରଣ ପଟ୍ଟନାୟକ
ପ୍ଲଟ୍ ନଂ-ଏନ୍ ୫, ୨୫୮/ଇ, ଆଇ.ଆର.ସି ଭିଲେଜ, ଭୁବନେଶ୍ୱର- ୭୫୧୦୧୫
ଆବିର୍ଭାବ: ତା୧୪।୦୧।୧୯୪୧ (ମକର ସଂକ୍ରାନ୍ତି)
ତିରୋଧାନ: ତା୩୧।୦୫।୨୦୨୧ (ଜ୍ୟେଷ୍ଠ କୃଷ୍ଣପକ୍ଷ ଷଷ୍ଠୀ, ସୋମବାର)
ବୋଉ, ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ମଦନ ମୋହନ ଗିରିଧାରୀଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଆପଣ ଯେଉଁଠାରେ ଥାଆନ୍ତୁ ଭଲରେ ଥାଆନ୍ତୁ।
ଶୋକସନ୍ତପ୍ତ: ଛୁନ୍ଦୁ, ଟିନା, ମୁନା, ସ୍ମିତା, ଟିଣ୍ଟୁ, ଗୁଗୁଲା, ଚିଣ୍ଟୁ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୪୨୪

ଶ୍ରଦ୍ଧାଞ୍ଜଳି ୨୩ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ୱଶ୍ରୀ ହୃଦାନନ୍ଦ ମହାନ୍ତି
ଆବିର୍ଭାବ: ୦୯।୦୭।୧୯୨୭
ତିରୋଧାନ: ୦୬।୦୫।୧୯୯୯
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଆପଣଙ୍କର ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୭୯୦୭୩

୫୦ ପ୍ରତିଶତ ବୁଥ୍‌ରେ ଲାଗିବ ୱେବ୍ କ୍ୟାମେରା

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ବ୍ରଜରାଜନଗର ଉପନିର୍ବାଚନ ପାଇଁ ୬୧ ଜଣ ମାଇକ୍ରୋ ଅବଜରଭରଙ୍କୁ ନିଯୁକ୍ତ କରାଯାଇଛି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ୫୦ ପ୍ରତିଶତ ବୁଥ୍‌ରେ ୱେବ୍‌କାଷ୍ଟିଂ କରାଯିବ। ଏହାଛଡ଼ା ଆବଶ୍ୟକ ହେଲେ ବୁଥ୍‌ରେ ଭିଡିଓଗ୍ରାଫି କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ କହିଛନ୍ତି।

ଶୁକ୍ରବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଉପନିର୍ବାଚନରେ ମୋଟ ୨,୧୫,୮୭୮ ଭୋଟର ମତଦାନ ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୧,୧୦,୦୫୦ ଜଣ ପୁରୁଷ, ୧,୦୪,୮୧୧ ଜଣ ମହିଳା ଓ ୧୭ ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି। କୋଭିଡ୍-୧୯ ଦୃଷ୍ଟିକୋଣରୁ ୨୨ ଅତିରିକ୍ତ ବୁଥ୍ ସ୍ଥାପନ ହୋଇଛି। ମୋଟ ୨୭୯ ବୁଥ୍‌ରେ ମତଦାନ ହେବ। ଦିବ୍ୟାଙ୍ଗ ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କ ନିମନ୍ତେ ପୋଷ୍ଟାଲ ବାଲଟ ବ୍ୟବସ୍ଥା ହୋଇଛି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ପୋଷ୍ଟାଲ ବାଲଟ୍ ନିମନ୍ତେ ୫୨୫ ଜଣଙ୍କ ତାଲିକା ପ୍ରସ୍ତୁତି କରାଯାଇଥିଲା, ଯେଉଁଥିରୁ ୩୨୫ ଜଣ ଭୋଟର ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ ଦେବା ପାଇଁଯୋଗ୍ୟ ବିବେଚିତ ହୋଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

ବ୍ରଜରାଜନଗର ବିଧାନସଭା ଉପନିର୍ବାଚନରେ ସଂରକ୍ଷିତ ପୋଲିଂ କର୍ମଚାରୀଙ୍କୁ ମିଶାଇ ମୋଟ ୧୩୯୬ ଜଣ ନିୟୋଜିତ ହୋଇଛନ୍ତି। । ଭୋଟଗ୍ରହଣ ନିମନ୍ତେ ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲଠାରେ ନିର୍ବାଚନ ସାମଗ୍ରୀ ବିତରଣ କେନ୍ଦ୍ର, ମତଦାନ ପରେ ଇଭିଏମ୍ ଏବଂ ଭିଭିପାଟ୍ ଗ୍ରହଣ କେନ୍ଦ୍ର ସହ ଷ୍ଟ୍ରଙ୍ଗରୁମ୍ ସ୍ଥାପନ ଓ ଭୋଟ ଗଣତି କେନ୍ଦ୍ର କରାଯାଇଛି। ଉପନିର୍ବାଚନକୁ ଅବାଧ, ମୁକ୍ତ ଓ ସ୍ୱଚ୍ଛ କରିବା ନିମନ୍ତେ ପ୍ରଶାସନ ତରଫରୁ ବଜାୟ ରଖିବା ନିମନ୍ତେ ୩ ପ୍ଲାଟୁନ କେନ୍ଦ୍ରୀୟ ସୁରକ୍ଷା ବାହିନୀ(ସିପିଏଫ୍) ଜିଲାରେ ଅଛନ୍ତି। ଜିଲା ପ୍ରଶାସନଠାରୁ ନିର୍ବାଚନ ସମ୍ପର୍କିତ ତଥ୍ୟ ଜାଣିବା ପାଇଁ ଜିଲାରେ ନିଃଶୁଳ୍କ ଟେଲିଫୋନ୍ ନଂ-୧୯୫୦ କାର୍ଯ୍ୟ କରୁଛି। ବର୍ତ୍ତମାନ ପ୍ରବଳ ଖରା ହେଉଥିବାରୁ ମତଦାନ ସମୟରେ ଭୋଟରମାନଙ୍କୁ ସମ୍ଭାବ୍ୟ ଅଂଶୁଘାତରୁ ରକ୍ଷା କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଓ ବେସରକାରୀ କର୍ମଚାରୀଙ୍କ ପାଇଁ ଭୋଟଗ୍ରହଣ ଦିନଟିକୁ ସବୈତନିକ ଛୁଟିଦିବସ ରୂପେ ଘୋଷଣା କରାଯାଇଛି। ଭୋଟଗ୍ରହଣ ଦିନ ସମସ୍ତ ଭୋଟରଙ୍କ ପାଇଁ କୋଭିଡ୍-୧୯ ଦୃଷ୍ଟିରୁ ବିଶେଷ ଧ୍ୟାନ ଦିଆଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଲୋହାନୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଓ ଯୁଗ୍ମ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ

ବ୍ରଜରାଜନଗର ଉପନିର୍ବାଚନ

- ୨୭୯ ବୁଥ୍‌ରେ ହେବ ମତଦାନ
- ୫ ପିଙ୍କ୍ ବୁଥ୍‌ରେ ରହିବେ ମହିଳା ଅଧିକାରୀ
- ଭୋଟ ଦିନ ସବୈତନିକ ଛୁଟି
- ମୁତୟନ ହେବେ ୩ ପ୍ଲାଟୁନ କେନ୍ଦ୍ରୀୟ ଫୋର୍ସ

ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଲାଇସେନ୍ସପ୍ରାପ୍ତ ୧୭୦ ଗୋଟି ଅସ୍ତ୍ରଶସ୍ତ୍ର ଜବତ କରାଯିବା ସହ ୧୦୪୮ ଜଣଙ୍କୁ ଅଟକ ରଖାଯାଇଛି। ୭୧ ଜଣଙ୍କ ନାମରେ ଜାମିନବିହୀନ ୱାରେଣ୍ଟ ଜାରି କରାଯାଇଥିବା ବେଳେ ୮୩୫ ଲିଟର ମଦ ଜବତ କରାଯାଇଛି। ଉପନିର୍ବାଚନରେ ପ୍ରାର୍ଥୀମାନଙ୍କ ଦ୍ୱାରା ନିର୍ବାଚନୀ ଖର୍ଚ୍ଚର ତଦାରଖ କରିବା ପାଇଁ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ବିଭିନ୍ନ ସର୍ଭିଲାନ୍ସ ଟିମ୍ ଯଥା ୨ଟି ଭିଏସ୍‌ଟିଏସ୍, ୫ଟି ଏସ୍‌ଏସ୍‌ଟି, ଗୋଟିଏ ଭିଭିଟି, ୬ଟି ଫ୍ଲାଇଙ୍ଗ୍ ସ୍କ୍ୱାଡ ଟିମ୍ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ମୁତୟନ ହୋଇଛନ୍ତି।

ଉପନିର୍ବାଚନ ନିମନ୍ତେ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ପଞ୍ଜାବ କ୍ୟାଡରର ୨୦୧୦ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ମାଧବୀ କଟାରିଆ(ମୋ ୯୮୮୮୭୧୯୬୫୩) ଏବଂ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ୨୦୦୮ ବ୍ୟାଚ୍ ବରିଷ୍ଠ ଆଇଆର୍‌ଏସ୍ ଅଧିକାରୀ ଏନ୍. ଅଶୋକ ବାବୁ (ମୋ:୯୫୯୩୯୧୫୯୭୫) ଜିଲାରେ ପହଞ୍ଚି ସ୍ୱଚ୍ଛ ଓ ମୁକ୍ତ ନିର୍ବାଚନ ଲାଗି କାର୍ଯ୍ୟ ଆରମ୍ଭ କରିଛନ୍ତି। ଉପନିର୍ବାଚନରେ ସମଗ୍ର ଜିଲାରେ ଶାନ୍ତିଶୃଙ୍ଖଳା

ଜନ୍ମବାର୍ଷିକ ଶୁଭେଚ୍ଛା

(ଛୋଟୁ)
ଶିବ ଶଙ୍କର
ଝିରପାଣି, ରାଉରକେଲା
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବନ୍ଧୁ ଓ ପରିବାରବର୍ଗ ।
ଧ-୫୧୩

କୃଷକ ଭାଇ ଓ ଭଉଣୀମାନଙ୍କ ପାଇଁ ସୂଚନା

DSPL - 34

୨୦୨୨-୨୩ ବର୍ଷର ଚାଷ କାର୍ଯ୍ୟ ପାଇଁ **AGRISNET Odisha** ପୋର୍ଟାଲରେ ଥିବା DBT କୃଷି ଯନ୍ତ୍ରପାତି ବୁକିଂ ପୃଷ୍ଠା **୨୩ ମଇ ୨୦୨୨ରେ ଦିନ ୧୦ ଘଟିକାରୁ ଅପରାହ୍ନ ୪ଘଟିକା ପର୍ଯ୍ୟନ୍ତ ବନ୍ଦ ରହିବ।** ସମସ୍ତ ଜିଲ୍ଲାର ବ୍ଲକ ମଧ୍ୟରେ ଉପକରଣ ଗୁଡ଼ିକର ବଣ୍ଟନ ପରେ ବୁକିଂ ପୃଷ୍ଠା ସର୍ବସାଧାରଣଙ୍କ ପାଇଁ **୨୪ ମଇ ୨୦୨୨ରେ ଦିନ ୧୦ ଘଟିକାରୁ ଖୋଲାଯିବ।**

ଅଧିକ ସୂଚନା ପାଇଁ ଆଗ୍ରହୀ କୃଷକମାନେ **https://agrisnetodisha.ori.nic.in** କିମ୍ବା **https://odishafarmmachinery.nic.in** ପରିଦର୍ଶନ କରିପାରିବେ।

OIPR-01034/13/0008/2223

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା

GOVERNMENT OF ODISHA
No. O-272

OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA - JAJPUR

At/P.O.- Nayabazar, Cuttack - 753004, Tel. No. 0671-2444488, Email: serw_kpd@yahoo.com

No. Tender Online RCK-14/22 Letter No. 1146 Date: 18.05.2022

e-Procurement NOTICE

1. Name of the work : Construction of Cyclone Shelter Type-A (3000 Sq.ft.) at B.C.J. High School, Jari under Binjharpur Block for the year of 2020-21 in the district of Jajpur (Balance Work) & Construction of Cyclone Shelter Type-A (3000 Sq.ft.) at Jaychandi High School, Kayan under Dasarathpur Block for the year of 2020-21 in the district of Jajpur (Balance Work).
2. Class of Contractor :
   a) Estimated cost more than Rs.6.00 Crore & upto Rs.15.00 Crore : Special Class & Super Class (of Odisha PWD) & relevant class of other licensing authorities.
   b) Estimated cost more than Rs.3.00 Crore & upto Rs.6.00 Crore : A & Special Class (of Odisha PWD) & relevant Class of other licensing authorities.
   c) Estiamted cost more than Rs.40.00 lakh & upto Rs.3.00 Crore : B & A Class (of Odisha PWD) & relevant class of other licensing authorities.
3. Time for completion : As specified in the Column - 8 of the Annexure
4. Detail Project : As per Annexure attached
5. Other Details :

Procurement Officer	Bid Identification No.	Availability of Tender Online for bidding		Last date & time of seeking tender clarification	Date & time of opening of tender	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Kendrapara-Jajpur	Tender Online RCK-14/22	26.05.2022 at 11.30 A.M.	09.06.2022 to 5.00 P.M.	08.06.2022 upto 5.00 P.M.	10.06.2022 at 11.30 A.M.	To be intimated later

Further details can be seen from the website www.tendersorissa.gov.in.

Sd./- Chief Construction Engineer, Rural Works Circle, Kendrapara-Jajpur
OIPR-25129/11/0013/2223

୨ ଅଣଓଡ଼ିଆ ଗଲେ, ହେଲେ ଜଣେ ଦଳିତ କି ଆଦିବାସୀ ପାଉନାହାନ୍ତି

ଭୁବନେଶ୍ୱର, ୨୦।୫(ବ୍ୟୁରୋ): ରାଜ୍ୟରେ ଜଣେ ହେଲେ ଦଳିତ ଓ ଆଦିବାସୀ ବର୍ଗର ରାଜ୍ୟ ସଭା ସଦସ୍ୟ ନାହାନ୍ତି। ଏହାସହ ପଛୁଆବର୍ଗର ବ୍ୟକ୍ତିବିଶେଷଙ୍କୁ ରାଜ୍ୟ ସଭା ନିର୍ବାଚନରେ ଉପଯୁକ୍ତ ପ୍ରତିନିଧିତ୍ୱ ମିଳିନାହିଁ। ପଛୁଆବର୍ଗଙ୍କୁ ସଂରକ୍ଷଣ ନେଇ କେବଳ ଶାସକ ଦଳ ରାଜନୀତି କରନ୍ତି ବୋଲି କହି ବିଜେଡିକୁ ଟାର୍ଗେଟ କରିଛି କଂଗ୍ରେସ। ଶୁକ୍ରବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, ରାଜ୍ୟର ୧୦ଜଣ ରାଜ୍ୟ ସଭା ସଦସ୍ୟଙ୍କ ମଧ୍ୟରୁ ଜଣେ ବି ଦଳିତ କି ଆଦିବାସୀ ବର୍ଗର ନାହାନ୍ତି। ପଛୁଆବର୍ଗଙ୍କୁ ଉଚିତ ପ୍ରତିନିଧିତ୍ୱ ମିଳିନାହିଁ। ରାଜ୍ୟବାସୀଙ୍କ ବଳ ବୋଲି ଦାବି କରୁଥିବା ବିଜେଡି ୨ ଜଣ ଅଣ ଓଡ଼ିଆଙ୍କୁ ରାଜ୍ୟ ସଭା ପଠାଇଛି। ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଦେବାର ଶ୍ରେୟ ନେଉଥିବା ବିଜେଡି ରାଜ୍ୟ ସଭାରେ ମାତ୍ର ଜଣେ ମହିଳାଙ୍କୁ ପ୍ରତିନିଧିତ୍ୱ ପାଇଁ ପଠାଇଛନ୍ତି। ଓବିସି କମିଶନ ଗଠନ କରିଛନ୍ତି, କିନ୍ତୁ କାର୍ଯ୍ୟକାରୀ ହେଉନାହିଁ। ଓବିସି ଜାତିଭିତ୍ତିକ ଜନଗଣନା କରିବାକୁ କେନ୍ଦ୍ର ସରକାର ମନା କରିବା ପରେ ରାଜ୍ୟ ସରକାର ଗତ ସେପ୍ଟେମ୍ବରରେ ଘୋଷଣା କରିଥିଲେ। ହେଲେ ରାଜ୍ୟ ନିଜସ୍ୱ ଜନଗଣନା କରିବ, କିନ୍ତୁ ଏବେ ବି ଓବିସି ଜନଗଣନା ନେଇ ସରକାର ଚୁପ୍ ହୋଇ ବସିଛନ୍ତି ବୋଲି ମନୋଜ କହିଛନ୍ତି।

GOVERNMENT OF ODISHA

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUBARNAPUR

TENDER CALL NOTICE

Bid Ref. No. 2053/DPHL&RTPCR/Sonepur/22-23 Date: 20.05.2022

No. E-89: Sealed tenders are invited from authorized Manufacturers/Suppliers/Distributors for supply of Chemicals, Consumable, Equipment & reagents for DPH & RTPCR lab to Subarnapur district. The details are available in the district website: **www.subarnapur.nic.in**. The tender paper cost of Rs.1000/- + GST18% (Non-refundable) in shape of Demand Draft from any Nationalized Bank in favour of **ZSS NON NRHM, Sonepur** payable at **SBI, Sonepur (1085)**, Odisha. The eligible bidders may submit their tender papers **on or before 09.06.2022 by 11.00 A.M.** through **Registered Post/Speed Post** only to the undersigned. The tender documents will be opened on the same day i.e. **09.06.2022 at 12.00 P.M.** in the office chamber of the undersigned. The bidders or their representatives may present at the time of opening. The undersigned reserves the right to accept or reject any or all the tender without assigning any reason thereof.

Sd./- (Dr. V.R. Pati)
Chief District Medical & Public Health Officer, Subarnapur
OIPR-10118/11/0007/2223

GOVERNMENT OF ODISHA

OFFICE OF THE EXECUTIVE ENGINEER RWS&S DIVISION, BARIPADA

Tel. No.: 06792-254029, Fax No.: 06792-259464
E-Mail: eerwss_bpd@rediffmail.com, eerwss_bpd@ori.nic.in

QUOTATION CALL LETTER

No. 1887 Date: 19.05.2022

No. O-279: The Executive Engineer, RWS&S Division, Baripada on behalf of Governor of Odisha, invites sealed quotation from registerd manufactures/ authorized dealer for the following items. The quotationers should submit the quotations in the tender box kept in the Office of the undersigned on or before Dt.27.05.2022 upto 01.

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ମେ ୨୧/୨୦୨୨ Bhubaneswar, Saturday, May 21/ 2022

୧୭ ଇଭେଣ୍ଟରେ ୧୧୪ ପ୍ରତିଯୋଗୀ

ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଶନିବାର ହେବାକୁ ଯାଉଥିବା ଇଣ୍ଡିଆନ ଗ୍ରାଁ ପ୍ରି ୩ରେ ମୋଟ ୧୭ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଏଥିରେ ୧୧୪ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ତାମିଲନାଡୁରୁ ସର୍ବାଧିକ ୨୪ ଆଥଲେଟ ଏଥିରେ ଭାଗ ନେବାକୁ ଯାଉଥିବାବେଳେ ଓଡ଼ିଶାରୁ ୧୦ ପ୍ରତିଯୋଗୀ ଘରୋଇ ପରିବେଶରେ ଅଂଶଗ୍ରହଣ କରିବେ। ଗ୍ରାଁ ପ୍ରି ୩ରେ ହେବାକୁ ଯାଉଥିବା ଇଭେଣ୍ଟଗୁଡ଼ିକ ହେଲା ପୁରୁଷ ପୋଲଭଲ୍ଟ, ମହିଳା ହାମର ଥ୍ରୋ, ମହିଳା ଟ୍ରିପଲ ଜମ୍ପ, ପୁରୁଷ ୨୦୦ ମିଟର, ମହିଳା ହାଇଜମ୍ପ, ମହିଳା ୨୦୦ ମିଟର, ମହିଳା ଶଟ୍‌ପୁଟ, ପୁରୁଷ ଟ୍ରିପଲ ଜମ୍ପ, ପୁରୁଷ ୮୦୦ ମିଟର, ମହିଳା ଡିସ୍‌କସ୍ ଥ୍ରୋ, ମହିଳା ୮୦୦ ମିଟର,ପୁରୁଷ ଶଟ୍‌ପୁଟ, ପୁରୁଷ ୧୧୦ ମିଟର ହର୍ଡଲ୍ସ, ମହିଳା ହାଇଜମ୍ପ, ମହିଳା ୧୦୦ମିଟର ହର୍ଡଲ୍ସ, ପୁରୁଷ ୫୦୦୦ମିଟର ଓ ମହିଳା ୫୦୦୦ମିଟର ରେସ୍। ଏଥିରେ ଆନ୍ଧ୍ର ପ୍ରଦେଶରୁ ୩, ଆସାମରୁ ୧, ଦିଲ୍ଲୀରୁ ୧, ହରିୟାଣାରୁ ୧୧, ହିମାଚଳ ପ୍ରଦେଶରୁ ୧, ଝାଡ଼ଖଣ୍ଡରୁ ୧, କର୍ନାଟକରୁ ୮, କେରଳରୁ ୮, ମଧ୍ୟପ୍ରଦେଶରୁ ୧, ମହାରାଷ୍ଟ୍ରରୁ ୧୬, ଓଡ଼ିଶାରୁ ୧୦, ପଞ୍ଜାବରୁ ୪, ରାଜସ୍ଥାନରୁ ୬, ତାମିଲନାଡୁରୁ ୨୪, ଉତ୍ତର ପ୍ରଦେଶରୁ ୧୧, ଉତ୍ତରାଖଣ୍ଡରୁ ୩ ଓ ପଶ୍ଚିମବଙ୍ଗରୁ ୪ ଆଥଲେଟ୍ ଅଂଶଗ୍ରହଣ କରିବେ।

ପୁରୁଷ ଟ୍ରିପଲ ଜମ୍ପ, ୩ଟି ମହିଳା ଥ୍ରୋ ଇଭେଣ୍ଟ ଓ ୨୦୦ ମିଟର ରେସ୍ ଉପରେ ମୁଖ୍ୟତଃ ନଜର ରହିବ। ଆଭା ଖଟୁଆ ଓ ମନପ୍ରୀତ କୌର (ଶଟ୍‌ପୁଟ୍), ନବନୀତ କୌର ଧିଲ୍ଲୋନ (ଡିସକ୍‌ସ୍) ଓ ସରିତା ରମିତ ସିଂ (ହାମର ଥ୍ରୋ) ପ୍ରମୁଖ ମହିଳା ଥ୍ରୋ ଇଭେଣ୍ଟରେ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିବେ। ସେହିପରି ଶ୍ରାବଣୀ ନନ୍ଦ ଓ ଅମିୟ ମଲିକଙ୍କ ଉପସ୍ଥିତିରେ ୨୦୦ ମିଟର ଉପରେ ମଧ୍ୟ ଘରୋଇ ଦର୍ଶକଙ୍କ ନଜର ରହିବ। ଶ୍ରାବଣୀ ପାଖାପାଖି ୪ ବର୍ଷ ବ୍ୟବଧାନରେ ଭାରତରେ ଏକ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ଜାମାଇକାର କିଙ୍ଗଷ୍ଟନକୁ ଟ୍ରେନିଂ ବେସ୍ କରିଥିବା ଶ୍ରାବଣୀ ଗତ ମାର୍ଚ୍ଚ ୨୬ରେ ୨୦୦ ମିଟର ରେସ୍‌କୁ ୨୩.୬୮ ସେକେଣ୍ଡରେ ଅତିକ୍ରମ କରିଥିଲେ। ଚଳିତ ବର୍ଷ ଏହା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଭାରତର ଅଧିକାଂଶ ତାରକା ଧାବିକା ଅନୁପସ୍ଥିତ ଥିବାରୁ ଶ୍ରାବଣୀ ଏହାର ଫାଇଦା ନେବାର ସୁଯୋଗ ରହିଛି। ଟ୍ରିପଲ ଜମ୍ପ ଇଭେଣ୍ଟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବ। ଏଲ୍‌ଡୋସେ ପଲ୍, ଅବଦୁଲା ଆବୁବାକର, କାର୍ତ୍ତିକ ଉନ୍ନିକ୍ରିଷ୍ଣନ ଓ ଗାଭଲି ଭେନିଷ୍ଟର ଦେବସାୟାମଙ୍କ ପରି ତାରକା ଆଥଲେଟ୍ ଏଥିରେ ଅଂଶଗ୍ରହଣ କରିବେ। ଚଳିତ ସିଜନରେ ଏଲ୍‌ଡୋସେ ୧୬.୯୯ ମିଟର ଓ ଉନ୍ନିକ୍ରିଷ୍ଣନ ୧୬.୮୧ ମିଟର ସହ ଭାରତୀୟ ପ୍ରତିଯୋଗୀଙ୍କ ମଧ୍ୟରେ ଆଗରେ ରହିଛନ୍ତି।

୨୦୨୧ ସେପ୍ଟେମ୍ବର ୧୯ ପରେ ନବନୀତ କୌର ଧିଲ୍ଲୋନ ପ୍ରଥମଥର ପାଇଁ କୌଣସି ଜାତୀୟ ସ୍ତରୀୟ ଥ୍ରୋ ପ୍ରତିଯୋଗିତାରେ ଭାଗନେବାକୁ ଯାଉଛନ୍ତି। ସେହିପରି ମହିଳା ହାମର ଥ୍ରୋରେ କେବଳ ସରିତା ରୋମିତ ସିଂ ୬୦ ମିଟରରୁ ଅଧିକ ଦୂରକୁ ଥ୍ରୋ କରିବାର ରେକର୍ଡ ରଖିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଶେଷଥର ପାଇଁ ଜାତୀୟ ସ୍ତରୀୟ ଆଥଲେଟିକ୍ ପ୍ରତିଯୋଗିତା ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍ ୨୦୧୮ରେ ଅନୁଷ୍ଠିତ ହୋଇଥିଲା। ୨୦୧୭ରେ ଏଠାରେ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଇଣ୍ଡିଆନ ଗ୍ରାଁ ପ୍ରି ୩ ପୁରୁଷ ପୋଲଭଲ୍ଟ ଇଭେଣ୍ଟରୁ ଆରମ୍ଭ ହେବ ଏବଂ ମହିଳା ୫୦୦୦ ମିଟର ଇଭେଣ୍ଟରେ ଶେଷ ହେବ।

ଇଣ୍ଡିଆନ ଗ୍ରାଁ ପ୍ରି ୩

- ତାମିଲନାଡୁରୁ ସର୍ବାଧିକ ୨୪, ଓଡ଼ିଶାରୁ ୧୦ ପ୍ରତିଯୋଗୀ

ଇଣ୍ଡିଆନ ଗ୍ରାଁ ପ୍ରି-୩ କାର୍ଯ୍ୟସୂଚୀ

ଇଭେଣ୍ଟ	ସମୟ	ରାଉଣ୍ଡ
ପୁରୁଷ ପୋଲଭଲ୍ଟ	ଅପରାହ୍ନ ୫ଟା	ଫାଇନାଲ ୧
ମହିଳା ହାମର ଥ୍ରୋ	ଅପରାହ୍ନ ୫ଟା	ଫାଇନାଲ ୨
ମହିଳା ଟ୍ରିପଲ ଜମ୍ପ	ଅପରାହ୍ନ ୫ଟା ୩୦	ଫାଇନାଲ ୩
ପୁରୁଷ ୨୦୦ ମିଟର	ସନ୍ଧ୍ୟା ୬ଟା	ରେସ୍ ଏ ଆଣ୍ଡ ବି (୪)
ପୁରୁଷ ହାଇଜମ୍ପ	ସନ୍ଧ୍ୟା ୬ଟା	ଫାଇନାଲ ୫
ମହିଳା ୨୦୦ ମିଟର	ସନ୍ଧ୍ୟା ୬ଟା ୩୦	ଫାଇନାଲ ୬
ମହିଳା ଶଟ୍‌ପୁଟ	ସନ୍ଧ୍ୟା ୬ଟା ୩୦	ଫାଇନାଲ ୭
ପୁରୁଷ ଟ୍ରିପଲ ଜମ୍ପ	ସନ୍ଧ୍ୟା ୬ଟା ୪୫	ଫାଇନାଲ ୮
ପୁରୁଷ ୮୦୦ ମିଟର	ରାତି ୭ଟା	ରେସ୍ ଏ ଆଣ୍ଡ ବି (୯)
ମହିଳା ଡିସ୍‌କସ୍ ଥ୍ରୋ	ରାତି ୭ଟା	ଫାଇନାଲ ୧୦
ମହିଳା ୮୦୦ ମିଟର	ରାତି ୭ଟା ୩୦	ଫାଇନାଲ ୧୧
ପୁରୁଷ ଶଟ୍‌ପୁଟ	ରାତି ୭ଟା ୪୫	ଫାଇନାଲ ୧୨
ପୁରୁଷ ୧୧୦ ମି. ହର୍ଡଲ୍ସ	ରାତି ୮ଟା	ଫାଇନାଲ ୧୩
ମହିଳା ହାଇଜମ୍ପ	ରାତି ୮ଟା ୧୫	ଫାଇନାଲ ୧୪
ମହିଳା ୧୦୦ମି. ହର୍ଡଲ୍ସ	ରାତି ୮ଟା ୨୦	ଫାଇନାଲ ୧୫
ପୁରୁଷ ୫୦୦୦ମି.	ରାତି ୮ଟା ୪୫	ଫାଇନାଲ ୧୬
ମହିଳା ୫୦୦୦ମି.	ରାତି ୯ଟା ୧୦	ଫାଇନାଲ ୧୭

ଜୁନ୍ ୧ରୁ ଅନ୍‌ଲାଇନ ଟିକେଟ ବିକ୍ରି

ପ୍ରସ୍ତୁତି ବୈଠକରେ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା, ଓସିଏ କର୍ମକର୍ତ୍ତା ଓ ଅନ୍ୟମାନେ।

ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି)

ଜୁନ୍ ୧୨ରେ କଟକର ବାରବାଟୀ ଷ୍ଟାଡିୟମରେ ହେବାକୁଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଓସିଏ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗାମୀ ମ୍ୟାଚକୁ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ଜୁନ୍ ୧ରୁ ଅନ୍‌ଲାଇନ ଟିକେଟ ବିକ୍ରି ପାଇଁ ବ୍ୟବସ୍ଥା କରାଯାଉଛି। ମ୍ୟାଚଟି ନୂଆକରି ଲାଗିଥିବା ଏଲଇଡି ସ୍ପୋର୍ଟ୍ସ ଫ୍ଲଡ୍‌ଲାଇଟ୍‌ରେ ଅନୁଷ୍ଠିତ ହେବ। ବର୍ଷା ହେଲେ ମ୍ୟାଚ ବେଶି ସମୟ ବାଧାପ୍ରାପ୍ତ ନ ହେବାପାଇଁ ବାଲିଭିତ୍ତିକ ଆଉଟଫିଲ୍ଡ ପ୍ରସ୍ତୁତ କରାଯାଇଛି। ମ୍ୟାଚ ଅବସରରେ ଅଷ୍ଟ୍ରେଲିଆରୁ ଅଣାଯାଇଥିବା ୨ଟି ସୁପର ସୋପର ବ୍ୟବହାର ହେବ। ଜୁନ୍ ୧୦ ତାରିଖରେ ଦୁଇ ଦଳ ପହଞ୍ଚିବେ ଏବଂ ୧୩ ତାରିଖରେ ପ୍ରସ୍ଥାନ କରିବେ। ୧ ନମ୍ବର ଗ୍ୟାଲେରି ଟିକେଟ ମୂଲ୍ୟ ୯୦୦, ୨ ଓ ୪ ନମ୍ବର ୭୦୦, ୭ ନମ୍ବର ୬୦୦, ୬ ନମ୍ବର (ଫ୍ଲେୟର୍ସ କନ୍‌ସେଶନ) ୩୦୦, ସ୍ପେଶାଲ ଏନ୍‌କ୍ଲୋଜର ୫୦୦୦, ଏସି ବକ୍ସ ୭୦୦୦, ନିୟୁ ପ୍ୟାଭିଲିୟନ ୮୦୦୦ ଓ କର୍ପୋରେଟ ବକ୍ସ ଟିକେଟର ମୂଲ୍ୟ ୧୨,୦୦୦ ଟଙ୍କା ରଖାଯାଇଛି। ଅନ୍‌ଲାଇନ ପାଇଁ

ବାରବାଟୀ ଟି୨୦

୫୦୦୦ ଟିକେଟ ଉପଲବ୍ଧ ହେବ। ଅନ୍‌ଲାଇନ ଟିକେଟ ରିଡେମ୍ପଶନ ୯, ୧୦, ୧୧ ଓ ୧୨ ତାରିଖରେ କରାଯିବା ସମ୍ଭାବନା ରହିଛି। କ୍ୟାମ୍ବ୍ରିଜ ସ୍କୁଲ ଓ ଖ୍ରୀଷ୍ଟ କଲିଜିଏଟ ସ୍କୁଲରେ ଏଥିପାଇଁ ୩ଟି ଲେଖାଏ କାଉଣ୍ଟର ଉପଲବ୍ଧ ହେବ। ୯, ୧୦ ଓ ୧୧ ତାରିଖରେ ସକାଳ ୧୦ଟାରୁ ଅପରାହ୍ନ ୪ଟା ଏବଂ ୧୨ ତାରିଖରେ ସକାଳ ୭ଟାରୁ ଅପରାହ୍ନ ୩ଟା ମଧ୍ୟରେ ଟିକେଟ ରିଡେମ୍ପଶନ ହେବ। ମ୍ୟାଚ ପାଇଁ ଦର୍ଶକଙ୍କ ଲାଗି ଅପରାହ୍ନ ୩ଟାରୁ ଗେଟ୍ ଖୋଲା ରହିବ। ଷ୍ଟାଡିୟମ ପରିସର ସମ୍ପୂର୍ଣ୍ଣ ଭାବରେ ସିସିଟିଭି କ୍ୟାମେରା ନଜରରେ ରହିବ। ସାଧାରଣ ଦର୍ଶକ ବାଲିଯାତ୍ରା ପଡ଼ିଆ, ଓସିଏ ସଦସ୍ୟ କ୍ରିକେଟ ଏକାଡେମୀ, ମିଡିଆ ପ୍ରତିନିଧି କ୍ୟାମ୍ବ୍ରିଜ ସ୍କୁଲ ପରିସର, ବିସିସିଆଇ ଅଫିସିଆଲ, ମ୍ୟାଚ ରେଫରି, ଅମ୍ପାୟର, ଟିମ୍, ଓସିଏ ଅଫିସିଆଲ ଓ ଅତିଥିମାନେ ସେଣ୍ଟ ଜାଭିୟର ସ୍କୁଲ ପରିସରରେ ଗାଡ଼ି ପାର୍କିଂ କରିବେ। ମ୍ୟାଚକୁ ସୁରକ୍ଷିତ ଭାବେ ଏବଂ ସଫଳତାର ସହ ସମ୍ପନ୍ନ କରାଇବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବୈଠକରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ରାଜ୍ୟ ସରକାରଙ୍କ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ କୁମାର ଦଳାଇ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ଭାରତୀୟ ଦଳରେ ଆହାନ

ଆହାନ

ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି): ନେପାଳର କାଠମାଣ୍ଡୁରେ ହେବାକୁଥିବା ସାଉଥ ଏସିଆ ରିଜିଓନାଲ କ୍ୱାଲିଫାଇଙ୍ଗ୍ ଇଭେଣ୍ଟର ଆଇଟିଏଫ୍ ଏସିଆ ୧୨ ବର୍ଷରୁ କମ୍ ଟେନିସ ପାଇଁ ଭାରତୀୟ ଦଳରେ ଓଡ଼ିଶାର ଆହାନ ସ୍ଥାନ ପାଇଛନ୍ତି। ଜାତୀୟ ଜୁନିୟର ଚୟନ କମିଟି ଶୁକ୍ରବାର ଭାରତୀୟ ଦଳ ଚୟନ କରିଛନ୍ତି। ବାଳିକା ଦଳରେ ଆହାନ, ପ୍ରାଚୀ ମଲିକ ଓ ଅନିନ୍ଦିତା ଉପାଧ୍ୟାୟ ସ୍ଥାନ ପାଇଛନ୍ତି। ବାଳକ ଦଳରେ ରହିଛନ୍ତି ଫଜଲ ମୀର, ତଭିଶ ପାଓ୍ୱା ଓ କୁଶାଗ୍ର ଆରୋରା। ଶିଭିକା ବର୍ମନ ବାଳିକା, ଇରଫାନ ଅହମଦ ବାଳକ ଦଳର ଅଧିନାୟକ ହୋଇଛନ୍ତି। ଓଡ଼ିଶାର ପ୍ରତିଭା ସମ୍ପନ୍ନ ଟେନିସ ଖେଳାଳି ଆହାନ ଏସ୍ ବେସ୍ ଟେନିସ ଏକାଡେମୀରେ ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।

୯ ଜଣିଆ ଭାରତୀୟ ଦଳ ଘୋଷଣା

ଏଫ୍‌ଆଇଏଚ୍ ମହିଳା ହକି ୫ ଏସ୍ ପାଇଁ ମନୋନୀତ ଭାରତୀୟ ଦଳ।

ନୂଆଦିଲ୍ଲୀ, ୨୦।୫ (ପି.ଟି.)

ସୁଇଜରଲାଣ୍ଡର ଲାଉସାନେଠାରେ ଏଫ୍‌ଆଇଏଚ୍ ମହିଳା ହକି ୫ ଏସ୍‌ର ପ୍ରଥମ ସଂସ୍କରଣ ଜୁନ୍ ୪ ଓ ୫ରେ ଅନୁଷ୍ଠିତ ହେବ। ଏଥିଲାଗି ଶୁକ୍ରବାର ୯ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଦଳର ଅଧିନାୟକତ୍ୱ କରିବେ ଅଭିଜ୍ଞ ଗୋଲକିପର ରଜନୀ ଏଟିମାର୍ପୁ। ତାଙ୍କ ଡେପୁଟି ଭାବେ କାର୍ଯ୍ୟକରିବେ ମହିମା ଚୌଧାରୀ। ପ୍ରତିଯୋଗିତାରେ ଉରୁଗୁଏ, ପୋଲାଣ୍ଡ, ଦକ୍ଷିଣ ଆଫ୍ରିକା ଏବଂ ଆୟୋଜକ ସୁଇଜରଲାଣ୍ଡ ଅଂଶଗ୍ରହଣ କରିବେ। ଦଳର ଅନ୍ୟ ସଦସ୍ୟାମାନେ ହେଲେ ଡିଫେଣ୍ଡର ରଶ୍ମିତା ମିଞ୍ଜ୍ ଓ ଅଜମିନା କୁଜୁର ଏବଂ ମିଡ୍‌ଫିଲ୍ଡର ବୈଷ୍ଣବୀ ବିଥାଲ ଫାଲ୍‌କେ, ମହିମା ଚୌଧାରୀ ଓ ପ୍ରୀତି। ୟୁଥ୍ ଅଲିମ୍ପିକ୍ସ ହକି ୫ଏସ୍ ପ୍ରତିଯୋଗିତାରେ ଭାଗ ନେଇ ଖେଳିଥିବା ଫରୱାର୍ଡ ମରିଆନା କୁଜୁର,ମମତାଜ ଖାନ୍ ଏବଂ ରୁତାଜା ଦାଦାସୋ ପିସାଲ ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି। ସୁମନ ଦେବୀ ଥୋଦମ ଏବଂ ରାଜୱିନ୍ଦର କୌର ଷ୍ଟାଣ୍ଡବାଇ ଖେଳାଳି ଭାବେ ମନୋନୀତ ହୋଇଛନ୍ତି। ମୁଖ୍ୟ କୋଚ୍ ଜାନେକି ସ୍କୋମ୍ୟାନ ଦଳ ସହିତ ଯିବେ। ପ୍ରଥମ ଥର ହକି ୫ଏସ୍‌ରେ ଭାଗ ନେବାକୁ ଥିବାରୁ ଦଳର ଖେଳାଳିଙ୍କ ମନରେ ଉତ୍କଣ୍ଠା ରହିଥିବା ସେ କହିଛନ୍ତି।

ଏଫ୍‌ଆଇଏଚ୍ ମହିଳା ହକି ୫ଏସ୍

ଭାରତୀୟ ଦଳ

ଗୋଲକିପର : ରଜନୀ ଏଟିମାର୍ପୁ (ଅଧିନାୟିକା)। ଡିଫେଣ୍ଡର: ରଶ୍ମିତା ମିଞ୍ଜ୍, ଅଜମିନା କୌର।

ମିଡ୍ ଫିଲ୍ଡର: ବୈଷ୍ଣବୀ ବିଥାଲ ଫାଲ୍‌କେ, ମହିମା ଚୌଧାରୀ (ଉପ ଅଧିନାୟିକା)। ଫରୱାର୍ଡ: ମାରିଆନା କୁଜୁର, ମମ୍‌ତାଜ ଖାନ୍, ରୁତାଜା ଦାଦାସୋ ପିସାଲ। ଷ୍ଟାଣ୍ଡବାଇ: ସୁମନ ଦେବୀ ଥୋଦମ, ରାଜୱିନ୍ଦର କୌର।

ପୂର୍ବାଞ୍ଚଳ କରାଟେ ଆରମ୍ଭ

ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି): ଉତ୍କଳ କରାଟେ ସ୍କୁଲ ପରିସରରେ ଶୁକ୍ରବାର ୨ୟ ପୂର୍ବାଞ୍ଚଳ କରାଟେ ପ୍ରତିଯୋଗିତା ଆରମ୍ଭ ହୋଇଛି। ପୂର୍ବାଞ୍ଚଳ କରାଟେ ଆସୋସିଏଶନ ସଭାପତି ହାନ୍‌ସି ପ୍ରେମଜିତ ସେନ୍ ଓ ସିହାନ ପଙ୍କଜ କାମ୍‌ଲି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପାଖାପାଖି ୫୦୦ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଛନ୍ତି। ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରୀ ମହାନ୍ତି ଓ ପୂର୍ବାଞ୍ଚଳ କରାଟେ ସଂଘର ବୈଷୟିକ ନିର୍ଦ୍ଦେଶକ ହାନ୍‌ସି ହରିପ୍ରସାଦ ପଟ୍ଟନାୟକ ପ୍ରତିଯୋଗିତାକୁ ପରିଚାଳନା କରୁଛନ୍ତି।

ମାଷ୍ଟର୍ସ ଗେମ୍‌ରେ ପାର୍ବତୀଙ୍କୁ ୨ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି): କେରଳର ଥିରୁଭାନନ୍ତପୁରମରେ ଚାଲିଥିବା ୪ର୍ଥ ମାଷ୍ଟର୍ସ ଗେମ୍‌ରେ ଓଡ଼ିଶାର ପାର୍ବତୀ ସେଠୀ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ୪୫.୬୦ ମିଟର ଦୂରକୁ ଡିସ୍‌କସ୍ ଥ୍ରୋ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସେହିପରି ୧୦.୬୦ ମିଟର ଦୂରକୁ ସେ ଶଟ୍‌ପୁଟ୍ ଥ୍ରୋ କରିବାରେ ସକ୍ଷମ ହୋଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସ୍କୁଲ ସ୍ତରରୁ ଆରମ୍ଭ କରି ସବ୍‌ଜୁନିୟର, ଜୁନିୟର, ସିନିୟର, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପାର୍ବତୀ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ଅର୍ଥାତ୍ ୧୯୯୦ରୁ ଏପର୍ଯ୍ୟନ୍ତ ଖେଳ ଜାରି ରଖିଛନ୍ତି। ଅନେକ ପଦକ ଜିତି ଦେଶ ଓ ରାଜ୍ୟକୁ ଗର୍ବିତ କରିଥିବା ପାର୍ବତୀ ଆସନ୍ତା ୨୪ରେ କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ଇଣ୍ଡିଆନ ଗ୍ରାଁ ପ୍ରି ୪ରେ ଅଂଶଗ୍ରହଣ କରିବେ।

ପାର୍ବତୀ ସେଠୀ

ଆଇପିଏଲ୍ ପଏଣ୍ଟ ଟେବୁଲ

ଦଳ	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ	ରନହାର
ଗୁଜରାଟ ଟାଇଟାନ୍ସ	୧୪	୧୦	୪	୨୦	+୦.୩୧୬
ରାଜସ୍ଥାନ ରୟାଲ୍ସ	୧୪	୯	୫	୧୮	+୦.୨୯୮
ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ	୧୪	୯	୫	୧୮	+୦.୨୫୧
ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର	୧୪	୮	୬	୧୬	-୦.୨୫୩
ଦିଲ୍ଲୀ କ୍ୟାପିଟାଲ୍ସ	୧୩	୭	୬	୧୪	+୦.୨୫୫
କୋଲକାତା ନାଇଟ ରାଇଡର୍ସ	୧୪	୬	୮	୧୨	+୦.୧୪୬
ପଞ୍ଜାବ କିଙ୍ଗ୍ସ	୧୩	୬	୭	୧୨	+୦.୦୪୩
ସନ୍‌ରାଇଜର୍ସ ହାଇଦ୍ରାବାଦ	୧୩	୬	୭	୧୨	-୦.୨୩୦
ଚେନ୍ନାଇ ସୁପର କିଙ୍ଗ୍ସ	୧୪	୪	୧୦	୮	+୦.୨୦୩
ମୁମ୍ବାଇ ଇଣ୍ଡିଆନ୍ସ	୧୩	୩	୧୦	୬	-୦.୫୭୭

ଅନ୍ତର୍ଜାତୀୟ ଭଲିବଲ ମହାସଂଘ ମୁଖ୍ୟ କାର୍ଯ୍ୟାଳୟରେ ଅଚ୍ୟୁତ

ଭୁବନେଶ୍ୱର, ୨୦।୫ (ସ୍ପୋର୍ଟ୍ସ ବ୍ୟୁରୋ): ଆମନ୍ତ୍ରଣ ପାଇ ଭାରତ ଭଲିବଲ ମହାସଂଘ ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସ୍ୱିଜରଲାଣ୍ଡସ୍ଥିତ ଅନ୍ତର୍ଜାତୀୟ ଭଲିବଲ ମହାସଂଘ (ଏଫ୍‌ଆଇଭିବି)ର ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ସେଠାରେ ସେ ଏଫ୍‌ଆଇଭିବି ସଭାପତି ଆରି ଏସ୍. ଗ୍ରେସା ଏବଂ ମହାନିର୍ଦ୍ଦେଶକ ଫାବିଓ ଆଜେଭେଣ୍ଡୋଙ୍କ ସହିତ ଫଳପ୍ରଦ ଆଲୋଚନା କରିଥିଲେ। ଭାରତରେ ଭଲିବଲ ଖେଳର ଅଗ୍ରଗତି ନେଇ ସେ ଅବଗତ କରାଇଥିଲେ। ଦେଶରେ ଭଲିବଲ ଖେଳର ପ୍ରସାର କ୍ଷେତ୍ରରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି କର୍ମକର୍ତ୍ତାଦ୍ୱୟ ପ୍ରତିଶ୍ରୁତି ଦେଇଥିଲେ।



ଅନ୍ତର୍ଜାତୀୟ ଭଲିବଲ ମହାସଂଘ କର୍ମକର୍ତ୍ତାଙ୍କ ସହ ଅଚ୍ୟୁତ ସାମନ୍ତ (ମଝି)।

କ୍ୱାଲିଫାୟର-୧ରେ ରାଜସ୍ଥାନ

ମୁମ୍ବାଇ ୨୦।୫

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୫ ଉଇକେଟରେ ଚେନ୍ନାଇ ସୁପରକିଙ୍ଗ୍ସକୁ ପରାସ୍ତ କରିଛି। ଫଳରେ ଗୁଜରାଟ ଟାଇଟାନ୍ସ ସହିତ ରାଜସ୍ଥାନ କ୍ୱାଲିଫାୟର-୧ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ରାଜସ୍ଥାନର ବିଜୟ ଫଳରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଏଲିମିନେଟର ଖେଳିବାକୁ ବାଧ୍ୟ ହୋଇଛି। କାରଣ ୧୪ଟି ଲେଖାଏ ମ୍ୟାଚ ଖେଳିବା ପରେ ରାଜସ୍

ଧରିତ୍ରୀ
DHARITRI

ପୃଷ୍ଠା-୮+୮

ଭୁବନେଶ୍ୱର, ଶନିବାର, ମେ ୨୧/୨୦୨୨ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, May 21/2022 Page 16 ₹ 7.00 | ପୃଷ୍ଠା-୧

୩୧ ତାରିଖ ଯୁକ୍ତ୨ ପରୀକ୍ଷା ଜୁନ୍ ୪ରେ ହେବ

ଭୁବନେଶ୍ୱର, ୨୦।୫(ବ୍ୟୁରୋ)

ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ପାଇଁ ଆସନ୍ତା ୩୧ ତାରିଖ ଯୁକ୍ତ୨ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ଉକ୍ତ ଦିନ ହେବାକୁ ଥିବା ପରୀକ୍ଷାଗୁଡ଼ିକ ଜୁନ୍ ୪ରେ କରାଯିବାକୁ ଶୁକ୍ରବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏପ୍ରିଲ ୨୮ରୁ ଆରମ୍ଭ ହୋଇଥିବା ଯୁକ୍ତ୨ ପରୀକ୍ଷା ମେ' ୩୧ରେ ଶେଷ ହୋଇଥାନ୍ତା। ଶେଷଦିନରେ କଳା ବିଭାଗର ଗଣିତ ଓ ଗୃହବିଜ୍ଞାନ ପରୀକ୍ଷା, ବିଜ୍ଞାନ ବିଭାଗର ଗଣିତ ଏବଂ ଧନ୍ଦାମୂଳକ ବିଭାଗର ବାୟୋଲୋଜି ପରୀକ୍ଷା ହେବାର ଥିଲା। ହେଲେ ସେହିଦିନ ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ ଓ ଜୁନ୍ ୩ରେ ଭୋଟ ଗଣତି ହେବ। ତେଣୁ ୩୧ ତାରିଖ ପରୀକ୍ଷାକୁ ଜୁନ୍ ୪ ତାରିଖରେ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ମେ' ୨୧ରୁ ୨୮ ତାରିଖ ମଧ୍ୟରେ ଆଉ ଯେଉଁସବୁ ପରୀକ୍ଷା ହେବାର ଅଛି, ସେଗୁଡ଼ିକ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁସାରେ ହେବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

ବିଶ୍ୱବିଦ୍ୟାଳୟ ସଂଶୋଧିତ ଆଇନ ଉପରେ ରୋକ୍

ଭୁବନେଶ୍ୱର, ୨୦।୫(ବ୍ୟୁରୋ)

ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୦ ଉପରେ ରୋକ୍ ଲଗାଇଛନ୍ତି ସୁପ୍ରିମକୋର୍ଟ। ଶୁକ୍ରବାର ଏ ସମ୍ପର୍କିତ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟଙ୍କ ରାୟ ଉପରେ ୩ ମାସ ପାଇଁ ରହିତାଦେଶ ଦେବା ସହ ୪ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୁଳପତି ଚୟନ, ନିଯୁକ୍ତି ପ୍ରକ୍ରିୟାକୁ ଓପିଏସ୍‌ସି ଅଧୀନକୁ ନେବା, ସିନେଟ୍ ଉଚ୍ଛେଦ, ସିଣ୍ଡିକେଟ୍‌ରେ ପ୍ରଶାସନିକ ହସ୍ତକ୍ଷେପ ସହ ବିଶ୍ୱବିଦ୍ୟାଳୟ ଆଇନରେ ଅନେକ ସଂଶୋଧନ କରିଥିଲେ ରାଜ୍ୟ ସରକାର। ଏହା ବିରୋଧରେ ହୋଇଥିବା ମାମଲାରେ ଓଡ଼ିଶା ହାଇକୋର୍ଟ କ୍ଲିନ୍ ଚିଟ୍ ଦେଇଥିଲେ। ତେବେ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଏବଂ ଜେଏନ୍‌ୟୁର ପୂର୍ବତନ ପ୍ରଫେସର ଅଜିତ ମହାନ୍ତି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ସର୍ବୋଚ୍ଚ ଅଦାଲତଙ୍କ ପ୍ରଥମ ଶୁଣାଣିରେ ରାଜ୍ୟ ସରକାରଙ୍କୁ ଝଟକା ଲାଗିଛି। ୨ ମାସ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ରାଜ୍ୟ ସରକାରଙ୍କୁ ସୁପ୍ରିମ୍‌କୋର୍ଟ ଝଟକା

ବିଧାନସଭାରେ ଗୃହୀତ ହୋଇଥିବା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମକୁ ବିରୋଧ କରି ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର କୁଞ୍ଜ ବିହାରୀ ପଣ୍ଡା ଓ ଅନ୍ୟ କେତେଜଣ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ହେଲେ ରାୟ ରାଜ୍ୟ ସରକାରଙ୍କ ସପକ୍ଷରେ ଯାଇଥିଲା। ତେବେ ଶୁକ୍ରବାର ସୁପ୍ରିମକୋର୍ଟଙ୍କ ରାୟ ପରେ ପ୍ରଫେସର ପଣ୍ଡା କହିଛନ୍ତି, ସଂଶୋଧିତ ଆଇନ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ରତାକୁ ☞ପୃଷ୍ଠା-୪

କଳିଙ୍ଗରେ ଆଜି ଇଣ୍ଡିଆନ ଗ୍ରାଁ ପ୍ରି-୩

ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଛି ଆଥଲେଟିକ୍ସର ଆଉ ଏକ ବଡ଼ ପ୍ରତିଯୋଗିତା। ରାଜ୍ୟ ସରକାର ୨୦୧୭ରେ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ ଓ ୨୦୧୮ରେ ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍‌କୁ ସଫଳତାର ସହ ଆୟୋଜନ କରିଥିବାବେଳେ ଏବେ ଏଠାରେ ଇଣ୍ଡିଆନ ଗ୍ରାଁ ପ୍ରି ୩ ଓ ୪ ହେବାକୁ ଯାଉଛି। ଇଣ୍ଡିଆନ ଗ୍ରାଁ ପ୍ରି ୩ ଶନିବାର ଏବଂ ଗ୍ରାଁ ପ୍ରି ୪ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ ହେବ। ଭୁବନେଶ୍ୱରରେ ଇଣ୍ଡିଆନ ଗ୍ରାଁ ପ୍ରି ଆୟୋଜନ ହେବା ଏହା ପ୍ରଥମ। ପ୍ରତିଯୋଗିତାରେ ମୋଟ ୧୭ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଓଡ଼ିଶାର ମୋଟ ୧୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦ ଓ ଅମିୟ ମଲିକ ଆକର୍ଷଣରେ ରହିବେ। ଭାଗ ନେବାକୁ ଯାଉଥିବା ଅନ୍ୟ ୮ ପ୍ରତିଯୋଗୀ ହେଲେ ଲକ୍ଷ୍ମୀପ୍ରିୟା କିଷାନ, ନମିତା ପ୍ରଧାନ, ଅଶୋକ ଦଣ୍ଡସେନା, ନିଖିଲ ଦାସ, ଆର୍ଯ୍ୟନ ଏକ୍କା, ସ୍ୱାଧୀନ କୁମାର ମାଝି, ପଙ୍କଜ ମଣ୍ଡଳ ଓ ଦେବାଶିଷ ପଟ୍ଟନାୟକ।

ଆକର୍ଷଣରେ ଶ୍ରାବଣୀ ଓ ଅମିୟ

ବିଦେଶୀ ମୁଦ୍ରାଭଣ୍ଡାରରେ ହ୍ରାସ

ନୂଆଦିଲ୍ଲୀ: ମେ' ୧୩ରେ ଶେଷ ହୋଇଥିବା ସପ୍ତାହରେ ଭାରତର ବିଦେଶୀ ମୁଦ୍ରାଭଣ୍ଡାରରେ ୨.୬୭୬ ବିଲିୟନ ଡଲାର ହ୍ରାସ ଘଟି ୫୯୩.୨୭୯ ବିଲିୟନ ଡଲାର ରହିଯାଇଛି। ଫଳରେ ଲଗାତର ୧୦ମ ସପ୍ତାହ ପାଇଁ ଦେଶର ବିଦେଶୀ ମୁଦ୍ରାଭଣ୍ଡାରରେ ହ୍ରାସ ଦେଖିବାକୁ ମିଳିଛି। ଏହାର ପୂର୍ବ ସପ୍ତାହରେ ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୭୭୪ ବିଲିୟନ ଡଲାର ହ୍ରାସ ଘଟି ୫୯୫.୯୫୪ ବିଲିୟନ୍ ଡଲାର ରହିଯାଇଥିଲା। ଭାରତର ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ପକ୍ଷରୁ ମେ' ୬ରେ ପ୍ରକାଶ ପାଇଥିବା ତଥ୍ୟ ଅନୁସାରେ ଦେଶର ମୁଦ୍ରାଭଣ୍ଡାରରେ ୫୯୬ ବିଲିୟନ ଡଲାର ରହିଥିଲା।

ସଂକ୍ଷେପରେ

୩୦,୩୦୭ କୋଟି ଟଙ୍କାର ଡିଭିଡେଣ୍ଡ୍ ଦେବ ଆର୍‌ବିଆଇ

ନୂଆଦିଲ୍ଲୀ, ୨୦।୫: ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟର୍ସଙ୍କ ପକ୍ଷରୁ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ୩୦,୩୦୭ କୋଟି ଟଙ୍କାର ଡିଭିଡେଣ୍ଡ ବଳକା ରୂପରେ ଟ୍ରାନ୍ସଫର କରିବାର ଅନୁମତି ଦିଆଯାଇଛି। ଏହି ଡିଭିଡେଣ୍ଡ ଆର୍ଥିକ ବର୍ଷ ୨୦୨୧-୨୨ ବର୍ଷ ପାଇଁ ଦିଆଯାଇଛି। ଆର୍‌ବିଆଇ ବୋର୍ଡ ପକ୍ଷରୁ କଣ୍ଟିଜେନ୍ସି ରିସ୍କ ବଫର ୫.୫୦%ରେ ଅପରିବର୍ତ୍ତିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବଜେଟ ଅନୁସାରେ ରିଜର୍ଭ ବ୍ୟାଙ୍କ ଏବଂ ସରକାରଙ୍କ ମାଲିକାନାରେ ଥିବା ବ୍ୟାଙ୍କଗୁଡ଼ିକରୁ ସରକାର ଆର୍ଥିକ ବର୍ଷ ୨୦୨୨-୨୩ରେ ୭୩,୯୪୮ କୋଟି ଟଙ୍କା ଡିଭିଡେଣ୍ଡ ସଂଗ୍ରହ କରିବା ନେଇ ଆକଳନ କରିଥିଲେ। ଆର୍‌ବିଆଇ ଗଭର୍ନରଙ୍କ ଅଧ୍ୟକ୍ଷତାରେ ହୋଇଥିବା ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟର୍ସଙ୍କ ୫୯୬ତମ ବୈଠକରେ ଡିଭିଡେଣ୍ଡ ଦେୟର ନିଷ୍ପତ୍ତି ନିଆଯାଇଥିଲା।

କମର୍ସିଆଲ ବିମାନ ସେବା ଆରମ୍ଭ କରିବ ଜେଟ୍ ଏୟାରୱେଜ୍

ନୂଆଦିଲ୍ଲୀ, ୨୦।୫: ଅନ୍ତର୍ଜାତୀୟ ଏୟାରଲାଇନ୍ ସଂସ୍ଥା ଜେଟ୍ ଏୟାରୱେଜ୍ ପୁଣିଥରେ କମର୍ସିଆଲ ବିମାନ ସେବା ଯୋଗାଇବା ଦିଗରେ ଆଗକୁ ବଢୁଛି। ଡାଇରେକ୍ଟର ଜେନେରାଲ ଅଫ୍ ସିଭିଲ ଆଭିଏସନ୍ (ଡିଜିସିଏ) ପକ୍ଷରୁ ଜେଟ୍ ଏୟାରୱେଜ୍ ପୁଣିଥରେ ଉଡ଼ାଣ ଆରମ୍ଭ କରିବା ପାଇଁ ଏୟାର ଅପରେଟର ସାର୍ଟିଫିକେଟ୍ (ଏଓସି) ପ୍ରଦାନ କରାଯାଇଛି। ଏହା ପୂର୍ବରୁ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏୟାରଲାଇନକୁ ସୁରକ୍ଷା କ୍ଲିୟରାନ୍ସ ପ୍ରଦାନ କରାଯାଇଥିଲା। ଏହା ପରଠାରୁ ଜେଟ୍ ଏୟାରୱେଜ୍ ପୁଣିଥରେ ବିମାନ ସେବା ଆରମ୍ଭ କରିବା ସମ୍ପର୍କରେ ଆଶା କରାଯାଉଥିଲା। ଏପ୍ରିଲ ୨୦୧୯ରୁ ବନ୍ଦ ରହିଥିବା ଜେଟ୍ ଏୟାରୱେଜ୍ ଏହାର ନୂଆ ପ୍ରମୋଟର ଜଲାନ-କାଲରକ୍ କନ୍‌ସର୍ଟିୟମ୍ ଅଧୀନରେ ପୁଣିଥରେ ପରିଚାଳନା ପ୍ରକ୍ରିୟା ଆରମ୍ଭ କରିବ। ଜଲାନ-କାଲରକ୍ କନ୍‌ସର୍ଟିୟମ୍ ପୂର୍ବରୁ ଜେଟ୍ ଏୟାରୱେଜ୍‌ର ମାଲିକାନା ନରେଶ ଗୋୟଲଙ୍କ ନିକଟରେ ରହିଥିଲା ଏବଂ ସେ ୧୭ ଏପ୍ରିଲ ୨୦୧୯ରେ ଏହାର ଶେଷ ଫ୍ଲାଇଟ୍ ସଞ୍ଚାଳନ କରିଥିଲେ।

କଟକରେ ଲାଲ୍‌ଚାନ୍ଦ୍ ଗ୍ରୁପ୍‌ର ପ୍ରଥମ ପଞ୍ଚତାରକା ହୋଟେଲ

'ଦି ନ୍ୟୁ ମାରିଅନ୍'ର ଶିଳାନ୍ୟାସ

ଚୌଦ୍ୱାର, ୨୦।୫(ଡି.ଏନ୍.ଏ.)

କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ନୂଆପାଟଣାଠାରେ ଲାଲ୍‌ଚାନ୍ଦ୍ ଗ୍ରୁପ୍ ପକ୍ଷରୁ ପ୍ରଥମ ପଞ୍ଚତାରକା ହୋଟେଲ 'ଦି ନ୍ୟୁ ମାରିଅନ୍'ର ନିର୍ମାଣ ପାଇଁ ଶୁକ୍ରବାର ଏହାର ଶିଳାନ୍ୟାସ ହୋଇଯାଇଛି। ଏଥିରେ ଯାଜପୁର ବିଧାୟକ ତଥା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ମା' ସନ୍ଧ୍ୟାରାଣୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଏହା କଟକ ଜିଲାର ପ୍ରଥମ ପଞ୍ଚତାରକା ହୋଟେଲ ବୋଲି ଶିଳାନ୍ୟାସ ଉତ୍ସବରେ ଯୋଗ ଦେଇଥିବା ଅତିଥି ମତବ୍ୟକ୍ତ କରିଥିଲେ। ପ୍ରାୟ ୧୨ ଏକର ଜମି ଓ ୭୭ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ହୋଟେଲ ନିର୍ମାଣ କରାଯିବ। ଏଥିରେ ୩୦ଟି ସ୍ୱତନ୍ତ୍ର ଭିଲ୍ଲା, ୬୦ ବିଳାସପୂର୍ଣ୍ଣ ସୁଟ୍, ସମ୍ମିଳନୀ କକ୍ଷ, ବୃହତ୍ ଡାଇନିଂ ହଲ୍, ରେଷ୍ଟୁରାଣ୍ଟ, ଶପିଂମଲ୍, ସୁଇମିଂପୁଲ୍, ଲନ୍, ସେଲୁନ୍, ସ୍ପା ଓ ହେଲ୍‌ଥ କ୍ଲବ୍ ରହିବ ବୋଲି ହୋଟେଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏଥିରେ ୧୬୦ରୁ ଊର୍ଦ୍ଧ୍ୱ ଲୋକ ନିଯୁକ୍ତି ପାଇବେ। ଏହି ହୋଟେଲ ପର୍ଯ୍ୟଟକମାନଙ୍କୁ ବିଶେଷଭାବେ ଆକୃଷ୍ଟ କରିବ ବୋଲି ଲାଲ୍‌ଚାନ୍ଦ୍ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସଞ୍ଜୟ ହଂସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା ଦ୍ୱାରା ଗତ ୨ ଦଶନ୍ଧି ମଧ୍ୟରେ ରାଜ୍ୟରେ ଶିଳ୍ପ, କ୍ରୀଡ଼ା, ସ୍ୱାସ୍ଥ୍ୟସେବା, ପର୍ଯ୍ୟଟନ ଆଦିକ୍ଷେତ୍ରରେ ବିକାଶ ହୋଇଛି। ଏ ଦିଗରେ ଆମର ନୂତନ ଉଦ୍ୟମ ଏହାର ପ୍ରତିଫଳନ। ପର୍ଯ୍ୟଟକଙ୍କୁ ମନୋରଞ୍ଜନ ଯୋଗାଇଦେବା, ରାଜ୍ୟର ପ୍ରମୁଖ ଓେଡିଂ ଭେନ୍ୟୁରେ ପରିଣତ କରିବା, ଦେଶ ତଥା ଦେଶ ବାହାର ପର୍ଯ୍ୟଟକମାନଙ୍କୁ ଉତ୍ତମ ସେବା ଯୋଗାଇଦେବା ଲକ୍ଷ୍ୟରେ ଏହି ହୋଟେଲ ନିର୍ମାଣ ହେବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରେରଣା ଓ ସହାୟତା ପାଇଁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବାରୁ ସେ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଲାଲଚାନ୍ଦ୍ ଗ୍ରୁପ୍‌ର ଅମ୍ରିତା ହଂସ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କର, ଟାଙ୍ଗୀ-ଚୌଦ୍ୱାର ବିଡ଼ିଓ ଆଶୁତୋଷ ମିଶ୍ରଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମକର୍ତ୍ତା ଯୋଗଦେଇଥିଲେ।

ଦି ନ୍ୟୁ ମାରିଅନ ହୋଟେଲର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ହୋଟେଲ କର୍ତ୍ତୃପକ୍ଷ।

ଓଏସ୍‌ଏଲ୍ ପକ୍ଷରୁ ୧୦ଲକ୍ଷ ଟଙ୍କା ପ୍ରଦାନ

କଟକ, ୨୦।୫

ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍‌ଏଲ୍) ପକ୍ଷରୁ ନିକଟରେ ମନମ ଫାଉଣ୍ଡେଶନକୁ ୧୦ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। କମ୍ପାନୀ ତା'ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଜରିଆରେ ଏହି ସହାୟତା ରାଶି ଉକ୍ତ ଫାଉଣ୍ଡେଶନକୁ ଯୋଗାଇଦେଇଥିବା କୁହାଯାଇଛି।

ଏ ସମ୍ପର୍କରେ ଓଏସ୍‌ଏଲ୍ ଗ୍ରୁପ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମହିମାନନ୍ଦ ମିଶ୍ର କହିଛନ୍ତି, ବିଭିନ୍ନ ସମସ୍ୟାର ସମାଧାନ କରିବା ଦିଗରେ ଘରୋଇ ସଂସ୍ଥା ଭାବେ ଏକ ଗୁରୁ ଦାୟିତ୍ୱ ବୋଲି ଭାବି ଆମେ ଆମର କାର୍ଯ୍ୟ କରିଚାଲିଛୁ। କମ୍ପାନୀ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ସମସ୍ୟା ସମୟରେ ଛିଡ଼ା ହୋଇପାରିଥିବାରୁ ଓଏସ୍‌ଏଲ୍ ଗ୍ରୁପ୍ ଗର୍ବିତ ବୋଲି ମିଶ୍ର ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଓଏସ୍‌ଏଲ୍ ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏଚ୍‌ଆର୍ ଆଣ୍ଡ ଆଇଆର୍) ପି. କେ. ପଣ୍ଡା ଉକ୍ତ ସହାୟତା ରାଶି (ଚେକ୍)କୁ ମନମ ଫାଉଣ୍ଡେଶନର ପ୍ରତିଷ୍ଠାତା ଡ. ଅନୁରାଧା ମହାପାତ୍ରଙ୍କୁ ହସ୍ତାନ୍ତର କରିଛନ୍ତି। ସେବା, ସଚେତନତା, ଶିକ୍ଷା, ସହାୟକ ଗୋଷ୍ଠୀ ଗଠନ ଓ ପରାମର୍ଶ ଜରିଆରେ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍ତମ କାର୍ଯ୍ୟ କରିବା ଲାଗି ଏହି ରାଶିକୁ ବ୍ୟବହାର କରାଯିବ।

ବିଜେତାଙ୍କୁ ପୁରସ୍କୃତ କଲା ରୁଚି

କଟକ, ୨୦।୫

ରାଜ୍ୟର ପ୍ରମୁଖ ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ ରୁଚି ପକ୍ଷରୁ ଘୋଷଣା କରାଯାଇଥିବା 'ରୁଚି ମେଗା ଉପହାର' ଯୋଜନାରେ ବିଜୟୀ ଗ୍ରାହକମାନଙ୍କୁ ପୁରସ୍କୃତ କରାଯାଇଛି। ବିଶେଷକରି ନିକଟରେ ଶେଷ ହୋଇଥିବା କଟକ ବୈଶାଖୀ ବାଣିଜ୍ୟ ମେଳା ଅବସରରେ କମ୍ପାନୀ ଉକ୍ତ ଯୋଜନା ବିଷୟରେ ଘୋଷଣା କରିଥିଲା। ସ୍ଥାନୀୟ ମଧୁପାଟଣା ଶିଳ୍ପାଞ୍ଚଳସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀର ଭାଗ୍ୟଶାଳୀ ବିଜେତାମାନେ ଉପସ୍ଥିତ ରହି ସେମାନଙ୍କର ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ନିର୍ଦ୍ଦେଶିକା ସଲିନା ସାହୁ ଓ ଏହାର ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତାମାନଙ୍କୁ ଭିନ୍ନ ଭିନ୍ନ ପୁରସ୍କାର ପ୍ରଦାନ କରିଥିଲେ। ଦୀର୍ଘ ୪୭ବର୍ଷ ଧରି ରୁଚି ଭିନ୍ନ ଭିନ୍ନ ଯୋଜନା ଜରିଆରେ ତା'ର ଗ୍ରାହକମାନଙ୍କୁ ବିଭିନ୍ନ ସମୟରେ ପୁରସ୍କୃତ କରି ଗୌରବାନ୍ୱିତ ମନେ କରିଛି ବୋଲି ସଙ୍ଗୀତା କହିଛନ୍ତି। ସେହିଭଳି ରୁଚିର ଲୋକସମ୍ପର୍କ ପ୍ରବନ୍ଧକ ଉକ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ କହିଥିଲେ, ଚଳିତ ବୈଶାଖୀ ବାଣିଜ୍ୟ ମେଳାରେ ରୁଚି ପକ୍ଷରୁ ୪୦୦ରୁ ଅଧିକ ଗ୍ରାହକଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ମେଳା ପରିପ୍ରେକ୍ଷୀରେ ବିଜେତାମାନଙ୍କୁ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଥିବା ପୁରସ୍କାର ସହ ସ୍ୱର୍ଣ୍ଣମୁଦ୍ରା ଉପହାର ମଧ୍ୟ ପ୍ରଦାନ କରାଯାଇଥିଲା। ପରିଶେଷରେ କମ୍ପାନୀର ବରିଷ୍ଠ ସୂଚନା ଅଧିକାରୀ ଡ. ନିହାର ରଞ୍ଜନ ସାହୁ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

ହ୍ୱାଇଟ କାନଭାସ୍‌ର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେଉରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ବରିଷ୍ଠ ଅଧିକାରୀ ହୃଦୟ ଚନ୍ଦ୍ର ବେହେରା, ଅଙ୍କିତ ମହାପାତ୍ର, ଶିବପ୍ରସାଦ ଧଳ, ହୃଷୀକେଶ ପାଣି, କାଞ୍ଚନ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ମାଲାବାରରେ ଷ୍ଟଡ୍‌ସ ଆଣ୍ଡ୍ ଡ୍ରପ୍ସ ଫେଷ୍ଟିଭାଲ

ଭୁବନେଶ୍ୱର, ୨୦।୫

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ 'ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍'ର ଭୁବନେଶ୍ୱରସ୍ଥିତ ଶହୀଦନଗର ଏକ୍ସକ୍ଲୁସିଭ ଶୋ' ରୁମ୍ ପରିସରରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ କାର୍ଯ୍ୟକ୍ରମ 'ଷ୍ଟଡ୍‌ସ ଆଣ୍ଡ ଡ୍ରପ୍ସ ଫେଷ୍ଟିଭାଲ'ର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୋ'ରୁମ୍ ପରିସରରେ ଉପସ୍ଥିତ ବିଶିଷ୍ଟ ଗ୍ରାହକ ଏବଂ ପରିଚାଳନା ଟିମ୍ ଦ୍ୱାରା ଏହାର ଉଦ୍‌ଘାଟନ କରାଯାଇଥିଲା। ଶୁକ୍ରବାରୁଠାରୁ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀ ମେ'୨୯ ପର୍ଯ୍ୟନ୍ତ ଜାରି ରହିବ। ଏଥିରେ ପ୍ରଦର୍ଶିତ ସୁନା ଅଳଙ୍କାର, ଡାଇମଣ୍ଡ ଷ୍ଟଡ୍ ଏବଂ ବିଭିନ୍ନ ଜେମ୍ ଷ୍ଟୋନ୍ ଡିଆରି ଗହଣା ଉପରେ ୧୨.୯% ଏବଂ ତଦୂର୍ଦ୍ଧ୍ୱ ରିହାତି ବ୍ୟବସ୍ଥା ରହିଛି। ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ମାଇନ-ଡାଇମଣ୍ଡ ଜୁଏଲେରି, ଏରା-ଅନ୍‌କଟ୍ ଡାଇମଣ୍ଡ୍ ଜୁଏଲେରି, ପ୍ରେସିଆ-ପ୍ରେସିୟସ୍ ଜେମ୍‌ଷ୍ଟୋନ୍ ଜୁଏଲେରି, ଏଥ୍‌ନିକ୍ସ-ହସ୍ତ ନିର୍ମିତ ଜୁଏଲେରି, ଡିଭାଇନ୍-ଇଣ୍ଡିଆନ୍ ହେରିଟେଜ୍ ଜୁଏଲେରି ଏବଂ ଷ୍ଟାର୍‌ଲେଟ୍-କିଡ୍ସ ଜୁଏଲେରି ଭଳି ଗହଣା ବ୍ରାଣ୍ଡ ପ୍ରଦର୍ଶନ କରାଯାଉଛି ବୋଲି ଶୋ'ରୁମ୍‌ର ବରିଷ୍ଠ ଅଧିକାରୀ ଅସନାଫ କହିଛନ୍ତି।

ଏଫ୍‌ଡିଆଇରେ ଭାରତର ନୂଆ ରେକର୍ଡ

ନୂଆଦିଲ୍ଲୀ, ୨୦।୫

ସାରା ବିଶ୍ୱର ନିବେଶକଙ୍କ ପାଇଁ ଭାରତ ଏକ ଭରସାଯୋଗ୍ୟ ନିବେଶସ୍ଥଳ ପାଲଟିଛି। ଦେଶର ବଡ଼ ବଜାର ସେମାନଙ୍କୁ ଆକର୍ଷିତ କରିବା ସହିତ ଅର୍ଥବ୍ୟବସ୍ଥାରେ ବୃହତ୍ ବୃଦ୍ଧିର ସମ୍ଭାବନା ସେମାନଙ୍କୁ ଏଠାରେ ନିବେଶ ପାଇଁ ପ୍ରେରିତ କରିଥାଏ। ମହାମାରୀ ସତ୍ତ୍ୱେ ଭାରତରେ ବିଦେଶୀ ନିବେଶ ଲଗାତର ଭାବରେ ବୃଦ୍ଧି ପାଉଛି। ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୧-୨୨ରେ ପ୍ରତ୍ୟକ୍ଷ ବିଦେଶୀ ନିବେଶ(ଏଫ୍‌ଡିଆଇ) କ୍ଷେତ୍ରରେ ଦେଶର ନୂଆ ରେକର୍ଡ ସ୍ଥାପନା ହୋଇଛି। କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଏଫ୍‌ଡିଆଇ ସମ୍ପର୍କିତ ତଥ୍ୟ ଜାରି କରାଯାଇଛି। ତଥ୍ୟ ଅନୁଯାୟୀ ଆର୍ଥିକ ବର୍ଷ ୨୦୨୧-୨୨ରେ ଭାରତ ୮୩.୫୭ ବିଲିୟନ ଡଲାରର ଏଫ୍‌ଡିଆଇ ହାସଲ କରିବାରେ ସଫଳ ହୋଇଛି। ପୂର୍ବରୁ କୌଣସି ଆର୍ଥିକ ବର୍ଷରେ ଏତେ ମାତ୍ରାରେ ଏଫ୍‌ଡିଆଇ ସଂଗ୍ରହ ହୋଇ ନ ଥିବାରୁ ଏହି ହାର ସର୍ବାଧିକ ରହିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଦେଶକୁ ୮୧.୯୭ ବିଲିୟନ ଡଲାରର ଏଫ୍‌ଡିଆଇ ମିଳିଥିଲା। ମନ୍ତ୍ରଣାଳୟର ସୂଚନା ଅନୁସାରେ ଭାରତ ନିର୍ମାଣ (ମ୍ୟାନୁଫାକ୍‌ଚରିଂ) କ୍ଷେତ୍ରରେ ବିଦେଶୀ ନିବେଶକଙ୍କ ପାଇଁ ଏକ ପସନ୍ଦଯୋଗ୍ୟ କ୍ଷେତ୍ର ପାଲଟିଛି। ଗତ ଆର୍ଥିକ ବର୍ଷରେ ନିର୍ମାଣ କ୍ଷେତ୍ରର ଏଫ୍‌ଡିଆଇରେ ୭୬%ର ଆଖିଦୃଶିଆ ବୃଦ୍ଧି ପରିଲକ୍ଷିତ ହୋଇଛି। ଏହି କ୍ଷେତ୍ରରେ ୨୦୨୦-୨୧ ଆର୍ଥିକ ବର୍ଷରେ ୧୨.୯ ବିଲିୟନ ଡଲାର ଏଫ୍‌ଡିଆଇ ହାସଲ କରାଯାଇଥିବା ବେଳେ ୨୦୨୧-୨୨ରେ ଏଥିରେ ବୃଦ୍ଧି ଘଟି ୨୧.୩୪ ବିଲିୟନ ଡଲାର ସ୍ତରରେ ପହଞ୍ଚିଛି। ସୂଚନା ଅନୁସାରେ ଏଫ୍‌ଡିଆଇ ଦେଶଗୁଡ଼ିକ ମଧ୍ୟରେ ସିଙ୍ଗାପୁର ଶୀର୍ଷରେ ରହିଛି। ମୋଟ୍ ଏଫ୍‌ଡିଆଇର ୨୭% ସିଙ୍ଗାପୁରଠାରୁ ଭାରତକୁ ପ୍ରାପ୍ତ ହୋଇଛି। ଆମେରିକାଠାରୁ ୧୮% ଏବଂ ମରିସସ୍‌ରୁ ୧୬% ବିଦେଶୀ ନିବେଶ ହୋଇଛି। ଗତ ଆର୍ଥିକ ବର୍ଷରେ କମ୍ପ୍ୟୁଟର ଏବଂ ହାର୍ଡୱେର୍ କ୍ଷେତ୍ରରେ ସର୍ବାଧିକ ବିଦେଶୀ ନିବେଶ ହୋଇଥିବା ବେଳେ ୨ୟରେ ସେବା କ୍ଷେତ୍ର ଓ ୩ୟରେ ଅଟୋମୋବାଇଲ୍ ଇଣ୍ଡଷ୍ଟ୍ରି ରହିଛନ୍ତି। ଗତ ୨୦ ବର୍ଷ ମଧ୍ୟରେ ଏଫ୍‌ଡିଆଇରେ ୨୦ ଗୁଣା ବୃଦ୍ଧି ଘଟିଥିବା ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଗୋ ସାଇ ଫର୍ନିଚରର ଏକ୍ସକ୍ଲୁସିଭ ଷ୍ଟୋର

ଭୁବନେଶ୍ୱର, ୨୦।୫

ଅଗ୍ରଣୀ ଫର୍ନିଚର ସଲ୍ୟୁଶନ୍ସ ବ୍ରାଣ୍ଡ, ଗୋ ସାଇ ଫର୍ନିଚରର ନୂତନ ଏକ୍ସକ୍ଲୁସିଭ ଷ୍ଟୋର ଶୁକ୍ରବାର ସ୍ଥାନୀୟ ଲକ୍ଷ୍ମୀସାଗର ଛକ ନିକଟରେ ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ୫୦୦୦ ବର୍ଗଫୁଟ୍ ପରିମିତ ଜମିରେ ଗଢି ଉଠିଥିବା ଏହି ଷ୍ଟୋର ମାଧ୍ୟମରେ ରାଜଧାନୀବାସୀଙ୍କୁ ରାଜସ୍ଥାନୀ ଶୈଳୀର ଫର୍ନିଚର ଉପଲବ୍ଧ ସହ କ୍ରୟ ପାଇଁ ମଧ୍ୟ ଯୋଗାଇଦେବ। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ପୁନମ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟୋରର ପ୍ରମୁଖ ସୀତା ରାମ ଓ ପୱନ କୁମାରଙ୍କ ସମେତ ବହୁ ବରିଷ୍ଠ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ବିଶେଷକରି ଏଠାରେ ସୁନ୍ଦର ଭାବେ ଡିଜାଇନ ହୋଇଥିବା ଫର୍ନିଚରଗୁଡ଼ିକ ସହ ବିଭିନ୍ନ ସୁବିଧା ଓ ସେବା ଗ୍ରାହକଙ୍କୁ ଷ୍ଟୋର ଜରିଆରେ ଯୋଗାଇ ଦିଆଯାଉଛି। ଗୋ ସାଇ ଫର୍ନିଚର ଉତ୍ପାଦଗୁଡ଼ିକ ଶିଶୁକାଠରେ ନିର୍ମାଣ ହୋଇଥିବା ବେଳେ ଅନ୍ୟ ବ୍ରାଣ୍ଡଗୁଡ଼ିକ ପ୍ଲାଏଉଡ୍ ଉପରେ ନିର୍ଭର କରୁଛନ୍ତି। ଆମର ଉତ୍ପାଦ ପୋର୍ଟଫୋଲିଓରେ ବେଡ୍, ଡାଇନିଂ, ସୋଫା, ବୁକ୍‌ସେଲ୍‌ଫ, ସାଇଡ୍ ବୋର୍ଡ, ୱାର୍ଡରୋବ୍, ଷ୍ଟଡି ଟେବୁଲ ଆଦି ବିସ୍ତୃତ ଶୃଙ୍ଖଳାର ଉତ୍ପାଦ ସାମିଲ ରହିଛି। ଆମେ ଆମର ମୂଲ୍ୟବାନ୍ ସହଯୋଗୀଙ୍କ ସହ ବେଙ୍ଗାଲୁରୁ, ହାଇଦ୍ରାବାଦ ଓ ବିଜୟୱାଡାରେ ମଧ୍ୟ ଉପସ୍ଥିତ ରହିଛୁ।

ଏ ସମ୍ପର୍କରେ ଗୋ ସାଇ ଫର୍ନିଚରର ସ୍ୱତ୍ୱାଧିକାରୀ ସୀତା ରାମ କହିଛନ୍ତି, ଆମେ ଭୁବନେଶ୍ୱରରେ ଆମର ନୂଆ ଷ୍ଟୋର ଖୋଲି ଅତ୍ୟନ୍ତ ଖୁସି ଅନୁଭବ କରୁଛୁ, ଯେଉଁଠାରେ ଆମ ଭଳି ଖେଳାଳିଙ୍କ ପାଇଁ ଉନ୍ନତ ସମ୍ଭାବନା ରହିଛି। ଷ୍ଟୋର ଶୁଭାରମ୍ଭ ଅବସରରେ ବ୍ରାଣ୍ଡ ପକ୍ଷରୁ ଅନେକ ପ୍ରକାର ସୁବିଧା

ଆଜି କ'ଣ କେଉଁଠି

ଭୁବନେଶ୍ୱର

- କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ରାଜୀବ ଭବନ ପରିସର, ସକାଳ ୮ଟା, କଂଗ୍ରେସ ଭବନ ପରିସର, ସକାଳ ୮ଟା ୩୦।
- ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ସିପିଆଇର ବିକ୍ଷୋଭ, ରାଜମହଲ ଛକ, ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ଆଦିବାସୀ ନୃତ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ଶ୍ରୀ ଶ୍ରୀ ରାଧାମାଧବଙ୍କ ଚାପକ୍ରୀଡ଼ା, ବାଲିଅନ୍ତା ନିକୁଞ୍ଜବିହାରୀ ମନ୍ଦିର ନିକଟ, କୁଶଭଦ୍ରା ନଦୀକୂଳ, ରାତି ୭ଟା ୩୦।
- ଶ୍ରୀ ସ୍ୱପ୍ନେଶ୍ୱର ମହାଦେବଙ୍କ ଚନ୍ଦନ ମହୋତ୍ସବ-୨୦୨୨ ଅବସରରେ ଚାପଖେଳ, ହରିଦାସପୁର ଗ୍ରାମ ନିକଟ କୁଆଖାଇ ନଦୀକୂଳ, ରାତି ୭ଟା।

ନିର୍ଦ୍ଦେଶକ ପ୍ରିନ୍ସ କୁମାର ମଥୁରାରୁ ଗିରଫ

ଭୁବନେଶ୍ୱର, ୨୦।୫(ବ୍ୟୁରୋ)

ଡିଜିଟାଲ ମାର୍କେଟିଂ ଆଳରେ ବହୁ କୋଟି ଠକେଇ

- ଆପ୍ ବ୍ୟବହାର କରି ରୋଜଗାର କରିବାକୁ ଲୋଭ ଦେଖାଇଥିଲେ
- ଓଡ଼ିଶାରୁ ଠକି ନେଇଛନ୍ତି ଦେଢ଼ କୋଟିରୁ ଅଧିକ
- ସାରା ଦେଶକୁ ଲମ୍ବିଛି ପ୍ରିନ୍ସଙ୍କ ଠକେଇ ଚେର

ଡିଜିଟାଲ୍ ମାର୍କେଟିଂ ଆଳରେ ଦେଶର ଆଉଏକ ବଡ଼ଧରଣର ଠକେଇ ଘଟଣା ଏବେ ସାମ୍ନାକୁ ଆସିଛି। ଆପ୍ ବ୍ୟବହାର କରିବା ସହ ଘରେ ବସି ରୋଜଗାର ଲୋଭ ଦେଖାଇ ସାରା ଦେଶରୁ ବହୁ କୋଟି ଲୁଟି ନେଇଛନ୍ତି ଠକ। କେବଳ ଓଡ଼ିଶାରୁ ଦେଢ଼ କୋଟିରୁ ଅଧିକ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଏହି ଠକେଇ କରିଥିବା 'ଏମ୍/ଏସ୍ ଡିଜିଟାଲ ରିଭୋଲ୍ୟୁଶନ୍ ଟେକ୍ନୋଲୋଜିସ୍ ଲିମିଟେଡ୍' କମ୍ପାନୀର ନିର୍ଦ୍ଦେଶକଙ୍କୁ ଶେଷରେ ଉତ୍ତରପ୍ରଦେଶର ମଥୁରାରୁ ଗିରଫ କରିଛି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ସେ ହେଲେ ବିହାର ମୁଜାଫରପୁର ଅଞ୍ଚଳର ପ୍ରିନ୍ସ କୁମାର। ଇଓଡବ୍ଲ୍ୟୁ ତାଙ୍କୁ ବୁଧବାର ଗିରଫ କରିବା ପରେ ମଥୁରା ସିଜେଏମ୍ କୋର୍ଟରେ ହାଜର କରିଥିଲା। କୋର୍ଟ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବାକୁ ଅନୁମତି ଦେବାପରେ ଇଓଡବ୍ଲ୍ୟୁ ପ୍ରିନ୍ସଙ୍କୁ ଓଡ଼ିଶା ଆଣୁଛି। ଅଭିଯୁକ୍ତ ପ୍ରିନ୍ସ ମହାରାଷ୍ଟ୍ର, ବିହାର, ଉତ୍ତରପ୍ରଦେଶ, ଦିଲ୍ଲୀ, ପଶ୍ଚିମବଙ୍ଗ, ଛତିଶଗଡ଼ ଆଦି ରାଜ୍ୟରେ ମଧ୍ୟ ଠକେଇ କରିଛନ୍ତି। ତେଣୁ ସେ ପହଞ୍ଚିବା ପରେ ତାଙ୍କୁ ଅଧିକ ଜେରା କରାଯିବ। ତାଙ୍କ ର୍ୟାକେଟ ସମ୍ପର୍କରେ ଅଧିକ ତଥ୍ୟ ମିଳିବା ସହ ଠକେଇ ଟଙ୍କା ପରିମାଣ ବଢ଼ିପାରେ ବୋଲି ଇଓଡବ୍ଲ୍ୟୁ ଆଶା ରଖିଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରିନ୍ସ ବଡ଼ ଠକେଇ ପାଇଁ ଅଭିନବ ଯୋଜନା କରିଥିଲେ। 'ଏମ୍/ଏସ୍ ଡିଜିଟାଲ ରିଭୋଲ୍ୟୁଶନ୍ ଟେକ୍ନୋଜିସ୍ ଲିମିଟେଡ୍' ନାମରେ ଏକ କମ୍ପାନୀ ଖୋଲି କର୍ମଚାରୀ ନିୟୋଜିତ କରିଥିଲେ। ଲୋକଙ୍କ ବିଶ୍ୱାସ ଭାଜନ ପାଇଁ ସେ ୟୁଟ୍ୟୁବ୍, ହ୍ୱାଟ୍ସଆପ୍, ଆମାଜନ୍, ଇମେଲ୍, ଅନ୍‌ଲାଇନ୍ ଡିଜିଟାଲ ଗେମିଂ, ଡିଜିଟାଲ ପେମେଣ୍ଟ ଓ ନେଟ୍‌ଫ୍ଲିକ୍ସ ଆଦିର ବିକଳ୍ପ ଭାରତୀୟ ଆପ୍ ଯଥା ଶପ୍ ସବ୍‌କୁଛ, ମାଇଁପେ, ମାଇଁୟୁଟ୍ୟୁବ୍ ୱାର୍ଲ୍ଡ, ଭିଡ୍‌ସ୍କୋପ, ଚିଠି, ଗୋଗେମ୍ ଆଦି ପ୍ରସ୍ତୁତ କରିଥିଲେ। ରାଜ୍ୟରୁ ରାଜ୍ୟ ବୁଲି ଅଧିକରୁ ଅଧିକ ଲୋକଙ୍କୁ କମ୍ପାନୀ ସହ ଯୋଡୁଥିଲେ। ପ୍ରିନ୍ସ ସହ ର୍ୟାକେଟ୍‌ରେ ସମ୍ପୃକ୍ତ ଅନ୍ୟ ସଦସ୍ୟ ଓ କର୍ମଚାରୀମାନେ ଉପରୋକ୍ତ ଦେଶୀ ଆପ୍‌ଗୁଡ଼ିକୁ ବ୍ୟବହାର କରିବାକୁ କହୁଥିଲେ। ଘରେ ବସି ରୋଜଗାର କରିବା ସହ ଦେଶର ସମ୍ମାନ ବୃଦ୍ଧି କରିବାକୁ କହୁଥିଲେ। ଏଥିଯୋଗୁ ପରୋକ୍ଷରେ ଦେଶର ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ବ୍ୟବସାୟ ସହ ଡିଜିଟାଲ କ୍ଷେତ୍ରରେ କ୍ରାନ୍ତି ଆଣିବାକୁ କମ୍ପାନୀର ଲକ୍ଷ୍ୟ ରହିଥିବା କହି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଉଥିଲେ। ୨୦୨୦ ମାର୍ଚ୍ଚରେ ପ୍ରିନ୍ସ ଓଡ଼ିଶା ଆସି ବିଭିନ୍ନ ଜିଲାରେ ବୈଠକ କରିଥିଲେ। ୧୫ ହଜାର ଲେଖାଏ ଦେଇ କମ୍ପାନୀରେ ଆଇଡ଼ି ଖୋଲି ନାମ ପଞ୍ଜୀକରଣ କରିବା ପରେ ପ୍ରତି ମାସ ୨୬୦୦ ଟଙ୍କା ମିଳିବ ବୋଲି ସେ କହିଥିଲେ। ଏହାକୁ ବିଶ୍ୱାସ କରି ଶତାଧିକ ଲୋକ କମ୍ପାନୀ ସହ ଯୋଡ଼ି ହୋଇଥିବାବେଳେ ସେମାନଙ୍କଠାରୁ କମ୍ପାନୀ ଦେଢ଼ କୋଟିରୁ ଅଧିକ ଟଙ୍କା ନେଇଥିଲା। ୨ରୁ ୩ ମାସ ଟଙ୍କା ଆସିବା ପରେ ତାହା ବନ୍ଦ ହୋଇଯାଇଥିଲା। ଏପରିକି କେହି ଫୋନ୍ ମଧ୍ୟ ଉଠାଇ ନ ଥିଲେ। ଠକେଇର ଶିକାର ହୋଇଥିବା କେତେଜଣ ଲୋକ ୨୦୨୧ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନିର୍ଦ୍ଦେଶକ୍ରମେ ଇଓଡବ୍ଲ୍ୟୁ ପ୍ରାଥମିକ ତଦନ୍ତ କରି ଗତ ମାର୍ଚ୍ଚ ୧୪ରେ (ନଂ.୫/୨୦୨୨) ମାମଲା ରୁଜୁ କରିଥିଲା।

ଚନ୍ଦନ ଯାତ୍ରା ଅବସରରେ ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁ ଚାପ ଖେଳୁଛନ୍ତି।

କାର୍ଯ୍ୟ ଉପରେ ରହିତାଦେଶ ଜାରି ପାଇଁ ଆବେଦନ

ପୁରୀ ଅଫିସ,୨୦।୫

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିରୋଧରେ ହାଇକୋର୍ଟରେ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ଚାଲିଛି। ମାମଲାର ଶୁଣାଣି ନ ସରିବା ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ଉପରେ ରହିତାଦେଶ ଜାରି ପାଇଁ ଆବେଦନକାରୀ ଦିଲୀପ ବରାଳ କୋର୍ଟଙ୍କୁ ନିବେଦନ କରିଛନ୍ତି। କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ପ୍ରଶାସନ ଓ ଠିକା ସଂସ୍ଥା ଦିନରାତି ନିର୍ମାଣ କାର୍ଯ୍ୟ ଚଳାଇଛନ୍ତି। ଆମ୍‌ସାର୍ ଆକ୍ଟ-୧୯୫୮ ଉଲ୍ଲଂଘନ କରାଯାଇ ବେଆଇନ କାର୍ଯ୍ୟ ହେଉଛି। ଗତ ୧୭ ତାରିଖରେ ଏଏସ୍‌ଆଇ କର୍ତ୍ତୃପକ୍ଷ ଖନନସ୍ଥଳୀକୁ ଯାଇ ପରିତ୍ୟକ୍ତ ସିଂହମୂର୍ତ୍ତିର ସ୍ଥିତି ଯାଞ୍ଚ କରି ତାହା ଗଙ୍ଗବଂଶ ରାଜତ୍ୱ ସମୟର କାରୁକାର୍ଯ୍ୟ ବୋଲି ଉଲ୍ଲେଖ କରିଥିଲେ। ଏଣୁ ଖନନସ୍ଥଳୀରେ ଆହୁରି ଅଧିକ କୀର୍ତ୍ତିରାଜି ମିଳିବାର ସମ୍ଭାବନା ରହିଛି। ଖନନରୁ ମିଳିଥିବା ସିଂହମୂର୍ତ୍ତି ସମ୍ପର୍କରେ ଏଏସ୍‌ଆଇ ସତ୍ୟପାଠରେ ଗତ ୯ ତାରିଖରେ କୋର୍ଟଙ୍କୁ ଅବଗତ କରାଇଥିଲେ ମଧ୍ୟ ଏହି ଦିଗରେ ଧ୍ୟାନ ଦିଆଯାଇନାହିଁ। ସେହିଭଳି ମେଶିନ୍ ମାଡ଼ରେ ସିଂହମୂର୍ତ୍ତି ଦୁଇଖଣ୍ଡ ହୋଇଯାଇଛି। ଖନନ କାମ ଚାଲୁ ରହିଲେ, ଅନେକ କୀର୍ତ୍ତିରାଜି ଉଦ୍ଧାର ହେବା ପୂର୍ବରୁ ଭାଙ୍ଗିଯିବ। ଏଣୁ ବଳକା କୀର୍ତ୍ତିରାଜିର ସଂରକ୍ଷଣ ପାଇଁ ପ୍ରକଳ୍ପ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଅପିଲ୍ କରାଯାଇଛି। ଜିପିଆରଏସ୍ ହୋଇ ନ ଥିବାରୁ କୀର୍ତ୍ତିରାଜି ସଂରକ୍ଷଣ କରିବା ଉପରେ ପ୍ରାଥମିକତା ଦେବା ପାଇଁ ନିବେଦନ କରାଯାଇଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିରୋଧରେ ହୋଇଥିବା ଜନସ୍ୱାର୍ଥ ମାମଲାର ପରବର୍ତ୍ତୀ ଶୁଣାଣି ଜୁନ ୨୨ ତାରିଖରେ ହେବ। ମାମଲାର ଶୀଘ୍ର ଶୁଣାଣି କରିବା ନେଇ ବରାଳ ଅନ୍ତରୀଣ ଆବେଦନ କରିଥିଲେ।

ସଙ୍ଗୀତ ନିର୍ଦ୍ଦେଶକ ଜାପାନୀଙ୍କୁ ଧମକ

ଭୁବନେଶ୍ୱର, ୨୦।୫(ବ୍ୟୁରୋ)

ବିବାଦରେ ଲୋକପ୍ରିୟ ଗାୟକ ହ୍ୟୁମାନ ସାଗର

- ଗୀତିକାର ତପୁଙ୍କ ଫୋନ୍‌କୁ ଆସିଥିଲା ଧମକପୂର୍ଣ୍ଣ କଲ୍
- ଜଗନ୍ନାଥଙ୍କ ଭଜନ ଗାଇବାକୁ ନିବେଦନ କରୁଥିଲେ ଜାପାନୀ
- ଯେବେ ଡୋରି ଲାଗିବ, ସାରା ଓଡିଶା ଝୁମିବ: ହ୍ୟୁମାନ

ସଙ୍ଗୀତ ନିର୍ଦ୍ଦେଶକ ଜାପାନୀଙ୍କ ନାଁରେ ଆସିଛି ଧମକପୂର୍ଣ୍ଣ କଲ୍। କଟକ ଆସିଲେ ମାରିଦେବି। କଲ୍ କରୁଥିବା ବ୍ୟକ୍ତିଜଣକ ଏଭଳି ଅନେକ ଧମକପୂର୍ଣ୍ଣ କଥା କହି ସତର୍କ କରାଉଥିବା ଶୁଣିବାକୁ ମିଳୁଛି। ଜାପାନୀଙ୍କ ସହଯୋଗୀ ତଥା ଗୀତିକାର ତପୁଙ୍କ ମୋବାଇଲ୍ ଫୋନ୍‌କୁ ଆସିଥିବା ଏହି କଲ୍ ଏବେ ଭାଇରାଲ ହେବାରେ ଲାଗିଛି। ଏପଟେ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଜାପାନୀ ଓ ସହଯୋଗୀମାନେ ଭୁବନେଶ୍ୱର ଖାରବେଳନଗର ଥାନାରେ ଏତଲା ଦେଇଛନ୍ତି। ପୋଲିସ ମାମଲା ନଂ.୧୪୯/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ହ୍ୟୁମାନଙ୍କ ସହଯୋଗୀ ତଥା ସାଗର ସଙ୍ଗମ ଗ୍ରୁପ୍‌ର ସଦସ୍ୟ ବବୁଲୁ ମହମ୍ମଦ ଆବିଦ ତପୁଙ୍କୁ ଫୋନ୍ କରି ଏପରି ଧମକ ଦେଇଥିବା ଏତଲାରେ ଉଲ୍ଲେଖ କରାଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନ ଗାଇବାକୁ ସଙ୍ଗୀତ ନିର୍ଦ୍ଦେଶକ ଜାପାନୀ ବହୁବାର ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ନିବେଦନ କରୁଥିବାରୁ ଏପରି ଧମକ ମିଳିଥିବା କୁହାଯାଉଛି। ଫଳରେ ଏହି ଘଟଣାକୁ ନେଇ ଲୋକପ୍ରିୟ ଓଲିଉଡ୍ ଗାୟକ ହ୍ୟୁମାନ ବିବାଦ ଘେରକୁ ଚାଲି ଆସିଛନ୍ତି।

ଏ ସମ୍ପର୍କରେ ଜାପାନୀ କୁହନ୍ତି, ହ୍ୟୁମାନ କାଳିଆ ଭଜନଟେ ଗାଇବେ ବୋଲି ଗତ ୫ ବର୍ଷ ଧରି ତାଙ୍କ ପଛରେ ଲାଗିଛି। ଆମ ଇତିହାସ କହୁଛି ଅନେକଥର କାଳିଆ ପାଇଁ ମହମ୍ମଦ ଅଜିଦ, ମହମ୍ମଦ ସିକନ୍ଦର ଆଲମ, ସରୋଜ ନନ୍ଦ ଗୀତ ଗାଇଛନ୍ତି। ହ୍ୟୁମାନଙ୍କ କଣ୍ଠରୁ କାଳିଆ ଭଜନ ଶୁଣିବାକୁ ଶ୍ରୋତାମାନେ ଚାହିଁ ବସିଛନ୍ତି। କିନ୍ତୁ ସେ କାହିଁକି ମନା କରୁଛନ୍ତି ମୁଁ କିଛି ବୁଝିପାରୁ ନାହିଁ ବୋଲି ଜାପାନୀ କହିଛନ୍ତି। କଣ୍ଠଶିଳ୍ପୀ ହ୍ୟୁମାନ କହିଛନ୍ତି, ମୋ ମନ ଦୁଃଖ ଯେ, ମୋ ନାଁରେ ଏତଲା ଦିଆଯାଇଛି। ମହାପ୍ରଭୁଙ୍କ ଗୀତ ଗାଇବାକୁ ମୋର ଡୋରି ଲାଗି ନାହିଁ। ଯେବେ ଲାଗିବ ସାରା ଓଡିଶା ଝୁମିବ। ମୋତେ ସବୁବେଳେ ଜଗନ୍ନାଥ ଭଜନ ଶୁଣିବାକୁ ଭଲ ଲାଗେ। ମୋତେ ବହୁତ ଖରାପ ଲାଗୁଛି ଭୁଲ୍ ନ କରି, ମୋତେ ଭୁଲ୍ ବୋଲି କୁହାଯାଉଛି। ଏହା ଠିକ୍ ନୁହେଁ ବୋଲି ସେ କହିବା ସହ ଅଭିଯୋଗ କରିଥିବା ଭାଇମାନଙ୍କୁ ଜଗନ୍ନାଥ ସଦ୍‌ବୁଦ୍ଧି ଦିଅନ୍ତୁ।

ରହସ୍ୟ ଘେରରେ ଅବିନାଶଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୦।୫(ବ୍ୟୁରୋ)

ପାହାଡ଼ ଉପରେ ଇଞ୍ଜିନିୟର ଜଳିଯିବା ଘଟଣା

- ସିସିଟିଭି ଫୁଟେଜ୍, କଲ୍ ରେକର୍ଡ ଯାଞ୍ଚ
- ସନ୍ଦେହ ବଢ଼ାଉଛି ଦୁଇ ବାଇକ୍
- ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀ ପାହାଡ଼ ଉପରେ ଇଞ୍ଜିନିୟର ଅବିନାଶ ପ୍ରଧାନ ଜଳିଯିବା ଘଟଣାକୁ ନେଇ ରହସ୍ୟ ଲାଗିରହିଛି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟା କରିଛନ୍ତି ସେନେଇ ଚର୍ଚ୍ଚା ଜାରି ରହିଛି। ମୃତ୍ୟୁର ପ୍ରକୃତ କାରଣ ଜାଣିବାକୁ ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ଅପରପକ୍ଷରେ ପୋଲିସ ଘଟଣାର ବିଭିନ୍ନ ଦିଗକୁ ନେଇ ଅନୁସନ୍ଧାନ ଜାରି ରଖିଛି। ଘଟଣା ପୂର୍ବରୁ ଜଣେ ଯୁବତୀଙ୍କୁ ଅବିନାଶ ବାରମ୍ବାର କଲ୍ କରିଥିଲେ ବୋଲି ମୋବାଇଲ କଲ୍ ଡିଟେଲ୍ସରୁ ଜଣାପଡ଼ିଥିଲା। ତା'ଛଡ଼ା ଅପରାହ୍ନରୁ ବୁଧବାର ରାତି ୯ଟା ପର୍ଯ୍ୟନ୍ତ ଅବିନାଶ ଆଉ କାହା ସହ କେଉଁ ବିଷୟରେ କଥା ହୋଇଥିଲେ, ତାହା ଜାଣିବାକୁ କଲ୍ ଡିଟେଲ୍ସ ରିପୋର୍ଟ(ସିଡିଆର୍) ଯାଞ୍ଚ କରୁଛି ପୋଲିସ। ଅନ୍ୟପଟେ ଶିଖରଚଣ୍ଡୀ ପାହାଡ଼ ଉପରକୁ ଯାଇଥିବା ରାସ୍ତା ଆରମ୍ଭରେ ଲାଗିଥିବା ସିସିଟିଭିର ଫୁଟେଜକୁ ପୋଲିସ ଜବତ କରି ଯାଞ୍ଚ କରୁଛି। ତେବେ ତଦନ୍ତ ଚାଲିଥିବା କହି ପୋଲିସ ତଥ୍ୟ ଦେବାକୁ ଇଚ୍ଛା ପ୍ରକାଶ କରୁ ନ ଥିଲେ ମଧ୍ୟ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ବୁଧବାର ସନ୍ଧ୍ୟାରେ ଅବିନାଶ ବାଇକ୍‌ରେ ଶିଖରଚଣ୍ଡୀ ମନ୍ଦିରକୁ ଲମ୍ବିଥିବା ରାସ୍ତାରେ ଉପରକୁ ଯାଉଥିବା ଦୃଶ୍ୟ ସିସିଟିଭି ଫୁଟେଜରେ ରହିଛି। ଏଥିସହ ରାତି ପ୍ରାୟ ୮ଟା ୪୫ରେ ପିସିଆର୍ ପୋଲିସ ଅବିନାଶଙ୍କୁ ଉଦ୍ଧାର କରି ଆଣୁଥିବା ଦେଖିବାକୁ ମିଳିଛି। ତେବେ ସନ୍ଧ୍ୟାରୁ ଏହି ସମୟ ଭିତରେ ମୋଟ ୩ଟି ବାଇକ ଯାଇଥିଲା। ୨ଟି ଫେରି ଆସିଥିବାବେଳେ ଅନ୍ୟ ବାଇକଟି ଫେରି ନ ଥିଲା। ପାହାଡ଼ ଉପରେ ରହିଯାଇଥିବା ଉକ୍ତ ବାଇକ ଅବିନାଶଙ୍କର ବୋଲି ପୋଲିସ ସନ୍ଦେହ କରୁଛି। ତେବେ ଏନେଇ ପୋଲିସ ସ୍ପଷ୍ଟ କରି ନାହିଁ କି ଆମର ଉକ୍ତ ସିସିଟିଭି ଫୁଟେଜ ହସ୍ତଗତ ହୋଇପାରି ନାହିଁ। ଅବିନାଶଙ୍କ ବାପା ହତ୍ୟା ଅଭିଯୋଗ ଆଣିଛନ୍ତି। ତେଣୁ ପ୍ରେମଜନିତ କାରଣ ପାଇଁ ଉକ୍ତ ଦୁଇ ବାଇକରେ ଥିବା କେହି ଦୁର୍ବୃତ୍ତ ଅବିନାଶଙ୍କୁ ପେଟ୍ରୋଲ ଢାଳି ଆତ୍ମହତ୍ୟାର ରୂପ ଦେଇପାରିଥାନ୍ତି ବୋଲି ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ନନ୍ଦନକାନନ ଥାନା ବାଲିପଡ଼ା ଗ୍ରାମର ସଫ୍ଟୱେର ଇଞ୍ଜିନିୟର ଅବିନାଶ ବୁଧବାର ପଟିଆସ୍ଥିତ ତାଙ୍କ ଅଫିସକୁ ଆସି ଆଉ ଘରକୁ ଫେରି ନ ଥିଲେ। ବୁଧବାର ରାତି ପ୍ରାୟ ୯ଟାରେ ଶିଖରଚଣ୍ଡୀ ପାହାଡ଼ ଉପରେ ଅବିନାଶ ଜଳିଯାଉଥିବାବେଳେ ପିସିଆର୍ ପୋଲିସ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ନନ୍ଦନକାନନରେ ବଜ୍ରକାପ୍ତା ମୃତ

ବାରଙ୍ଗ,୨୦।୫(ଡି.ଏନ୍.ଏ.)- ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଶୁକ୍ରବାର ଏକ ମାଈ ବଜ୍ରକାପ୍ତା ମୃତ୍ୟୁବରଣ କରିଛି। ଏହି ୧୦ ବର୍ଷର ବଜ୍ରକାପ୍ତାଟି ଗତ ମାର୍ଚ୍ଚ ୨୨ରେ ଦେବଗଡ଼ରୁ ଅସୁସ୍ଥ ଅବସ୍ଥାରେ ସେଠାକାର ବନ କର୍ମଚାରୀମାନେ ଉଦ୍ଧାର କରି ନନ୍ଦନକାନନକୁ ଦେଇଥିଲେ। ନନ୍ଦନକାନନ ଆସିବା ପରେ ତାକୁ ଡାକ୍ତରଖାନାର ଆଇସିୟୁରେ ଡାକ୍ତରମାନଙ୍କ ନଜରବନ୍ଦୀରେ ରଖାଯାଇ ଚିକିତ୍ସା ଚାଲିଥିଲା। ଶୁକ୍ରବାର ସକାଳେ ବଜ୍ରକାପ୍ତାଟି ମରିଯାଇଥିବା ଡାକ୍ତରଖାନା କର୍ମଚାରୀ ଦେଖିବାକୁ ପାଇଥିଲେ।

ନିଷ୍ପତ୍ତିରେ ପରିବର୍ତ୍ତନ ନ ହେଲେ ଅନଶନ ଜାରି ରହିବ

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ବନ୍ଦ ପ୍ରସଙ୍ଗ

କଟକ ଅଫିସ,୨୦।୫- ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟଫାଟକ ବନ୍ଦ ନିଷ୍ପତ୍ତିକୁ ବିରୋଧ କରି ୩ ଦିନ ଧରି ଧାରଣାରେ ବସିବାପରେ ଛାତ୍ରମାନେ ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟିବା ପାଇଁ ରାଜଭବନକୁ ଯାଇଥିଲେ। ସନ୍ଧ୍ୟା ୬ଟା ପରେ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ବନ୍ଦ ରଖିବା ପାଇଁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଏଥିଯୋଗୁ ଛାତ୍ରୀଛାତ୍ରମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଯଦି ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତିରେ ପରିବର୍ତ୍ତନ ନ କରନ୍ତି, ତେବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନ ଜାରି ରଖିବାକୁ ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଛନ୍ତି। ଛାତ୍ରମାନଙ୍କର ଏକ ପ୍ରତିନିଧି ଦଳ ରାଜଭବନରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତାଙ୍କ ବ୍ୟକ୍ତିଗତ ସଚିବଙ୍କୁ ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ଛାତ୍ରନେତା ରାକେଶ ଧୂପର, ନୀତେଶ କୁମାର ସାହୁ, ଗିରିଜା ସ୍ୱାଇଁ, ଶୁଭମ ଆଚାର୍ଯ୍ୟ, କମଳେଶ ମହାପାତ୍ର, ଅମ୍ବିକା ପ୍ରସାଦ ଦାଶ, ପୁରାତନ ଛାତ୍ର ତେଜେଶ୍ୱର ପରିଡା, ସୁଧୀର କୁମାର ରାଉତ ପ୍ରମୁଖ ରହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ଜିତେନ୍ଦ୍ର

@ ଅନଶ

@ ପ୍ରତୀକ

@ ଦେବୁ

@ ପୁପୁଲି

GOVT. OF INDIA
MINISTRY OF FINANCE
DEPTT. OF FINANCIAL SERVICES
DEBTS RECOVERY TRIBUNAL
COURT OF THE RECOVERY OFFICER
Plot No.: C-71, Sector-7, CDA, Cuttack-14
NOTICE TO LEGAL HEIR / REPRESENTATIVE
(See Rule 85 of the Second Schedule as referred to in section 29 of the Recovery of Debts due to Bank and Financial Institutions Act, 1993)
R.P No. 079/2010/CTC
(Arising out of OA No.198/2009)
Next Date: 16.08.2022

Andhra Bank, SSI Branch, Jagannathpur, Berhampur-760007, Dist.: Ganjam ...Certificate Holder Bank
Vs.
M/s. Saptagiri Rolling Private Limited Company & Others ...Certificate Debtors

To,

3. (a) **Mutta Venkat Surya Sekhar,** Son of Late M.K.D.N.V Prasad Rao, At.: Hill Patna, 2nd Line, P.O.: Berhampur, P.S.: Gosani Nuagaon, Dist.: Ganjam.
3. (b) **Injeti Venkat Laxmi,** W/o.: Injeti Srinivas, Daughter of Late M.K.D.N.V Prasad Rao, At: Hill Patna, 2nd Line, P.O.: Berhampur, P.S.: Gosani Nuagaon, Dist.: Ganjam.

Whereas Recovery Certificate dt.22.12.2010 has been forwarded by the Hon'ble Presiding Officer, Debts Recovery Tribunal, Cuttack for the recovery of decretal dues amounting to **Rs. 4,09,50,379.00 (Rupees Four Crore Nine Lac Fifty Thousand Three Hundred Seventy Nine Only)** Plus interest as Per the certificate from M/s. Saptagiri Rolling Private Limited Company, Registered Office at Tulu Road, Konishi, Berhampur, Dist.: Ganjam Presently at Gandhi Nagar, 1st Lane Extension, Berh

ଗଞ୍ଜାମରୁ ଶ୍ରୀକାକୁଲମ

୮ ଘଣ୍ଟା ବୁଲି ଝାମ୍ପିଲେ ଅଳଙ୍କାର

ବ୍ରହ୍ମପୁର ଅଫିସ,୨୦।୫

ଏକ କଳା ପଲ୍‌ସରରେ ଦୁଇ ଲୁଟେରା ବ୍ରହ୍ମପୁରରୁ ବାହାରି ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା ଓ ସେଠାରୁ ପୁଣି ଗଞ୍ଜାମ ଜିଲାକୁ ଫେରି ସୁନାହାର ଲୁଟିଛନ୍ତି। ମାତ୍ର ୮ ଘଣ୍ଟା ମଧ୍ୟରେ ସେମାନେ ୭ଟି ସ୍ଥାନରୁ ରାସ୍ତାରେ ଯାଉଥିବା ମହିଳାଙ୍କ ବେକରୁ ସୁନାହାର ଲୁଟି କେଉଁଆଡ଼େ ଚମ୍ପଟ ମାରିଛନ୍ତି। ଗୁରୁବାର ସକାଳ ୭ଟାରୁ ଅପରାହ୍ନ ୩ଟା ମଧ୍ୟରେ ଏସବୁ ଲୁଟ୍ ହୋଇଥିବା ବେଳେ ସିସିଟିଭି ଫୁଟେଜରେ ଏହା କଏଦ ହୋଇଛି। ଏହି ଦୁଇ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଧରିବାକୁ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ପୋଲିସର ମିଳିତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଆନ୍ଧ୍ରପ୍ରଦେଶ ପୋଲିସ ବ୍ରହ୍ମପୁରରେ ପହଞ୍ଚିଛି। ଲୁଟେରାଙ୍କୁ ଧରିବା ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି।

ପ୍ରକାଶ ଯେ, ଗୁରୁବାର ସକାଳ ୭ଟାରେ ବ୍ରହ୍ମପୁର ସାନବଜାର ଛକଠାରେ ପରିବା କିଣିବାକୁ ଯାଉଥିବା ବୃଦ୍ଧା ଜେ. ଶ୍ୟାମଳାଙ୍କ ସୁନାହାର ଲୁଟ୍ ହୋଇଥିଲା। ୨ ଲୁଟେରା କଳା ପଲ୍‌ସରରେ ଆସି ତାଙ୍କ ବେକରୁ ୩୩ ଗ୍ରାମ୍‌ର ହାର ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏହାର ୨ ଘଣ୍ଟା ପରେ ଶ୍ରୀକାକୁଲମ ଜିଲାର ୪ଟି ସ୍ଥାନରେ ସିରିଜ ଲୁଟ୍ ହୋଇଥିଲା। ସକାଳ ୯ଟା ୫୩ ମିନିଟ୍‌ରେ ଶ୍ରୀକାକୁଲମର ବି. ରାଧିକାଙ୍କ ବେକରୁ ଏହି ଦୁଇ ଲୁଟେରା ୧୦ଭରି ଓଜନର ସୁନା ଅଳଙ୍କାର ଲୁଟି ନେଇଥିଲେ। ଏହାର ଠିକ୍ ପରେ ପରେ ଅର୍ଥାତ୍ ପୂର୍ବାହ୍ନ ୧୦ଟା ୮ ମିନିଟ୍, ୧୦ଟା ୪୫ ମିନିଟ୍ ଓ ୧୧ଟା ୨୦ ମିନିଟ୍‌ରେ ଲୁଟେରାଦ୍ୱୟ ଶ୍ରୀକାକୁଲମର ପୃଥକ୍ ସ୍ଥାନରୁ ଆଉ ୩ ମହିଳାଙ୍କ ସୁନାହାର ଲୁଟିବାରେ ସଫଳ ହୋଇଥିଲେ। ଏହାପରେ ସେମାନେ ପୁଣି ବ୍ରହ୍ମପୁର ଫେରିବା ବେଳେ ଆନ୍ଧ୍ରର ଇଚ୍ଛାପୁରଠାରେ ମଧ୍ୟାହ୍ନ ୧୨ଟା ୨୦ରେ ପି. ସରସ୍ୱତୀ ନାମକ ଜଣେ ମହିଳାଙ୍କ ବେକରୁ ସୁନା ଅଳଙ୍କାର ଝାମ୍ପି ନେଇଥିଲେ। ପରେ ଦୁଇ ଲୁଟେରା ୧୬ ନଂ.ଜାତୀୟ ରାଜପଥ ଦେଇ ଗଞ୍ଜାମ ଜିଲାର ଛତ୍ରପୁର ଅଞ୍ଚଳକୁ ଆସିଥିଲେ। ଛତ୍ରପୁର ଏନ୍‌ଏସି ବାରାକ୍ ସାହି ଗଣେଶ ମନ୍ଦିର ନିକଟରେ ଅପରାହ୍ନ ୨ଟା ୩୦ ମିନିଟ୍‌ରେ ସେମାନେ ୨ ପିଲାଙ୍କ ସହ ଚାଲିକି ଯାଉଥିବା ପିଙ୍କି କୁମାରୀ ସାହୁଙ୍କ ବେକରୁ ପ୍ରାୟ ୫ ଭରିର ସୁନା ଅଳଙ୍କାର ଲୁଟ୍ କରି ଫେରାର ହୋଇଯାଇଥିଲେ। ଏପରି ଭାବେ ଲୁଟେରାମାନେ ମୋଟ ୩୦ ଭରିର ସୁନା ଅଳଙ୍କାର ଲୁଟ୍ କରିଥିବା ଅନୁମାନ କରାଯାଉଛି। ଉପରୋକ୍ତ ୭ଟି ସ୍ଥାନରୁ ସୁନାହାର ଲୁଟ୍ ବେଳର ଦୃଶ୍ୟ ସମ୍ପୃକ୍ତ ଅଞ୍ଚଳର ସିସିଟିଭି ଫୁଟେଜରେ କଏଦ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ମହିଳାମାନେ ବ୍ରହ୍ମପୁର ବଡବଜାର, ଛତ୍ରପୁର, ଇଚ୍ଛାପୁର ଓ ଶ୍ରୀକାକୁଲମର ବିଭିନ୍ନ ଥାନାରେ ପୃଥକ୍ ଭାବେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଦୁଇ ଲୁଟେରା ହେଲମେଟ ପିନ୍ଧି ଲୁଟ୍ କରିଥିବାରୁ ସେମାନଙ୍କୁ ଚିହ୍ନଟ କରାଯାଇ ପାରିନାହିଁ। ଏହି ଘଟଣା ଉଭୟ ରାଜ୍ୟର ପୋଲିସର ଚିନ୍ତା ବଢ଼ାଇଦେଇଛି। ସିସିଟିଭି ଫୁଟେଜରୁ ଲୁଟେରାଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ ଜାରି ରହିଥିବା ବ୍ରହ୍ମପୁର ଏସ୍‌ପି ଡ. ଶ୍ରବଣା ବିବେକ ଏମ୍ କହିଛନ୍ତି। ଆନ୍ଧ୍ର ପୋଲିସର ଏକ ଟିମ୍ ବ୍ରହ୍ମପୁରରେ ଥିବା ବେଳେ ଜଣେ ଡିଏସ୍‌ପି ର୍ୟାଙ୍କର ଅଧିକାରୀଙ୍କ ନେତୃତ୍ୱରେ ତଦନ୍ତ କରାଯାଉଥିବା ବ୍ରହ୍ମପୁର ଏସପି ସୂଚନା ଦେଇଛନ୍ତି।

୧୩ ଶିଳ୍ପ ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୧,୨୧୮.୦୧ କୋଟି ଟଙ୍କାର ୧୩ଟି ଶିଳ୍ପଭିତ୍ତିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିଛନ୍ତି। ୧୫ଟି ପର୍ଯ୍ୟାୟରେ ୭୬.୯୭ କୋଟି ଟଙ୍କା ପୁଞ୍ଜିନିବେଶର ୩ଟି ଶିଳ୍ପ ୟୁନିଟ୍‌କୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ସହ ୧୧୪୧.୦୪ କୋଟି ଟଙ୍କାର ୧୦ଟି ଶିଳ୍ପ ୟୁନିଟ୍‌ର ଶିଳାନ୍ୟାସ(ଗ୍ରାଉଣ୍ଡ ବ୍ରେକିଂ) କରିଛନ୍ତି। ସେଥିରେ ପର୍ଯ୍ୟଟନ, ପ୍ୟାକେଜିଂ, ମାନୁଫାକ୍ଚରିଂ, ପଲିମର ଓ ପ୍ଲାଷ୍ଟିକ ଇତ୍ୟାଦି ରହିଛି। ଏହିସବୁ ଶିଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ୩୩୯୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ମେ ଫେୟାର ହୋଟେଲ୍ସ ଆଣ୍ଡ ରିସର୍ଟସ, ଓରିଫୁଡ୍ ଆଣ୍ଡ ବେଭରେଜ ପ୍ରାଇଭେଟ ଲିମିଟେଡ, ମାସ୍ ସ୍ପିରିଟ ପ୍ରାଇଭେଟ ଲିମିଟେଡ, ସମ୍ବଲପୁର ବାୟୋଫୁଏଲ ପ୍ରାଇଭେଟ ଲିମିଟେଡ ଓ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ଉକ୍ତ ଶିଳ୍ପ ସ୍ଥାପନ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁଞ୍ଜିନିବେଶକାରୀଙ୍କୁ ସ୍ୱାଗତ କରିବା ସହ କହିଛନ୍ତି ଯେ ଖଣିଜ ପଦାର୍ଥଠାରୁ ଆରମ୍ଭ କରି ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ଏକ ବୃହତ୍ ମାନୁଫାକ୍ଚରିଂ ହବ୍‌ରେ ପରିଣତ ହେବାକୁ ଯାଉଛି। ପୁଞ୍ଜିନିବେଶକାରୀଙ୍କୁ ବ୍ୟବସାୟିକ ଅନୁକୂଳ ବାତାବରଣ ପ୍ରଦାନ କରିବାରେ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇ ଦେଉଛନ୍ତି। ସାମାଜିକ ଓ ଆର୍ଥିକ ବିକାଶ କ୍ଷେତ୍ରରେ ଶିଳ୍ପାନୁଷ୍ଠାନ ସହ ରାଜ୍ୟର ସମ୍ପର୍କ ସଫଳ ହୋଇଛି। ରାଜ୍ୟ ସରକାର ଓ ଶିଳ୍ପାନୁଷ୍ଠାନ ସହଯୋଗ ଯୋଗୁ କୋଭିଡ୍-୧୯କୁ ଓଡ଼ିଶା ସଫଳତାର ସହ ମୁକାବିଲା କରିପାରିଛି। ମହାମାରୀ ପରେ ରାଜ୍ୟ ସରକାର ରାଜ୍ୟରେ ଶିଳ୍ପ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ପାଇଁ ୫-ଟି ଦର୍ଶନ ଟ୍ରାନ୍ସପରେନ୍ସି, ଟେକ୍ନୋଲୋଜି, ଟିମ୍‌ୱାର୍କ, ଟାଇମ୍ ଏବଂ ଟ୍ରାନ୍ସଫର୍ମେଶନ ଉପରେ ଫୋକସ କରୁଛନ୍ତି। ଏହି ଦର୍ଶନ ରାଜ୍ୟରେ ଶିଳ୍ପଭିତ୍ତିକ ଇକୋସିଷ୍ଟମକୁ ମୂଲ୍ୟଯୁକ୍ତ କରିବା ସହ କ୍ରମାଗତ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ରାଜସ୍ୱ ବୃଦ୍ଧି କରିବାରେ ସହଯୋଗ କରିବ । ଏଥିପାଇଁ ମୁଖ୍ୟମନ୍ତ୍ରୀ ଶିଳ୍ପ ବିଭାଗର କ୍ରମାଗତ ଉଦ୍ୟମକୁ ସ୍ୱାଗତ କରିବା ସହ ଓଡ଼ିଶା ପୁଞ୍ଜିନିବେଶକାରୀଙ୍କ ପାଇଁ ପସନ୍ଦର ସ୍ଥାନ ହୋଇପାରିଛି ବୋଲି କହିଛନ୍ତି। ଏହି ଅବସରରେ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ ଗତ ଦୁଇ ବର୍ଷ ହେବ ଆମେ କରୋନା ମହାମାରୀକୁ ସମ୍ମୁଖୀନ ହେଉଛେ। ଏଥିପାଇଁ ସହୁ ସମସ୍ୟାର ସମ୍ମୁଖୀନ ହେବା ସହ ଜୀବନଜୀବିକା ଉପରେ ଏହାର ଗଭୀର ପ୍ରଭାବ ପଡିଛି। ଏହାସତ୍ତ୍ୱେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଶିଳ୍ପ କ୍ଷେତ୍ର ଉତ୍ତମ ଭାବେ ଚାଲିପାରିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ, ଶିଳ୍ପ ସଚିବ ହେମନ୍ତ ଶର୍ମା, ଏମ୍‌ଏସ୍‌ଏମ୍‌ଇ ସଚିବ ରଞ୍ଜନା ଚୋପ୍ରା, ଶିଳ୍ପ ନିର୍ଦ୍ଦେଶକ ସାଦ୍ଦିକ ଆଲମ ପ୍ରମୁଖ ଯୋଗ ଦେଇଥିଲେ।

ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ଶିଳ୍ପ ମଧ୍ୟରେ ଖୋର୍ଦ୍ଧାଠାରେ ମେଫେୟାର ହୋଟେଲ୍ସ ଆଣ୍ଡ ରିସର୍ଟସ ପକ୍ଷରୁ ୩୦୦ କୋଟି ବ୍ୟୟରେ ଏକ କନ୍‌ଭେନଶନ ସେଣ୍ଟର ସ୍ଥାପନ କରାଯିବ। ଏଥିରେ ୮୫୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ମାସ୍ ସ୍ପିରିଟସ ଲିମିଟେଡ ପକ୍ଷରୁ ଝାରସୁଗୁଡ଼ାଠାରେ ଦୈନିକ ୩୬୦ କିଲୋଲିଟର ଡିଷ୍ଟିଲେରି ପ୍ଲାଣ୍ଟ ଓ ୫ ମେଗାୱାଟର କୋଜେନେରେଶନ ପ୍ଲାଣ୍ଟ ସ୍ଥାପନ ହେବ। ଏଥିରେ ୨୦୪.୬୦ କୋଟି ବିନିଯୋଗ ହେବା ସହ ୧୮୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ପ୍ରଭାତ ହସ୍ପିଟାଲିଟି ପକ୍ଷରୁ ପୁରୀରେ ୧୩୫.୬୯ କୋଟି ଟଙ୍କା ବ୍ୟୟରେ ଏକ ପଞ୍ଚତାରକା ହୋଟେଲ ନିର୍ମାଣ କରାଯିବ। ଏଥିରେ ୩୫୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଆଗ୍ରିଭେଟ ପ୍ରାଇଭେଟ ଲିମିଟେଡ ପକ୍ଷରୁ ୧୧୨.୫୦ କୋଟି ଟଙ୍କା ବ୍ୟୟରେ କଟକର ପୁଣ୍ଡଳିଠାରେ ଏକ ଡିଷ୍ଟିଲାରି ପ୍ଲାଣ୍ଟ ସ୍ଥାପନ ହେବ। ଏଥିରେ ୧୫୬ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ରାଜ୍ୟର ବିଭିନ୍ନ ଜିଲାରେ ଘରୋଇ କମ୍ପାନୀ ପକ୍ଷରୁ ପୁଞ୍ଜିନିବେଶ କରି ଶିଳ୍ପ ସ୍ଥାପନ ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ।

ସୃଷ୍ଟି ହେବ ୩୩୯୦ ନିଯୁକ୍ତି ସୁଯୋଗ

କୋଟିଆରେ ଠିକ୍ ସମୟରେ ସରିବ ପାନୀୟ ଜଳ ପ୍ରକଳ୍ପ

କୋରାପୁଟ,୨୦।୫(ସ୍ୱ.ପ୍ର.)

କୋଟିଆରେ ଚାଲିଥିବା ପାନୀୟ ଜଳ ପ୍ରକଳ୍ପ କାମ ନିର୍ଦ୍ଧାରିତ ସମୟରେ ଶେଷ ହେବ ବୋଲି ଶୁକ୍ରବାର କୋରାପୁଟ ଜିଲାପାଳ ଅବଦାଲ ଏମ୍. ଅଖତର ପ୍ରକାଶ କରିଛନ୍ତି। କୋଟିଆରେ କାହାର ହସ୍ତକ୍ଷେପକୁ ସହ୍ୟ କରାଯିବ ନାହିଁ। କୋଟିଆ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଜିଲାପାଳ କହିଛନ୍ତି। ଏହି ବିବାଦ ନୂଆ ନୁହେଁ, ବେଳେବେଳେ ଏହିପରି ଘଟଣା ଉପୁଜିଥାଏ। କୋଟିଆରେ ଘରକୁ ଘର ପାନୀୟ ଜଳଯୋଗାଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

ସୂଚନାନୁଯାୟୀ, କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କୋଟିଆ ପଞ୍ଚାୟତ ନେରିଡିବାଲସା ଗ୍ରାମରେ ଚାଲିଥିବା ପାନୀୟ ଜଳ ପ୍ରକଳ୍ପ କାମକୁ ଆନ୍ଧ୍ର ପକ୍ଷରୁ ବନ୍ଦ କରାଯାଇଛି। ନେରିଡିବାଲସାରେ ଜଳ ଜୀବନ ମିଶନ ଯୋଜନାରେ ପ୍ରତ୍ୟେକ ଘରକୁ ପାନୀୟଜଳ ଯୋଗାଇବାକୁ ପାଇପ୍ ବିଛା କାମ ଆରମ୍ଭ ହୋଇଥିଲା। ବୁଧବାର ଆନ୍ଧ୍ର ସାଲୁର ତହସିଲଦାର ଏ.ସରୋଜିନୀ, ଭିଲେଜ ରେଭିନ୍ୟୁ ଅଫିସରଙ୍କ ସମେତ ଅନ୍ୟ ସରକାରୀ କର୍ମଚାରୀ ନିର୍ମାଣ ସ୍ଥଳରେ ପହଞ୍ଚି କାର୍ଯ୍ୟ ବନ୍ଦ କରିଥିଲେ। ଏଥିସହ ଠିକାଦାର ରାଜକୁମାର ଓ ତାଙ୍କର ୪ଜଣ କର୍ମଚାରୀଙ୍କ ନାମରେ ସାଲେରୁ ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ କରିଥିଲେ।

କେନ୍ଦ୍ର, ୨ ରାଜ୍ୟ ମହାନଦୀର ହତ୍ୟାକାରୀ: ରାଜେନ୍ଦ୍ର

ଭୁବନେଶ୍ୱର,୨୦।୫(ବ୍ୟୁରୋ)

- ପ୍ରଧାନମନ୍ତ୍ରୀଙ୍କ ସମେତ ଓଡ଼ିଶା, ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବେ
- ଆବଶ୍ୟକ ପଡ଼ିଲେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବୁ: ସୁଦର୍ଶନ

ନଦୀ ସୁରକ୍ଷା ଆନ୍ଦୋଳନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା।

କଲ୍‌ମା ଓ ସୁଖାସୋଡ଼ା ଯାଇ ମହାନଦୀର ସ୍ଥିତି ଦେଖିବା ପରେ ମହାନଦୀ ବଞ୍ଚାଅ ଆନ୍ଦୋଳନର କାର୍ଯ୍ୟକର୍ତ୍ତାମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। କଲ୍‌ମା ବ୍ୟାରେଜର ଛତିଶଗଡ଼ ପାର୍ଶ୍ୱରେ ପ୍ରବଳ ପାଣି ପ୍ରବାହିତ ହେଉଥିବା ବେଳେ ଓଡ଼ିଶା ପଟରେ କିନ୍ତୁ ସମ୍ପୂର୍ଣ୍ଣ ମରୁଭୂମି ଭଳି ସ୍ଥିତି ଦେଖିବାକୁ ମିଳିଛି। ସେଠାରୁ ଫେରିବା ପରେ ରାଜଧାନୀ ସ୍ଥିତ ଲୋୟର ପିଏମ୍‌ଜିଠାରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ପୂର୍ବ ସୂଚନା ମୁତାବକ ଏକଦିବସୀୟ ସତ୍ୟାଗ୍ରହ କରାଯାଇଛି। ଏଥିରେ ଜଳ ପୁରୁଷ ରାଜେନ୍ଦ୍ର ସିଂ ଯୋଗଦେଇ ମହାନଦୀର ହତ୍ୟାକାରୀ ଭାବେ କେନ୍ଦ୍ର, ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କୁ ଦାୟୀ କରିଛନ୍ତି। ସେ କହିଛନ୍ତି, ଛତିଶଗଡ଼ ସରକାର ମହାନଦୀ ପ୍ରବାହକୁ ରୋକି ନଦୀ ଏବଂ ଓଡ଼ିଶା ପ୍ରତି ଯେଭଳି ଅନ୍ୟାୟ କରିଛନ୍ତି ସେହିପରି ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ଲାଗି ଏଭଳି ସ୍ଥିତି ଉପୁଜିଛି। କେନ୍ଦ୍ର ସରକାର ଏହି ଦୁଇ ରାଜ୍ୟ ମଧ୍ୟରେ ବିବାଦରେ ମହାନଦୀକୁ ଯେଉଁ ଧ୍ୟାନଦେବା କଥା ତାହା କରିନାହାନ୍ତି। ତେଣୁ ଏହି ୩ ସରକାର ଏଥିପାଇଁ ଦାୟୀ ବୋଲି ସେ କହିଛନ୍ତି। ତେବେ ରାଜେନ୍ଦ୍ର ଆହୁରି କହିଛନ୍ତି, ମହାନଦୀକୁ ଦୁଃଖଦ ପରିସ୍ଥିତିରୁ ଉଦ୍ଧାର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ତାଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ଛତିଶଗଡ଼ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ତୁରନ୍ତ ନଦୀକୁ ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ ନିବେଦନ କରିବେ ବୋଲି ସେ କହିଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି, ଆଗାମୀ ଦିନରେ ଆନ୍ଦୋଳନ ଆହୁରି ବ୍ୟାପକ ହେବ। ନଦୀ କୂଳରେ ସତ୍ୟାଗ୍ରହ ଆୟୋଜନ ହେବ ଏବଂ ଆବଶ୍ୟକ ପଡିଲେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସେ କହିଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଇଟିମିଟି କଣା ନ ଥାଏ ଠିକଣା
ଟେରା କଣା ବଡ଼ ମନ୍ଦରେ
ଯହିଁ ଥାଏ ଏକ-ଆଖିଆ କଣା
ନିଇତି ଲଗାଏ ଦ୍ୱନ୍ଦ୍ୱରେ ।

ଟେରା ଏବଂ କଣା ବ୍ୟକ୍ତି ଅତି ଖରାପ ବୋଲି ସମାଜରେ ସୂଚିତ ହୋଇଥାନ୍ତି । ଏକଆଖିଆ କଣା ବ୍ୟକ୍ତି ମଧ୍ୟ ଅତ୍ୟନ୍ତ ଦ୍ୱନ୍ଦ୍ୱମୁଖର ହୋଇଥିବା ନେଇ ଲୋକବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

କାର୍ଯ୍ୟରେ ଅବହେଳା ଯୋଗୁ କନିଷ୍ଠ ଯନ୍ତ୍ରୀ ନିଲମ୍ବିତ

ଭୁବନେଶ୍ୱର,୨୦।୫(ବ୍ୟୁରୋ): ସରକାରୀ ଆଦେଶର ଅବମାନନା, କାର୍ଯ୍ୟରେ ଅବହେଳା ଆଦି ଅଭିଯୋଗ ପାଇଁ ୨ ଜଣ ଅଧିକାରୀଙ୍କ ବିରୋଧରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବରପାଲି ଏନ୍‌ଏସିର କନିଷ୍ଠ ଯନ୍ତ୍ରୀ ଶିବଶଙ୍କର ଗିଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ବେଳେ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ବୋଲି ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବରପାଲି ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେରଙ୍କୁ ବ୍ରହ୍ମପୁର ମହାନଗର ନିଗମ ଡେପୁଟି କମିଶନର ଭାବେ ବଦଳି କରାଯାଇଛି।

ପ୍ରଥମ ପୃଷ୍ଠାରୁ...

ବିଶ୍ୱବିଦ୍ୟାଳୟ ସଂଶୋଧିତ ...

କ୍ଷୁଣ୍ଣ କରୁଥିଲା। ଅନ୍ତତଃ ସେଥିରେ କିଛିଦିନ ପାଇଁ ରୋକ୍ ଲଗାଯାଇଛି। ସଂଶୋଧିତ ଆଇନରେ କୁଳପତି ଚୟନଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ସ୍ତରରେ ହେଉଥିବା ନିଯୁକ୍ତି ପ୍ରକ୍ରିୟାରେ ପରିବର୍ତ୍ତନ କରାଗଲା। ସେହିପରି ସିଣ୍ଡିକେଟ୍‌କୁ ପ୍ରାଧାନ୍ୟ ଦିଆଗଲା। ଏଥିଯୋଗୁ ସିଣ୍ଡିକେଟରେ ସରକାରଙ୍କ ପକ୍ଷରୁ ଅଧିକ ସଦସ୍ୟ ରହିବେ। ଫଳରେ ବିଭିନ୍ନ କାର୍ଯ୍ୟ କରିବା ଏତେ ସହଜ ହେବ ନାହିଁ। କାରଣ ଏଥିରେ ପ୍ରଶାସନିକ ଅଧିକାରୀ (ବ୍ୟୁରୋକ୍ରାଟ୍)ଙ୍କ ଆଧିପତ୍ୟ ରହିବ। ସେମାନେ ଭଲରେ କାମ କରାଇ ଦେବେ ନାହିଁ। ସରକାର ଏହିଭଳି ୫ଟି ଦିଗକୁ ନେଇ ଆଇନରେ ପରିବର୍ତ୍ତନ କରିଥିଲେ, ଯାହା ୟୁଜିସି ସଂଶୋଧନ ଆଇନ ୨୦୧୮କୁ ବିରୁଦ୍ଧାଚରଣ କରୁଛି। ଏହା ଗ୍ରହଣୀୟ ନୁହେଁ। ବିଶ୍ୱବିଦ୍ୟାଳୟ ପ୍ରଶାସନ ଉପରେ ସମ୍ପୂର୍ଣ୍ଣ ହସ୍ତକ୍ଷେପ ହେବ ବୋଲି ଆମେ ଉପଲବ୍ଧି କଲୁ। ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲୁ। କିନ୍ତୁ ଆମକୁ ନ୍ୟାୟ ମିଳି ନ ଥିଲା। ହାଇକୋର୍ଟଙ୍କୁ ଆମର କୌଣସି ଦିଗ ଠିକ୍ ଲାଗି ନ ଥିଲା। ହାଇକୋର୍ଟଙ୍କ ଶୁଣାଣି ପରେ ଆମେ ହତୋତ୍ସାହିତ ହୋଇ ରହିଥିଲୁ। ଯେଉଁ ଗ୍ରାଉଣ୍ଡରେ ହାଇକୋର୍ଟ ଆମର ଯୁକ୍ତିକୁ ଗ୍ରହଣ କରି ନ ଥିଲେ, ସେହି ଗ୍ରାଉଣ୍ଡରେ ସୁପ୍ରିମକୋର୍ଟ ରହିତାଦେଶ ଦେଇଛନ୍ତି। ଏହା ସ୍ୱାଗତଯୋଗ୍ୟ। ସାମୟିକ ପାଇଁ ହେଉ ପଛେ ଏକ ପ୍ରକାର ସଫଳତା ମିଳିଛି ବୋଲି ଭାବିବି। ଆଗକୁ ମଧ୍ୟ ଆମେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବୁ। ଏଥିପାଇଁ ପ୍ରକ୍ରିୟା ଚାଲିଛି। ତେବେ ୟୁଜିସି ପକ୍ଷରୁ ହୋଇଥିବା ଆବେଦନରେ ବର୍ତ୍ତମାନ ମୁଁ ପକ୍ଷ ରହିଛି। ତେଣୁ ଆଗକୁ ସୁପ୍ରିମକୋର୍ଟରେ ମୋତେ ପକ୍ଷ ରଖିବାର ସୁଯୋଗ ଦିଆଯିବ ବୋଲି ପ୍ରଫେସର ପଣ୍ଡା କହିଛନ୍ତି।

ପୌର ପରିଷଦ କାର୍ଯ୍ୟାଳୟ, ଖୋର୍ଦ୍ଧା
OFFICE OF THE MUNICIPAL COUNCIL, KHORDHA
H & UD Department, Govt. of Odisha, Khordha - 752055
e-Mail: khurda_municipality@yahoo.co.in, Phone No.- 06755-220674
ନଂ. 1718/ ତା20.05.2022
ନୋଟିସ
No.C-329:- ରାଜ୍ୟ ସରକାରଙ୍କ ଗ

ଇଣ୍ଡିଆନ୍ ଓଭରସିଜ ବ୍ୟାଙ୍କ

(ଭାରତ ସରକାରଙ୍କ ଏକ ଉପକ୍ରମ)

କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର, ବି-୨, ପଶ୍ଚିମ, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭

ଫୋନ୍ : ୦୬୭୪-୨୫୪୬୧୬୮, ୨୫୪୫୧୭୦, ଇମେଲ : 0815samd@iob.in

ମେଗା ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି

ଅସ୍ଥାବର/ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ପାଇଁ ସର୍ବସାଧାରଣ ବିଜ୍ଞପ୍ତି

(ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସର ରୁଲ୍ ୮ (୬) ସ୍ଥାବର ସମ୍ପତ୍ତି ପାଇଁ ଓ ୬ (୨) ଅସ୍ଥାବର ସମ୍ପତ୍ତି ପାଇଁ)

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ (୬) ଓ ୯ (୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି)

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନେ ଇଣ୍ଡିଆନ୍ ଓଭରସିଜ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟକୁ ଅସୁଲ କରିବା ନିମନ୍ତେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଗଠନମୂଳକ ଦଖଲ **"ଯାହାକି ସେଠାରେ ଅଛି", "ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ନିମ୍ନଲିଖିତ ତାରିଖ ସ୍ଥିର କରିଛନ୍ତି । ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା, ସମ୍ପତ୍ତି ବିବରଣୀ ଏବଂ ଅନ୍ୟାନ୍ୟ ବିବରଣୀ ମଧ୍ୟ ନିମ୍ନରେ ପ୍ରଦାନ କରାଗଲା । କୌଣସି ଇଣ୍ଡେମିନିଟିଜ୍ (ବନ୍ଧକ ପତ୍ର) ଏବଂ ଓ୍ୱାରେଣ୍ଟି ବିନା ସମ୍ପତ୍ତି **"ଯେଉଁଠାରେ ଯେପରି ଅଛି, ସେଠାରେ ଯାହା ଅଛି ଏବଂ ବିନା ଆଇନଗତ ସହାୟତା ଭିତ୍ତିରେ"** ବିକ୍ରି କରାଯିବ ।

କ୍ର. ନଂ	ଶାଖାର ନାମ ଋଣଗ୍ରହୀତା / ଜାମିନଦାର/ ବନ୍ଧକଦାତାଙ୍କ ନାମ ଏବଂ ଠିକଣା	ଅସ୍ଥାବର/ସ୍ଥାବର ସମ୍ପତ୍ତି ଗୁଡ଼ିକର ବିବରଣୀ
୧.	**କଟକ ଶାଖା, ମୋ : ୮୬୬୭୬୨୨୭୮୭୬** **ଋଣଗ୍ରହୀତା: ମେସର୍ସ ଚୌଦ୍ୱାର ମାର୍ବଲ ହାଉସ୍, ସ୍ୱତ୍ୱାଧିକାରୀ : ଶ୍ରୀମତୀ ପୁଷ୍ପା ନାୟକ,** ସ୍ୱାମୀ-ଶିବ ନାରାୟଣ ନାୟକ, **ଜାମିନଦାର / ବନ୍ଧକଦାତା : ଶ୍ରୀ ଶିବ ନାରାୟଣ ନାୟକ,** ପିତା : ସ୍ୱର୍ଗତଃ ଧର୍ମେନ୍ଦ୍ର ନାୟକ । ଉଭୟଙ୍କ ଠିକଣା : ସା-ପ୍ରଧାନ ସାହି, ଦୋଳ ଯାତ୍ରା ପଡିଆ, ଚୌଦ୍ୱାର-୭୫୪୦୨୫, ଜିଲ୍ଲା-କଟକ ।	**ବାସପୋଯୋଗୀ ସମ୍ପତ୍ତି : ଶ୍ରୀ ଶିବ ନାରାୟଣ ନାୟକ** ଙ୍କ ନାମରେ ଥିବା ଜମି ଏବଂ ଦୁଇ ମହଲା ବିଶିଷ୍ଟ ବାସପୋଯୋଗୀ ଫ୍ରି ହୋଲ୍ଡ ବିଲ୍ଡିଂ ଯାହାର ପ୍ଲଟ୍ ନଂ.: ୭୦୪ ଓ ୭୦୫, ଦୋଳ ଯାତ୍ରା ପଡିଆ, ଖାତା ନଂ.: ୨୯୬, ଏରିଆ : ଏ.୦.୧୨ ଡ଼ି., ଚୌଦ୍ୱାର ୱାର୍ଡ ନଂ.: ୧, ଜଗତପୁର, କଟକ ।
୨.	**କଟକ ଶାଖା / ମୋ: ୮୬୬୭୬୨୨୭୮୭୬** **ଋଣଗ୍ରହୀତା: ମେସର୍ସ ମଙ୍ଗଳମ୍ ଡିଷ୍ଟ୍ରିବ୍ୟୁସନ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ନଳିନୀ ସ୍ୱାଇଁ/ଗ୍ୟାରେଣ୍ଟିଦାତା: ଶ୍ରୀ ସଂଗ୍ରାମ ସ୍ୱାଇଁ,** ଉଭୟଙ୍କ ବାସଗୃହ ଠିକଣା: ଏ-୧-୪୩୦/ବି/୧, ବରାଳ ଲେନ୍-୩୦, ପ୍ଲଟ୍ ନଂ.: ୧୭୪, ବାଦାମବାଡ଼ି, କଟକ-୭୫୩୦୧୦	**ବାସୋପଯୋଗୀ ସମ୍ପତ୍ତି : ଶ୍ରୀମତୀ ନଳିନୀ ସ୍ୱାଇଁଙ୍କ** ନାମରେ ବନ୍ଧକ ଥିବା ଦୁଇ ଭାଗ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୩୧/୫୫୨, ଖାତା ନଂ.: ୩୩, ପରିମିତ କ୍ଷେତ୍ର: ଏକର ୦.୦୪ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର ୦.୮ ଡିସିମିଲି, ସା: ମୌଜା: ଶ୍ରୀ କୋରୁଆଁ ତହସିଲ, କଟକ ସଦର,ଜିଲ୍ଲା: କଟକ
୩.	**କଟକ ଶାଖା / ମୋ: ୮୬୬୭୬୨୨୭୮୭୬** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସନ୍ତୋଷ କୁମାର ପଣ୍ଡା,** ପିତା: ପ୍ରମୋଦ କୁମାର ପଣ୍ଡା, ସା: ବାଟବୁଢି କଲୋନି, କେଦାରଶ୍ୱର, ଯାଜଭୈରବ, ପୋ: ଅଗରହାଟ, ଚୌଦ୍ୱାର, ଜିଲ୍ଲା: କଟକ, ଓଡ଼ିଶା, ପିନ୍: ୭୫୪୦୨୮, **ଗ୍ୟାରେଣ୍ଟିଦାତା: ଶ୍ରୀ ସର୍ବେଶ୍ୱର ପଣ୍ଡା,** ସା: ବାଟବୁଢି କଲୋନି, କେଦାରଶ୍ୱର, ଯାଜଭୈରବ, ପୋ: ଅଗରହାଟ, ଚୌଦ୍ୱାର, ଜିଲ୍ଲା: କଟକ, ଓଡ଼ିଶା, ପିନ୍: ୭୫୪୦୨୮	**ଶ୍ରୀ ସନ୍ତୋଷ କୁମାର ପଣ୍ଡା**ଙ୍କ ନାମରେ ବନ୍ଧକ ଥିବା ସମସ୍ତ ବାସପୋଯୋଗି ସମ୍ପତ୍ତି, ମୁକ୍ତ ଜମି ଏବଂ ବିଲ୍ଡିଂ ଯାହାର ମୌଜା: କେଦାରେଶ୍ୱର, ଥାନା: ଚୌଦ୍ୱାର, ଥାନା ନଂ.:୫୨, ଏସଆରଓ- ଯାଜଭୈରବ, ତହସିଲ, ଟାଙ୍ଗୀ ଚୌଦ୍ୱାର, ଜିଲ୍ଲା: କଟକ, ଓଡ଼ିଶା-୭୫୪୦୨୮, ଖାତା ନଂ.: ୧୩୭, ଅନୁରୂପ ଖାତା ନଂ: ୧୬୫/୨୫୧, ପ୍ଲଟ ନଂ.: ୩୩୩/୭୬୧/୯୭୮, କ୍ଷେତ୍ର: ଏକର୦.୦୬ ଡିସିମିଲ (୨୬୧୩ ବର୍ଗ ଫୁଟ) ଏହାର ଚତୁଃପାର୍ଶ୍ୱରେ ପୂର୍ବ: ଉଃ. ସୁନ୍ଦର ରାୟ, ପଶ୍ଚିମ: ଶ୍ୟାମ ସୁନ୍ଦର ସାହୁ, ଉତ୍ତର: ରାସ୍ତା, ଦକ୍ଷିଣ: ପାଜିବାବୁ
୪.	**କଟକ ଶାଖା(ପୂର୍ବରୁ ହରିପୁର ରୋଡ୍ ଶାଖା) / ମୋ: ୮୬୬୭୬୨୨୭୮୭୬** **ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ ଷ୍ଟାଲୋ ଡ୍ରେସେସ୍, ସ୍ୱତ୍ୱାଧିକାରୀ: ଶ୍ରୀ ସୁରେନ୍ଦ୍ର ସେନ୍,** ପିତା: କୈଳାଶ ସେନ୍, ସପ୍ ନଂ.: ୩୪, ଅଲ୍ ମର୍କେଟ କମ୍ପ୍ଲେକ୍ସ, ସା: ଓଲ୍ଡ ରାଉସପାଟଣା, ପୋ: ବକ୍ସିବଜାର, ଥାନା: ପୁରାଘାଟ, ଜିଲ୍ଲା: କଟକ, ଓଡ଼ିଶା / **ଜାମିନଦାର: ଶ୍ରୀମତୀ ବାସନ୍ତି ସେନ୍,** ସା: ଓଲ୍ଡ ରାଉସପାଟଣା, ପୋ: ବକ୍ସିବଜାର, ଥାନା: ପୁରାଘାଟ, ଜିଲ୍ଲା: କଟକ, ଓଡ଼ିଶା	**ଶ୍ରୀ ଶ୍ରୀ ସୁରେନ୍ଦ୍ର ସେନ୍**ଙ୍କ ନାମରେ ଥିବା ସମସ୍ତ ଜମି ଏବଂ ବିଲ୍ଡିଂ ଯାହାର ପ୍ଲଟ ନଂ.: ୩୫୬/୩୭୪୬ ଏବଂ ୩୫୬/୩୪୦୪, ଖାତା ନଂ.: ୧୨୦୫/୮୮୩ ଏବଂ ୧୨୦୫/୫୩୪, ମୌଜା: ସାମନ୍ତ ସାହି (ୟୁନିଟ-୨୩), ଥାନା: ପୁରାଘାଟ, ତହସିଲ: କଟକ ସଦର, ଜିଲ୍ଲା: କଟକ, ଓଡ଼ିଶା, ପ୍ଲଟ ନଂ.: ୩୫୬/୩୭୪୬ ର କ୍ଷେତ୍ର ଏକର ୦.୦୦୭.୦୫ ଡିସିମିଲ୍ ଏବଂ ପ୍ଲଟ ନଂ.: ୩୫୬/୩୪୦୪ ର କ୍ଷେତ୍ର ଏକର ୦.୦୧୫ ଡିସିମିଲ୍, ସମୁଦାୟ କ୍ଷେତ୍ର: ଏକର ୦.୦୨୨.୫ଡିସିମିଲି, ଏହାର ଚତୁଃପାର୍ଶ୍ୱରେ ପୂର୍ବ: ନାଗିନ ସେନ୍, ପଶ୍ଚିମ: ସାଧାରଣ ଗଳି ରାସ୍ତା, ଉତ୍ତର: ରାସ୍ତା, ଦକ୍ଷିଣ: ଉପେନ୍ଦ୍ର ସେନ୍ ।
୫.	**କଟକ ଶାଖା (ପୂର୍ବରୁ ହରିପୁର ରୋଡ୍ ଶାଖା)/ ମୋ : ୮୬୬୭୬୨୨୭୮୭୬** **ଋଣଗ୍ରହୀତା/ବନ୍ଧକଦାତା: ମା ସପ୍ତାୟର୍ସ, ସତ୍ୱାଧିକାରୀ : ଶ୍ରୀ ରାଜ କିଶୋର ଗିରି,** ପିତା-ସ୍ୱର୍ଗତଃ କୈଳାସ ଚନ୍ଦ୍ର ଗିରି, **ଜାମିନ୍‌ଦାର : ଶ୍ରୀ ଦୀପସ୍ତିଥ ଗିରି,** ଉଭୟଙ୍କ ଠିକଣା, ସା-ପ୍ଲଟ୍ ନଂ.: ୩୯୦/୬୮୧୪ ଏବଂ ୩୮୯/୬୮୧୩, ଲକ୍ଷ୍ମଣପୁର, ପୋ/ଥାନା-ଜଗତପୁର, ଜିଲ୍ଲା-କଟକ, ଓଡ଼ିଶା ।	**ବାସପୋଯୋଗୀ ସମ୍ପତ୍ତି : ଶ୍ରୀ ରାଜ କିଶୋର ଗିରି ଙ୍କ** ନାମରେ ଥିବା ଫ୍ରି ହୋଲ୍ଡ ଜମି ଏବଂ ବାସପୋଯୋଗୀ ବିଲ୍ଡିଂ ଯାହାର ପ୍ଲଟ୍ ନଂ.: ୩୯୦/୬୮୧୪ ଏବଂ ୩୮୯/୬୮୧୩, ଖାତା ନଂ.: ୭୭୨/୨୨୮୫, ମୌଜା-ନିମପୁର, ଥାନା : ଟାଙ୍ଗି-ଜଗତପୁର, ତହସିଲ : ଟାଙ୍ଗି-ଚୌଦ୍ୱାର, ଜିଲ୍ଲା-କଟକ, ଓଡ଼ିଶା, ପ୍ଲଟ୍ ନଂ. ୩୯୦/୬୮୧୪ ର ଏରିଆ : ଏ.୦.୦୩୦ ଡ଼ି., ଏବଂ ପ୍ଲଟ୍ ନଂ. ୩୮୯/୬୮୧୩ ର ଏରିଆ : ଏ.୦.୦୧୫ ଡ଼ି. ସମୁଦାୟ ଏରିଆ : ଏ.୦.୦୪୫ ଡ଼ି., ଏହାର ଚାରିପାର୍ଶ୍ୱରେ ଉତ୍ତର : ପ୍ଲଟ୍ ନଂ. ୩୮୯ ଏବଂ ୩୯୦ (ଅଂଶ), ପୂର୍ବ : ରାସ୍ତା, ପଶ୍ଚିମ : ରାଧାଗୋବିନ୍ଦ ଜିଉ ଜମି, ଦକ୍ଷିଣ : ଶ୍ରୀ ବଜାଇ ।
୬.	**କଟକ ଶାଖା (ପୂର୍ବରୁ ହରିପୁର ରୋଡ୍ ଶାଖା) / ମୋ : ୮୬୬୭୬୨୨୭୮୭୬** **ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ ଗୁରୁକୃପା ବୋରଓ୍ୱେଲ, ସତ୍ୱାଧିକାରୀ : ଶ୍ରୀ ବୈକୁଣ୍ଠ ବିହାରୀ ମୁଦୁଲି,** ସା-ପ୍ଲଟ୍ ନଂ. ୩୯୬/୧୬୯୨, ଆଦିତ୍ୟ ନଗର, ପୋ-ନୂଆବଜାର, ଥାନା-ଚାଉଳିଆଗଞ୍ଜ, ଜିଲ୍ଲା-କଟକ-୪, ଓଡ଼ିଶା । ଜାମିନ୍‌ଦାର/ବନ୍ଧକଦାତା : ଶ୍ରୀମତୀ ସଞ୍ଜୁକ୍ତା ମୁଦୁଲି, ସ୍ୱାମୀ-ସ୍ୱର୍ଗତଃ ବସନ୍ତ ମୁଦୁଲି, ସା-ପ୍ଲଟ୍ ନଂ.: ୩୯୬/୧୬୯୨, ଆଦିତ୍ୟ ନଗର, ପୋ-ନୂଆବଜାର, ଥାନା-ଚାଉଳିଆଗଞ୍ଜ, ଜିଲ୍ଲା-କଟକ-୪, ଓଡ଼ିଶା ।	**ବାସପୋଯୋଗୀ ସମ୍ପତ୍ତି : ଶ୍ରୀମତୀ ସଞ୍ଜୁକ୍ତା ମୁଦୁଲି** ଙ୍କ ନାମରେ ଥିବା ସମସ୍ତ ଜମି ଏବଂ ଗୃହର ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୯୬/୧୬୯୨, ଖାତା ନଂ.: ୬୫୦/୪୪, ମୌଜା-ପଇସା (ୟୁନିଟ୍ ୨୮), ଥାନା-ଚାଉଳିଆଗଞ୍ଜ, ତହସିଲ-କଟକ ସଦର, ଏରିଆ : ଏ.୦.୦୪୦ ଡ଼ି., ଜିଲ୍ଲା-କଟକ, ଓଡ଼ିଶା । ଏହାର ଚାରିପାର୍ଶ୍ୱରେ ଉତ୍ତର : ପଙ୍କଜିନି ମିଶ୍ର (ପ୍ଲଟ୍ ନଂ. ୩୯୬/୧୧୭୬), ପୂର୍ବ : ଉର୍ମିଳା ସାହୁ (ପ୍ଲଟ୍ ନଂ. ୩୯୬/୧୧୭୫), ପଶ୍ଚିମ : ପଙ୍କଜିନି ମିଶ୍ର (ପ୍ଲଟ୍ ନଂ. ୩୯୬/୧୧୭୭) ଏବଂ ଦକ୍ଷିଣ : ରାସ୍ତା ।
୭.	**କଟକ ଶାଖା (ପୂର୍ବରୁ ହରିପୁର ରୋଡ୍ ଶାଖା)** **ମୋ : ୮୬୬୭୬୨୨୭୮୭୬** **ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ ଅଞ୍ଜଳି ଉଦ୍ୟୋଗ, ସତ୍ୱାଧିକାରୀ : ଶ୍ରୀ କମଳାକାନ୍ତ ଦାସ,** ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ-୭୫୩୦୦୮ ।	**ବ୍ୟବସାୟିକ ସମ୍ପତ୍ତି : ଶ୍ରୀ କମଳାକାନ୍ତ ଦାସ** ଙ୍କ ନାମରେ ଥିବା ସମସ୍ତ ଜମି ଏବଂ ଗୃହର ଅଂଶବିଶେଷ ଯାହାର ମୌଜା-ଗୋପାଳପୁର, ଖାତା ନଂ. ୧୫୦, ରେଭିନ୍ୟୁ ପ୍ଲଟ୍ ନଂ. ୨୧୦(ଅଂଶ), ଇଡ଼କୋ ପ୍ଲଟ୍ ନଂ. ୧୧୯, ଚୌଦ୍ୱାର ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ, ଚୌଦ୍ୱାର, କଟକ । ଏହାର ଚାରିପାର୍ଶ୍ୱରେ ଉତ୍ତର : ରାସ୍ତା, ଦକ୍ଷିଣ : ଇଡ଼କୋ ପ୍ଲଟ୍ ନଂ. ୧୧୮, ପୂର୍ବ : ଇଡ଼କୋ ପ୍ଲଟ୍ ନଂ. ୧୧୯/ଏ, ପଶ୍ଚିମ : ରାସ୍ତା ।
୮.	**କଟକ ଶାଖା / ମୋ: ୮୬୬୭୬୨୨୭୮୭୬** **ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ: ନୀଳଚକ୍ର ଫୁଡ୍ସ ପ୍ରା. ଲିଃ, ଏହାକୁ ପ୍ରତିନିଧିତ୍ୱ କରୁଥିବା ପରିଚାଳନା ନିର୍ଦ୍ଦେଶକ:ଶ୍ରୀ ସଂଗ୍ରାମ ସାହୁ,** ମୌଜା: ମାଲୋ, ନିଆଳି, ଥାନା: ଗୋବିନ୍ଦପୁର, କଟକ-୭୫୩୦୧୨/ **ଜାମିନଦାରମାନେ: ୧) ହାରାମଣୀ ସାହୁ, ୨) ଶ୍ରୀ ବିକ୍ରମ କିଶୋର ସାହୁ, ୩) ଶ୍ରୀମତୀ ଭାରତୀ ସାହୁ, ୪) ଶ୍ରୀ ସଂଗ୍ରାମ କିଶୋର ସାହୁ, ୫) ଶ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ, ୬) ଶ୍ରୀମତୀ କନକ ମଞ୍ଜରୀ ସୁବୁଦ୍ଧି,** ସମସ୍ତଙ୍କ ଠିକଣା- ସା: ହିନ୍ଦୋଳ କୋଠି, ତୁଳସୀପୁର, ଓଲ୍ଡ ରେଭିନ୍ୟୁ କଲୋନୀ ପଛପାଖ, କଟକ	**(କ) ଲିଜ୍ ହୋଲ୍ଡର କ୍ଷମତାପ୍ରାପ୍ତ ଅଧିକାରୀ ମେସର୍ସ ନୀଳଚକ୍ର ଫୁଡ୍ସ ପ୍ରା.ଲିଃ.** ନାମରେ ରେକର୍ଡଭୁକ୍ତ ଥିବା ଜମି ଆଦି ସମ୍ପତ୍ତି ଯାହାର ପ୍ଲଟ୍ ନଂ.; ୨୫୬ ଏବଂ ୨୫୮, ଖାତା ନଂ. ୧୬୦ ଏବଂ ୧୭୦, କ୍ଷେତ୍ର; ଏକର ୦.୬୬ ଡିସିମିଲି, ମୌଜା: ମାଲୋ, ଥାନା: ଗୋବିନ୍ଦପୁର, ତହସିଲ, ନିଆଳି, କଟକ, **(ଖ) ପଞ୍ଜିକୃତ ଲିଜ୍ ହୋଲ୍ଡର କ୍ଷମତାପ୍ରାପ୍ତ ଅଧିକାରୀ ମେସର୍ସ ନୀଳଚକ୍ର ଫୁଡ୍ସ ପ୍ରା.ଲିଃ.** ନାମରେ ଥିବା ଖାଲି ଜମି ସହିତ ସେଠାରେ ନିର୍ମାଣ ହୋଇଥିବା ଫ୍ୟାକ୍ଟ୍ରି ସେଡ୍, ଗୋଦାମ ଗୃହ ଆଦି ସମ୍ପତ୍ତି ଯାହାର ପ୍ଲଟ୍ ନଂ. ୨୫୫, ୨୫୨, ୨୫୯ ଖାତା ନଂ.: ୧୯୦, ୨୪୮/୧୨, କ୍ଷେତ୍ର: ଏକର ୦.୫୬ ଡିସିମିଲି, ଏବଂ ସମ୍ପତ୍ତି କ୍ର.ନଂ. ୧ ଏବଂ ୨ ର **ସମୁଦାୟ କ୍ଷେତ୍ର: ଏକର ୧.୨୨ ଡିସିମିଲି, ମୌଜା: ମାଲୋ, ଥାନା: ଗୋବିନ୍ଦପୁର, ତହସିଲ, ନିଆଳି, କଟକ**
୯.	**ମଙ୍ଗଳପୁର ଶାଖା / ମୋ:୯୫୫୩୭୪୭୦୫୫** **ଋଣଗ୍ରହୀତା/ବନ୍ଧକଦାତା : ଶ୍ରୀ ସତ୍ୟ ନାରାୟଣ ମଲ୍ଲିକ,** ସା/ପୋ: ଅମ୍ବୋଳବା, ଭାୟା: ସୁକିନ୍ଦା, ଥାନା: ସୁକିନ୍ଦା, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍: ୭୫୫୦୧୮ ।	**ଶ୍ରୀ ସତ୍ୟ ନାରାୟଣ ମଲ୍ଲିକଙ୍କ** ନାମରେ ଥିବା ଜମି ଏବଂ ଏକ ମହଲା ବିଶିଷ୍ଟ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅମ୍ବୋଳବା, ଥାନା: ସୁକିନ୍ଦା, ପୋ: ଅମ୍ବୋଳବା, ଜିଲ୍ଲା: ଯାଜପୁର, ଖାତା ନଂ: ୬୫, ପ୍ଲଟ୍ ନଂ.: ୨୫, କ୍ଷେତ୍ର: ଏକର୦.୨୦ ଡ଼ିସିମିଲ, ଚୌହଦୀ: ପୂର୍ବ/ଉତ୍ତର: ଚୈତନ୍ୟ ଦାସ, ପଶ୍ଚିମ: ରବିନ୍ଦ୍ର ସାହୁ, ଦକ୍ଷିଣ: ରାସ୍ତା ।
୧୦.	**ଢେଙ୍କାନାଳ ଶାଖା / ମୋ: ୮୪୨୦୭୭୧୮୨୨** **ଋଣଗ୍ରହୀତା: ମେସର୍ସ ମେଟ୍ରୋ ଗାର୍ଡେନ, ସ୍ୱତ୍ୱାଧିକାରୀ: ଶ୍ରୀ ସରୋଜ କୁମାର ସାହୁ,** ପିତା: ଶ୍ରୀ ମାୟାଧର ସାହୁ, ସା: ରତ୍ନପ୍ରଭା (ପୋଡ଼ପଡ଼ା), ପୋ: ହିନ୍ଦୋଳ ରୋଡ୍, ଥାନା: ମଟଙ୍ଗା , ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୧୯	**ବାଣିଜ୍ୟିକ ସମ୍ପତ୍ତି : ଶ୍ରୀ ସରୋଜ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ବାଣିଜ୍ୟକ ଦୁଇ ମହଲା ବିଶିଷ୍ଟ ଗୃହ ଯାହାର ପ୍ଲଟ୍ ନଂ.:୪୧୮୮/୪୯୪୨,** ଖାତା ନଂ.: ୨୭୨/୧୩୬, କ୍ଷେତ୍ର: ଏକର ୦.୨୯ ଡିସିମିଲି, ମୌଜା: ଗୁଣଦେଇ, ଥାନା: ମୋଟଙ୍ଗା, ଜିଲ୍ଲା: ଢେଙ୍କାନାଳ, ଚୌହଦୀ-ପୂର୍ବ: ଶ୍ରୀ ଜଗା ନାୟକ, ପଶ୍ଚିମ: ଶ୍ରୀ ପ୍ରହଲ୍ଲାଦ ବାରିକ, ଉତ୍ତର: ରେଙ୍ଗାଲି ଦକ୍ଷିଣ କେନାଲ, ଦକ୍ଷିଣ-ଏନ୍‌ଏଚ୍-୪୨
୧୧.	**ଯୋତ୍ରା ଶାଖା / ମୋ: ୭୦୦୮୪୬୯୪୬୪** **ଋଣଗ୍ରହୀତା: ମେସର୍ସ ଜୀବଦାନୀ ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ସତ୍ୟଜିତ ପରିଡ଼ା,** ପିତା: କ୍ଷେତ୍ର ମୋହନ ପରିଡ଼ା, **ଜାମିନଦାର / ବନ୍ଧକଦାତା: ୧) ପୁଷ୍ପଲତା କବି, ୨) ସୁଲୋଚନା କବି/ ପରିଡ଼ା,** ସମସ୍ତଙ୍କ ବାସସ୍ଥାନ ଠିକଣା: ଗୋପାଳ ସାହି, ମଙ୍ଗଳାବାଗ, କଟକ	**ଶ୍ରୀ ସୁଲୋଚନା କବି ଏବଂ ପୁଷ୍ପଲତା କବି**ଙ୍କ ନାମରେ ମିଳିତ ଭାବେ ଥିବା ଜମି ଏବଂ ଏକ ମହଲା ବିଶିଷ୍ଟ ବାସୋପଯୋଗୀ ଗୃହ ଯାହାର ମୌଜା: କଟକ ସହର, ୟୁନିଟ୍ ନଂ.: ୨୨, ନୀରକମଳ ପାଟଣା, ଥାନା ନଂ: ୫, ଖାତା ନଂ.: ୧୦୬୮/୪୩, ପ୍ଲଟ୍ ନଂ.: ୧୦୧୭, କ୍ଷେତ୍ର: ଏକର ୦.୦୪୨ ଡିସିମିଲି, ଚୌହଦୀ-ପୂର୍ବ: ରାସ୍ତା, ପଶ୍ଚିମ: କୈଳାଶ କବି(ଏସି ଷ୍ଟ୍ରିଟ୍), ଉତ୍ତର: ରାଜେଶ କବି, ଦକ୍ଷିଣ: ନର୍ସିଂ ହୋମ
୧୨.	**ଯୋତ୍ରା ଶାଖା / ମୋ: ୭୦୦୮୪୬୯୪୬୪** **ଋଣଗ୍ରହୀତା: ମେସର୍ସ ମହାଲକ୍ଷ୍ମୀ ପେଟ୍ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ୱାଧିକାରୀ: ଶ୍ରୀ ବିଶ୍ୱଜିତ ପରିଡ଼ା,** ପିତା: କ୍ଷେତ୍ରମୋହନ ପରିଡ଼ା, ସା: ଏସ୍-୩/୫, ନିଉ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ, ଜଗତପୁର, କଟକ-୭୫୪୦୨୧, ବାସସ୍ଥାନ ଠିକଣା: ସା: ଗୋପାଳସାହି, ମଙ୍ଗଳାବାଗ, ଜିଲ୍ଲା-କଟକ, **ଜାମିନଦାର /ବନ୍ଧକଦାତା: ଶ୍ରୀ ପ୍ରମୋଦ ଚନ୍ଦ୍ର ମହାନ୍ତି,** ପିତା: ଚନ୍ଦ୍ରମଣି ମହାନ୍ତି, ସା: ଗୋପାଳ ଜୀଉ ଲେନ୍, ମଠ ସାହି, ତେଲେଙ୍ଗା ବଜାର, ଜିଲ୍ଲା: କଟକ-୭୫୩୦୦୯	**ଶ୍ରୀ ପ୍ରମୋଦ ଚନ୍ଦ୍ର ମହାନ୍ତିଙ୍କ** ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ବାସପୋଯୋଗୀ ଏକ ମହଲା ବିଶିଷ୍ଟ ଗୃହ ଯାହା ପ୍ଲଟ୍ ନଂ.: ୧୧୨୪, ଖାତା ନଂ.: ୮୭୦/୭, ମୌଜା: କଟକ ସହର, ୟୁନିଟ୍-୧୪, କ୍ଷେତ୍ର: ଏକର ୦.୦୨୭ ଡିସିମିଲି, ଘରର କ୍ଷେତ୍ର: ୯୨୫ ବର୍ଗଫୁଟ, ଘର ନଂ.: ୩୮୯, ଗୋପାଳ ଜୀଉ ଲେନ୍, ମଠସାହି, ଜିଲ୍ଲା: କଟକ, ଓଡ଼ିଶାରେ ଅବସ୍ଥିତ, ଚୌହଦୀ-ପୂର୍ବ: ରାସ୍ତା, ପଶ୍ଚିମ: ବଂଶୀଧର ସ୍ୱାଇଁ, ଉତ୍ତର: ରତ୍ନାକର ଘଡ଼େଇ, ଦକ୍ଷିଣ: ରମେଶ ଚନ୍ଦ୍ର ମହାନ୍ତି
୧୩.	**ଯୋତ୍ରା ଶାଖା / ମୋ: ୭୦୦୮୪୬୯୪୬୪** **ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ ମହାବୀର ପୋଲିସାକ୍ସ, ସ୍ୱତ୍ୱାଧିକାରୀ: ମନୋଜ କୁମାର ବେହେରା, ଜାମିନଦାର/ ବନ୍ଧକଦାତା: ଚୁମୁକି ବେହେରା,** ସ୍ୱା: ମନୋଜକୁମାର ବେହେରା, ଉଭୟଙ୍କ ଠିକଣା: ପ୍ଲଟ ନଂ-୭୯୭, ସା: ବାମୁରି, ପୋ: ଶାଳଗାଁ, ଟାଙ୍ଗୀ, କଟକ-୭୫୩୦୨୫,	**ଶ୍ରୀ ମନୋଜ କୁମାର ବେହେରା ଓ ଚୁମୁକି ବେହେରା**ଙ୍କ ନାମରେ ଥିବା ବନ୍ଧକଯୁକ୍ତ ଜ

୩ ଗାଡ଼ି ଜବତ, ୧.୨୫ଲକ୍ଷ ଟଙ୍କା ଜରିମାନା ଆଦାୟ

ବାଲିଯାଟଣା,(ଡି.ଏନ୍.ଏ.): ବାଲିଯାଟଣା ତହସିଲ ଅନ୍ତର୍ଗତ ସୋମଣ ଓ ଅଟ୍ୟୁତପୁରସ୍ଥିତ ଭାର୍ଗବୀ ନଦୀରୁ ବେଆଇନଭାବେ ବାଲି ଉଠାଣକୁ ବନ୍ଦ କରି ତହସିଲ ପ୍ରଶାସନ ପକ୍ଷରୁ ଘାଟ ଠାରେ ନାଲି ପତାକା ଲଗାଯାଇଛି। ଏଠାରୁ ବେଆଇନଭାବେ ବାଲି ଉଠୁଥିବା ଖବରପାଇ ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ ପୋଲିସ ସହ ଶୁକ୍ରବାର ପୂର୍ବାହ୍ନରେ ପହଞ୍ଚି ଚଢ଼ାଉ କରି ଗୋଟିଏ ଟ୍ରାକ୍ଟର, ଜେସିବି ଓ ହାଇୱା ଜବତ ହୋଇଛି। ଏହି ୩ ଗାଡି ମାଲିକଙ୍କ ଠାରୁ ୧ଲକ୍ଷ ୨୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ନୂତନ ଟେଣ୍ଡର ହେବା ପର୍ଯ୍ୟନ୍ତ ଘାଟ ସିଲ୍ କରାଯାଇଛି ବୋଲି ତହସିଲଦାର କହିଛନ୍ତି।

ସଂକ୍ଷେପରେ

କାନ୍ସ ଇଣ୍ଡିଆ ପାଭିଲିଅନ୍‌ରେ ଓଡ଼ିଆ ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡା

ଭୁବନେଶ୍ୱର, ୨୦। ୫(ବ୍ୟୁରୋ) : ଭାରତକୁ ଚଳିତ ବର୍ଷ 'କଣ୍ଟ୍ରି ଅଫ୍ ଅନର୍' ଭାବେ ପୁରସ୍କୃତ କରାଯାଇଛି। ବିଶ୍ୱରେ ଏକ ଚଳଚ୍ଚିତ୍ର ଗନ୍ତବ୍ୟସ୍ଥଳୀ ଦେଶ ଭାବେ ପ୍ରୋତ୍ସାହିତ କରିବା ଲାଗି ଗତ ଗୁରୁବାର କାନ୍ସଠାରେ 'ଇଣ୍ଡିଆ ପାଭିଲିଅନ' ଉନ୍ମୋଚିତ ହୋଇଛି। 'ଫିଲ୍ମିଙ୍ଗ୍ ଇନ୍ ଇଣ୍ଡିଆ: ଏ ୱାର୍ଲ୍ଡ ଅଫ୍ ଅପର୍ଚ୍ୟୁନିଟିଜ୍' ପ୍ରସଙ୍ଗ ଉପରେ ଏକ ରାଉଣ୍ଡ୍ ଟେବୁଲ ବୈଠକ ଆୟୋଜିତ ହୋଇଥିଲା। ସେଠାରେ ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡା ଏହି ସମ୍ମାନଜନକ ବୈଠକରେ ବିଶିଷ୍ଟ ବ୍ୟକ୍ତିଙ୍କ ଗହଣରେ ଜଣେ ପ୍ୟାନେଲିଷ୍ଟ ଭାବେ ଯୋଗ ଦେଇଛନ୍ତି। ଏହି ଅବସରରେ ସେ ଆମ ଦେଶରେ ସିନେମା ପାଇଁ ରହିଥିବା ଲୋକଙ୍କ ପ୍ରେମ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ଓଡ଼ିଶା ବିଷୟରେ ମଧ୍ୟ ସେ କହିଛନ୍ତି। ଭୁବନେଶ୍ୱର, ହ୍ୱାଇଟ୍ ସ୍ୟାଣ୍ଡ ବିଚ୍, ଜଙ୍ଗଲ ଓ ଅନ୍ୟାନ୍ୟ ପର୍ବତଗୁଡିକ ସହ ବିଭିନ୍ନ ସ୍ଥାନ ଘନିଷ୍ଠ ଭାବେ ଜଡିତ ରହିଛି। ଏଥିସହ ଦେଶରେ ନୂଆ ସିନେମାଗୁଡିକୁ ଆରମ୍ଭ କରିବା ଲାଗି ପ୍ରୋତ୍ସାହନ ଓ ପ୍ରକ୍ରିୟାରେ ସହଜତା ସମ୍ପର୍କରେ ଉପସ୍ଥିତ ଅନ୍ୟ ବ୍ୟକ୍ତିମାନେ ଆଲୋକପାତ କରିଥିଲେ।

ସ୍ତମ୍ଭକାର ଆର୍ତ୍ତ ମିଶ୍ରଙ୍କୁ 'ନାରଦ ସମ୍ମାନ'

ଭୁବନେଶ୍ୱର, ୨୦। ୫(ବ୍ୟୁରୋ): ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ଶୁକ୍ରବାର ସୂଚନା ଭବନଠରେ ରାଜ୍ୟସ୍ତରୀୟ 'ଅଷ୍ଟାଦଶ ନାରଦ ସମ୍ମାନ' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସାହିତ୍ୟିକ ଡ. ରବିନାରାୟଣ ସେନାପତି ଓ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡିଶା ପୂର୍ବ ପ୍ରାନ୍ତର ସମ୍ପର୍କ ପ୍ରମୁଖ ଆଡ୍‌ଭୋକେଟ ସର୍ବେଶ୍ୱର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜୀବନବ୍ୟାପୀ ସାଧନା, ଅଧ୍ୟବସାୟ ଓ ସାମ୍ବାଦିକତା କ୍ଷେତ୍ରକୁ ଅବଦାନ ନିମନ୍ତେ ଚଳିତ ବର୍ଷ ସ୍ତମ୍ଭକାର ଆର୍ତ ମିଶ୍ରଙ୍କୁ 'ନାରଦ ସମ୍ମାନ'ରେ ସମ୍ମାନିତ କରାଯାଇଛି। ପୁରସ୍କାର ସ୍ୱରୂପ ଅର୍ଥ ରାଶି ସହ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଛି। ଉତ୍ସବରେ ଅଧ୍ୟାପକ ତଥା ସ୍ତମ୍ଭକାର ନିରଞ୍ଜନ ପାଢୀ ଅଧ୍ୟକ୍ଷତା କରିଥିଲେ। ସାଇ ପ୍ରସାଦ ଦାଶ ସଂଯୋଜନା କରିଥିବାବେଳେ ନାରଦ ଜୟନ୍ତୀ ସମାରୋହ ସମିତିର ସଦସ୍ୟ ସୁମନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ।

ରାଶନ ପାଇଁ ୬ ଘଣ୍ଟା ଠିଆ, ଅନେକେ ଅସୁସ୍ଥ

ଭୁବନେଶ୍ୱର, ୨୦।୫ (ବ୍ୟୁରୋ)

ରାଶନ ସାମଗ୍ରୀ ପାଇଁ ରାଜଧାନୀ ଭୁବନେଶ୍ୱରରେ ବିହିତାଧିକାରୀଙ୍କୁ ହଟହଟା ହେବାକୁ ପଡୁଛି। ରାତିରୁ ଲାଇନ୍‌ରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ବିଷ୍ଟକ୍ ନ ଥିବା କହି ଫେରାଇ ଦିଆଯାଉଛି। ଅନିଦ୍ରା ସାଙ୍ଗକୁ ଭୋକ, ଖରାରେ ଦୀର୍ଘ ୬ ଘଣ୍ଟା ଧରି ଠିଆ ହେବା ପରେ ଅନେକ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏଭଳି ସ୍ପର୍ଶକାତର ଘଟଣା ୱାର୍ଡ ନଂ.୩୦ ଅନ୍ତର୍ଗତ ଶହୀଦନଗରସ୍ଥିତ ମୈତ୍ରୀ ଯୋଗାଣ ଷ୍ଟୋର୍ ପରିସରରେ ଦେଖିବାକୁ ମିଳିଛି। ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ପରେ ମେୟର ସୁଲୋଚନା ଦାସ ଓ ଯୋଗାଣ ବିଭାଗର ଅଧିକାରୀମାନେ ପହଞ୍ଚି ସମସ୍ୟାର ସମାଧାନ କରିଛନ୍ତି।

ଶହୀଦନଗର ମୈତ୍ରୀ ଯୋଗାଣ ଷ୍ଟୋର୍ ନାଁରେ ସାମଗ୍ରୀ ଯୋଗାଣରେ ଅନିୟମିତତା ଓ ହିତାଧିକାରୀଙ୍କୁ ଦୁର୍ବ୍ୟବହାର ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। ଅଧିକାଂଶ ସମୟରେ ଷ୍ଟକ ନ ଥିବା କହି ଗୋଦାମରେ ତାଲା ପକାଇ ଲୋକଙ୍କୁ ଫେରାଇ ଦିଆଯାଉଥିଲା। ଶୁକ୍ରବାର ମଧ୍ୟ ସମାନ ଘଟଣା ଘଟିଥିଲା। ରାତି ୩ଟାରୁ ହିତାଧିକାରୀମାନେ ଷ୍ଟୋର ସମ୍ମୁଖରେ ଲାଇନ୍ ଲଗାଇ ଥିଲେ ମଧ୍ୟ ସକାଳ ପ୍ରାୟ ୯ଟା ପର୍ଯ୍ୟନ୍ତ ସାମଗ୍ରୀ ବଣ୍ଟା ହୋଇ ନ ଥିଲା। ପୂର୍ବଭଳି ଷ୍ଟକ୍ ନ ଥିବା କୁହାଯିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। କେତେଜଣ ମହିଳା ଅସୁସ୍ଥ ହୋଇ ପଡିବାରୁ ସେଠାରେ ଉପସ୍ଥିତ ଅନ୍ୟ ହିତାଧିକାରୀମାନେ ହୋହଲ୍ଲା କରିବା ସହ ମେୟର ସୁଲୋଚନା ଦାସଙ୍କୁ ଫୋନ୍ କରି ଜଣାଇଥିଲେ। କିଛି ସମୟ ପରେ ମେୟରଙ୍କ ସହ ସ୍ଥାନୀୟ କର୍ପୋରେଟର ରାଜକିଶୋର ଦାସ ସେଠାରେ ପହଞ୍ଚିଥିଲେ। ପରେ ଯୋଗାଣ ଅଧିକାରୀ ନୀଳମଣି ବେହେରା, ମାର୍କେଟିଂ ଇନ୍ସପେକ୍ଟର ପ୍ରମୁଖ ପହଞ୍ଚିବା ପରେ ପୋଲିସ ଉପସ୍ଥିତିରେ ମୈତ୍ରୀ ଷ୍ଟୋର୍‌କୁ ଖୋଲାଯାଇଥିଲା। ଗୋଦାମ ଭିତରେ ଗହମ, ଚାଉଳ, କିରୋସିନ ମହଜୁଦ ଥିଲେ ମଧ୍ୟ ଲୋକଙ୍କୁ ନ ନେଇ ହଇରାଣ କରୁଥିବା ଯାଞ୍ଚବେଳେ ମେୟର ଜାଣିବାକୁ ପାଇଥିଲେ। ଏଥିସହ ରେଜିଷ୍ଟର ସହ ଷ୍ଟକ୍ ଯାଞ୍ଚ କରି ଷ୍ଟୋର୍ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଥିଲେ। ଏହାପରେ ରାଶନ ସାମଗ୍ରୀ ବଣ୍ଟନ ଆରମ୍ଭ ହୋଇଥଲା। ଷ୍ଟୋର୍‌ରୁ ଚାଉଳ ସରିବା ପରେ ଆଉଏକ ଟ୍ରକ୍ ଚାଉଳ ମଧ୍ୟ ଆସି ବଣ୍ଟା ଯାଇଥିଲା। ଇତିମଧ୍ୟରେ ଜଣେ ୭୦ ବର୍ଷୀୟ ବୃଦ୍ଧା ସେଠାରେ ଚେତା ହରାଇ ପଡିଯାଇଥିଲେ। ତୁରନ୍ତ ତାଙ୍କୁ ଶହୀଦନଗର ମେଡିକାଲକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଚେତା ଫିରିବାରୁ ପରିବାର ଲୋକଙ୍କ ସହ ସେ ଘରକୁ ଯାଇଥିଲେ। ତେବେ କେତେଜଣ ହିତାଧିକାରୀ ୩ରୁ ୪ ମାସ ହେଲା କଣ୍ଟ୍ରୋଲ ସାମଗ୍ରୀ ନେଇ ନ ଥିବା ଅଭିଯୋଗ କରିଛନ୍ତି। ସେହିଭଳି ଆଉ କେତେଜଣ ସାମଗ୍ରୀ ନ ପାଇ ଘରକୁ ଫେରିଥିବା କହିଛନ୍ତି। ସ୍ଥାନୀୟ କର୍ପୋରେଟର ଦାସ କୁହନ୍ତି, ପ୍ରତି ମାସରେ ଏଭଳି ସ୍ଥିତି ଉପୁଜୁଛି। କାର୍ଡ ଥିଲେ ହିତାଧିକାରୀ ଯେ କୌଣସି ଅଞ୍ଚଳରୁ ରାଶନ ନେଇ ପାରିବେ ବୋଲି ସରକାର କହିଛନ୍ତି। ଏହି ଅଞ୍ଚଳ ସହରର ଏକ ପ୍ରମୁଖ ସ୍ଥାନ ହୋଇ ଥିବାରୁ ୱାର୍ଡ ବାସିନ୍ଦାଙ୍କ ସହିତ ପାଖାପାଖି ଅଞ୍ଚଳରୁ ମଧ୍ୟ ହିତାଧିକାରୀମାନେ ଏଠାକୁ ରାଶନ ନେବାକୁ ଆସୁଛନ୍ତି। ମାତ୍ର ଏଠାରେ ସେପରି ବ୍ୟବସ୍ଥା କରାଯାଉ ନାହିଁ। ଷ୍ଟୋର୍‌ରେ କେତେ ସାମଗ୍ରୀ ମହଜୁଦ୍ ଅଛି କିମ୍ବା ଗୋଟିଏ ଦିନରେ କେତେ ଜଣ ସାମଗ୍ରୀ ନେଇ ପାରିବେ ତାହାର କୌଣସି ତାଲିକା ଲଗା ଯାଉନାହିଁ। ଫଳରେ ଆଗ ଆସିଲେ ଆଗ ରାଶନ ପାଇବା ପାଇଁ ହିତାଧିକାରୀମାନେ ରାତିରୁ ଆସି ଲାଇନ୍ ଲଗାଉଛନ୍ତି। ବିତରଣ ପ୍ରକ୍ରିୟାରେ ତାଳମେଳ ରହୁ ନ ଥିବାରୁ ଏଭଳି ସ୍ଥିତି ଦେଖାଦେଉଛି। ତେଣୁ ଏହାର ସମାଧାନ ପାଇଁ ମେୟର ଓ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସହ ଆଲୋଚନା କରି ଏଡିଏମ୍ ଓ ଜିଲାପାଳଙ୍କ ନିକଟକୁ ଯିବୁ ବୋଲି ସେ କହିଛନ୍ତି।

ଉତ୍ତେଜିତ ମହିଳା ହିତାଧିକାରୀମାନେ ।

ଶହୀଦନଗରରେ ମୈତ୍ରୀ ଯୋଗାଣ ଷ୍ଟୋର୍‌ରେ ଉତ୍ତେଜନା

- ଷ୍ଟକ୍ ଥାଇ ଫେରାଇ ଦିଆଯାଉଥିଲା
- ଯାଞ୍ଚ ପରେ ତାଗିଦ୍ କଲେ ମେୟର
- ଚେତା ହରାଇଲେ ବୃଦ୍ଧା, ଡାକ୍ତରଖାନାରେ ଭର୍ତ୍ତି

ଚାକିରି ଦେବା ନାଁରେ ୪ ଲକ୍ଷ ଠକେଇ

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ସରକାରୀ ସିଭିଲ ଇଞ୍ଜିନିୟର ଚାକିରି କରାଇ ଦେବାକୁ କହି ଜଣଙ୍କଠାରୁ ୪ ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲାର ପୀତବାସ ପରିଡା (୩୯)। ଏ ନେଇ ପୋଲିସ ଏକ ମାମଲା (ନଂ ୧୧/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ବାଳି ସେଠୀ ସରକାରୀ ଚାକିରି ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ଏହି ସମୟରେ ତାଙ୍କ ସହ ପୀତବାସଙ୍କର ପରିଚୟ ହୋଇଥିଲା। ପୀତବାସଙ୍କର ବଡ଼ ଲୋକଙ୍କ ସହ ପରିଚୟ ଅଛି କହି ବିଶ୍ୱାସ ଜନ୍ମାଇ ସରକାରୀ ଚାକିରି କରାଇଦେବାକୁ ବାଳିଙ୍କୁ କହିଥିଲେ। ତାଙ୍କ କଥାରେ ବିଶ୍ୱାସ କରି ବାଳି ୪ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ କୌଣସି ଚାକିରି ଦେଲେ ନାହିଁ। ଟଙ୍କା ଫେରସ୍ତ କରାଇବାକୁ କହିବାରୁ ଦୁର୍ବ୍ୟବହାର କରିଥିଲେ ପୀତବାସ। ଫଳରେ ବାଳି ଠକେଇର ଶିକାର ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରି ପୀତବାସଙ୍କୁ ଗିରଫ କରିଥିଲା।

ଆଜି ବିଶ୍ୱ ଚା' ଦିବସ

ସକାଳରୁ ସମ୍ପର୍କ ଯୋଡ଼େ ଚା'

ଭୁବନେଶ୍ୱର,୨୦। ୫(ବ୍ୟୁରୋ)

ସୂର୍ଯ୍ୟ ଯେପରି ତା'ର କିରଣ ଦେଇ ଦିନ ଆରମ୍ଭ କରିଥାଏ, ଠିକ୍ ସେହିଭଳି ମଣିଷ ଜୀବନରେ ଚା'ଠାରୁ ସକାଳର କାର୍ଯ୍ୟ ଆରମ୍ଭ ହୁଏ। ବିଶ୍ୱରେ ପାଣି ପରେ ସବୁଠୁ ଅଧିକ ପିଆଯାଉଥିବା ପାନୀୟ ହେଉଛି ଚା'। ଦୈନନ୍ଦିନ ଜୀବନରେ ମଣିଷ ପାଇଁ ଚା'ର ଗୁରୁତ୍ୱ ଏକ ଦିନଚର୍ଯ୍ୟାରେ ପରିଣତ ହୋଇଯାଇଛି। ଚା'ର ଗୋଟିଏ ଢୋକ ମନକୁ ତାଜା କରିଦିଏ। ବର୍ତ୍ତମାନ ସମୟରେ ବିଭିନ୍ନ ପ୍ରକାରର ପ୍ରସ୍ତୁତ ଚା' ପ୍ରତ୍ୟେକ ଚା ପ୍ରେମୀ ସହ ଯୋଡ଼ି ହୋଇପାରିଛି। ଚା'ର ବାସ୍ନା ହିଁ ଲୋକଙ୍କୁ ତା' ଆଡ଼କୁ ଟାଣିଆଣେ। ଅନେକ ସମ୍ପର୍କ ଆରମ୍ଭ ହୁଏ ୨କପ ଚା'ରୁ। ବନ୍ଧୁତାରୁ ନେଇ ପ୍ରେମୀଯୁଗଳ, ଏଭଳିକି ଅଜଣା ମଣିଷକୁ ଆପଣାର କରିନିଏ ଏହି ଚା'। ଚା' ଏକ ଆବେଗ, ଏକ ଦୁର୍ବଳତା । ଅନେକେ କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ କପେ ଚା'କୁ ଖୋଜିଥାନ୍ତି। ଏକ ଅଦ୍ଭୁତ ଶକ୍ତି ଅଛି ତା' ପାଖରେ। ଲୋକମାନେ ଏବେ ଚା'ର ଭିନ୍ନ ସ୍ୱାଦ ମଧ୍ୟ ପାଉଛନ୍ତି। ଗ୍ରୀନ ଟି, ବ୍ଲାକ ଟି, ୟେଲୋ ଟି ଠୁ ନେଇ କ୍ଷୀର ଚା, ନାଲି ଚା ମସଲା ଚା, ତନ୍ଦୁରୀ ଚା ପର୍ଯ୍ୟନ୍ତ କେତେ ପ୍ରକାର ଚା ବଜାରରେ ଉପଲବ୍ଧ। ମେ ୨୧ ଅନ୍ତର୍ଜାତୀୟ ଚା' ଦିବସ ଉପଲକ୍ଷେ ଚା'କୁ ନେଇ କ'ଣ କହୁଛନ୍ତି ଚା ପ୍ରେମୀ ।

ଚା' ମୋର ସବୁଠୁ ପ୍ରିୟ

ମୋର ସକାଳ ଆରମ୍ଭ ହୁଏ ଚା'ରୁ। ସେଭଳି ରାତି ସରେ ମଧ୍ୟ ଚା'ରେ। ଚା' ମୋ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। ଦୈନନ୍ଦିନ ଜୀବନରେ କରୁଥିବା ସବୁ କାମ ବନ୍ଦ ହେଲେ ଚଳିବ। କିନ୍ତୁ ଚା' ବନ୍ଦ ହେବା କଥା ମୁଁ ଭାବି ପାରେନା। ଘରେ ସମସ୍ତେ ଚା' ପିଉଥିବାରୁ ସେଇଠୁ ହିଁ ମୋ ଅଭ୍ୟାସ ହୋଇଗଲା।

–ଆଲିଶା ଖୁଣ୍ଟିଆ, ଚା'ପ୍ରେମୀ

ଗ୍ରାହକଙ୍କ ସହ ସମ୍ପର୍କ ବଢ଼ିବାରେ ଶ୍ରେଷ୍ଠ ମାଧ୍ୟମ

ଚା' ବ୍ୟବସାୟ ସବୁବେଳେ ଭଲ ଚାଲିଥାଏ। ପିଲାଠାରୁ ବୁଢ଼ା ସମସ୍ତେ ପ୍ରାୟତଃ ଚା' ପିଇବାକୁ ଆସନ୍ତି। ଚା' ପିଉଥିବା ଲୋକମାନେ ଠିକ୍ ସମୟରେ ଆସି ଦୋକାନରେ ପହଞ୍ଚିଯିବେ। ଗ୍ରାହକଙ୍କ ସହ ସମ୍ପର୍କ ବଢିବାରେ ଚା' ଏକ ଶ୍ରେଷ୍ଠ ମାଧ୍ୟମ। ଚା' ପିଉଥିବା ଗରାଖ ବେଳେବେଳେ ଗପରେ ମାତି ଅନେକ କିଛି କଥା କହି ଦିଅନ୍ତି।

–ରାଜକୃଷ୍ଣ ସ୍ୱାଇଁ, ଚା' ବ୍ୟବସାୟୀ

ଚା' ପିଇବା ସହ ସ୍ୱାସ୍ଥ୍ୟକୁ ଗୁରୁତ୍ୱ



ସାଙ୍ଗ ଖଟି ମେଳରେ ଗପ ଜମିବାରେ ଚା' ହିଁ ସାହାଯ୍ୟ କରେ। ମୁଁ ଚା' ପିଇବାକୁ ଭଲ ପାଏ। ବେଶି ନ ହେଲେ ବି ପିଏ। ଅଧିକ ଚା' ପିଇବା ସ୍ୱାସ୍ଥ୍ୟ ପକ୍ଷେ ଭଲ ନୁହେଁ। ତେଣୁ ଅନ୍ତର୍ଜାତୀୟ ଦିବସରେ ଚା' ପିଉଥିବା ଲୋକମାନଙ୍କୁ ଚା' ପିଇବା ସହ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଉଚିତ।

–ଦୀପାଞ୍ଜଳି ବିଶ୍ୱାଳ, ଛାତ୍ରୀ

ଚା'ପରକୁ ଆପଣା କରେ

ପୁଅଙ୍କର ଚା' ଖଟି ବେଶି ପ୍ରିୟ । ଦୁନିଆର ସବୁ ଚିନ୍ତା ଘାରିଥିଲେ ଟିକେ ଶାନ୍ତି ଅନୁଭବ ପାଇଁ ଧାଇଁଆସୁ ଚା' ଖଟିକୁ। ଯେଉଁଠି ଅତୀତରୁ ଭବିଷ୍ୟତ ଓ ବର୍ତ୍ତମାନ ସବୁ ଆଲୋଚନା ହୁଏ। ଗପରେ ଗପରେ କେତେ କପ ଚା' ସରିଯାଉ କହି ହୁଏ ନାହିଁ। ବେଳେବେଳେ ନିଜ କପ୍ ଶେଷ କରି ସାଙ୍ଗ କପ୍‌କୁ ବି ସାରିଦେଉ। ଚା'ଏମିତି ଏକ ମାଧ୍ୟମ ଯିଏ କେତେ ଅଜଣାକୁ ଆପଣାର କରିନିଏ।

–ଅଜିତ ମିଶ୍ର, ଚା'ପ୍ରେମୀ

ଜଗନ୍ନାଥ ବିହାରରେ ୨ ବୋମାମାଡ଼

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱର ଦିନକୁ ଦିନ ଅଶାନ୍ତ ହୋଇପଡୁଛି। କେତେବେଳେ ଗୁଳି ଫୁଟୁଛି ତ କେତେବେଳେ ଛୁରାମାଡ଼, ପୁଣି କେତେବେଳେ ବୋମାମାଡ଼ କରୁଛନ୍ତି ଦୁର୍ବୃତ୍ତ। ଶହୀଦନଗର ଥାନା ଅନ୍ତର୍ଗତ ପଳାଶୁଣୀ ଜଗନ୍ନାଥ ବିହାରରେ ନିର୍ମାଣାଧୀନ ଭବାନୀ ଆପାର୍ଟମେଣ୍ଟରେ ଗୁରୁବାର ରାତି ୧୧ଟା ୧୫ ସମୟରେ କେତେଜଣ ଦୁର୍ବୃତ୍ତ ବୋମାମାଡ଼ କରିଛନ୍ତି। ୨ଟି ବୋମାମାଡ ହୋଇଥିବା ବେଳେ ଗୋଟିଏ କାନ୍ଥରେ ଓ ଆଉ ଗୋଟିଏ ପାଖରେ ଥିବା ପୋଲରେ ବାଜିଛି। ଏଥିରେ କୌଣସି କ୍ଷୟକ୍ଷତି ହୋଇ ନାହିଁ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିବା ସହ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୨୩୦/୨୨) ରୁଜୁ କରିଛି। ତେବେ ଗତ ୧୭ ତାରିଖରେ ଉକ୍ତ ଜାଗାରେ ପାଚେରି ଭଙ୍ଗାକୁ ନେଇ ଏକ ଗଣ୍ଡଗୋଳ ହୋଇଥିଲା। ଏଥିରେ ଆପାର୍ଟମେଣ୍ଟ ପାର୍ଶ୍ୱ ଜମି ଥିବା ତରୁଆ ମହାନ୍ତିଙ୍କ ଭାଇ ବବୁଲୁ ମହାନ୍ତି ପାଚେରି ଭାଙ୍ଗିବା ସହ ଆପାର୍ଟମେଣ୍ଟ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଗାଳିଗୁଳଜ କରିଥିଲେ। ଏ ନେଇ ଆପାର୍ଟମେଣ୍ଟ ଦାୟିତ୍ୱରେ ରହିଥିବା ବିଜୟ ବାରିକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ବବୁଲଙ୍କୁ ଗିରଫ କରିଥିଲା। ଏହି ରାଗରେ ଭାଇ ତରୁଆ ବୋମାମାଡ଼ କରିଥାଇପାରନ୍ତି ବୋଲି ବିଜୟ ସନ୍ଦେହ କରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ବ୍ରାଉନସୁଗାର ଜବତ, ମହିଳା ଗିରଫ

ଭୁବନେଶ୍ୱର,୨୦।୫ (ବ୍ୟୁରୋ)

ବ୍ରାଉନସୁଗାର ବେପାର କରୁଥିବା ବେଳେ ଖଣ୍ଡଗିରି ଥାନା ପୋଲିସ ଚଢାଉ କରି ଜଣେ ମହିଳାଙ୍କୁ ଗିରଫ କର ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଡୁମୁଡୁମା ଅଞ୍ଚଳରେ ରହୁଥିବା ଗଞ୍ଜାମର କୁନି ମଙ୍ଗଳ (୩୮)। ତାଙ୍କଠାରୁ ୮.୮୦ ଗ୍ରାମର ବ୍ରାଉନସୁଗାର, ୨ ମୋବାଇଲ ଫୋନ ଓ ୧୩ ହଜାର ୨୦ ଟଙ୍କା ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ ମହିଳା ଜଣଙ୍କ ଖଣ୍ଡଗିରି ଥାନା ଅଧୀନ ରେହେମତ ବସ୍ତିରେ ବ୍ରାଉନସୁଗାର ବେପାର କରୁଥିଲେ। ତେବେ ବିଶେଷ ସୂତ୍ରରୁ ପୋଲିସ ଏ ବିଷୟରେ ଖବରପାଇ ରେହେମତ ବସ୍ତିରେ ଗୁରୁବାର ଚଢାଉ କରି ମହିଳାଙ୍କୁ ଗିରଫ କରିଥିଲା ।

ବାଣୀବିହାର ୩ ନଂ. ଗେଟ୍ ବନ୍ଦକୁ ବିରୋଧ କରି ଧାରଣା

ଭୁବନେଶ୍ୱର, ୨୦।୫ (ବ୍ୟୁରୋ)

ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଯିବା ଆସିବାରେ ବ୍ୟବହୃତ ହେଉଥିବା ରାସ୍ତାକୁ ସ୍ୱେଚ୍ଛାଚାରିତା ମନୋଭାବ ରଖି ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବନ୍ଦ କରି ଦେଇଛନ୍ତି। ଭିଏସ୍‌ଏସ୍‌ନଗର ପାର୍ଶ୍ୱ ୩ ନମ୍ବର ଗେଟ୍‌କୁ ହଠାତ୍ ବନ୍ଦ କରିଦିଆଯିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହାର ଠିକ୍ କାରଣ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଉ ନ ଥିବାବେଳେ ନିଜ ନିଷ୍ପତ୍ତିକୁ ନିଜେ ମାନୁ ନାହାନ୍ତି ବୋଲି ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ପ୍ରଥମେ ରବିବାର ଓ ଛୁଟିଦିନରେ ସମ୍ପୃକ୍ତ ରାସ୍ତା ବନ୍ଦ ରହିବ ବୋଲି ୧୫ ତାରିଖରେ ବିଶ୍ୱବିଦ୍ୟାଳୟ ରେଜିଷ୍ଟାରଙ୍କ ପକ୍ଷରୁ ଏକ ନୋଟିସ ଗେଟ୍‌ରେ ଲଗା ଯାଇଥିଲା। ଏହାକୁ ସ୍ଥାନ

ତିନି ପାଦର କବିତା

ନୂଆ ଶୈଳୀର ଗଳ୍ପ

ମହାଶ୍ୱେତା ସାହୁ

ସମୟ: ତୁ' ତ ଏକ କାଳଖଣ୍ଡ! ତୁ' ଏମିତି ସମୟ, ଯାହାକୁ ନିର୍ଣ୍ଣୟ କରିହୁଏ ନାହିଁ।

ତଥାପି ୫୫୩୨୬ ମିନିଟ୍: ତୁ' କହିଲୁ ତୋ' ଆଖିକୁ ଜମା ପୋଷ୍ଟ କରିବୁନି ଏଇ ଫେସ୍‌ବୁକ୍‌ରେ। ସେ ଖାଲି ମୋର। ଏକଦମ୍ ମୋର। ତା' ଉପରେ ପୂର୍ଣ୍ଣ ଅଧିକାର ମୋର, ଖାଲି ମୋର ବେ... ଲଭ୍ ୟୁ ବେ...!

ଏବଂ ୫୫୩୨୫ ମିନିଟ୍: ସେ ଆକାଶ ଅପହଞ୍ଚ ଥିଲା। ଥିଲା ଶୂନ୍ୟପକ୍ଷର ଆକାଶ। ସେଠି ମୋ' ଆଖିର ଦୃଷ୍ଟି ସଞ୍ଚରି ଯାଉଥିଲା ତୋର ସ୍ତବ୍ଧ ନୀରବତାର ଶବ୍ଦଗୁଡ଼ିକୁ ଛୁଇଁ। ତୁ' ହସିଲୁ ମୋ' ଆଖିରେ କଳା ଦେଖି। ହା...ହା...ହା...ଛି... ଲୋ! କଳା! ଆଇ ହେଟ୍...।

– ଚୁପ୍! ମୋର ପ୍ରିୟ!

– ତ! ମୋତେ ଭଲଲାଗେନି ଜମା କଳା! ଆଚ୍ଛା ଦେଖିବା ଆସିଲୁ! ପାଖକୁ, ଆହୁରି ପାଖକୁ।

ଘଣ୍ଟାରେ ମିନିଟ୍ ଆଉଟିକେ ଜାକି ହୋଇଗଲା ସେଠୁ।

୫୫୩୨୪ ମିନିଟ୍‌ରେ: ତୁ' ତୋ' ଦୁଇ ପାପୁଲିରେ, ମୋର ଓଦା ହୋଇ ଆସୁଥିବା ଆଖି ଦୁଇଟାକୁ ଦେଖିବା ପାଇଁ, ତୋ' ଦୁଇ ଆଙ୍ଗୁଠିରେ ଟେକିଧରିଲୁ ମୋ' ମୁହଁକୁ, ମୋ' ଗ୍ରୀବାକୁ ତୋ' ଆଡ଼କୁ ଟାଣିନେବା ପରି। କହିଲୁ– ''ଏମିତିରେ ବି ତୋ' ଆଖି ଦୁନିଆର ସବୁଠାରୁ ସୁନ୍ଦର ଆଖି। ଏଇ ଆଖି ବିନା କଳାରେ ଆହୁରି ଲାଗିବ ଐଶ୍ୱର୍ଯ୍ୟପୂର୍ଣ୍ଣ! ବିନା କଳାରେ ଲାଗିବ ଆହୁରି ସୁନ୍ଦର! ବହୁତ ସୁନ୍ଦର! ଲୋ ସୁନ୍ଦରୀ!

ସେଠୁ ୫୫୩୨୩ ମିନିଟ୍: ଟିକ୍... ଟିକ୍... ଟିକ୍... ଘଣ୍ଟା ଚାଲୁଛି ତା' ନିର୍ଦ୍ଦିଷ୍ଟ ବେଗରେ। ଏ ବେଗ ବି କିଏ ନିର୍ଣ୍ଣୟ କଲା? କାନ୍ଥରେ ଘଣ୍ଟା ଗୋଟେ ନିର୍ଣ୍ଣାୟକ ସ୍ଥିତିରେ...

ଆଖି ମଧ୍ୟ ସଦା ଏକ ନିର୍ଣ୍ଣାୟକ ନିର୍ଭେଜାଲ ସ୍ଥିତି ମନର। ସେଠି ସବୁକିଛି ଦିଶିଯାଏ ଦର୍ପଣରେ ଦିଶିଗଲା ପରି। ତୁ' ଆସିଲେ ଗୋଟେ ଖୁସି ଆସେ। ପବନରେ ମନ୍ଦମନ୍ଦ ବାସ୍ନା ଆସିବା ପରି। ଗୋଟେ ଉଜ୍ଜ୍ୱଳ ଖୁସି ଚିକ୍‌ଚିକ୍ କରେ ତୋ' ଦୃଷ୍ଟିରେ, ଯାହା ଝରିପଡ଼େ ମୋ' ପାପୁଲି ଭିତରେ...

୫୫୩୨୨ ମିନିଟ୍: ତୋ' ଆଖିରେ ମୁଁ ମୋ' ନିଜକୁ ଦେଖିପାରେ। ଦେଖିପାରେ ମୁଁ କେମିତି ତୋ' ଭିତରେ ହଜିଯାଏ। ତୋ' ଆଖିରେ ଡୁବିଯାଏ। କାହିଁକି? ପ୍ରଶ୍ନ କଲୁ ତୁ!

– ଆରେ! ତୋ' ଆଖି ଗୋଟେ ସମୁଦ୍ର! ଜାଣୁ ସମୁଦ୍ରରେ ଯାହା ପଡ଼େ ହଜିଯାଏ। ହଜିଯାଏ ମାନେ ପୂରା ନିଶ୍ଚିହ୍ନ ହିଁ ହୋଇଯାଏ। ଯାହା କେବେ ଯଦି ମିଳେ, ତାହା ଖାଲି ଭଗ୍ନାଂଶ। ମୁଁ ତୋ' ଆଖି ସମୁଦ୍ରରେ ହଜେ। ହଜିଯିବାରେ ସୁଖପାଏ। ନୀଳ ସମୁଦ୍ରରେ ସେ ସ୍ରୋତରେ ସବୁ ଡୁବାଇ ଦେବ ଦିନେ। ମୋର ସମଗ୍ର ଅସ୍ତିତ୍ୱକୁ, ମୋ' ସମଗ୍ର ଅତୀତକୁ, ମୋ' ସାମଗ୍ରିକ ଆୟୁଷକୁ ମଧ୍ୟ ତୋ' ଆଖି ଭିତରେ!

୫୫୩୨୧ ମିନିଟ୍: ତୁ' ସେ ମହାକାଳର ଅଂଶବିଶେଷ! ଯେଉଁଠି କାଳ ମହାକାଳରେ ଲୀନ। ଯାହା ଭିତରେ ସମଗ୍ର ବିଶ୍ୱ ଲୀନ। ସେଠି କୌଣସି ଘଣ୍ଟା, କଣ୍ଟା, ପ୍ରହର କିଛି ନାହିଁ... କିଛି ମଧ୍ୟ ନାହିଁ।

ଏଇ ମହାଅମାବାସ୍ୟାର ରାତି। ମହାଶିବରାତ୍ରି। ସଭିଏଁ ମନ୍ଦିର ବେଢ଼ାରେ ଅପେକ୍ଷାରତ ମହାଦୀପ ପାଇଁ। ରାତିର ଗଭୀରତାକୁ ମାପିବାକୁ ମୋର ସାହସ ଆଜି ନାହିଁ। ରାତିର ଏ ପ୍ରହର ମୁଁ ଏକାକୀ ତୋ' ସହ ସେଇ ରାତ୍ରିର ନିର୍ଜନ ଏକାକୀତ୍ୱରେ; ଯାହାକୁ ପାର୍ କରିବାକୁ ତୁ' ଡରୁ, ଆଉ ମୋ' ବାହୁବନ୍ଧନ ହିଁ ଖୋଜୁ।

ଏ ମୁହୂର୍ତ୍ତ ଫୁଲର ବାସ୍ନା ଚହଟାଇବା ବେଳର। ଏଇ ମୁହୂର୍ତ୍ତ ମହୁଲଫୁଲ ଫୁଟିବାର। ଭାଲୁ ଆସିବାର।

ମୁଁ ମହୁଲଫୁଲ ବଣରେ ଶୋଇଛି ମହୁଲ ଗଛମୂଳେ। ମତୁଆଲା ନିଶାରେ, ତୁ' ନ ଥାଇ ମଧ୍ୟ ଅଛୁ ଏବେ ମୋ' ପାଖରେ।

– ଏଇ ଭାଲୁ ଆସିବ! ଚାଟିଦେବ ତୁମ ସବୁ ମାଉଁସ ତା'ର କଣ୍ଟା ଥିବା ଜିଭରେ। ଆଃ! କି ମଜା ହେବ! ଖିଲିଖିଲି ହସିଲୁ ତୁ' କହୁକହୁ... ଆଉଜି ପଡୁପଡୁ ମୋ' ଛାତି ଉପରେ।

– ଆଉ ତୁ' କାନ୍ଦିବୁ! ସେ ଆଖିର ଲୁହ ଧୋଇଦେବ ମୋର ଏଇ ସମୟକୁ। ସମୟର ସ୍ରୋତକୁ, ମୋ' ଅବୟବକୁ। ମୋର ଏଇ ୫୫୩୨୧ ମୁହୂର୍ତ୍ତକୁ!

୫୫୩୨୦ ମିନିଟ୍: ଶୂନ୍ୟର ବି ଗୋଟେ ଅଲଗା ମହତ୍ତ୍ୱ ଅଛି ଗଣିତରେ। ଶୂନ ହିଁ ସବୁଠାରୁ ମୂଲ୍ୟବାନ୍। ସବୁଠାରୁ ଶ୍ରେଷ୍ଠ ପରିଚୟ। ଗୋଟେ ମଧୁର ଗଜଲ ବାଜୁଛି ପଙ୍କଜ ଉଦାସଙ୍କର... ରାତିର ଏ ପ୍ରହର ଆହୁରି ଗାଢ଼ ନିଜର ଲାଗୁଛି, ଯେମିତି ଖୁବ୍ ଅନ୍ତରଙ୍ଗ ମୂଲ୍ୟବାନ୍।

ମୁଁ ତୋ' ଆଖିକୁ ଦେଖୁଥିଲି। ସେ ଗୋଟେ ଇନ୍ଦ୍ରଜାଲ। ଶବ୍ଦର, ରଙ୍ଗର, ମୋହର, ରକ୍ତର, ମାଂସର... ଲହର ଓ ପରର ମଧ୍ୟ। ସବୁଯାକ... ସବୁଯାକ ତ ଗୋଟେ ମୋହ, ଗୋଟେ ଆପେକ୍ଷିକତା।

୫୫୩୧୯ ମିନିଟ୍: ତୁ' ଅନ୍ଧାର କହିଲେ ମୁଁ ଆଲୋକ କହେ। ମୁଁ ଆକାଶ କହିଲେ ତୁ' ଭୂଇଁ କହୁ। ମୁଁ ସୁଖ କହିଲେ ତୁ' ଦୁଃଖ କହୁ। ମୁଁ ମାନ କହିଲେ ତୁ' ଅଭିମାନ କହୁ। ମୁଁ ଦିନ କହିଲେ ତୁ' ରାତି ହିଁ କହୁ। ସବୁ ଗୋଟେ ପାରିପାର୍ଶ୍ୱିକ ପାରସ୍ପରିକ ଆପେକ୍ଷିକ ଶବ୍ଦ ଖାଲି। ଠିକ୍ ତୋ' ଆଖି ଭିତରକୁ ଅତି ନୀରବରେ, ଅତି ନିବିଡ଼ତାରେ ଖାସ ଦେବା ମାତ୍ରେ ସବୁତକ ସମାଧି ନିଅନ୍ତି ତୋ' ଶୂନ୍ୟଦୃଷ୍ଟି ଭିତରେ। ତୋର ସେ ଆଖିର ନିରର୍ଥକ ଦୃଷ୍ଟିରେ ମୁଁ ହଜାଇ ଦେବା ପରେ ଆଉ କେଉଁଠି ଖୋଜିପାରେନା। ମୁଁ ନିଜକୁ ନିଜ ଭିତରେ ହଜାଇ ଦେବା ପରେ, ଖୋଜିବା ଗୋଟେ ସତରେ ମିଛ ବାହାନା।

୫୫୩୧୮ ମିନିଟ୍: ପ୍ରତିପକ୍ଷର ଏକ ଆକାଶ ଥାଏ। ଆଉ ସେଠି ଉଡ଼ାଣ ଭରିଥିବା ଚିଲର ଆଖି ଓ ପକ୍ଷ ଆକାଶର ବିସ୍ତାର ଖୋଜୁଥାଏ। ସେ ଆଖି ସମ୍ପର୍କରେ ସବୁ ଖବର ମଧ୍ୟ ଥାଏ। କେବେ ସେ ଆଖି କାନ୍ଦେ, କେବେ ହସେ, କେବେ କରୁଣା କରେ, କେବେ ଦୟା, କେବେ ଉଦାସୀ। ପୁଣି କେବେ ଡୁବାଇ ଦେବାର ପିୟାସୀ ଦୃଷ୍ଟିରେ।

ସେ ଆଖିରେ ସମୁଦ୍ରେ କୋହ, ଯାହାକୁ ଦୂରନ୍ତ ଆକାଶ ପ୍ରତିଛବି ଦେଖି ପାରୁନାହିଁ। ସୀମାହୀନ ଅବ୍ୟବସ୍ଥିତ ବିସ୍ଥାପିତ ସ୍ୱପ୍ନମାନଙ୍କୁ ଆଖିରେ ଖଞ୍ଜିଦେବା ପାଇଁ ତୁ' ନାମହୀନ ହୋଇଯାଇଥିଲୁ।

ମୋ' ପ୍ରତିପକ୍ଷର ଆକାଶରେ ତୁ' ତାରା ପରି, ଜହ୍ନ ପରି, ଭସା ଭସା ମେଘ ପରି, ବଉଦର ଶିଡ଼ି ପରି... ତୁ ଚିରକାଳ ମୋ' ଆଡ଼କୁ ତୋ' ଆଖିରେ ପହଁରି ଆସୁଥିଲୁ। ତୋ' ଆଖିର ସେ ଛଳଛଳ ନିଷ୍କପଟ ଦୃଷ୍ଟିରେ ସଞ୍ଚରି ଯାଉଥିଲୁ ମୋ' ପ୍ରତିଟି ସ୍ନାୟୁମଣ୍ଡଳରେ...।

ମୋ: ୮୩୨୭୭୫୭୬୧୯

କବିତା

ୟୁକ୍ରେନ୍‌ର କ୍ରୋଟନ ଗଛ

ସ୍ୱୟମ୍ବରା ପଟ୍ଟନାୟକ

ଏବେ ବି ମନେପଡ଼େ
ଫାଟକ ପାଖରେ ଥିବା
କ୍ରୋଟନ ଗଛଟି କଥା...
ତଳେ ମୁଠାଏ ମନ୍ତ୍ରିତ ମାଟିରେ
ଦୃଢ଼ ଥିଲା ଯାହାର ଦମ୍ଭିଲା ଚେର
ଉପରେ ଆକାଶକୁ ଛୁଇଁବାର
ଅହରହ ପ୍ରଚେଷ୍ଟାରେ
ହାତ ବଢ଼ାଉଥିଲା ଡାଳ।

ନିଜର ସ୍ଥିତିରେ ସେ ଥିଲା ଦୃଢ଼
ରଙ୍ଗିନ ପତ୍ରରେ ତା'ର
ସ୍ୱପ୍ନସବୁ ଚିତ୍ର ଆଙ୍କୁଥିଲେ
ଏକ ସୁନ୍ଦର ଭବିଷ୍ୟତର
ପବନ ବି ତା' ଚାରିପାଖରେ
ନିର୍ବିଘ୍ନରେ ହେଉଥିଲା ଚଳପ୍ରଚଳ
ହଳଦୀ ରଙ୍ଗର ପକ୍ଷୀଟି
ଆପଣା ଖୁସିରେ ଗୀତ ଗାଉଥିଲା
ଡାଳରେ ତା'ର।

ପବନ ହେଉ କି ପକ୍ଷୀ
ପରିବେଶ ହେଉ କି ପରିପାର୍ଶ୍ୱ
ବାୟୁମଣ୍ଡଳ ହେଉ କି ସୌରମଣ୍ଡଳ
କ୍ରୋଟନ ଗଛ କେବେ କାହା ବିରୁଦ୍ଧରେ
ଦ୍ରୋହ କରି ନ ଥିଲା
ଅଭିମାନ ହେଉ କି ଅହଂକାର
ସେ କେବେ କାହାକୁ
ଯୁଦ୍ଧ ମାଗୁ ନ ଥିଲା।

ସେ ଦ୍ରୋହୀ ନ ଥିଲା, କିନ୍ତୁ ଦ୍ରୋହକୁ
ଅତିକ୍ରମ କରିବା ଶିଖିଥିଲା
ସେ କେବେ ଯୁଦ୍ଧ ମାଗୁ ନ ଥିଲା
ଯୁଦ୍ଧ ଜିଣିବା ଶିଖିଥିଲା।
ମୃତ୍ୟୁର ମହାମଞ୍ଚ ଉପରେ ଛିଡ଼ାହୋଇ
ପୋଡ଼ା ଭୂଇଁରେ ସେ
ଜୀବନର ସଞ୍ଚାର ଜାଣିଥିଲା।

ସେଇଥିପାଇଁ ତ, ଯେତେବେଳେ
ରଙ୍ଗିନ ପତ୍ରରେ ତା'ର
ରକ୍ତର ଛିଟା ପଡ଼ି
ବିବର୍ଣ୍ଣ ହୋଇଯାଇଥିଲା
ତା' ଚାରିପାଖର ପବନ
ବାରୁଦର ଗନ୍ଧରେ
ବିଷାକ୍ତ ହୋଇଯାଇଥିଲା
ଆତ୍ମରକ୍ଷାର ନୂତନ କୌଶଳ ଖଞ୍ଜି
କ୍ରୋଟନ ଗଛ
ହଳଦୀ ରଙ୍ଗର ପକ୍ଷୀଟିକୁ
ବିଷାକ୍ତ ଧୂଆଁର କୁଣ୍ଡଳୀ କାଟି
ଉପରକୁ ଉଡ଼ିଯିବା ପାଇଁ ପଠାଇ ଦେଇ
ନିଜେ ଆଉ ଏକ ପତ୍ର କଅଁଳିବା
ଋତୁର ଅପେକ୍ଷାରେ
ଗୋଡ଼ ପୋତି ଫାଟକ ପାଖରେ
ଛିଡ଼ା ହୋଇ ରହିଥିଲା।

ମୋ: ୯୯୩୭୫୭୧୫୯୨

ପିମ୍ପୁଡ଼ିଙ୍କ ଧାଡ଼ି

ଶୈବାଳିନୀ ସାହୁ

ଲାଗିଛି ବିନ୍ଦୁମାନଙ୍କର ଲମ୍ବା ଧାଡ଼ି
ଚାଲିଛି ମାଟି ଉପରେ
କଳା, ଧଳା, ଲାଲ ଓ ଧୂସର ତାରାଙ୍କ
ଠାଏଠାଏ ଶୋଭାଯାତ୍ରା
ସୈନିକ ଗୋଷ୍ଠୀର
ନିଃଶବ୍ଦ ସତର୍କ ଗତି ପରି
ଲମ୍ବିଛି ସେମାନଙ୍କ ଧାଡ଼ି
ପାତାଳରୁ ଆକାଶଯାଏ
ସେମାନେ ପିରାମିଡ୍ ଗଢ଼ିଛନ୍ତି
ସେମାନେ ଗଢ଼ିଛନ୍ତି
ମଠ, ମନ୍ଦିର, ଗିର୍ଜା ଓ ପାଗୋଡ଼ା
ଖୁଦ କଣିକାର ପ୍ରତିଦାନରେ
ପାହାଡ଼ରୁ ଖସେଇ ଆଣିଛନ୍ତି ପଥର
ମଣିମାଙ୍କ ଆଦେଶରେ ସେମାନେ
ଆକାଶରୁ ତୋଳି ଆଣିଛନ୍ତି ନକ୍ଷତ୍ର
ସିନ୍ଧୁଗର୍ଭର ସୁନା କଣିକା ସ୍ୱପ୍ନ ଦେଖୁ ଦେଖୁ
ପାଲଟିଛନ୍ତି ଦେଢ଼ଶ ବର୍ଷ ଆୟୁଷର କୂର୍ମ।

ଦନ୍ତାହାତୀର ପଟୁଆର ଦେଖି
ଶଙ୍କି ଯାଇନି ପିମ୍ପୁଡ଼ିଙ୍କ ଧାଡ଼ି
ହାତୀ ପାଦତଳେ ପିମ୍ପୁଡ଼ି
ତଥାପି ହାରିନାହିଁ
ତା'ର ହିମ୍ମତ ଓ ନିଃଶ୍ୱାସ
ଗୁଳି ଓ ବାରୁଦ ଗନ୍ଧରେ
ଭରିଗଲେ ବି ଆକାଶ
ବନ୍ୟାରେ ଭାସିଗଲେ ବି
ପଲିଥିନର ଛାତ
ବିଶ୍ୱାସ ଅଛି
ପିମ୍ପୁଡ଼ିଙ୍କ ଶୋଭାଯାତ୍ରା
ଏମିତି ଜାରି ରହିଥିବ
ଖୁଦ କଣିକା ସନ୍ଧାନ କରୁ
ସଞ୍ଜ ନଇଁ ଆସିବା ପୂର୍ବରୁ
ସେମାନେ ମାଟିରେ ଗଢ଼ି ସାରିଥିବେ
ଆଉ ଗୋଟେ ସ୍ଥାପତ୍ୟ ।

ମୋ: ୮୫୮୨୮୭୯୦୦୬

ପ୍ରୀତି

ନରେଶ୍ ମଣ୍ଡଳ

ଚେନାଏ ହସରେ
ବଦଳିଯାଏ ହତାଶାର କୋହ

ଗୋପାଏ ଲୁହରେ
ତୁଟିଯାଏ ବଞ୍ଚିବାର ମୋହ

କ୍ଷଣିକ ପ୍ରତୀକ୍ଷାରେ
ବସାବାନ୍ଧେ ହୃଦୟରେ
ପ୍ରେମର ସଙ୍ଗୀତ

ଚେନାଏ ସ୍ପର୍ଶରେ
ଫେରିଆସେ
ହଜିଥିବା ବିବର୍ଣ୍ଣ ବସନ୍ତ ॥

ମୋ: ୯୪୩୮୩୨୧୪୫୫୪

ପୁସ୍ତକ ପରିଚୟ

ରକ୍ତରଂଜିତ ନାୟକ

ଭଗତ୍ ସିଂହ

ଲେଖିକା: ଡ. ବିଧୁପ୍ରଭା ରଥ
ପ୍ରକାଶକ: ଏଥେନା ବୁକ୍‌ସ, ଭୁବନେଶ୍ୱର–୨
ଦ୍ୱିତୀୟ ପ୍ରକାଶ: ୨୦୨୨, **ମୂଲ୍ୟ:** ଟ.୩୦୦/–



ଆଲୋଚ୍ୟ ବହିଟି ଏକ ଆତ୍ମଜୀବନୀମୂଳକ ଉପନ୍ୟାସ। ସର୍ଦ୍ଦାର ଭଗତ୍ ସିଂହଙ୍କ ଜୀବନକୁ ଆଧାର କରି ଲେଖିକା ଏହି ଉପନ୍ୟାସଟି ଲେଖିଛନ୍ତି। ବହିଟି ଲେଖିବା ପାଇଁ ଲେଖିକା ଯେଉଁସବୁ ତଥ୍ୟବେତ୍ତାଙ୍କଠାରୁ ପରାମର୍ଶ ଗ୍ରହଣ କରିଛନ୍ତି, ଯେଉଁ ଯେଉଁ ବହି ପଢ଼ିଛନ୍ତି, ତା'ର ସୂଚନା ଗ୍ରନ୍ଥାରମ୍ଭରେ ଦେଇଛନ୍ତି। ଲାହୋରର ସେଣ୍ଟ୍ରାଲ୍ ଜେଲରେ ଥିବାବେଳେ ସାଥୀ ସୁଖଦେବ ରାଜଗୁରୁଙ୍କୁ କହୁଛି ଭଗତ୍ ସିଂହ: ''ସେମାନେ ହୁଏତ ମୋତେ ମାରିଦେଇ ପାରନ୍ତି, ହେଲେ ମୋର ବିଚାରକୁ, ଚେତନାକୁ ମାରିପାରିବେ ନାହିଁ। x x ବ୍ରିଟିଶ୍ ସାମ୍ରାଜ୍ୟବାଦର ସିଂହାସନର ପୁଣ୍ଡ ଉପରେ ମୋର ସିଦ୍ଧାନ୍ତ, ମୋର ସଂକଳ୍ପର ଶାଣିତ ଖଡ୍‌ଗ ସେ ପର୍ଯ୍ୟନ୍ତ ଅଭିଶାପ ଭଳି ଆତଙ୍କିତ କରି ରଖିବ, ଯେ ପର୍ଯ୍ୟନ୍ତ ସେମାନେ ମୋର ପ୍ରିୟ ଜନ୍ମଭୂମିରୁ ସମୂହଭାବେ ବିତାଡ଼ିତ ନ ହୋଇଛନ୍ତି।'' ଉପନ୍ୟାସଟି ପଢ଼ିଲେ ଭାରତର ସ୍ୱାଧୀନତା ପାଇଁ ଜୀବନକୁ ବଳିବେଦିରେ ଟେକି ଦେଇଥିବା ବୀରପୁରୁଷମାନଙ୍କର ଲୁହଲହୁର କାହାଣୀ ଆଖିରେ ଅଶ୍ରୁ ଆଣେ। ସେଣ୍ଟ୍ରାଲ୍ ଜେଲରୁ ଭଗତ୍ ସିଂହ କୁଲବୀର ସିଂହଙ୍କୁ ଲେଖିଥିବା ଚିଠିରେ ଅନ୍ତରର ଯେଉଁ କୋହ ଓ ସଂକଳ୍ପ ସାକାର ହୋଇଛି, ତାହାର ବେଦନା ଅନେକ ଦିନଯାଏଁ ପାଠକର ହୃଦୟରୁ ଲିଭିବ ନାହିଁ। ୨୨୨ ପୃଷ୍ଠାର ଏହି ଉପନ୍ୟାସଟିକୁ ବିଧୁପ୍ରଭା ତାଙ୍କର ସବୁତକ ଅନୁରାଗ ଦେଇ ଲେଖିଛନ୍ତି ଓ ଉପନ୍ୟାସଟିକୁ ପାଠକେ ପଢ଼ିବା ଉଚିତ। ବହିଟିର ଦ୍ୱିତୀୟ ସଂସ୍କରଣ କଥା ଉଲ୍ଲେଖ ଥିଲେ ବି ପ୍ରଥମ ସଂସ୍କରଣ କେବେ ଓ କିଏ ପ୍ରକାଶ କରିଥିଲେ, ତାହା ଉଲ୍ଲେଖ ନ ରହିବା ଏକ ପ୍ରକାଶକୀୟ ଅସାଧୁତା।

ଗୋପୀକନ୍ଧ

ମାୟାଲୋକ ଓ କାୟା ପ୍ରବେଶ

ଲେଖିକା: ସୁନୀତା ଶତପଥୀ
ପ୍ରକାଶକ: ଓଡ଼ିଶା ମଲ୍ଟିମିଡିଆ, ସିଡିଏ, କଟକ–୧୪
ପ୍ରଥମ ପ୍ରକାଶ: ୨୦୨୨, **ମୂଲ୍ୟ:** ଟ.୧୫୦/–

ଗୋପୀନାଥ ମହାନ୍ତିଙ୍କ ରଚନାକୁ ନେଇ ଏ ବହିଟି ପରିକଳ୍ପିତ। ଏଥିରେ ତିନୋଟି ସ୍ତବକ ଅଛି– ୧. ଗୋପୀନାଥଙ୍କ କନ୍ଧ–ପରଜା ସ୍ତୋତ୍ର ସଙ୍ଗୀତ, ୨. ଗୋପୀନାଥଙ୍କ କନ୍ଧଗୀତ ଓ ୩. ପରିଶିଷ୍ଟ, ଯହିଁରେ ସ୍ଥାନିତ ଗୋପୀନାଥଙ୍କ ରଚିତ ଇଂଲିଶ୍ ପ୍ରବନ୍ଧ: "Fading Outlines of Tribal Culture"ର ଓଡ଼ିଆ ଅନୁବାଦ। ଆଲୋଚିକା ଶତପଥୀ କନ୍ଧମାନଙ୍କର 'ନରବଳି ମନ୍ତ୍ର', 'ରଣ ସଙ୍ଗୀତ' ଓ 'ମେରିଆ ସ୍ତୋତ୍ର' ଆଦିର ଯେପରି ବିଶ୍ଳେଷଣ ଗୋପୀବାବୁ କରିଛନ୍ତି, ତା'ର ବ୍ୟାଖ୍ୟା କରିଛନ୍ତି। ଗୋପୀନାଥଙ୍କ କହିବା ମୁତାବକ ମେରିଆର ଉଦ୍ଦେଶ୍ୟ ହେଉଛି– ''ରାଜି ଉଜୋ ଆତାଇ, ଦେଶ ଉଜୋ ଆତାଇ ତିଞ୍ଜିମ୍ ଜାନେ'' ଅର୍ଥାତ୍ ବଳି ଦେଲେ ରାଜ୍ୟ ଉଜ୍ଜ୍ୱଳ ହେବ, ଦେଶ ଉଜ୍ଜ୍ୱଳ ହେବ। ବଳି ପ୍ରଥାକୁ ଗୋପୀନାଥ କନ୍ଧମାନଙ୍କର ଭ୍ରାନ୍ତି ବୋଲି କହି ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ଦର୍ଶାଇଛନ୍ତି। ଲେଖିକା ପୁଣି କହିଛନ୍ତି ଯେ, ଗୋପୀନାଥ ନିଜକୁ ସବୁବେଳେ 'ଗୋପୀକନ୍ଧ' ଭାବେ ଅଭିହିତ କରୁଥିଲେ, ଯାହା ଥିଲା କନ୍ଧମାନଙ୍କୁ ହୃଦୟ ଦେଇ ଭଲପାଇବାର ପ୍ରମାଣ। କନ୍ଧ, ସଉରା ଓ ଗଦବା ଭାଷାରେ ଗୋପୀନାଥ ବ୍ୟୁତ୍ପତ୍ତି ଲାଭ କରିଥିବାର ପ୍ରମାଣ ସେସବୁ ଭାଷାରେ ସେ ଲେଖିଥିବା ସରଳ ଗୀତ। ଏ ସବୁ ଗୀତର ତର୍ଜମା ବହିଟିରେ ଅତି ଅର୍ଥପୂର୍ଣ୍ଣ ଭାବେ କରାଯାଇଛି। 'ଅପସୃୟମାଣ ଆଦିବାସୀ ସଂସ୍କୃତି' ନିବନ୍ଧରେ ଗୋପୀନାଥ କହିଛନ୍ତି ଯେ, ସମୟର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଆଦିବାସୀମାନଙ୍କର ମୌଳିକ ଗୁଣବତ୍ତା ମଧ୍ୟ ବଦଳିଯାଉଛି। ଏ କ୍ଷେତ୍ରରେ ଆଦିବାସୀ ସଂସ୍କୃତିର ସୁରକ୍ଷା ପାଇଁ ଅନେକ କିଛି କରିବାକୁ ହେବ। ବହିଟି ପ୍ରେରଣାସମୃଦ୍ଧ ହୋଇଥିବାରୁ ପାଠକମାନେ ଏଥିରୁ ଗୋପୀବାବୁଙ୍କ ସମ୍ପର୍କରେ ଅନେକ କଥା ଜାଣିବାର ସୁଯୋଗ ପାଇବେ।

କାଳକାଳକୁ

''ପାହାଡ଼ ଉପରକୁ ଚଢ଼ିବା ଅପେକ୍ଷା ଓହ୍ଲାଇବା ସହଜ, କିନ୍ତୁ ଉପରୁ ହିଁ କେବଳ ଦେଖିହୁଏ ଦୃଶ୍ୟ...''

– ଆର୍ନୋଲ୍ଡ ବେନେଟ୍

ଆର୍ନୋଲ୍ଡ ବେନେଟ୍‌ଙ୍କ ଜନ୍ମ ୨୭ ମେ ୧୮୬୭ରେ, ଇଂଲଣ୍ଡର ହାନ୍‌ଲୀରେ ଓ ପରଲୋକ ଲଣ୍ଡନରେ ୨୭ ମାର୍ଚ୍ଚ ୧୯୩୧ରେ। ବେନେଟ୍ ଜଣେ ଚର୍ଚ୍ଚିତ ଅଭିନେତା ଓ ଇଂଲିଶ୍ ଭାଷାର ପ୍ରଖ୍ୟାତ ଔପନ୍ୟାସିକ। ୧୮୯୦ରୁ ୧୯୩୦ ମଧ୍ୟରେ ସେ ଲେଖାଲେଖିରେ ସବୁଠୁଁ ଅଧିକ ଚଳଚଞ୍ଚଳ ଥିଲେ। ୩୪ଟି ଉପନ୍ୟାସ, ୭ଟି କ୍ଷୁଦ୍ରଗଳ୍ପ ପୁସ୍ତକ ଓ ୧୩ଟି ନାଟକର ସେ ସ୍ରଷ୍ଟା। ତାଙ୍କର ଦୁଇଟି ପ୍ରସିଦ୍ଧ ପୁସ୍ତକ ହେଉଛି– "Mile Stones"(୧୯୧୨) ଓ "The Great Adventure"(୧୯୧୩)। ବେନେଟ୍ କହନ୍ତି: ''ଯାହା ଘଟିଛି ଘଟୁ ପଛକେ, ସବୁବେଳେ ଏମିତି ବ୍ୟବହାର କର, ଯେମିତି କିଛି ଘଟିନାହିଁ।''

ଗଳ୍ପ

ବାପାଙ୍କ ଝୁଲାମୁଣି

ସୁନିତା ପ୍ରଧାନ

ବୋଉ ଗଲା ପରେ ଏବେ ବାପାଙ୍କୁ ନେଇ ଚିନ୍ତାରେ ଥିଲେ ଦୁଇପୁଅ ଓ ଦୁଇଝିଅ। ବାପାଙ୍କୁ ଏମିତି ଏକୁଟିଆ ଛାଡ଼ିଯିବାକୁ ସେମାନଙ୍କ ବିବେକ ବାଧା ଦେଉଥିଲା ଏବଂ ବାପା ନିଜ ଭିଟାମାଟି ଛାଡ଼ି କାହା ପାଖରେ ରହିବାକୁ ଇଚ୍ଛୁକ ନ ଥିଲେ। ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନବାଚୀ, ବାପାଙ୍କ ପାଖରେ ରହିବ କିଏ?

ଦୁଇପୁଅ ଦୂର ସହରରେ ଚାକିରି କରନ୍ତି। ଚାକିରି ଛାଡ଼ି ବାପାଙ୍କ ପାଖେ ଗାଁରେ ରହିବା ସମ୍ଭବ ନୁହେଁ। ଝିଅମାନେ ମଧ୍ୟ କେତେଦିନ ଶାଶୁଘର ଛାଡ଼ି ଆସି ରହିପାରିବେ ବାପାଙ୍କ ପାଖେ!

ସବୁ ଦିଗରୁ ବିଚାରବିମର୍ଶ କରିବା ପରେ, ବାପାଙ୍କୁ ବହୁତ ବୁଝାଶୁଝା କରିବା ପରେ ଶେଷରେ ବାପା ରାଜି ହେଲେ ପୁଅମାନଙ୍କ ପାଖରେ ରହିବା ପାଇଁ। କିନ୍ତୁ ବାପାଙ୍କର କିଛି ସର୍ତ୍ତ ଥିଲା! ଯେମିତିକି, ''ସେ ପିଲାମାନଙ୍କ ପାଖରେ କେବେ ପାଳି କରି ରହିବେନି। ତାଙ୍କୁ ଯୋଉଠି ଭଲଲାଗିବ ଯେତେଦିନ ଇଚ୍ଛା ହେବ, ସେ ସେଇଠି ରହିବେ। କେହି ତାଙ୍କୁ ବାଧ୍ୟ କରି ଅଟକାଇବେନି। ସେ ଯେବେ ଯୁଆଡ଼େ ଚାହିଁବେ ନିଜ ଇଚ୍ଛାରେ ଯିବେ ଓ ଆସିବେ।'' ପୁଅମାନେ ବାପାଙ୍କ ସବୁ ସର୍ତ୍ତ ମା

ଧରିତ୍ରୀ
DHARITRI
WWW.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ମେ ୨୧/୨୦୨୨ Bhubaneswar, Saturday, May 21/ 2022

ବାର୍‌ହା ଫାଶରେ ପଡ଼ି କଲରାପତରିଆ ମୃତ

ଢେଙ୍କାନାଳ ଅଫିସ୍/ସାତମାଇଲ/ହିନ୍ଦୋଳ(ଡି.ଏନ୍.ଏ.), ୨୦।୫

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ଅନ୍ତର୍ଗତ କର୍ଣ୍ଣପୁର ବିଟ୍ ହାଉସ୍‌ର କୋଇ ସଂରକ୍ଷିତ ଜଙ୍ଗଲରୁ ଶୁକ୍ରବାର ଏକ କଲରାପତରିଆ ବାଘର ଗଳିତ ମୃତଦେହ ଠାବ କରାଯାଇଛି। ଶିକାରୀ ବିଛାଇଥିବା ବାର୍‌ହା ଫାଶରେ ପଡ଼ି ବାଘଟିର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଉକ୍ତ କଲରାପତରିଆର ଆନୁମାନିକ ବୟସ ୩ରୁ ୪ବର୍ଷ ମଧ୍ୟରେ ହୋଇଥିବା ବେଳେ ପ୍ରାୟ ୩ଦିନ ତଳେ ଏହାର ମୃତ୍ୟୁ ଘଟିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ପାଇ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନିଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହୋଇଛି। ବନାଞ୍ଚଳ ଅଧିକାରୀ ଲୋହିତ କୁମାର ରଥ ବିଭାଗୀୟ ଅଧିକାରୀଙ୍କ ସହ ଘଟଣାସ୍ଥଳରେ ତନାଘନା କରିଛନ୍ତି।

ଅନ୍ୟପଟେ ଏହାକୁ ନେଇ କର୍ଣ୍ଣପୁର ଗ୍ରାମବାସୀଙ୍କ ମଧ୍ୟରେ ଭିନ୍ନମତ ପ୍ରକାଶ ପାଇଛି। ଗତ ଗୁରୁବାର ବାଘ ମୃତଦେହ ଠାବ କରାଯାଇଛି। ତେବେ ବନ କର୍ମଚାରୀ କିଛି ନ ବୁଝି ଗ୍ରାମର ୩ଜଣଙ୍କୁ ଜବରଦସ୍ତ ଉଠାଇ ନେଇଛନ୍ତି। ସେମାନଙ୍କୁ ତୁରନ୍ତ ଖଲାସ କରିବା ଦାବିରେ କର୍ଣ୍ଣପୁର ବିଟ୍ ହାଉସ୍ ସମ୍ମୁଖରେ ହିନ୍ଦୋଳ–ଅନୁଗୋଳ ରାସ୍ତାକୁ ଗ୍ରାମବାସୀ ଅବରୋଧ କରିଥିଲେ। ଫଳରେ ଶୁକ୍ରବାର ଅପରାହ୍ନ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ଡିଏସ୍‌ପି ଅଞ୍ଜନା ଟୁଡୁ ଏବଂ ହିନ୍ଦୋଳ ଥାନାଧିକାରୀ ପହଞ୍ଚି ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା।

ହିନ୍ଦୋଳ ବନାଞ୍ଚଳରେ କଲରାପତରିଆ ବାଘବଂଶ ବୃଦ୍ଧି ପାଉଛି। ଏହାକୁ ନେଇ ବନ ବିଭାଗ ଉତ୍ସାହିତ ଥିବାବେଳେ ଶିକାରୀ ଫାଶରେ ବାଘମୃତ୍ୟୁ ଚିନ୍ତା ବଢ଼ାଇଛି। ପାଟ୍ରୋଲିଂ ଦାୟିତ୍ୱରେ ଥିବା କର୍ମଚାରୀମାନେ ଠିକ୍ ଭାବେ ଦାୟିତ୍ୱ ତୁଲାଉ ନ ଥିବାରୁ ଏଭଳି ଘଟଣା ଘଟିଥିବା ଆଲୋଚନା ହେଉଛି। ବାଘ ବିଚରଣ କରୁଥିବା କୋର୍ ଅଞ୍ଚଳରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରିବାକୁ ପରିବେଶପ୍ରେମୀମାନେ ଦାବି କରିଛନ୍ତି।

କୋଟିଆରେ ଠିକ୍ ସମୟରେ ସରିବ ପାନୀୟ ଜଳ ପ୍ରକଳ୍ପ

କୋରାପୁଟ,୨୦।୫(ସ୍ୱ.ପ୍ର.)

କୋଟିଆରେ ଚାଲିଥିବା ପାନୀୟ ଜଳ ପ୍ରକଳ୍ପ କାମ ନିର୍ଦ୍ଧାରିତ ସମୟରେ ଶେଷ ହେବ ବୋଲି ଶୁକ୍ରବାର କୋରାପୁଟ ଜିଲାପାଳ ଅବଦାଲ ଏମ୍. ଅଖତର ପ୍ରକାଶ କରିଛନ୍ତି। କୋଟିଆରେ କାହାର ହସ୍ତକ୍ଷେପକୁ ସହ୍ୟ କରାଯିବ ନାହିଁ। କୋଟିଆ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଜିଲାପାଳ କହିଛନ୍ତି। ଏହି ବିବାଦ ନୂଆ ନୁହେଁ, ବେଳେବେଳେ ଏହିପରି ଘଟଣା ଉପୁଜିଥାଏ। କୋଟିଆରେ ଘରକୁ ଘର ପାନୀୟ ଜଳଯୋଗାଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

ସୂଚନାନୁଯାୟୀ, କୋରାପୁଟ ଜିଲା ପଟାଙ୍ଗୀ ବ୍ଲକ କୋଟିଆ ପଞ୍ଚାୟତ ନେରିଡିବାଲସା ଗ୍ରାମରେ ଚାଲିଥିବା ପାନୀୟ ଜଳ ପ୍ରକଳ୍ପ କାମକୁ ଆନ୍ଧ୍ର ପକ୍ଷରୁ ବନ୍ଦ କରାଯାଇଛି। ନେରିଡିବାଲସାରେ ଜଳ ଜୀବନ ମିଶନ ଯୋଜନାରେ ପ୍ରତ୍ୟେକ ଘରକୁ ପାନୀୟଜଳ ଯୋଗାଇବାକୁ ପାଇପ୍ ବିଛା କାମ ଆରମ୍ଭ ହୋଇଥିଲା। ବୁଧବାର ଆନ୍ଧ୍ର ସାଲୁର ତହସିଲଦାର ଏ.ସରୋଜିନୀ, ଭିଲେଜ ରେଭିନ୍ୟୁ ଅଫିସରଙ୍କ ସମେତ ଅନ୍ୟ ସରକାରୀ କର୍ମଚାରୀ ନିର୍ମାଣ ସ୍ଥଳରେ ପହଞ୍ଚି କାର୍ଯ୍ୟ ବନ୍ଦ କରିଥିଲେ। ଏଥିସହ ଠିକାଦାର ରାଜକୁମାର ଓ ତାଙ୍କର ୪ଜଣ କର୍ମଚାରୀଙ୍କ ନାମରେ ସାଲେରୁ ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ କରିଥିଲେ।

ଗଞ୍ଜାମରୁ ଶ୍ରୀକାକୁଲମ

୮ ଘଣ୍ଟା ବୁଲି ଝାମ୍ପିଲେ ଅଳଙ୍କାର

ବ୍ରହ୍ମପୁର ଅଫିସ,୨୦।୫

ଏକ କଳା ପଲ୍‌ସରରେ ଦୁଇ ଲୁଟେରା ବ୍ରହ୍ମପୁରରୁବାହାରିପଡ଼ୋଶୀ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା ଓ ସେଠାରୁ ପୁଣି ଗଞ୍ଜାମ ଜିଲାକୁ ଫେରି ସୁନାହାର ଲୁଟିଛନ୍ତି। ୮ ଘଣ୍ଟା ମଧ୍ୟରେ ସେମାନେ ୭ଟି ସ୍ଥାନରୁ ରାସ୍ତାରେ ଯାଉଥିବା ମହିଳାଙ୍କ ବେକରୁ ସୁନାହାର ଲୁଟି କେଉଁଆଡ଼େ ଚମ୍ପଟ ମାରିଛନ୍ତି। ଗୁରୁବାର ସକାଳ ୭ଟାରୁ ଅପରାହ୍ନ ୩ଟା ମଧ୍ୟରେ ଏସବୁ ଲୁଟ୍ ହୋଇଥିବା ବେଳେ ସିସିଟିଭି ଫୁଟେଜରେ ଏହା କଏଦ ହୋଇଛି। ଏହି ଦୁଇ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଧରିବାକୁ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ପୋଲିସର ମିଳିତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଆନ୍ଧ୍ରପ୍ରଦେଶ ପୋଲିସ ବ୍ରହ୍ମପୁରରେ ପହଞ୍ଚିଛି। ଲୁଟେରାଙ୍କୁ ଧରିବା ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି।

ଗୁରୁବାର ସକାଳ ୭ଟାରେ ବ୍ରହ୍ମପୁର ସାନବଜାର ଛକଠାରେ ପରିବା କିଣିବାକୁ ଯାଉଥିବା ବୃଦ୍ଧା ଜେ. ଶ୍ୟାମଳାଙ୍କ ସୁନାହାର ଲୁଟ୍ ହୋଇଥିଲା। ୨ ଲୁଟେରା କଳା ପଲ୍‌ସରରେ ଆସି ତାଙ୍କ ବେକରୁ ୩୩ ଗ୍ରାମ୍‌ର ହାର ଝାମ୍ପିନେଇ ଫେରାର ହୋଇଯାଇଥିଲେ। ୨ ଘଣ୍ଟା ପରେ ଶ୍ରୀକାକୁଲମର ୪ଟି ସ୍ଥାନରେ ସିରିଜ ଲୁଟ୍ ହୋଇଥିଲା। ସକାଳ ୯ଟା ୫୩ ମିନିଟ୍‌ରେ ଶ୍ରୀକାକୁଲମର ବି. ରାଧିକାଙ୍କ ବେକରୁ ଏହି ଦୁଇ ଲୁଟେରା ୧୦ଭରି ଓଜନର ଅଳଙ୍କାର ଲୁଟି ନେଇଥିଲେ। ଏହାର ଠିକ୍ ପରେ ପରେ ଅର୍ଥାତ୍ ପୂର୍ବାହ୍ନ ୧୦ଟା ୮ ମିନିଟ୍, ୧୦ଟା ୪୫ ମିନିଟ୍‌ଓ ୧୧ଟା ୨୦ ମିନିଟ୍‌ରେ ଲୁଟେରାଦ୍ୱୟ ଶ୍ରୀକାକୁଲମର ପୃଥକ୍ ସ୍ଥାନରୁ ଆଉ ୩ ମହିଳାଙ୍କ ସୁନାହାର ଲୁଟିଥିଲେ। ସେମାନେ ପୁଣି ବ୍ରହ୍ମପୁର ଫେରିବା ବେଳେ ଆନ୍ଧ୍ରର ଇଚ୍ଛାପୁରମ୍‌ଠାରେ ମଧ୍ୟାହ୍ନ ୧୨ଟା ୨୦ରେ ପି. ସରସ୍ୱତୀ ନାମକ ଜଣେ ମହିଳାଙ୍କ ବେକରୁ ସୁନା ଅଳଙ୍କାର ଝାମ୍ପି ନେଇଥିଲେ। ପରେ ଦୁଇ ଲୁଟେରା ୧୬ ନଂ.ଜାତୀୟ ରାଜପଥ ଦେଇ ଗଞ୍ଜାମ ଜିଲାର ଛତ୍ରପୁର ଅଞ୍ଚଳକୁ ଆସିଥିଲେ। ଛତ୍ରପୁର ଏନ୍‌ଏସି ବାରାକ୍ ସାହି ଗଣେଶ ମନ୍ଦିର ନିକଟରେ ଅପରାହ୍ନ ୨ଟା ୩୦ ମିନିଟ୍‌ରେ ସେମାନେ ୨ ପିଲାଙ୍କ ସହ ଚାଲିକି ଯାଉଥିବା ପିଙ୍କି କୁମାରୀ ସାହୁଙ୍କ ବେକରୁ ପ୍ରାୟ ୫ ଭରିର ସୁନା ଅଳଙ୍କାର ଲୁଟ୍ କରି ଫେରାର ହୋଇଯାଇଥିଲେ। ଏପରି ଭାବେ ଲୁଟେରାମାନେ ମୋଟ ୩୦ ଭରିର ସୁନା ଅଳଙ୍କାର ଲୁଟ୍ କରିଥିବା ଅନୁମାନ କରାଯାଉଛି। ଉପରୋକ୍ତ ୭ଟି ସ୍ଥାନରୁ ଲୁଟ୍ ବେଳର ଦୃଶ୍ୟ ସମ୍ପୃକ୍ତ ଅଞ୍ଚଳର ସିସିଟିଭି ଫୁଟେଜରେ କଏଦ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ମହିଳାମାନେ ବ୍ରହ୍ମପୁର ବଡବଜାର, ଛତ୍ରପୁର, ଇଚ୍ଛାପୁର ଓ ଶ୍ରୀକାକୁଲମର ବିଭିନ୍ନ ଥାନାରେ ପୃଥକ୍ ଭାବେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଦୁଇ ଲୁଟେରା ହେଲମେଟ ପିନ୍ଧି ଲୁଟ୍ କରିଥିବାରୁ ସେମାନଙ୍କୁ ଚିହ୍ନଟ କରାଯାଇ ପାରିନାହିଁ। ଏହି ଘଟଣା ଉଭୟ ରାଜ୍ୟର ପୋଲିସର ଚିନ୍ତା ବଢ଼ାଇଦେଇଛି। ସିସିଟିଭି ଫୁଟେଜରୁ ଲୁଟେରାଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ ଜାରି ରହିଥିବା ବ୍ରହ୍ମପୁର ଏସ୍‌ପି ଡ. ଶ୍ରବଣା ବିବେକ ଏମ୍ କହିଛନ୍ତି। ଆନ୍ଧ୍ର ପୋଲିସର ଏକ ଟିମ୍ ବ୍ରହ୍ମପୁରରେ ଥିବା ବେଳେ ଜଣେ ଡିଏସ୍‌ପି ର୍ୟାଙ୍କର ଅଧିକାରୀଙ୍କ ନେତୃତ୍ୱରେ ତଦନ୍ତ କରାଯାଉଥିବା ବ୍ରହ୍ମପୁର ଏସପି ସୂଚନା ଦେଇଛନ୍ତି।

ପରିଚାଳନା ନିର୍ଦ୍ଦେଶକ, ନିର୍ଦ୍ଦେଶକଙ୍କୁ ୫ବର୍ଷ ଜେଲ

ବାଲେଶ୍ୱର ଚିଟ୍‌ଫଣ୍ଡ ଅଦାଲତର ପ୍ରଥମ ରାୟ

ବିପୁଳ ଅର୍ଥ ଠକିଥିଲା ୱାଇଜମ୍ୟାନ ରିସୋର୍ସେସ ଲିମିଟେଡ୍ ସଂସ୍ଥା

ବାଲେଶ୍ୱର ଅଫିସ,୨୦।୫

ବିପୁଳ ଅର୍ଥ ଠକେଇ ମାମଲାରେ ଶୁକ୍ରବାର ବାଲେଶ୍ୱର ଚିଟ୍‌ଫଣ୍ଡ ଅଦାଲତ ପକ୍ଷରୁ ପ୍ରଥମ ରାୟ ପ୍ରକାଶ ପାଇଛି। ଜଜ୍ ସଦାଶିବ ଜେନା ୱାଇଜମ୍ୟାନ ରିସୋର୍ସେସ ଲିମିଟେଡ୍ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଅନୀଲ କୁମାର ପାତ୍ର ଓ ନିର୍ଦ୍ଦେଶକ ପ୍ରଭାସ ଚନ୍ଦ୍ର ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରି ୫ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହ ୪୦ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଲାଗି ରାୟରେ କୁହାଯାଇଛି।

ଲୋଭନୀୟ ସ୍କିମ ଜରିଆରେ ଏହି ସଂସ୍ଥା ବାଲେଶ୍ୱର ଜିଲାର ଏକାଧିକ ଜମାକାରୀଙ୍କଠାରୁ ବିପୁଳ ଅର୍ଥ ସଂଗ୍ରହ କରିଥିଲା। ସଂସ୍ଥାର କର୍ମଚାରୀମାନେ ଗତ ୨୦୧୨ରେ ଶିଳ୍ପାଞ୍ଚଳ ଥାନା ଅଧୀନ ବାମପଦା ଗ୍ରାମର ରବି ନାରାୟଣ ସାହୁଙ୍କୁ ଅଧିକ ସୁଧର ଲୋଭ ଦେଖାଇ ଟଙ୍କା ଜମା କରିବାକୁ ପ୍ରବର୍ତ୍ତାଇଥିଲେ। ସେ ୨ଲକ୍ଷ ଟଙ୍କା ଜମା କରିଥିଲେ। ମାତ୍ର ୯ମାସ ମାସିକ ୫ହଜାର ୮୪୦ଟଙ୍କା ଲେଖାଏଁ ରବିଙ୍କ ଆକାଉଣ୍ଟକୁ ସୁଧ ଆକାରରେ ଆସିଥିଲା। ପରେ ସେ ଟଙ୍କା ନ ପାଇବାରୁ ସଂସ୍ଥା କାର୍ଯ୍ୟାଳୟ ବନ୍ଦ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଟଙ୍କା ପାଇଁ ସେ ଦୌଡ଼ି ନିରାଶ ହେବା ପରେ ସହଦେବଖୁଣ୍ଟା ଥାନାରେ ଚିଟ୍‌ଫଣ୍ଡ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଅନୀଲ ପାତ୍ର ଓ ସହଯୋଗୀଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ପରିଚାଳନା ନିର୍ଦ୍ଦେଶକ ପାତ୍ର, ନିର୍ଦ୍ଦେଶକ ତଥା ସିଂଲା ଥାନା ନିଶନ୍ତପୁର ଗ୍ରାମର ପ୍ରଭାସ ଚନ୍ଦ୍ର ଜେନା, ଯାଜପୁର ଜିଲା ଡୋଭବିଲ ଗ୍ରାମର ଦିଲୀପ କର, ବରହମପୁର ଥାନା ବାଲିସାହି ଗ୍ରାମର ରମେଶ କୁମାର ପାତ୍ର, ସିଂଲା ଥାନା ପଣହା ଗ୍ରାମର ପ୍ରଭାସ ଦତ୍ତ, ନୀଳଗିରି ଥାନା ପୁରୁଣାଗାଁ ଗ୍ରାମର ସତ୍ୟାନନ୍ଦ ପାତ୍ର, ବସ୍ତା ଥାନା ଦୁଣ୍ଡ ଗ୍ରାମର ରବୀନ୍ଦ୍ର ବିଶ୍ୱାଳ, ଶକୁନ୍ତଳା ବିଶ୍ୱାଳଙ୍କ ନାମରେ ମାମଲା (ନଂ. ୨୦୬/୧୪) ରୁଜୁ କରାଯାଇଥିଲା। ଏହି ମାମଲା ବାଲେଶ୍ୱର ସ୍ଥିତ ଚିଟ୍‌ଫଣ୍ଡ ଅଦାଲତରେ ବିଚାରାଧୀନ ଥିଲା। ଚିଟ୍‌ଫଣ୍ଡ ଅଦାଲତ ବିଚାରପତି ଜେନା ଏହି ମାମଲାର ବିଚାର କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରିଥିଲେ।

ତହସିଲଦାରଙ୍କୁ ୫୦ ଗଛ ଲଗାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ବେପରୁଆ ଭାବେ ଜବରଦଖଲକାରୀଙ୍କୁ ଦଣ୍ଡିତ କରିବା ମାମଲା

କାକଟପୁର, ୨୦।୫ (ଡି.ଏନ୍.ଏ.)

ଏକ ଜବରଦଖଲ ମାମଲାରେ ବେପରୁଆ ରାୟ ଦେବା ନେଇ ପୁରୀ ଜିଲା କାକଟପୁର ତହସିଲଦାରଙ୍କୁ ଶୁକ୍ରବାର ହାଇକୋର୍ଟ ଦୃଷ୍ଟାନ୍ତମୂଳକ ଦଣ୍ଡାଦେଶ ଶୁଣାଇଛନ୍ତି। କଟକ ସିଡିଏ ଅଞ୍ଚଳର ଯେ କୌଣସି ସେକ୍ଟରରେ ରାସ୍ତା ପାର୍ଶ୍ୱରେ ୫୦ଟି ଗଛ ଲଗାଇବାକୁ କାକଟପୁର ତହସିଲଦାର ବିରଞ୍ଚି ନାରାୟଣ ବେହେରାଙ୍କୁ ବିଚାରପତି ବିଶ୍ୱନାଥ ରଥ ନିର୍ଦ୍ଦେଶ ଦେଇଛନ୍ତି। ଏଥିଲାଗି ସେ ସିଡିଏ କର୍ତ୍ତୃପକ୍ଷଙ୍କ ସହଯୋଗ ନେଇପାରିବେ ବୋଲି କହିଛନ୍ତି। ସେହିପରି ସମ୍ପୃକ୍ତ ମାମଲାର ଶୁଣାଣି ପୁନର୍ବାର କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏକ ଜବରଦଖଲ ମାମଲାରେ ଗତବର୍ଷ ସେପ୍ଟେମ୍ବର ୧୫ରେ କାକଟପୁର ତହସିଲଦାରଙ୍କ କୋର୍ଟରେ ହାଜର ହେବାକୁ ମିତା ଦାସ ନାମ୍ନୀ ମହିଳାଙ୍କୁ ନୋଟିସ୍ କରାଯାଇଥିଲା। ମିତା ଉକ୍ତଦିନ ତହସିଲଦାରଙ୍କ କୋର୍ଟରେ ହାଜର ହୋଇଥିଲେ ମଧ୍ୟ ନୋଟିସର ଜବାବ ଦାଖଲ କରିପାରି ନ ଥିଲେ। ତେବେ ଆଉ ସୁଯୋଗ ଦେବା ପରିବର୍ତ୍ତେ ତହସିଲଦାର ତାଙ୍କୁ ଜରିମାନାରେ ଦଣ୍ଡିତ କରିଥିଲେ। ତାଙ୍କ ପକ୍ଷ ନ ଶୁଣି ଏଭଳି ନିର୍ଦ୍ଦେଶ ଦିଆଯାଇଥିବା ଅଭିଯୋଗ ଆଣି ମିତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସମସ୍ତ ପକ୍ଷଙ୍କୁ ଶୁଣିବା ପରେ ତହସିଲଦାର ବେପରୁଆ ଭାବେ କାର୍ଯ୍ୟ କରିଥିବା କୋର୍ଟ ଅନୁଭବ କରିଥିଲେ। ତାଙ୍କୁ ଜରିମାନା ଓ ବୃକ୍ଷରୋପଣ ପାଇଁ ଦଣ୍ଡାଦେଶ ଦେଇଥିଲେ। ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ମକଦ୍ଦମା ସଂଖ୍ୟା ବଢୁଛି ବୋଲି ସେ କହିଥିଲେ। ଏଥିପାଇଁ ତହସିଲଦାରମାନଙ୍କୁ ତାଗିଦ କରିବାକୁ ସେ ରାଜସ୍ୱ ଓ ଆଇନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଘରକୁ ଫେରି ସ୍ତ୍ରୀଙ୍କୁ ପୁନଃ ବିବାହ କଲେ ସ୍ୱାମୀ

ପୂର୍ବରୁ ମୃତ ଘୋଷିତ ହୋଇଥିଲେ

ବୋରିଗୁମ୍ମା, ୨୦।୫(ଡି.ଏନ୍.ଏ.)

ଆନ୍ଧ୍ରରୁ ଆସିଲା ଦାଦନ ଖଟିବାକୁ ଯାଇଥିବା ସ୍ୱାମୀଙ୍କ ମୃତ୍ୟୁ ଖବର। ବିଧବା ହୋଇଗଲେ ସ୍ତ୍ରୀ। କିନ୍ତୁ ୨ ବର୍ଷ ପରେ ହଠାତ୍ ଘରକୁ ଫେରିଲେ ମୃତ ଘୋଷିତ ସ୍ୱାମୀ। ଏହାପରେ ସେ ଗୁରୁବାର ସ୍ତ୍ରୀଙ୍କୁ ଦ୍ୱିତୀୟ ବିବାହ କରିଛନ୍ତି। ବନ୍ଧୁ ବାନ୍ଧବଙ୍କ ଉପସ୍ଥିତିରେ ବୈଦିକ ରୀତିନୀତିରେ ଏହି ବିବାହ କରାଯାଇଛି। ଏପରି ଘଟଣା ଘଟିଛି କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ବିସିହପୁର ପଞ୍ଚାୟତ ପୋଡ଼ାପଦର ଗ୍ରାମରେ। ଗାଁର ଘାସି ଅମନାତ୍ୟ ସ୍ତ୍ରୀ ସୁବର୍ଣ୍ଣଙ୍କୁ ପୁଣି ଥରେ ବିବାହ କରିଛନ୍ତି।

ସୂଚନାନୁଯାୟୀ, ୨ବର୍ଷ ପୂର୍ବେ ଘାସି ଅମନାତ୍ୟ ଗ୍ରାମର କେତେଜଣ ଲୋକଙ୍କ ସହ ଦାଦନ ଖଟିବାକୁ ଆନ୍ଧ୍ରକୁ ଯାଇଥିଲେ। କିନ୍ତୁ ସେଠାରେ ସେ ବାଟବଣା ହୋଇ ସାଙ୍ଗମାନଙ୍କଠାରୁ ଅଲଗା ହୋଇଯାଇଥିଲେ। ତାଙ୍କ ସାଙ୍ଗମାନେ ଘାସିଙ୍କୁ ବହୁ ଦିନ ଧରି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ଖବର ପାଇ ନ ଥିଲେ। ନିଖୋଜର ୮ମାସ ପରେ ଘାସିଙ୍କ ମୃତ୍ୟୁ ଖବର ତାଙ୍କ ଘର ଲୋକଙ୍କୁ ଦିଆଯାଇଥିଲା। ଘାସିଙ୍କ ମୃତଦେହ ମିଳି ନ ଥିଲେ ମଧ୍ୟ ପରିବାର ଲୋକେ ତାଙ୍କ ଶୁଦ୍ଧିକ୍ରିୟା କରିଥିଲେ। ସେବେଠାରୁ ସ୍ତ୍ରୀ ସୁବର୍ଣ୍ଣ ବିଧବା ଭଳି ରହୁଥିଲେ। ଏହାର ୨ବର୍ଷ ପରେ ଅର୍ଥାତ୍ ୨ମାସ ତଳେ ଘାସି ନିଜ ଘରକୁ ଫେରିଥିଲେ। ସେ ଦାଦନର ଦୁଃଖ କାହାଣୀ ସମସ୍ତଙ୍କୁ ଜଣାଇଥିଲେ। କୁଳ ସମାଜ ସଭାପତିଙ୍କ ଉପସ୍ଥିତିରେ ଗାଁରେ ଏକ ବୈଠକ ବସିଥିଲା। ପରମ୍ପରା ଅନୁଯାୟୀ ପୁଣି ବୈଦିକ ରୀତିରେ ଦୁଇଜଣଙ୍କର ପୁନଃ ବିବାହ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।

ଓଡ଼ିଶାରୁ ଦୁର୍ନୀତି ହଟାଇବା ମୁଖ୍ୟ ଲକ୍ଷ୍ୟ: ଅପରାଜିତା

ଭୁବନେଶ୍ୱର ଏମ୍‌ପି ମା' ତାରାତାରିଣୀ ଦର୍ଶନ ପାଇଁ ପାହାଡ଼ ରାସ୍ତାରେ ଯାଉଛନ୍ତି।

ତାରାତାରିଣୀଙ୍କୁ ଦର୍ଶନ କଲେ ଭୁବନେଶ୍ୱର ଏମ୍‌ପି

ପୁରୁଷୋତ୍ତମପୁର,୨୦।୫(ଡି.ଏନ.ଏ.)

ଭୁବନେଶ୍ୱର ଏମ୍‌ପି ତଥା ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡ଼ଙ୍ଗୀ ଶୁକ୍ରବାର ମା' ତାରାତାରିଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ଆସି ମା'ଙ୍କ ଦର୍ଶନ କରିଛନ୍ତି। ସେ ଗାଡ଼ିରେ ନ ଆସି ଜନସାଧାରଣ ଓ ଦଳୀୟ କର୍ମୀମାନଙ୍କ ସହ ପାହାଡ଼ ରାସ୍ତାରେ ୨ କି.ମି. ଚାଲି ଚାଲି ମା'ଙ୍କ ମନ୍ଦିର ନିକଟକୁ ଆସିଥିଲେ। ଏହି ଅବସରରେ ସେ ଓଡିଶାବାସୀଙ୍କ ମଙ୍ଗଳ କାମନା କରି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି।

ମନ୍ଦିର ଆସିବା ପୂର୍ବରୁ ଏମ୍‌ପି ଷଡ଼ଙ୍ଗୀ ପୁରୁଷୋତ୍ତମପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଦଳୀୟ କର୍ମୀଙ୍କୁ ଭେଟି ସୁବିଧା ଅସୁବିଧା ବୁଝିଥିଲେ। ଦଳୀୟ ସଙ୍ଗଠନକୁ ମଜଭୂତ କରି ଆଗାମୀ ସାଧାରଣ ନିର୍ବାଚନ ଲାଗି ପ୍ରସ୍ତୁତ ରହିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏକ ଖବରଦାତା ସମ୍ମିଳନୀ କରି ଅପରାଜିତା କହିଥିଲେ ଯେ ସେ ଗଞ୍ଜାମ ଜିଲାରେ ଅତିରିକ୍ତ ଜିଲାପାଳ ଥିବା ସମୟରେ ତାରାତାରିଣୀ ଆସୁଥିଲେ। ବର୍ତ୍ତମାନ ଏହି ଅଞ୍ଚଳର ଜନସାଧାରଣଙ୍କ ନିମନ୍ତ୍ରଣକ୍ରମେ ଆସି ପୁଣି ମା'ଙ୍କ ଦର୍ଶନ କରିବାର ସୌଭାଗ୍ୟ ପାଇଛି। ଦଳମତ ନିର୍ବିଶେଷରେ ଆମେ ସମସ୍ତେ ରାଜ୍ୟ ଓ ଦେଶର ବିକାଶ କରିବା। ରାଜ୍ୟରେ ସବୁଠାରେ ଦୁର୍ନୀତି ଚାଲିଛି। ଦୁର୍ନୀତିମୁକ୍ତ ଓଡିଶା ଗଠନ କରି ବିକାଶ କରିବା ମୁଖ୍ୟ ଲକ୍ଷ୍ୟ। ସମସ୍ତେ ଏକତ୍ରିତ ହେଲେ ଓଡିଶାରୁ ଦୁର୍ନୀତି ହଟିପାରିବ ବୋଲି କହି ଅପରାଜିତା ସମସ୍ତଙ୍କ ସହଯୋଗ ଲୋଡିଥିଲେ। ଗଞ୍ଜାମ ଜିଲାରେ ଭାଜପାର ଅବସ୍ଥିତି ରହିଛି ବୋଲି ମଧ୍ୟ କହିଥିଲେ।

ସଂରକ୍ଷଣ ପ୍ରସଙ୍ଗରେ ଭୁଆଁ ବୁଲାଉଥିବା ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ: ଭାଜପା

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ରାଜ୍ୟରେ ଓବିସିଙ୍କୁ ସଂରକ୍ଷଣ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ କୌଣସି ଆନ୍ତରିକତା ନାହିଁ। ସଂରକ୍ଷଣ ପ୍ରସ

ବିଦ୍ୟାଳୟରେ ଚାରାରୋପଣ

ଟାଙ୍ଗୀ(ଖୋର୍ଦ୍ଧା),(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବଳରାମ ଦେବ ବିଦ୍ୟାପୀଠର ୧୯୭୮ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଶିକ୍ଷକମାନଙ୍କୁ ପୂଜନ କରାଯିବା ସହ ଚାରାରୋପଣ କରାଯାଇଥିଲା। ଏହି ଅବସରରେ ଦିବଂଗତ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଫଣୀଭୂଷଣ ରଥ, ପୂର୍ବତନ ଶିକ୍ଷକ ପ୍ରମୋଦ ପଟ୍ଟନାୟକ, ପ୍ରସନ୍ନ ଜେନା, ଉମେଶ ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ବଳବନ୍ତରାୟ, ବିଶ୍ୱଜିତ୍ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ବଳବନ୍ତରାୟ ବିଦ୍ୟାଳୟ ବିକାଶରେ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟ ପରିସରରେ ଗଣେଶ ମୂର୍ତ୍ତି, ସରସ୍ୱତୀ ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛି।

ସଂକ୍ଷେପରେ

୩ ଗାଡ଼ି ଜବତ, ୧.୨୫ଲକ୍ଷ ଟଙ୍କା ଜରିମାନା ଆଦାୟ

ବାଲିପାଟଣା,୨୦।୫(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବାଲିପାଟଣା ତହସିଲ ଅନ୍ତର୍ଗତ ସୋମଣ ଓ ଅଚ୍ୟୁତପୁରସ୍ଥିତ ଭାର୍ଗବୀ ନଦୀରୁ ବେଆଇନଭାବେ ବାଲି ଉଠାଣକୁ ବନ୍ଦ କରି ତହସିଲ ପ୍ରଶାସନ ପକ୍ଷରୁ ଘାଟ ଠାରେ ନାଲି ପତାକା ଲଗାଯାଇଛି। ଏଠାରୁ ବେଆଇନଭାବେ ବାଲି ଉଠୁଥିବା ଖବରପାଇ ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ ପୋଲିସ ସହ ଶୁକ୍ରବାର ପୂର୍ବାହ୍ନରେ ପହଞ୍ଚି ଚଢ଼ାଉ କରି ଗୋଟିଏ ଟ୍ରାକ୍ଟର, ଜେସିବି ଓ ହାଇୱା ଜବତ ହୋଇଛି। ଏହି ୩ ଗାଡି ମାଲିକଙ୍କ ଠାରୁ ୧ଲକ୍ଷ ୨୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ନୂତନ ଟେଣ୍ଡର ହେବା ପର୍ଯ୍ୟନ୍ତ ଘାଟ ସିଲ୍ କରାଯାଇଛି ବୋଲି ତହସିଲଦାର କହିଛନ୍ତି।

ବିଲେଇ ନିଖୋଜ ନେଇ ଥାନାର ଦ୍ୱାରସ୍ଥ

ଜଟଣୀ,୨୦।୫(ଡି.ଏନ୍.ଏ.): ବିଲେଇ ନିଖୋଜ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି ମାଲିକ। ଏଭଳି ଘଟଣା ଜଟଣୀ ଥାନା ଗୋଡ଼ାଧର୍ମଶାଗର ଅଞ୍ଚଳରେ ଦେଖିବାକୁ ମିଳିଛି। ଅଭିଯୋଗ ମୁତାବକ, ଏହି ଅଞ୍ଚଳର ସସ୍ମିତା ମହାପାତ୍ର ୫ବର୍ଷ ହେବ ଏକ ବିଲେଇ ପାଳିବା ସହ ଘରେ ରଖିଥିଲେ। ତାର ନାମ ରଖିଥିଲେ ରିଙ୍କୁ। ତବେ ଗତ ୨୦ଦିନ ହେବ ବିଲେଇ ରିଙ୍କୁକୁ କେହି ଚୋରିକରି ନେଇଥିବା ଅଭିଯୋଗ ହୋଇଛି। ବିଲେଇକୁ ପାଇବା ପାଇଁ ସସ୍ମିତା ପୂଜା ପାଠ କରି ନିରାଶ ହେବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଥିବା ବେଳେ ସସ୍ମିତାଙ୍କ ବିଲେଇ ପ୍ରତି ଭଲପାଇବାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ଶୁଖିଲା ଖାଦ୍ୟ, ବସ୍ତ୍ର ବଣ୍ଟନ

ବୋଲଗଡ଼,୨୦।୫(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ପାଇକରାପୁର ମଙ୍ଗଳା ମନ୍ଦିର ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟୋର୍ସ ହୋପ ଫାଉଣ୍ଡେଶନ ପକ୍ଷରୁ ଆଦିବାସୀ ସାହି ବାସିନ୍ଦାଙ୍କୁ ଶୁଖିଲା ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରାଯାଇଛି। ଅନୁଷ୍ଠାନର ଅଧକ୍ଷା ରିନାରାଣୀ ନାୟକଙ୍କ ନେତୃତ୍ୱରେ ସାମାଜିକକର୍ମୀ ଜୟନ୍ତ ତ୍ରିପାଠୀ, କାହ୍ନୁ ଚରଣ ବେହେରା, ଅରୁଣ ବେହେରା, ରୋହିତ ପ୍ରଧାନ, ଯୋଗେଶ୍ୱର ପଣ୍ଡା ବଣ୍ଟନରେ ସହଯୋଗ କରିଥିଲେ।

ସାମାଜିକକର୍ମୀ ମାଧବ ବେହେରାଙ୍କ ସ୍ମୃତିସଭା

ନିରାକାରପୁର,୨୦।୫(ଡି.ଏନ୍.ଏ.): ସାମାଜିକକର୍ମୀ ତଥା ବ୍ୟବସାୟୀ ସ୍ୱର୍ଗତ ମାଧବ ବେହେରାଙ୍କ ଏକାଦଶାହ ଅବସରରେ ନିରାକାରପୁରଠାରେ ଶୁକ୍ରବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜଲା ବିଜେଡି ଉପସଭାପତି ବିପିନ ଜୟସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ମହିଳା ବିଜୁ ଜନତା ଦଳ ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନା ପାଇଁ ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ଅଧକ୍ଷ ରାମଚନ୍ଦ୍ର ମହାପାତ୍ର, ସାମାଜିକକର୍ମୀ ପୂର୍ଣ୍ଣଚନ୍ଦ୍ର ଦାଶ, ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ, ପୂର୍ବତନ ଜିଲାପରିଷଦ ସଭ୍ୟ ରବୀନ୍ଦ୍ର ରାଉତରାୟ, ବ୍ଲକ ଉପାଧକ୍ଷ ଦୁର୍ଗାନାଥ ଶର୍ମା, ଶିକ୍ଷାବିତ ପ୍ରଫୁଲ୍ଲ ଜେନା, ପ୍ରଭାତ ସ୍ୱାଇଁ, ଶୁଭମ ଦାଶ, ସିପିଏମଆଇ ନେତା ବିଧୁଭୂଷଣ ମହାରଣା, ପ୍ରଶାନ୍ତ ପାଟ୍ଟାଶାଣୀ, ହିମାଂଶୁ ଭୂଷଣ ଚମ୍ପତିରାୟ, ଶ୍ୟାମସୁନ୍ଦର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାବିତ୍ କମଳଲୋଚନ ପ୍ରଧାନ ସଭା ସଞ୍ଚାଳନ କରିଥିବାବେଳେ ରାମଦୟା ପରିଷଦ ସମ୍ପାଦକ ଗଙ୍ଗାଧର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

ସୃଷ୍ଟି ହେବ ୨୫ଲକ୍ଷ ଶ୍ରମ ଦିବସ

ଖୋର୍ଦ୍ଧା ଅଫିସ,୨୦।୫

ବୈଠକରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଜିଲାପାଳ, ବିଧାୟକ, ଜିଲାପରିଷଦ ଚେୟାରମ୍ୟାନ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଜିଲା ପରିଷଦ ପ୍ରଥମ ବୈଠକ ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଚେୟାରମ୍ୟାନ ରୂପଶ୍ରୀରାଣୀ ଗୁମାନ୍‌ସିଂଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ରାଜେନ୍ଦ୍ର ସାହୁ, ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ପିଡି ଡିଆର୍‌ଡିଏ ଦିଗନ୍ତ ରାଉତରାୟ ଏବଂ ସମସ୍ତ ନିର୍ବାଚିତ ଜିଲା ପରିଷଦ, ବ୍ଲକ ଅଧକ୍ଷଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପିଡି ରାଉତରାୟ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଜିଲା ପରିଷଦର ୭ଟି ସ୍ଥାୟୀ କମିଟି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ୨୦୨୨-୨୩ ବାର୍ଷିକ କାର୍ଯ୍ୟଖସଡା, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ମତ୍ସ୍ୟ ଓ ପଶୁସମ୍ପଦ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳସେଚନ ଓ କ୍ଷୁଦ୍ର ଜଳସେଚନ, ରାସ୍ତା ଓ ଗୃହ ନିର୍ମାଣ ଆଦି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବୈଠକ ଆରମ୍ଭରୁ ପିଡିଙ୍କ ବିବରଣୀ ପାଠ ପରେ ଜିଲାପାଳଙ୍କ ପ୍ରାୟ ୪୫ ମିନିଟରୁ ଊର୍ଦ୍ଧ୍ୱ ମତବ୍ୟକ୍ତ ଯୋଗୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇପାରି ନ ଥିଲା। ସମୟ ଅବଧି ଗଡ଼ିଯିବାରୁ ଜନପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅନ୍ୟପଟେ କୌଣସି ଏକ ପ୍ରସଙ୍ଗକୁ ନେଇ ପୂର୍ବତନ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଦଳେଇ ଓ ବିଧାୟକ ରାଜେନ୍ଦ୍ର ସାହୁ କଥା କଟାକଟି ହୋଇଥିବା ଦେଖିବାକୁ ମିଳିଥିଲା। ନିର୍ବାଚିତ ପ୍ରତିନିଧିମାନେ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୫ଲକ୍ଷ ଶ୍ରମଦିବସ ସୃଷ୍ଟି କରାଯିବ। ଏଥିଲାଗି ୯୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଅଧିକ ଶ୍ରମ ଦିବସ ସୃଷ୍ଟି ଲାଗି ପ୍ରତିନିଧିମାନେ ମତ ଉପସ୍ଥାପନ କରିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ ବିଗତ ଆର୍ଥିକ ବର୍ଷରେ ଗ୍ରହଣ କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଚଳିତ ଆର୍ଥିକ ବର୍ଷରେ ପ୍ରସ୍ତାବିତ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ରହିଥିବା ବେଳେ ଅଧିକାଂଶ ଡାକ୍ତର ଡେପୁଟେଶନରେ ଯାଇ ଅନ୍ୟତ୍ର କାର୍ଯ୍ୟ କରୁଛନ୍ତି। ଖାଲିପଡିଥିବା ଡାକ୍ତର ପଦବୀ ପୂରଣ ଏବଂ ସମସ୍ତ ଉନ୍ନତ ସ୍ୱାସ୍ଥ୍ୟସେବା ଉପରେ ପ୍ରତିନିଧିମାନେ ଗୁରୁତ୍ୱାରୋପ କରିଥିଲେ। ମୌସୁମୀ ପ୍ରବେଶରେ ବିଳମ୍ବ ଏବଂ କମ୍ ପରିମାଣର ବୃଷ୍ଟିପାତ ଯୋଗୁ ଚାଷୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଜଳସେଚନ ବ୍ୟବସ୍ଥା, ବିପର୍ଯ୍ୟସ୍ତ ହୋଇପଡିଥିବା ମଲାଗୁଣି ବ୍ୟାରେଜ୍‌ର ପୁନରୁଦ୍ଧାର, କେନାଲର ମରାମତି ଲାଗି ପ୍ରସ୍ତାବ ଦେଇଥିଲେ। ଏଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଜିଲାପାଳ କହିଥିଲେ। ଜିଲାରେ ଖାଲିପଡିଥିବା ଶିକ୍ଷକ ପଦବୀ ପୂରଣ, ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ କେତେଜଣ ପ୍ରତିନିଧି ଗୁରୁତ୍ୱ ଦେଇଥିଲେ। ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟିକରି ସ୍କୁଲକୁ ଫେରାଇ ଆଣିବା ଉପରେ ଗୁରୁତ୍ୱ ଦେଇଥିଲେ। ସରକାର କୃଷି ଓ କୃଷକଙ୍କ ବିକାଶ ଲାଗି ବିଭିନ୍ନ ଯୋଜନା କରିଛନ୍ତି। ପାରମ୍ପରିକ ଏବଂ ସମନ୍ୱିତ କୃଷି ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଚଳିତ ଖରିଫ ଚାଷ ଲାଗି ପର୍ଯ୍ୟାପ୍ତ ବିହନ ଗଚ୍ଛିତ ରହିଛି। କୃଷକଙ୍କ ଜମିର ମାଟି ପରୀକ୍ଷା, ଜଳସେଚନ ଉପରେ ଫୋକସ କରାଯାଉଛି ବୋଲି କୃଷି ଅଧିକାରୀ କହିଥିଲେ। ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହିଲେ ଜିଲାର ବିକାଶ ଘଟିବ। ଜିଲାର ସମସ୍ତ କାର୍ଯ୍ୟ ଓସଓ୍ୱାସ ଏବଂ ଇ-ଫାଇଲ ମାଧ୍ୟମରେ କରାଯିବ। ଲୋକଙ୍କୁ ତ୍ୱରିତ ସେବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜିଲାପାଳ କହିଥିଲେ।

ଜିଲା ପରିଷଦ ପ୍ରଥମ ବୈଠକ

୧୮ ରଥଚକ ନିର୍ମାଣ ସରିଲା

ପୁରୀ ଅଫିସ, ୨୦।୫

ମହାପ୍ରଭୁଙ୍କ ଭଉଁରୀ ଯାତ୍ରାକୁ ଆଉ ଦିନଟିଏ ବାକି ଥିବାବେଳେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଭଉଁରୀରେ ଚକ ଅଖ ଡେରା ନୀତି ଥିବାରୁ ରଥଖଳା ଚଳଚଞ୍ଚଳ ହୋଇଉଠିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ତିନି ରଥର ସମୁଦାୟ ୪୨ଟି ଚକ ମଧ୍ୟରୁ ୧୮ଟିର ନିର୍ମାଣ ଶେଷ ହୋଇଛି। ଏଥିମଧ୍ୟରେ ତାଳଧ୍ୱଜର ୬, ଦେବଦଳନର ୫ ଏବଂ ନନ୍ଦିଘୋଷ ରଥର ୭ ଚକ ରହିଛି। ସେହିପରି ସାଲଗୁଜ, ଜଳଯନ୍ତ୍ର, ତୀଖ ଗୁଜ, କୁଡୁକା ନିର୍ମାଣ ସରିଛି। ତିନିରଥର ମୋଟ ୨୧ଟି ଅଖ ମଧ୍ୟରୁ ୩ଟି ନାହାକା ଅଖ କାମ ଶେଷ ହୋଇଛି। ଭଉଁରୀ ଅବସରରେ ଉକ୍ତ ୩ଟି ଅଖରେ ଦୁଇଟି ଲେଖାଏ ଚକ ସଂଯୋଗ କରାଯାଇ ଚକାଡେରା ନୀତି ସମ୍ପନ୍ନ କରାଯିବ। ତିନିରଥର ସମସ୍ତ ୪୪ଟି ଯୋଖା ନିର୍ମାଣ ସରିଛି। ଶୁକ୍ରବାର ସପ୍ତମ ଚକ ଢୁମ୍ବରେ ଅର ସଂଯୋଗ ସହ ଅଖବିନ୍ଧ ହୋଇ ପନ୍ଧାରୀ ଏବଂ ବଳା ବସି ପନ୍ଦାରୀ ଗାଡ଼ ସରିଛି। ତାଳଧ୍ୱଜ ରଥର ଅଷ୍ଟମ ଚକ ପାଇଁ ଢୁମ୍ବରେ ଅର ସଂଯୋଗ ହୋଇଛି। ମୁହାଁଟ ଓ ଭୂଇଁଚଉତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିଲାଗି ୪ଟି ଲେଖାଏ ଧଉରା ଓ ଅସନ କାଠ ଯୋଗାଇଦିଆଯାଇଛି। ଦେବଦଳନ ରଥର ଷଷ୍ଠ ଚକ ନିର୍ମାଣ ଲାଗି ଢୁମ୍ବରେ ଅର ସଂଯୋଗ ହୋଇ ପନ୍ଦାରୀ ଓ ବଳା ବସି ପନ୍ଦାରୀ ଗାଡ଼ ସରିଛି। ସେହିପରି ୧୨ଟି ଯୋଖା ନିର୍ମାଣ ସରି ମୁହାଁଟ ଓ ଭୂଇଁ ଚଉତା ତିଆରି କାମ ଆରମ୍ଭ ହୋଇଛି।

ରାସ୍ତା ମରାମତି ଦାବିରେ ଗ୍ରାମବାସୀଙ୍କ ଧାରଣା

ରାସ୍ତା ମରାମତି ଦାବିରେ ମଳିପଡାରେ ଭାଜପା ମୁଖପାତ୍ର ସୋନାଲି ସାହୁ ଓ ଗ୍ରାମବାସୀ ଧାରଣାରେ ବସିଛନ୍ତି।

ନିରାକାରପୁର,୨୦।୫(ଡି.ଏନ୍.ଏ.)

ଭାରିଯାନ ଚଳାଚଳ ଯୋଗୁ ଖୋର୍ଦ୍ଧା ମଳିପଡ଼ା ଠାରୁ ଦଲକ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଉକ୍ତ ରାସ୍ତାର ମରାମତି ଓ ପୁନରୁଦ୍ଧାର ଦାବିରେ ଶୁକ୍ରବାର ମଳିପଡ଼ାଠାରେ ଭାଜପା ମୁଖପାତ୍ର ସୋନାଲି ସାହୁଙ୍କ ନେତୃତ୍ୱରେ ମଳିପଡ଼ା, କଂପୁର, ଡଙ୍ଗରପଡ଼ା ଓ ଦଲକ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଖବର ପାଇ ଜଙ୍କିଆ ପୋଲିସ ଓ ଖୋର୍ଦ୍ଧା ଏସ୍‌ଡିପିଓ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଗାମୀ ୧୫ଦିନ ମଧ୍ୟରେ ରାସ୍ତା ମରାମତି ନ ହେଲେ ପୁଣି ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ମଳିପଡ଼ାରୁ ଦଲକ ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କରେ ଦୈନିକ ଏକ ଠିକାସଂସ୍ଥାର ଶତାଧିକ ଭାରିଯାନ ଚଳାଚଳ କରୁଛି। ଫଳରେ ରାସ୍ତା ଖାଲଖମା ହେବା ସହ ଶୋଚନୀୟ ହୋଇପଡ଼ିଛି। ଏଥିସହ ବ୍ରିଜ୍, ଚେକ୍‌ଡ୍ୟାମ୍ ନଷ୍ଟ ହେବାରୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏହି ଠିକାସଂସ୍ଥା ବେଆଇନ ଭାବେ ମାଟି, ମୋରମ ଓ ମୁଗୁନି ପଥର ଲୁଟି ନେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଆଗକୁ ବର୍ଷାଦିନ ଆସୁଥିବାରୁ ତୁରନ୍ତ ରାସ୍ତା ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ମଳିପଡ଼ାରୁ ଦଲକ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ

ଇ-ବାଇକ୍ ଶୋ'ରୁମ ଉଦ୍‌ଘାଟିତ

ବୋଲଗଡ଼,୨୦।୫(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ରାଜସୁନାଖଳା ନିକଟ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଇ-ବାଇକ୍ ଶୋରୁମ ଉଦ୍‌ଘାଟିତ ହୋଇଯାଇଛି। ରଣପୁର ତହସିଲଦାର ଯୁଗଳ କଶୋର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିବା ବେଳେ ବୋଲଗଡ ତହସିଲଦାର ସନ୍ତୋଷିନୀ ଦାସ ଶୋ ରୁମ ବୁଲି ଦେଖିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଶୋରୁମ ମାଲିକ ପୂର୍ଣ୍ଣ ମହାପାତ୍ରଙ୍କ ଅଧକ୍ଷତାରେ ଖବରଦାତା ଆର୍ତ୍ତତ୍ରାଣ ପ୍ରଧାନ, ସମାଜିକ କର୍ମୀ ଆଲୋକ ପାଣି ଉପସ୍ଥିତ ଥିଲେ। ପେଟ୍ରୋଲ ଅଭାବ ସହ ଦର ବୃଦ୍ଧି ଯୋଗୁ ଆଗାମୀ ଦିନରେ ଇ-ବାଇକ୍ ବହୁଳ ଭାବେ ବ୍ୟବହାର ହେବ। ଏହା ପରିବେଶ ଓ ଶବ୍ଦ ପ୍ରଦୂଷଣକୁ ରୋକିବା ସହ ସ୍ୱଳ୍ପ ଗତି ସମ୍ପନ୍ନ ହୋଇଥିବାରୁ ଦୁର୍ଘଟଣା ଆଶଙ୍କା କମ୍ ରହିବ ବୋଲି ମତପ୍ରକାଶ ପାଇଥିଲା। ଏହି ଇ-ବାଇକ୍ ଶୋରୁମ ପକ୍ଷରୁ ଗ୍ରାହକଙ୍କୁ ବିକ୍ରୀ ପରବର୍ତ୍ତୀ ସେବା ଯୋଗାଇଦେବ ବୋଲି ଶୋରୁମ ମାଲିକ ମହାପାତ୍ର କହିଛନ୍ତି।

ଡକାୟତି ଯୋଜନା ପଣ୍ଡ, ୩ ଗିରଫ

ପୁରୀ ଅଫିସ,୨୦।୫

ସଦର ଥାନା ପୋଲିସ ଶୁକ୍ରବାର ଏକ ଡକାୟତି ଯୋଜନାକୁ ପଣ୍ଡ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା ଅନ୍ତର୍ଗତ ଖଡ଼ିପଦା ରେବତୀ ରମଣ ଗ୍ରାମର ମିଟୁନା ଭୋଇ ଓରଫ ମିଟୁ, ବୀରହରେକୃଷ୍ଣପୁର ପଟ୍ଟନାୟିକିଆ ସାହିର ଶ୍ରୀଧର ଜେନା ଓରଫ ରିଙ୍କୁ ଏବଂ ଗୋପିନାଥପୁରର ପ୍ରିତମ ମିଶ୍ର ଓରଫ ବାପୁନ। ଏମାନଙ୍କଠାରୁ ଲୁହାଛଡ଼, କଟୁରୀ, ବୋମା ତିଆରି ସାମଗ୍ରୀ, ସିଗାରେଟ ପ୍ୟାକେଟ, ବିଅରବୋତଲ, ପ୍ଲାଷ୍ଟିକ ଗ୍ଲାସ ଓ ଗୋଟିଏ ବାଇକ (ନଂ. ଓଡି୦୨ଏଫ୍ ୪୧୮୫) ଜବତ ହୋଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୧୫୮/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ହାଇୱେରେ ଡକାୟତି କରିବା ପାଇଁ ଜଳ ଭଣ୍ଡାର ନିକଟରେ ଗୁରୁବାର ରାତି ପ୍ରାୟ ସାଢେ ୧୦ଟାରେ ଏକାଠି ହୋଇ ଯୋଜନା କରୁଥିବା ଖବର ପୋଲିସ ପାଇଥିଲା। ଏସ୍‌ଆଇ ସୌମ୍ୟ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲା।

ବାଲ୍ୟ ବିବାହ ରୋକିବା ନେଇ ଶପଥପାଠ

କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର ଏବଂ ଅନ୍ୟମାନେ।

କୃଷ୍ଣପ୍ରସାଦ,୨୦।୫(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବାଲ୍ୟ ବିବାହ ରୋକିବା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମହିଳା ଶିଶୁ ବିକାଶ ଅଧିକାରୀ ମନୋରମା ଦେବୀ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବାଲ୍ୟ ବିବାହ ପ୍ରଥାକୁ ସମାଜର ସବୁସ୍ତରରେ ବିରୋଧ କରାଯିବା ସହ ଶିଶୁଙ୍କର ସୁରକ୍ଷା ଦିଗରେ ଜନସଚେତନତା ସୃଷ୍ଟି ପାଇଁ ଅଙ୍ଗନୱାଡି କର୍ମୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତୁ। ଅଙ୍ଗନୱାଡି କର୍ମୀ ନିଜ ଅଞ୍ଚଳରେ ଏଭଳି କାର୍ଯ୍ୟକ୍ରମକୁ

ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ବଳଙ୍ଗା,(ଡି.ଏନ୍.ଏ.)- ବଳଙ୍ଗା ଥାନା କୁଅଁରପୁର ଦଳିତସାହିର ଏକ ଜମିରେ ପାଣି ମଡ଼ାଉଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ସାହିର ପମା ଭୋଗ (୪୩)। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଘଟଣା ଅନୁଯାୟୀ, ପମା ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଧାନ ଜମିକୁ ବିଦ୍ୟୁତ୍ ମୋଟର ଯୋଗେ ପାଣି ମଡ଼ାଉଥିଲେ। ଏହି ସମୟରେ ଅସାବଧାନତା ବଶତଃ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଶୁଣି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପିପିଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ପମାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

୨୦।୫।୨୦୨୨

୪,୪୪,୪୧୩ ଟଙ୍କା	
ସୁନା	୧୦.୩୦୦ ଗ୍ରାମ
ରୁପା	୧୩.୯୦୦ ଗ୍ରାମ

ରାମଚଣ୍ଡୀ ପୀଠ ସୌନ୍ଦର୍ଯ୍ୟକରଣରେ ଦୁର୍ନୀତି

କୋଣାର୍କ,୨୦।୫(ଡି.ଏନ୍.ଏ.)

କୋଣାର୍କସ୍ଥିତ ରାମଚଣ୍ଡୀ ପୀଠର ସୌନ୍ଦର୍ଯ୍ୟକରଣ ନିମନ୍ତେ ହେଉଥିବା କାର୍ଯ୍ୟ ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କେହି ଏଥିପ୍ରତି ଗୁରୁତ୍ୱ ଦେଉ ନ ନାହାନ୍ତି। ୧୬ କୋଟି ଟଙ୍କା ବ୍ୟୟରେ ରାମଚଣ୍ଡୀ ପୀଠର ଉନ୍ନତୀକରଣ କାର୍ଯ୍ୟ ହେଉଛି। ଏହି ପୀଠରେ ଆଲୋକୀକରଣ ସହ ପାର୍କିଂ, ପାର୍କ, ସେଲ୍‌ଫି ପଏଣ୍ଟ, ପାଦଚଲା ରାସ୍ତା, କଫି ଶପ୍, ଟଏଲେଟ୍ ଆଦିର

ଉନ୍ନତୀକରଣ କାର୍ଯ୍ୟ ୨ଜଣ ଠିକାଦାରଙ୍କୁ ଦିଆଯାଇଛି। କିନ୍ତୁ ଏହି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। କେଉଁ କାର୍ଯ୍ୟ ପାଇଁ କେତେ ଟଙ୍କା ଖର୍ଚ୍ଚ କରାଯାଉଛି ତା'ର କିଛି ଫଳକ ଲଗାଯାଉନାହିଁ। ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯାଉଥିବା ବେଳେ ଲୁଣି ବାଲି ଏବଂ ସମୁଦ୍ର ପାଣିର ବ୍ୟବହାର କରାଯାଉଛି। ନିମ୍ନମାନର ରଡ୍ ଓ ସିମେଣ୍ଟ ସହ ଢଳାଇ ପକାଇବାରେ ବ୍ୟାପକ ତ୍ରୁଟି ରହିଥିବା ଅଭିଯୋଗ ହୋଇଛି। ଏଭଳି କାର୍ଯ୍ୟ ସମ୍ପର୍କରେ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ତଦାରଖ ଦାୟିତ୍ୱରେ ଥିବା ସଂସ୍ଥା ଇପିଆଇଏଲ କିମ୍ବା ପର୍ଯ୍ୟଟନ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉନାହିଁ। ଫଳରେ କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଏହି କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ସ୍ଥାନୀୟ ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀ ମହଲରେ ଦାବି ହେଉଛି।

୮ ଔଷଧ ଦୋକାନରେ ଚଢ଼ାଉ

ନିମାପଡ଼ା,୨୦।୫(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ମେଡିକାଲ ଛକରେ ଥିବା ୮ଟି ଔଷଧ ଦୋକାନ ଉପରେ ପୁରୀ ଜିଲା ଡ୍ରଗ୍ସ ବିଭାଗ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ଔଷଧ ଦୋକାନଗୁଡ଼ିକ ଲାଇସେନ୍ସ ଠିକ୍ ଅଛି କି ନାହିଁ, ମେଡିସିନର ଠିକ୍ ମାନ, ସାମ୍ପୁଲ, ଦୋକାନର ରେଜିଷ୍ଟାର ଓ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଦୋକାନରେ ରେଜିଷ୍ଟାର ମେଣ୍ଟେନାନ୍ସ କରିବା, ଅବଧି ଶେଷ ହୋଇଥିବା ଔଷଧ ବିକ୍ରି ନ କରିବା, ଡାକ୍ତରଙ୍କ ବିନା ପ୍ରେସକ୍ରିପସନରେ କାହାରିକୁ ଔଷଧ ବିକ୍ରି ନ କରିବାକୁ ଡ୍ରଗ୍ସ ଓ ଅବକାରୀ ବିଭାଗର ଅଧିକାରୀମାନେ ଦୋକାନ ମାଲିକମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ପୁରୀ ଡ୍ରଗ୍ସ ଇନ୍ସପେକ୍ଟର ଅଞ୍ଜନ କୁମାର ସାହୁ, ଅବକାରୀ ଇନ୍ସପେକ୍ଟର ମାନସୀ ସାହୁ ପ୍ରମୁଖ ସଦଳବଳେ ଏହି ଚଢ଼ାଉ କରିଥିଲେ। ପ୍ରତ୍ୟେକ ଔଷଧ ଦୋକାନରେ ସ୍ୱୀକୃତିପ୍ରାପ୍ତ ଫାର୍ମାସିଷ୍ଟ ଔଷଧ ବିକ୍ରି କରିବାର ସରକାରୀ ନିୟମ ଥିବାବେଳେ ନିମାପଡ଼ା, ଗୋପ, ଚାରିଛକ, ନୟାହାଟ, ଖେଳାର, ବଳଙ୍ଗା ଆଦି ଅଞ୍ଚଳରେ ଏସବୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହେଉଛି।

ରଥଖଳାରୁ

୧୮ ରଥଚକ ନିର୍ମାଣ ସରିଲା

ପୁରୀ ଅଫିସ, ୨୦।୫

ମହାପ୍ରଭୁଙ୍କ ଭଉଁରୀ ଯାତ୍ରାକୁ ଆଉ ଦିନଟିଏ ବାକି ଥିବାବେଳେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଭଉଁରୀରେ ଚକ ଅଖ ଡେରା ନୀତି ଥିବାରୁ ରଥଖଳା ଚଳଚଞ୍ଚଳ ହୋଇଉଠିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ତିନି ରଥର ସମୁଦାୟ ୪୨ଟି ଚକ ମଧ୍ୟରୁ ୧୮ଟିର ନିର୍ମାଣ ଶେଷ ହୋଇଛି। ଏଥିମଧ୍ୟରେ ତାଳଧ୍ୱଜର ୬, ଦେବଦଳନର ୫ ଏବଂ ନନ୍ଦିଘୋଷ ରଥର ୭ ଚକ ରହିଛି। ସେହିପରି ସାଲଗୁଜ, ଜଳଯନ୍ତ୍ର, ତୀଖ ଗୁଜ, କୁଡୁକା ନିର୍ମାଣ ସରିଛି। ତିନିରଥର ମୋଟ ୨୧ଟି ଅଖ ମଧ୍ୟରୁ ୩ଟି ନାହାକା ଅଖ କାମ ଶେଷ ହୋଇଛି। ଭଉଁରୀ ଅବସରରେ ଉକ୍ତ ୩ଟି ଅଖରେ ଦୁଇଟି ଲେଖାଏ ଚକ ସଂଯୋଗ କରାଯାଇ ଚକାଡେରା ନୀତି ସମ୍ପନ୍ନ କରାଯିବ। ତିନିରଥର ସମସ୍ତ ୪୪ଟି ଯୋଖା ନିର୍ମାଣ ସରିଛି। ଶୁକ୍ରବାର ସପ୍ତମ ଚକ ତୁମ୍ବରେ ଅର ସଂଯୋଗ ସହ ଅଖବିନ୍ଧ ହୋଇ ପନ୍ଧାରୀ ଏବଂ ବଳା ବସି ପନ୍ଦାରୀ ଗାଡ଼ ସରିଛି। ତାଳଧ୍ୱଜ ରଥର ଅଷ୍ଟମ ଚକ ପାଇଁ ତୁମ୍ବରେ ଅର ସଂଯୋଗ ହୋଇଛି। ମୁହାଁଟ ଓ ଭୂଇଁଚଉତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିଲାଗି ୪ଟି ଲେଖାଏ ଧଉରା ଓ ଅସନ କାଠ ଯୋଗାଇଦିଆଯାଇଛି। ଦେବଦଳନ ରଥର ଷଷ୍ଠ ଚକ ନିର୍ମାଣ ଲାଗି ତୁମ୍ବରେ ଅର ସଂଯୋଗ ହୋଇ ପନ୍ଦାରୀ ଓ ବଳା ବସି ପନ୍ଦାରୀ ଗାଡ଼ ସରିଛି। ସେହିପରି ୧୨ଟି ଯୋଖା ନିର୍ମାଣ ସରି ମୁହାଁଟ ଓ ଭୂଇଁ ଚଉତା ତିଆରି କାମ ଆରମ୍ଭ ହୋଇଛି। ଏଥିଲାଗି ଦୁଇଟି ଲେଖାଏ ୧୨ ଫୁଟିଆ ଧଉରା ଓ ଅସନ କାଠ ଯୋଗାଇଦିଆଯାଇଛି। ନନ୍ଦିଘୋଷ ରଥର ୭ ଚକ ତିଆରି ପରେ ନବମ ଓ ଦଶମ ଚକ ନିର୍ମାଣ ଲାଗି ତୁମ୍ବରେ ଅର ସଂଯୋଗ ହୋଇଛି। ୧୬ଟି ଯୋଖା ତିଆରି ପରେ ମୁହାଁଟ ଓ ଭୂଇଁ ଚଉତା ନିର୍ମାଣ ଆରମ୍ଭ ହୋଇଛି। ଦୁଇଟି ଧଉରା ଓ ଅସନ କାଠ ଯୋଗାଇ ଦିଆଯାଇଛି। ତିନିରଥର ୧୭ ଜଣ ରୂପକାର ସେବକ ୬ଟି ଲେଖାଏ ଗୁଜରେ ସିଂହ ବିରାଳ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଖା ସେବକମାନେ ବଳା, ଅରକଣ୍ଟା, ପନ୍ଦାରୀ ଓ ପନ୍ଦାରୀ ଚାବି ନିର୍ମାଣରେ ଲାଗିଛନ୍ତି।

ସଂକ୍ଷେପରେ

୪ ପରିବାରର ୮ବଖରା ଜଳିଗଲା

ପିପିଲି,୨୦।୫(ସ୍ୱ.ପ୍ର./ଡି.ଏନ୍.ଏ.)- ପିପିଲି ତହସିଲ ହାଟସାହି ପଞ୍ଚାୟତ ଭୋଇଗୁଣ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୪ପରିବାରର ୮ବଖରା ଜଳିଯାଇଛି। ରଘୁନାଥ ପରମାଣିକଙ୍କ ଘରେ ବୁଧବାର ରାତିରେ ନିଆଁ ଲାଗିଯାଇଥିଲା। ପରିବାର ଲୋକେ ଜାଣି ବାହାରକୁ ଆସିଯାଇଥିବା ବେଳେ ପଡ଼ୋଶୀ ସତ୍ୟଭାମା ପରମାଣିକ, କାଶୀନାଥ ପରମାଣିକ ଓ ମନୋଜ ପରିଡାଙ୍କ ଘରେ ମଧ୍ୟ ନିଆଁ ଲାଗି ମୋଟରେ ୮ବଖରା ସମ୍ପୂର୍ଣ୍ଣ ଜଳିଯିବା ସହ ସମସ୍ତ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି। ଖବରପାଇ ପିପିଲିରୁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୁରୁବାର ତହସିଲଦାର ପୁନମ ମହାପାତ୍ର ପହଞ୍ଚି ବିପନ୍ନ ପରିବାରକୁ ପଲିଥିନ ଯୋଗାଇଦେବା ସହିତ ବନ୍ତଳସିଂହ ଆର୍‌ଆଇକୁ କ୍ଷୟକ୍ଷତିର ଆକଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ନାରାୟଣ ସ୍ୱାଇଁ, କିଶୋର ଛୋଟରାୟ, ଦେବାଶିଷ ନନ୍ଦ ପ୍ରମୁଖ ଅଗ୍ନିବିପନ୍ନ ପରିବାରକୁ ଭେଟି ନିତ୍ୟ ବ୍ୟବହୃତ ସାମଗ୍ରୀ ଦେଇଛନ୍ତି। ଶୁକ୍ରବାର ରାଜ୍ୟ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ସେମାନଙ୍କୁ ଭେଟି ଆର୍ଥିକ ସହାୟତା ସହିତ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି।

ଡକାୟତି ଯୋଜନା ପଣ୍ଡ, ୩ ଗିରଫ

ପୁରୀ ଅଫିସ,୨୦।୫: ସଦର ଥାନା ପୋଲିସ ଶୁକ୍ରବାର ଏକ ଡକାୟତି ଯୋଜନାକୁ ପଣ୍ଡ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା ଅନ୍ତର୍ଗତ ଖଡ଼ିପଦା ରେବତୀ ରମଣ ଗ୍ରାମର ମିଟୁନା ଭୋଇ ଓରଫ ମିଟୁ, ବୀରହରେକୃଷ୍ଣପୁର ପଙ୍ଗନାୟିକିଆ ସାହିର ଶ୍ରୀଧର ଜେନା ଓରଫ ଚିଙ୍କୁ ଏବଂ ଗୋପିନାଥପୁରର ପ୍ରିତମ ମିଶ୍ର ଓରଫ ବାପୁନା। ଏମାନଙ୍କଠାରୁ ଲୁହାଛଡ଼, କଟୁରୀ, ବୋମା ତିଆରି ସାମଗ୍ରୀ,ସିଗାରେଟ ପ୍ୟାକେଟ, ବିଅରବୋତଲ, ପ୍ଲାଷ୍ଟିକ ଗ୍ଲାସ ଓ ଗୋଟିଏ ବାଇକ (ନଂ. ଓଡି୦୨ଏଫ୍ ୪୧୮୫) ଜବତ ହୋଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୧୫୮/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ହାଇୱେରେ ଡକାୟତି କରିବା ପାଇଁ ଜଳ ଭଣ୍ଡାର ନିକଟରେ ଗୁରୁବାର ରାତି ପ୍ରାୟ ସାଢ଼େ ୧୦ଟାରେ ଏକାଠି ହୋଇ ଯୋଜନା କରୁଥିବା ଖବର ପୋଲିସ ପାଇଥିଲା। ଏସ୍‌ଆଇ ସୌମ୍ୟ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲା।

ପୁରୀ ସହରରେ ଶୁକ୍ରବାର ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ କରି ଶୋଭାଯାତ୍ରାରେ ଯାଉଛନ୍ତି ।

ରଥ ଚାରିପଟେ ବ୍ୟାରିକେଡ୍ ରଖା ନ ଯାଉ

ପୁରୀ ଅଫିସ,୨୦।୫:

ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲା ଯୁବ ଚେତନା ସଙ୍ଗଠନ

- ବିଚାରବିମର୍ଶ ଲାଗି ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଚିଠି
- ଆଗାମୀ ରଥଯାତ୍ରା ବୈଠକରେ ହୋଇପାରେ ଆଲୋଚନା

ରଥଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କୁ ରଥ ଛୁଇଁବାକୁ ଦିଆଯାଉନାହିଁ। ବଡ଼ଦାଣ୍ଡରେ ତିନିରଥ ଥିବାବେଳେ ସେଗୁଡ଼ିକ ଚାରିପଟେ ବ୍ୟାରିକେଡ୍ କରାଯାଉଛି। ତେଣୁ ଶ୍ରଦ୍ଧାଳୁଙ୍କୁ ରଥ ଟାଣିବାରୁ ବାରଣ କରାଯାଉ। କେବଳ ସେବାୟତମାନେ ରଥ ଟାଣନ୍ତୁ। ନଚେତ ରଥ ଚାରିପଟୁ ବ୍ୟାରିକେଡ୍ ହଟାଯାଉ ବୋଲି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଓଡ଼ିଶା ଯୁବ ଚେତନା ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ଗତ ୧୫ ତାରିଖରେ ଚିଠି ଲେଖିଥିଲେ। ସେ ଏହି ଚିଠି ମାଧ୍ୟମରେ ଶ୍ରଦ୍ଧାଳୁଙ୍କ ଅସନ୍ତୋଷ ଓ ରଥ ଛୁଇଁବାର ବ୍ୟଗ୍ରତା ନେଇ ପରୋକ୍ଷରେ ସୂଚନା ଦେଇଥିଲେ। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହୃଦୟଙ୍ଗମ କରିଛନ୍ତି। ଉକ୍ତ ପ୍ରସଙ୍ଗରେ ବିଚାରବିମର୍ଶ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପୁରୀ ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ଏହି ଚିଠି ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିବାବେଳେ ଆଗାମୀ ରଥଯାତ୍ରା ପ୍ରସ୍ତୁତି ଓ ସମନ୍ୱୟ ବୈଠକରେ ଏ ନେଇ ଆଲୋଚନା ହେବ ବୋଲି ସୂଚନା ମିଳିଛି।

ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରିତ ପତ୍ରରେ ଉଲ୍ଲେଖ ଥିଲା ଯେ, ରଥ ଉପରେ ଠାକୁରଙ୍କୁ ଛୁଇଁବା ନେଇ ୨୦୧୪ ଜୁନ୍ ୨୧ରେ ହାଇକୋର୍ଟ କଟକଣା ଜାରି କରିଥିଲେ। ରଥ ଉପରେ ଠାକୁରଙ୍କୁ ଛୁଇଁବା ଅନୁଚିତ ବୋଲି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଓ ଗଜପତି ମହାରାଜା ମତ ରଖିଥିଲେ। ଅନ୍ୟପକ୍ଷରେ ଠାକୁର ପହଣ୍ଡି ହେବା ସମୟରେ ବାହାର ଲୋକେ ତାଙ୍କୁ ଛୁଇଁଲେ ସେ ଛୁଆଁ ହୁଅନ୍ତି ନାହିଁ ବୋଲି ଶ୍ରୀମନ୍ଦିର ସ୍ୱତ୍ୱଲିପିର ପୃଷ୍ଠା ୬୯ରେ ଉଲ୍ଲେଖ ରହିଛି। ଏହାସତ୍ତ୍ୱେ ରଥରେ ମହାପ୍ରଭୁଙ୍କୁ ଛୁଇଁଲେ ଯଦି ଛୁଆଁ, ତେବେ ରଥ ଦଉଡ଼ି ଛୁଇଁଲେ ମଧ୍ୟ ଛୁଆଁ ହେବା ଦରକାର। ବଡ଼ଦାଣ୍ଡରେ ରଥ ରହିବା ପରେ ଗୁରନ୍ତ ଲୁହା ବ୍ୟାରିକେଡ୍ ଲଗାଇ ଦିଆଯାଉଛି। ମହାପ୍ରଭୁଙ୍କ ରଥକୁ ଭକ୍ତ ସ୍ପର୍ଶ କରିପାରୁନାହିଁ। ରଥକୁ ଛୁଇଁବା ଲାଗି ପ୍ରଶାସନ ସୁଯୋଗ ଦେଉନାହିଁ। ଯଦି ଭକ୍ତ ରଥ ଛୁଇଁ ପାରିବେନି ତେବେ ଦଉଡ଼ି ଧରିବା ମଧ୍ୟ ଛୁଆଁ ଭାବେ ବିବେଚନା ହେଉ। ଏହି ନ୍ୟାୟରେ ଭକ୍ତଙ୍କୁ ବାରଣ କରି କେବଳ ସେବାୟତମାନେ ରଥ ଟାଣନ୍ତୁ ବୋଲି ଚିଠିରେ ଦର୍ଶାଯାଇଥିଲା।

ଲବଣ ସତ୍ୟାଗ୍ରହ ଚିନ୍ତନ ସ୍ମାରକୀ ସମାରୋହ

ଅସ୍ତରଙ୍ଗ,୨୦।୫(ଡି.ଏନ୍.ଏ.)

ଅସ୍ତରଙ୍ଗର ଖଣ୍ଡାସାହି ସ୍ମାରକୀ ପୀଠରେ ଶୁକ୍ରବାର ଲବଣ ସତ୍ୟାଗ୍ରହ ଚିନ୍ତନ ସ୍ମାରକୀ ସମାରୋହ ପାଳିତ ହୋଇଯାଇଛି। ପୂର୍ବ ସମୟରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଓଲଙ୍ଗର ଖଣ୍ଡାସାହି ସ୍ମାରକୀ ପୀଠରେ ସତ୍ୟାଗ୍ରହ ସମ୍ପର୍କରେ ଚିନ୍ତନ ବୈଠକ ଅନୁଷ୍ଠିତ ହେଉଥିଲା। ଅସ୍ତରଙ୍ଗ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀମାନେ ଏଥିରେ ଅଂଶଗ୍ରହଣ କରି ସଂଗ୍ରାମ ସମ୍ପର୍କରେ ରଣ କୌଶଳ ପ୍ରସ୍ତୁତ କରୁଥିଲେ। ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତି ବର୍ଷ ଏହି ସମାରୋହ ପାଳିତ ହୋଇଆସୁଅଛି। ଚଳିତ ବର୍ଷ ଏକ ବିରାଟ ସ୍ମୃତି ସ୍ତମ୍ଭକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ସମାରୋହରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ସୋମନାଥ ପାତ୍ର, ତହସିଲଦାର ରାଜଲକ୍ଷ୍ମୀ ନାୟକ, ଜିଲା ପରିଷଦ ସଭ୍ୟା ସରସ୍ୱତୀ ସାଇଁ, ବନିତା ବେହେରା, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତି ନାୟକ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଜ୍ଞାନରଞ୍ଜନ ସାହୁ, ସ୍ୱପ୍ନେଶ୍ୱର ସାହୁ, ପଣ୍ଡିତ କାଳନ୍ଦୀଚରଣ ଛାଟୋଇ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସଂଗ୍ରାମୀମାନଙ୍କ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ।

ସଚେତନ ନାଗରିକ ମଞ୍ଚର ଦାବି

ପୁରୀ ଅଫିସ ୨୦।୫:

ପୁରୀ ସହରର ସମସ୍ତ ମୁକୁଳା ଡ୍ରେନ୍‌ରେ ୧୫ ଦିନ ମଧ୍ୟରେ ସ୍ଲାବ ପକାଇବା ପାଇଁ ପୌର କର୍ତ୍ତୃପକ୍ଷ, ଠିକାଦାର ଓ ଡ୍ରେନ୍ ବିଭାଗ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେବା, ମୁକୁଳା ଡ୍ରେନ୍‌ରେ ପଡ଼ି ପ୍ରାଣ ହରାଇଥିବା ନିଧି ଭୋଇଙ୍କ ପରିବାରଙ୍କୁ କ୍ଷତିପୂରଣ ସହ ଏହି ଘଟଣା ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ସଚେତନ ନାଗରିକ ମଞ୍ଚ। ଏ ନେଇ ମଞ୍ଚ ପକ୍ଷରୁ ଶୁକ୍ରବାର ଓଏଚ୍‌ଆର୍‌ସିଙ୍କ ନିକଟରେ ମଞ୍ଚର ସଭାପତି ଆଇନଜୀବୀ ପ୍ରସନ୍ନ ଦାଶ ଦାବି ଜଣାଇଛନ୍ତି ।

ତହସିଲ ଅଫିସ୍ ଘେରିଲେ ଦଳିତ ମହିଳା

ନିମାପଡ଼ା,୨୦।୫(ଡି.ଏନ୍.ଏ.)

ଜାତୀୟ ଦଳିତ ଆଦିବାସୀ ମାଇନରିଟି ମହାସଂଘ ପକ୍ଷରୁ ୫ ଶହରୁ ଊର୍ଦ୍ଧ୍ୱ ଦଳିତ ମହିଳା ବିଭିନ୍ନ ଦାବି ନେଇ ଶୁକ୍ରବାର ନିମାପଡ଼ା ତହସିଲ ଅଫିସ ଘେରାଉ କରିବା ସହ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସେଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ନିମାପଡ଼ାରେ ଦଳିତଙ୍କ ଉପରେ ଅତ୍ୟାଚାର, ସେମାନଙ୍କୁ ବେଘର କରିବାକୁ ଉଦ୍ୟମ, ଦଳିତଙ୍କୁ ଉଚ୍ଛେଦ କରାଗଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଜାତୀୟ ଦଳିତ ଆଦିବାସୀ ମାଇନରିଟି ସଂଘର ରାଜ୍ୟ ସଭାପତି ବିଜୟ ସେଠୀ, ସମ୍ପାଦକ ସୋନିଲତା ସେଠୀ, ଜିଲା ସଭାପତି ଲକ୍ଷ୍ମୀପ୍ରିୟା ବେହେରା, ନିମାପଡ଼ା ବ୍ଲକ ସଭାପତି ପ୍ରଭାତୀ ମଲ୍ଲିକ, ଟିକିନା ମଲ୍ଲିକ, କଲ୍ୟାଣୀ ଭୋଇ, ବିନିତା ମଲ୍ଲିକ, ମଞ୍ଜୁ ବେହେରା, ସରିତା ମଲ୍ଲିକ ପ୍ରମୁଖ ମତବ୍ୟକ୍ତ କରିଛନ୍ତି। ଭିଲିଗ୍ରାମ ପଞ୍ଚାୟତର ଝାମ୍ପୁଲାକୁଦ ଗ୍ରାମରେ ଦୀର୍ଘବର୍ଷ ଧରି ବାସ କରୁଥିବା ୧୫ ଦଳିତ ପରିବାରଙ୍କୁ ଉଚ୍ଛେଦ କରାଯାଇ ସେଠାରେ ଏକ ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଚାଲିଛି। ଏହି ପ୍ରକଳ୍ପ ନିର୍ମାଣ ଆଳରେ ରାଜସ୍ୱ ବିଭାଗ ପକ୍ଷରୁ ଦଳିତ ପରିବାରଙ୍କୁ ଉଚ୍ଛେଦ କରାଯିବା ପାଇଁ ନୋଟିସ ଦିଆଯାଇଛି। ରାଜସ୍ୱ ବିଭାଗର ଏହି କାର୍ଯ୍ୟକୁ ଦଳିତ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଦଳିତଙ୍କୁ ସେଠାରୁ ଉଚ୍ଛେଦ ନ କରାଯାଇ ଅନ୍ୟ ଜାଗାରେ ପ୍ରକଳ୍ପ କରିବାକୁ ଦାବି ହୋଇଛି। ଏହି ଅବସରରେ ଦଳିତ ସଂଘ ପକ୍ଷରୁ ରେଭିନ୍ୟୁ ଡିଭିଜନାଲ କ

ସାଲେପୁର ଆଦର୍ଶ ବିଦ୍ୟାଳୟ ନିର୍ମାଣରେ ବ୍ୟୟ ହେବ ୬ କୋଟି

ସାଲେପୁର,(ଡି.ଏନ.ଏ.): ସାଲେପୁର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ବିଦ୍ୟାଳୟ ନିର୍ମାଣରେ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହେବ ବୋଲି ଜଣାପଡ଼ିଛି। ଏହି ଆଦର୍ଶ ବିଦ୍ୟାଳୟ ଅଞ୍ଚଳର ଶିକ୍ଷାର ବିକାଶରେ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ବେହେରା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ବିଡିଓ ରାଜୀବ ଦାସ, ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ପୁଷ୍ପାଞ୍ଜଳି ବିଶ୍ୱାଳ, ଜଗବନ୍ଧୁ ଶତପଥୀ, ବିଳାସିନୀ ବାହିନୀପତି, ତପନ କୁମାର ବେହେରା, ନମିତା ସେଠୀ, ହରପ୍ରସନ୍ନ ବେହେରା, ରଞ୍ଜିତା ସେଠୀ, ପବିତ୍ର କୁମାର ସାମଲ, ଗୌତମୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ସଂକ୍ଷେପରେ

ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ, ଚାଳକ ଗିରଫ

ଖୁଣ୍ଟୁଣୀ,୨୦।୫(ଡି.ଏନ୍.ଏ.): ଚୋରା କୋଇଲା ବୋଝେଇ ଏକ ଟ୍ରକ୍‌କୁ ଶୁକ୍ରବାର ଖୁଣ୍ଟୁଣୀ ପୋଲିସ ଜବତ କରିଛି। ଏହି ଘଟଣାରେ ଚାଳକ ଯାଜପୁର ଜିଲା କୋରେଇ ଥାନା ଅଧୀନ ତଳପଡା ଗ୍ରାମର ନିର୍ମଳ କୁମାର ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ମଧ୍ୟାହ୍ନରେ ଉକ୍ତ ଟ୍ରକ୍(ନଂ.ଓଡ଼ି୦୪କ୍ୟୁ-୬୨୫୯) ତାଳଚେରରୁ ୩୦ ଟନ୍ ଚୋରା କୋଇଲା ନେଇ ମଙ୍ଗୁଳି ଛକ ଅଭିମୁଖେ ଆସୁଥିଲା। ଏ ସମ୍ପର୍କରେ ଖୁଣ୍ଟୁଣୀ ଥାନା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ଖବର ପାଇବା ପରେ ଖୁଣ୍ଟୁଣୀ ଥାନା ନିକଟ ୫୫ ନଂ. ଜାତୀୟ ରାଜପଥ କଡରେ ଜଗି ରହିଥିଲେ। ଟ୍ରକ ପହଞ୍ଚିବା ପରେ ଚାଳକଙ୍କୁ କୋଇଲା ଚାଲାଣ ସଂକ୍ରାନ୍ତୀୟ କାଗଜପତ୍ର ମାଗିଥିଲେ। ହେଲେ ସେ ଦେଖାଇ ନ ପାରିବାରୁ ଟ୍ରକ୍‌କୁ ଥାନାକୁ ନିଆଯାଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୦୬/୨୨) ରୁଜୁ ହୋଇଛି।

ଜଗନ୍ନାଥ ମହାରଣା ବାରବାଟୀ-କଟକ ଛାତ୍ର ବିଜେଡି ସଭାପତି

କଟକ ଅଫିସ, ୨୦।୫: ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ବିଜୁ ଛାତ୍ର ଜନତା ଦଳର ସଭାପତି ଭାବେ ଯୁବ ସଙ୍ଗଠକ ଜଗନ୍ନାଥ ମହାରଣା ମନୋନୀତ ହୋଇଛନ୍ତି। ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ଓ ଜିଲା ସଭାପତିଙ୍କ ଅନୁମୋଦନ ପରେ ମହାରଣାଙ୍କୁ ଏହି ନିଯୁକ୍ତି ଦିଆଯାଇଥିବା ଛାତ୍ର ବିଜେଡି କଟକ ଜିଲା ସଭାପତି ଆସିଫ ଅମିନ ଶୁକ୍ରବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ମହାରଣାଙ୍କ ଯୋଗଦାନ ଦ୍ୱାରା ବିଜେଡି ଓ ଛାତ୍ର ବିଜେଡି ଅଧିକ ମଜଭୁତ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ଶିଶୁ ସୁରକ୍ଷା ସମିତିର ବାର୍ଷିକ ବୈଠକ

ଆଠଗଡ଼,୨୦।୫(ସ୍ୱ.ପ୍ର.): ଆଠଗଡ଼ ବ୍ଲକ ଶିଶୁ ସୁରକ୍ଷା କମିଟି ବୈଠକ ଶୁକ୍ରବାର ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗଗନ ବିହାରୀ ଷଡ଼ଙ୍ଗୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଶିଶୁ ମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଲାଳନ ପାଳନ ଓ ଶିଶୁ ଶ୍ରମିକ, ବାଲ୍ୟବିବାହ, ଶିଶୁ ଚାଲାଣ ଓ ନିର୍ଯାତନା ଆଦି ରୋକିବା ନେଇ ସଚେତନତା କରାଯାଇଥିଲା। ଗ୍ରାମାଞ୍ଚଳରେ ଏହି ସମ୍ବନ୍ଧରେ କମିଟି ପ୍ରସ୍ତୁତ କରାଯାଇ ଶିଶୁ ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ଶପଥ ପାଠ କରାଯାଇଥିଲା। ବୈଠକରେ ବିଶିଷ୍ଟ ଶିକ୍ଷାବିତ ଶ୍ରୁତିଧର ପ୍ରଧାନ, ହୃଷୀକେଶ ବେହେରା, ସାମାଜିକ କର୍ମୀ ରଞ୍ଜିତା ଭକ୍ତା,ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓଡ଼ିଶା ଜୀବିକା ମିଶନ ବ୍ଲକ ଅଧିକାରୀ ବିନୋଦ ନାୟକ, ନିତ୍ୟାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା ମିଶନ ଶକ୍ତିର ବ୍ଲକ ସଂଯୋଜକ ଚିତ୍ତରଞ୍ଜନ ବଳିୟାର ସିଂହ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

ହିତାଧିକାରୀଙ୍କ ନାମ ସାର୍ବଜନୀନ ପାଇଁ ଦାବି

କଟକ ସଦର,୨୦।୫(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତର ଗୁହାଳ ଓ ପାଇଖାନା ହିତାଧିକାରୀଙ୍କ ନାମ ସାର୍ବଜନୀନ କରିବା ପାଇଁ କଟକ ସଦର ବ୍ଲକ ଭାଜପା ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କିତ ଏକ ଦାବିପତ୍ର ଦଳ ପକ୍ଷରୁ ଶୁକ୍ରବାର ବିଡିଓ ରାଜୀବ ଲୋଚନ ପରିଡାଙ୍କୁ ପ୍ରଦାନ କରାଯାଇଛି। ବିନା ପଲ୍ଲିସଭା ଓ ଗ୍ରାମସଭାରେ ହିତାଧିକାରୀଙ୍କୁ କିପରି ବୃତ୍ତାନ୍ତ କରାଗଲା ସେ ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହାଛଡା ଗୋଚର ଜମିରେ ସ୍ଥାୟୀ ନିର୍ମାଣବେଳେ ରାଜସ୍ୱ ଅଧିକାରୀଙ୍କ ଅନୁମତି ନିଆ ନ ଯିବା, ଶ୍ରମଭିତ୍ତିକ କାମରେ ଅନିୟମିତତାର ତଦନ୍ତ ପାଇଁ ଦାବି କରାଯାଇଛି। ପ୍ରକଳ୍ପ ତାଲିକା ପ୍ରସ୍ତୁତବେଳେ ଜାଗା କଥା ଚିନ୍ତା କରା ନ ଯାଇ କାର୍ଯ୍ୟ ହେଉଛି ବୋଲି ଦଳର ଜିଲା ଉପସଭାପତି ଗୋକୁଳଚନ୍ଦ୍ର ପ୍ରଧାନ କହିଥିଲେ। ଏ ସମ୍ପର୍କରେ ବିଡିଓ ପରିଡା କହିଛନ୍ତି, ଗୋଚର ଜମିରେ ନିର୍ମାଣ ପାଇଁ ସରକାରଙ୍କ ଅନୁମତି ନାହିଁ। ହେଲେ ଲୋକଙ୍କ ହିତ ପାଇଁ ଗ୍ରାମବାସୀଙ୍କ ଅନୁମତି ନିଆଯାଇ ବଳକା ଗୋଚର ଜମିରେ କାମ କରାଯାଉଛି। ଏହି ଆଲୋଚନାରେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ମଣ୍ଡଳ ସଭାପତି ଅଭୟ ସ୍ୱାଇଁ, ପୀୟୂଷ ରଞ୍ଜନ ପରିଡ଼ା ଓ ପ୍ରଦୀପ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

'ଶିଶୁଙ୍କ ପାଇଁ ପ୍ରତି ମୁହୂର୍ତ୍ତ ଉତ୍ସର୍ଗୀକୃତ ହେଉ'

କଟକ ଅଫିସ, ୨୦।୫

ଶିଶୁମାନଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ପ୍ରତ୍ୟେକ ମୁହୂର୍ତ୍ତ ଉତ୍ସର୍ଗୀକୃତ ହେବା ଦରକାର। ପୂର୍ଣ୍ଣାଙ୍ଗ ନାଗରିକ ଗଠନରେ ଶିଶୁର ଶିକ୍ଷା, ସ୍ୱାସ୍ଥ୍ୟ, ଆଧ୍ୟାତ୍ମିକ ବିକାଶ ପରି ସର୍ବାଙ୍ଗୀନ ଉନ୍ନତି ହୋଇପାରିଲେ ପ୍ରକୃତ ଲକ୍ଷ୍ୟ ସାଧିତ ହୋଇପାରିବ। ଏଣୁ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ତଥା ସାମାଜିକ ସ୍ତରରେ ପ୍ରତ୍ୟେକ ବ୍ୟକ୍ତି ସ୍ନେହ, ଶ୍ରଦ୍ଧା, ପ୍ରେମ ଓ ଅନୁଶାସନ ମାଧ୍ୟମରେ ଶିଶୁମାନଙ୍କ ବିକାଶ ଲାଗି ଉଦ୍ୟମ କରିବା ଆବଶ୍ୟକ ବୋଲି ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି। କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପିଲାଙ୍କ ପାଇଁ ଦିନଟିଏ ଜିଲାସ୍ତରୀୟ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମିଶ୍ର ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ

ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ବକ୍ତବ୍ୟ ଦେଉଛନ୍ତି।

ପିଲାଙ୍କ ପାଇଁ ଦିନଟିଏ ଜିଲାସ୍ତରୀୟ କମିଟି ବୈଠକ

କହିଥିଲେ, ପିଲାମାନଙ୍କ ସ୍ୱାସ୍ଥ୍ୟ ଠିକ୍ ରହିଲେ ସେମାନଙ୍କର ଶିକ୍ଷା ସହ ସର୍ବାଙ୍ଗୀନ ଉନ୍ନତି ହୋଇପାରିବ। ଏଣୁ ଠିକ୍‌ଭାବେ ପିଲାମାନଙ୍କର ଯତ୍ନ ନେବା ଓ ସେମାନଙ୍କ ବୌଦ୍ଧିକ, ଆଧ୍ୟାତ୍ମିକ ବିକାଶକୁ ଗତିଶୀଳ କରାଇବା ପ୍ରତ୍ୟେକ ବ୍ୟକ୍ତିର ପ୍ରଥମ କର୍ତ୍ତବ୍ୟ ବୋଲି ଜିଲାପାଳ କହିଥିଲେ। ଏଥିସହ ଗ୍ରାମଗୁଡ଼ିକରେ ଥିବା ଗ୍ରାମ୍ୟ ପୁଷ୍ଟି ସାଧନ କେନ୍ଦ୍ରରେ ଶିଶୁ, ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କୁ ଉପଯୁକ୍ତ ଟିକାକରଣ କରିବା ସହ ସେମାନଙ୍କ ଯତ୍ନ ନେବାକୁ ଆଶା ଓ ଅଙ୍ଗନୱାଡି କର୍ମୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଯୋଗଦେଇ କହିଥିଲେ, ଗ୍ରାମରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ମା' ଓ ଶିଶୁର ଯତ୍ନ ସମ୍ବନ୍ଧରେ ସଚେତନ କରିପାରିଲେ ଜିଲାରେ ଶିଶୁ ଓ ମାତୃ ମୃତ୍ୟୁହାର ଶୂନ ହୋଇପାରିବ। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ବେହେରା, ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ମନ୍ଦାକିନୀ ଜେମା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

'ସମାଜକୁ ସୁଧାରିବାରେ ହାସ୍ୟବ୍ୟଙ୍ଗ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ'

କଟକ ଅଫିସ, ୨୦।୫

ରସଗୁଲାର ବାର୍ଷିକ ଉତ୍ସବ

ହାସ୍ୟ ବ୍ୟଙ୍ଗ ପତ୍ରିକା ରସଗୁଲାର ବାର୍ଷିକ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱ ଓଡ଼ିଆ ସମ୍ମିଳନୀ ଓ ଭାରତ ରକ୍ଷା ମଞ୍ଚର ସଭାପତି ମୁରଲୀ ମନୋହର ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଲୋକଚରିତ୍ର ଓ ସମାଜକୁ ସୁଧାରିବାରେ ହାସ୍ୟବ୍ୟଙ୍ଗ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ହାସ୍ୟବ୍ୟଙ୍ଗ ସାହିତ୍ୟ ଶ୍ରଷ୍ଟାମାନେ ଅଙ୍ଗୀକାରବଦ୍ଧ ହୋଇ ଲେଖନୀ ଚାଳନା କଲେ ସମାଜର ମଙ୍ଗଳସାଧିତ ହେବ ବୋଲି ସେ କହିଥିଲେ। ପତ୍ରିକାର କାର୍ଯ୍ୟକାରୀ ସମ୍ପାଦକ ବିଭୁ ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ହାସ୍ୟ ଅଭିନେତା ଜ୍ଞାନ ହୋତା ଯୋଗଦେଇ କହିଥିଲେ, ହାସ୍ୟବ୍ୟଙ୍ଗ ସାହିତ୍ୟ ଯେତେ ପ୍ରଭାବଶାଳୀ ହେବ ସମାଜରେ ସେତେ ସଂସ୍କାର ଆସିପାରିବ। ସେହିପରି ଆକାଶବାଣୀ ଶ୍ରୋତା ପରିଷଦର ସମ୍ପାଦକ ଅଜୟ କୁମାର ମହାନ୍ତି ବରେଣ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ହାସ୍ୟବ୍ୟଙ୍ଗ ସାହିତ୍ୟ ମଣିଷ ଓ ସମାଜକୁ ସୁସ୍ଥସବଳ କରିବାରେ ସହାୟକ ହୋଇଥାଏ। ସମ୍ମାନିତ ଅତିଥି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ କହିଥିଲେ, ହାସ୍ୟ ବ୍ୟଙ୍ଗ ସାହିତ୍ୟର ସମ୍ଭ୍ରାନ୍ତପଣ ରହିବା ଆବଶ୍ୟକ। ଏହି ଅବସରରେ ବ୍ୟଙ୍ଗକବି ଜ୍ଞାନ ହୋତାଙ୍କୁ ଅଭିନେତା ରବି ମିଶ୍ର ସ୍ମୃତି ରସଗୁଲା ହାସ୍ୟ ଶିରୋମଣି ସମ୍ମାନ, ବ୍ୟଙ୍ଗକବି ଗୀତାଞ୍ଜଳି ପୃଷ୍ଟିଙ୍କୁ ଡ. ସନ୍ଧ୍ୟା ସିଂହ ସ୍ମୃତି ରସଗୁଲା ହାସ୍ୟ ମଉଡମଣି ସମ୍ମାନ, ବ୍ୟଙ୍ଗକବି ଅଚ୍ୟୁତ ପୁରୋହିତଙ୍କୁ ଶାନ୍ତି ଦେବୀ ସ୍ମୃତି ରସଗୁଲା ହାସ୍ୟ ରସମଣି ସମ୍ମାନ ଓ ବ୍ୟଙ୍ଗକବି ବସନ୍ତ ମିଶ୍ରଙ୍କୁ ସନ୍ନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲା ରସଗୁଲା ହାସ୍ୟ ଚୁଡ଼ାମଣି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ପତ୍ରିକା 'ରସଗୁଲା' ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପତ୍ରିକାର ସମ୍ପାଦକ ବାବାଜୀ ଚରଣ ଲେଙ୍କା ବିବରଣୀ ପାଠ କରିଥିବାବେଳେ ସାହିତ୍ୟିକ ବ୍ରହ୍ମାନନ୍ଦ ବିଶ୍ୱାଳ ଉପସ୍ଥିତ ଥିଲେ। ସହସମ୍ପାଦକ ସୁଧୀର କୁମାର ନାୟକ ଧନ୍ୟବାଦ ଦେଇଥିଲେ।

ଜାତୀୟ ଆଦିବାସୀ ମେଳା ଉଦ୍‌ଘାଟିତ

କଟକ ବାଲିଯାତ୍ରା ଉପର ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ଜାତୀୟ ଆଦିବାସୀ ମେଳାରେ ମଞ୍ଚାସୀନ ଅତିଥି ବୃନ୍ଦ।

କଟକ ଅଫିସ, ୨୦।୫

କଟକ ବାଲିଯାତ୍ରା ଉପର ପଡିଆରେ ଜାତୀୟ ଆଦିବାସୀ ମେଳା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଉକ୍ତ ମେଳାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ମିଳୁଥିବା ସାମଗ୍ରୀ ଉପଲବ୍ଧ। କଟକ ସହରରେ ପରିବର୍ତ୍ତନ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ସେଥିପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏହି ମେଳାରେ ଭଲ ବ୍ୟବସାୟ ହେବ ବୋଲି ଆଶା କରାଯାଉଥିବା ସେ କହିଛନ୍ତି। ସେହିପରି ମୁଖ୍ୟବକ୍ତା କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ କହିଛନ୍ତି, ଆଦିବାସୀଙ୍କ ସଂସ୍କୃତି, ପରମ୍ପରାକୁ ଲୋକଲୋଚନକୁ ଆଣିବା ପାଇଁ ଏଭଳି ପ୍ରୟାଶ ଆରମ୍ଭ ହୋଇଛି। ଫାଉଣ୍ଡେଶନର ଟ୍ରଷ୍ଟି ସୁବାଶିଷ ଦାସ କହିଛନ୍ତି, ଏହି ମେଳାରେ ଆଦିବାସୀ ଜନଜାତି ସମ୍ପ୍ରଦାୟର ଲୋକଙ୍କୁ ପରିଚୟ ଦେବାକୁ ପ୍ରୟାସ କରାଯାଉଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝି, ଆଶୀର୍ବାଦ ବେହେରା, ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ସା-ପରିଚୟ ଫାଉଣ୍ଡେଶନ ପକ୍ଷରୁ ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ଏହି ମେଳା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୪୦ଟି ଷ୍ଟଲ୍ ପଡିଥିବାବେଳେ ଓଡ଼ିଶାର ୧୧ଟି ଜିଲା ଓ ଦେଶର ୧୬ଟି ରାଜ୍ୟର ବିଭିନ୍ନ ଆଦିବାସୀ ଜନଜାତି ସମ୍ପ୍ରଦାୟର ଲୋକମାନେ ଯୋଗଦେଇ ବିଭିନ୍ନ କଳାକୃତି ଓ ସାମଗ୍ରୀ ପ୍ରଦର୍ଶନ କରିଛନ୍ତି।

ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା ଅଭିଯୋଗ

ସାଲେପୁର,୨୦।୫ (ଡି. ଏନ.ଏ)

ସାଲେପୁର ବ୍ଲକ ତରିତୋ ପଞ୍ଚାୟତସ୍ଥିତ ୧ନଂ. ୱାର୍ଡର ମୁର୍ଗୁଣ୍ଡି ଅଙ୍ଗନୱାଡ଼ି କେନ୍ଦ୍ରରେ ଅନିୟମିତତା ହେଇଥିବା ନେଇ ଶୁକ୍ରବାର ସିଡିପିଓ ସୁଷମାରାଣୀ ମହାପାତ୍ରଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଅଙ୍ଗନୱାଡି ପିଲାଙ୍କୁ ଅସ୍ୱସ୍ଥ କର ପରିବେଶ ମଧ୍ୟରେ ଖାଦ୍ୟ ଦିଆଯାଉଛି। ଖୋଲା ସ୍ଥାନରେ ରୋଷେଇ କରାଯାଉଛି। ପୁରୁଣା କଳଙ୍କି ଲଗା ଥାଳିରେ ପିଲାମାନଙ୍କୁ ଖାଦ୍ୟ ଦିଆଯାଉଛି। ସାବୁନ ଓ ସାନିଟାଇଜର ବ୍ୟବହାର କରାଯାଉନାହିଁ। ଏପରିକି ପିଲାମାନଙ୍କୁ ଶିକ୍ଷା ପାଇଁ ଆବଶ୍ୟକ ଉପକରଣ ଦିଆଯାଉ ନାହିଁ। ଅଭିଯୋଗପତ୍ର ପ୍ରଦାନ ସମୟରେ ବିଜୟଲକ୍ଷ୍ମୀ ଦାଶ, ଅରୁଣଧୋତି ପତି, ସମ୍ମିତା ଭୋଇ,ସବିତା କାଣ୍ଡି, ସୁଭ୍ରାବତୀ ଭୋଇ, ମମତା ସାମଲ, ଉଷାରାଣୀ ଆଚାର୍ଯ୍ୟ, ଗୌରୀ ସାମଲ, ସୁଷମାରାଣୀ ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ। ଏହାର ଏକ ନକଲ ଜିଲାପାଳଙ୍କୁ ପ୍ରେରଣ କରାଯାଇଛି।

ବସ୍ତିବାସିନ୍ଦାଙ୍କ ପାଇଁ ପରିଚୟ ଗୃହ

ବାଙ୍କୀ,୨୦।୫(ସ୍ୱ.ପ୍ର.)

ବାଙ୍କୀ ଏନଏସି ଅନ୍ତର୍ଗତ ୧୨ ନଂ ୱାର୍ଡରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା) ମାଧ୍ୟମରେ ବସ୍ତି ବାସିନ୍ଦାଙ୍କ ପାଇଁ ପରିଚୟ ଗୃହ ଉଦ୍‌ଘାଟିତ ହୋଇଯାଇଛି। ବାଙ୍କୀ ଜିଲା ପରିଷଦ ସଭ୍ୟ ମିନତୀ ମହାପାତ୍ର ବିଶେଷ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ସନାତନ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ନଗରପାଳ ମାଣିକ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ବସ୍ତି ଅଞ୍ଚଳରେ ବସବାସ କରୁଥିବା ପରିବାରକୁ ଜାଗା ମିଶନରେ ଜମିପଟ୍ଟା ଓ ଗୃହ ସହାୟତା ପ୍ରଦାନ କରି ବସ୍ତି ଲୋକଙ୍କୁ ନ୍ୟାୟ ପ୍ରଦାନ କରିଛନ୍ତି। ତେଣୁ ଏହି ୱାର୍ଡରେ ଥିବା ବସ୍ତିକୁ ବିଜୁ ଆଦର୍ଶ କଲୋନୀ ନାମରେ ନାମିତ କରାଗଲା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଉପନଗରପାଳ ସନ୍ତୋଷ କୁମାର ରଣା, ସମ୍ମାନିତ ଅତିଥିଭାବେ ୱାର୍ଡ କାଉନ୍‌ସିଲର ଯାମିନିକାନ୍ତ ମହାପାତ୍ର ଓ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଯୋଗେଶ୍ୱର ନାୟକ ଯୋଗଥିଲେ। ବିଜୁ ଆଦର୍ଶ କଲୋନୀ ସଭାପତି ସରସ୍ୱତୀ ଦାଶ, ସମ୍ପାଦକ ପୂଜା ପ୍ରଧାନ ଏହାକୁ ପରିଚାଳନା କରିଥିଲେ। ୧୨ ନଂ. ୱାର୍ଡର ୨୫ ପରିବାର ମଧ୍ୟରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ୫ ପରିବାରକୁ ସ୍ଥାୟୀ ପଟ୍ଟା ଓ ଗୃହ ନିର୍ମାଣ ପାଇଁ ସହାୟତା ଦିଆଯାଇଛି। ଅବଶିଷ୍ଟଙ୍କୁ ପର୍ଯ୍ୟାୟ କ୍ରମେ ଏହା ଦିଆଯିବ ବୋଲି ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନାୟକ କହିଥିଲେ।

'କର୍ମମୟ ଜୀବନରେ ଆବଶ୍ୟକତା ରହିଛି ଚିତ୍ତବିନୋଦନ'

କଟକ ଅଫିସ, ୨୦।୫

କଟକ କଲେକ୍ଟୋରେଟ ଷ୍ଟାଫ କମିଟିର ବାର୍ଷିକ ଉତ୍ସବ ସ୍ଥାନୀୟ ଶହୀଦ ଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, କର୍ମମୟ ଜୀବନରେ ଚିତ୍ତବିନୋଦନର ଆବଶ୍ୟକତା ରହିଛି। କର୍ମକ୍ଷେତ୍ରରେ ପରସ୍ପର ସହ ସମନ୍ୱୟ ରକ୍ଷା କରିବା ତଥା ପରିବାର ମଧ୍ୟରେ ସାଂସ୍କୃତିକ ବାତାବରଣର ଉଦ୍ରେକ ଓ ଭାବ ବିନିମୟ କରିବା ଦରକାର। ଅଧିକାରୀ ଓ କର୍ମଚାରୀମାନେ ପରସ୍ପର ପ୍ରତି ଶ୍ରଦ୍ଧା ସମ୍ମାନ ବଢାଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରିତାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ନିର